ଆଠ ପୃଷ୍ଠା
ମୂଲ୍ୟ : ₹ ୫.୦୦
ବର୍ଷ-୨୦, ସଂଖ୍ୟା: ୨୨୫
୨୧ ଜାନୁଆରୀ, ୨୦୨୬ ବୁଧବାର
ଭୁବନେଶ୍ୱର

# ଓଡ଼ିଶା ଏକ୍ସପ୍ରେସ୍

ସର୍ବେ ଭଦ୍ରାଣି ପଶ୍ୟନ୍ତୁ...

ODISHA EXPRESS — SIGHTS TRUTH WRITES TRUTH — ଠିକ୍ ଦେଖେ ଠିକ୍ ଲେଖେ

8 Pages
Price ₹ 5.00
Vol. 20, Issue No. : 225
21st January, 2026 Wednesday
Bhubaneswar

Website : www.odishaexpress.in E-mail : odishaexpress@gmail.com RNI Regd. No. ODIODI/2006/23033 Postal Regd. No. : BN/169/13-15 ଭୁବନେଶ୍ୱର ଏବଂ କେନ୍ଦ୍ରାପଡ଼ାରୁ ଏକସଙ୍ଗେ ପ୍ରକାଶିତ

## ନୀତି ବାଣୀ

**ବିଷାଦପ୍ୟମୃତଂ ଗ୍ରାହ୍ୟମମେଧ୍ୟାଦପି କାଞ୍ଚନମ୍
ନୀଚାଦପ୍ୟୁତ୍ତମାଂ ବିଦ୍ୟାଂ ସ୍ତ୍ରୀରତ୍ନଂ ଦୁଷ୍କୁଳାଦପି ।**

ବିଷ ମଧ୍ୟରୁ ଅମୃତ, ଅପବିତ୍ର ସ୍ଥାନରୁ ସୁବର୍ଣ୍ଣ, ନୀଚ ଲୋକଠାରୁ ଭଲ ବିଦ୍ୟା ଏବଂ ନୀଚ କୁଳରୁ ଉତ୍ତମ ସ୍ତ୍ରୀ ଗ୍ରହଣ କରାଯାଇପାରେ ।

# ଏପ୍ରିଲରୁ ପ୍ରଥମ ପର୍ଯ୍ୟାୟ ଜନଗଣନା

**ଭୁବନେଶ୍ୱର,୨୦।୧
ଏକ୍ସପ୍ରେସ୍ ନ୍ୟୁଜ୍**

ଏପ୍ରିଲରୁ ୧୬ରୁ ଓଡ଼ିଶାରେ ପ୍ରଥମ ପର୍ଯ୍ୟାୟ ଜନଗଣନା। ଏପ୍ରିଲ ୧୬ରୁ ମେ ୧୫ ଯାଏଁ ଚାଲିବ ଜନଗଣନା। ୩୦ ଦିନ ଧରି ପ୍ରଥମ ପର୍ଯ୍ୟାୟରେ ଘର ଗଣନା କରାଯିବ। ଏନେଇ ଜନଗଣନା ନେଇ ରାଜସ୍ୱ ଓ ବିପର୍ଯ୍ୟୟ ପ୍ରଶମନ ବିଭାଗର ପ୍ରକାଶ ପାଇଛି ବିଜ୍ଞପ୍ତି।

ପ୍ରଥମ ପର୍ଯ୍ୟାୟରେ ଘର ଏବଂ ଆସବାବପତ୍ର ଗଣନା ହେବାକୁ ଥିବା ବେଳେ ଦ୍ୱିତୀୟ ପର୍ଯ୍ୟାୟରେ ଘରକୁ ଘର ହେବ ଜନଗଣନା। ଏନେଇ ନିଯୁକ୍ତ ହେବେ ଲକ୍ଷାଧିକ ଜନଗଣନା ଅଧିକାରୀ। ଏହା ପୂର୍ବରୁ ସବୁ ଜିଲ୍ଲାପାଳଙ୍କ ସହ ଆଲୋଚନା କରିଛନ୍ତି ଉନ୍ନୟନ କମିଶନର। ତେବେ ଏନେଇ ଲୋକସେବା ଭବନରେ ଉନ୍ନୟନ କମିଶନରଙ୍କ ଅଧ୍ୟକ୍ଷତାରେ ରାଜ୍ୟସ୍ତରୀୟ ଜନଗଣନା ସମନ୍ୱୟ



କମିଟି ବୈଠକରେ ତାରିଖ ଧାର୍ଯ୍ୟ ହୋଇଥିଲା। ରାଜ୍ୟରେ ଜନଗଣନା ପାଇଁ ୬ ମାସ ଧରି ପ୍ରସ୍ତୁତି ଚାଲିଥିଲା। ଭୁବନେଶ୍ୱର କଟକରେ ପ୍ରୀ ଟେଷ୍ଟ ସରିଛି। ଆସନ୍ତା ୩ ମାସ ଧରି ଜନଗଣନା ଅଧିକାରୀଙ୍କୁ ଦିଆଯିବ ଟ୍ରେନିଂ। ୨୦୦ ଘର ପାଇଁ ଜଣେ ଜନଗଣନା ଅଧିକାରୀ ନିଯୁକ୍ତ ହେବାକୁ ଥିବା ବେଳେ ୬ ଜଣ ଅଧିକାରୀଙ୍କ ପାଇଁ ଜଣେ ସୁପରଭାଇଜର ନିଯୁକ୍ତ ହେବେ। ପ୍ରାୟ ଲକ୍ଷେ ଜନଗଣନା ଅଧିକାରୀ ନିଯୁକ୍ତ କରାଯିବ। ଜଣେ ଜନଗଣନା ଅଧିକାରୀଙ୍କୁ ୨୫ ହଜାର ଆର୍ଥିକ ପ୍ରୋତ୍ସାହନ ଦିଆଯିବ। ଏପ୍ରିଲରୁ ୧୬ରୁ ମେ ୧୫ ଭିତରେ ପ୍ରଥମ ଫେଜରେ ଘର ମାର୍କ ହେବ। ୨୦୨୭ ଫେବୃଆରୀରୁ ଦ୍ୱିତୀୟ ପର୍ଯ୍ୟାୟରେ ଜନଗଣନା ହେବ ବୋଲି ସୂଚନା ମିଳିଛି।

ପ୍ରକାଶ ଥାଉକି, ଜଣେ ଲୋକ ନିଜେ ଚାହିଁଲେ ନିଜର ତଥ୍ୟ ଦେଇପାରିବେ। ୱେବସାଇଟ ଜରିଆରେ ପଞ୍ଜିକୃତ କରି ପାରିବେ। ମୋବାଇଲ ନମ୍ବରରେ ଓଟିପି ବେସଡ ହେବ। ଗୋଟିଏ ନମ୍ବର ଦୁଇ ଥର ବ୍ୟବହାର କରି ପାରିବେନି କି ଆପରୁ ସ୍କ୍ରିନସଟ ମଧ୍ୟ ନେଇପାରିବେ ନାହିଁ। ପ୍ରାୟ ୯୦ ପ୍ରତିଶତ କାମ ଅନଲାଇନରେ ହେବ। ପୁରା ପ୍ରକ୍ରିୟାକୁ ଉଚ୍ଚ ସ୍ତରୀୟ ମନିଟରିଂ କରାଯିବ। ୧୦୦ ପ୍ରତିଶତ ସଠିକ ଗଣନା କରାଯିବ।

# ଗାନ୍ଧୀମାର୍ଗରେ ପତାକା ଉତ୍ତୋଳନ କରିବେ ରାଜ୍ୟପାଳ

## କଟକରେ ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର,୨୦।୧
ଏକ୍ସପ୍ରେସ୍ ନ୍ୟୁଜ୍**

ଆସନ୍ତା ଜାନୁଆରୀ ୨୬ ତାରିଖରେ ଦେଶ ପାଳିବ ୭୭ତମ ସାଧାରଣତନ୍ତ୍ର ଦିବସ। ଆଉ ମାତ୍ର ୫ ଦିନ ପରେ ସମଗ୍ର ଦେଶ ବେଶ ଧୁମଧାମ୍‌ରେ ସାଧାରଣତନ୍ତ୍ର ଦିବସ ପାଳନ କରିବ। ତେବେ ଓଡ଼ିଶାରେ ରାଜ୍ୟସ୍ତରୀୟ ସାଧାରଣତନ୍ତ୍ର ଦିବସ ଉପଲକ୍ଷେ କିଏ କେଉଁଠାରେ ପତାକା ଉତ୍ତୋଳନ କରିବେ ସେନେଇ ରାଜ୍ୟ ଗୃହ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ଭୁବନେଶ୍ୱର ମହାତ୍ମାଗାନ୍ଧି ମାର୍ଗରେ ମହାମହିମ ରାଜ୍ୟପାଳ ରାଜ୍ୟପାଳ ଡ. ହରି ବାବୁ କମ୍ଭମପାଟି ଜାତୀୟ ପତାକା ଉତ୍ତୋଳନ କରିବେ। କଟକରେ ମୁଖ୍ୟମନ୍ତ୍ରୀ ମୋହନ ମାଝୀ, କୋରାପୁଟରେ ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓ ଏବଂ ଖୋର୍ଦ୍ଧାରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ପତାକା ଉତ୍ତୋଳନ କରିବେ।

ସେହିପରି ପୁରୀରେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ, ବରଗଡ଼ରେ ପଞ୍ଚାୟତିରାଜ ମନ୍ତ୍ରୀ ରବି ନାଏକ, ରାୟଗଡ଼ାରେ ସ୍କୁଲ ଏବଂ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗୋଣ୍ଡ, କେନ୍ଦୁଝରରେ କୃଷ୍ଣଚନ୍ଦ୍ର ପାତ୍ର, ଢେଙ୍କାନାଳରେ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, କନ୍ଧମାଳରେ ସ୍ୱାସ୍ଥ୍ୟମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ, ମାଲକାନଗିରିରେ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା, ଭଦ୍ରକରେ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର, କଳାହାଣ୍ଡିରେ ପରିବେଶ ମନ୍ତ୍ରୀ ଗଣେଶ ରାମସିଂ ଖୁଣ୍ଟିଆ, ନୟାଗଡ଼ରେ କ୍ରୀଡ଼ା (ଶେଷ ପୃଷ୍ଠା ଦେଖନ୍ତୁ)

# ଅରବିନ୍ଦଙ୍କୁ ଅଦାଲତି ଛାଟ

## ଗିରଫ ପରୱାନା

**କଟକ,୨୦।୧: ଏକ୍ସପ୍ରେସ୍ ନ୍ୟୁଜ୍**

ଉଚ୍ଚଶିକ୍ଷା ସଚିବ ଅରବିନ୍ଦ ଅଗ୍ରୱାଲଙ୍କ ପାଇଁ ଅଡୁଆ ପରିସ୍ଥିତି ସୃଷ୍ଟି ହୋଇଛି। ହାଇକୋର୍ଟ ଦୁଇଟି ଅଦାଲତ ଅବମାନନା ମାମଲାର ଶୁଣାଣି କରି ଉଚ୍ଚଶିକ୍ଷା ସଚିବ ଶ୍ରୀ ଅଗ୍ରୱାଲଙ୍କ ବିରୋଧରେ ଜାମିନଯୋଗ୍ୟ ଗିରଫ ପରୱାନା ଜାରି କରିଛନ୍ତି। ଉଚ୍ଚଶିକ୍ଷା ସଚିବଙ୍କୁ ଜାନୁଆରି ୨୨ରେ ହାଜର କରାଇବା ପାଇଁ ଏପରି



ଜାମିନଯୋଗ୍ୟ ଗିରଫ ପରୱାନା ଜାରି କରାଯାଇଛି। ଅନ୍ୟପକ୍ଷରେ ଇତି ମଧ୍ୟରେ ଯଦି ପୂର୍ବ ଆଦେଶ ପାଳନ କରାଯାଏ ତେବେ ତାଙ୍କ ବିରୋଧରେ ଏହି ନିର୍ଦ୍ଦେଶ ଆଧାରରେ କୌଣସି କଠୋର ପଦକ୍ଷେପ ଗ୍ରହଣ କରାଯିବ ନାହିଁ ବୋଲି ହାଇକୋର୍ଟ କହିଛନ୍ତି। ଜଷ୍ଟିସ ଦୀକ୍ଷିତ କ୍ରିଷ୍ଣା ଶ୍ରୀପଦଙ୍କୁ ନେଇ ଗଠିତ ଖଣ୍ଡପୀଠ ତପନ କୁମାର ପଟ୍ଟନାୟକ ଓ କ୍ଷୀରୋଦ ପ୍ରସାଦ ସାହୁଙ୍କ ତରଫରୁ ଦାୟର ଦୁଇ ପୃଥକ ଅଦାଲତ ଅବମାନନା ମାମଲାର ଶୁଣାଣି କରି ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି।

ଏଠାରେ ସୂଚନା ଯୋଗ୍ୟ ଯେ ଇନକ୍ରିମେଣ୍ଟ ପ୍ରଦାନରେ ନିୟମ ଉଲ୍ଲଂଘନ ନେଇ ଆବେଦନକାରୀ ଅଧ୍ୟାପକ ଅଭିଯୋଗ କରିଥିଲେ। ସୁପ୍ରିମକୋର୍ଟଙ୍କ ରାୟ ଅନୁସାରେ ଆବେଦନକାରୀ ଇନ୍‌କ୍ରିମେଣ୍ଟ ପାଇବାକୁ ହକଦାର ବୋଲି ଦାବି କରିଥିଲେ। ଏ ନେଇ ସରକାରଙ୍କ ନିକଟରେ ଆବେଦନକାରୀ ଦାବିପତ୍ର ଦାଖଲ କରିଥିଲେ ମଧ୍ୟ କୌଣସି ପଦକ୍ଷେପ ଗ୍ରହଣ କରାଯାଇ ନଥିଲା। ଏହାପରେ ଆବେଦନକାରୀ ହାଇକୋର୍ଟରେ ମାମଲା ଦାୟର କରିଥିଲେ। ଦାବିପତ୍ର ଉପରେ ୮ ସପ୍ତାହ ଭିତରେ ନିଷ୍ପତ୍ତି ନେଇ ଆବେଦନକାରୀଙ୍କୁ ଅବଗତ (ଶେଷ ପୃଷ୍ଠା ଦେଖନ୍ତୁ)

# ନୀତିନ ମୋ ବସ୍, ମୁଁ କର୍ମକର୍ତ୍ତା: ମୋଦୀ

**ନୂଆଦିଲ୍ଲୀ,୨୦।୧: ଏକ୍ସପ୍ରେସ୍ ନ୍ୟୁଜ୍**

ବିଜେପି ମୁଖ୍ୟାଳୟରେ ନୂତନ ରାଷ୍ଟ୍ରୀୟ ଅଧ୍ୟକ୍ଷଙ୍କୁ ସ୍ୱାଗତ କରିଛନ୍ତି ପ୍ରଧାନମନ୍ତ୍ରୀ ମୋଦୀ। ବିଜେପିର ଦାୟିତ୍ୱ ଏବେ ନୀତିନଙ୍କ ଉପରେ। ସଂଗଠନର ଅନ୍ତିମ ପର୍ବ ଶେଷ ହେବା ନେଇ ମୋଦୀ ସୂଚନା ଦେଇଛନ୍ତି। ନୂତନ ଅଧ୍ୟକ୍ଷଙ୍କୁ ମୋଦୀ ଜନସେନା ଓ ରାଷ୍ଟ୍ରସେବାର ଭାବ ନେଇ ଆଗକୁ ବଢ଼ିବାକୁ ପରାମର୍ଶ ଦେଇଛନ୍ତି । ପୂର୍ବ ଅଧ୍ୟକ୍ଷ ଅଟଳ ବିହାରୀ ବାଜପେୟୀ, ଲାଲକୃଷ୍ଣ ଆଡଭାନୀଙ୍କ, ମୁରଲୀ ମନୋହର ଯୋଶୀ, ନୀତିନ ଗଡକାରୀ ଏବଂ ଜେପି ନଡ୍ଡା କାର୍ଯ୍ୟକାଳକୁ ଭୂରି ଭୂରି ପ୍ରଶଂସା କରିଛନ୍ତି ନରେନ୍ଦ୍ର ମୋଦୀ।

ନୀତିନ ନବୀନଙ୍କୁ ସ୍ୱାଗତ କରିବା ସହ ମୋଦୀ କହିଛନ୍ତି ମୁଁ ଆଜି ବିଜେପିର କାର୍ଯ୍ୟକର୍ତ୍ତା ଭାବେ ଏଠାରେ ପହଞ୍ଚିଛି। ମୁଁ ଆଜି ଜଣେ କାର୍ଯ୍ୟକର୍ତ୍ତା, ନୀତିନ ନବୀନ ମୋ ବସ୍। ନୂଆ ଅଧ୍ୟକ୍ଷଙ୍କର ବିଜେପିକୁ ସମ୍ଭାଳିବା ଏକମାତ୍ର ଦାୟିତ୍ୱ ନୁହେଁ, ଏନଡିଏର ସାଥି ଦଳମାନଙ୍କୁ ନେଇ ଚଳିବାର ଦାୟିତ୍ୱ ମଧ୍ୟ ରହିଛି।

ପ୍ରଧାନମନ୍ତ୍ରୀ ମୋଦୀ ନବୀନଙ୍କୁ ଜଣେ ନେତା ଭାବରେ ବର୍ଣ୍ଣନା କରିଥିଲେ ଯିଏ ଦେଶରେ ଘଟୁଥିବା ଗଭୀର ପରିବର୍ତ୍ତନକୁ ନିକଟରୁ ଦେଖିଛନ୍ତି। ସେ କହିଛନ୍ତି ଯେ ନବୀନ ଏପରି ଏକ ପିଢ଼ିରୁ ଆସିଛନ୍ତି ଯେଉଁମାନେ ପିଲାବେଳେ ରେଡିଓରେ ଖବର ଶୁଣୁଥିଲେ ଏବଂ କୃତ୍ରିମ ବୁଦ୍ଧିମତ୍ତା ଭଳି ଆଧୁନିକ ପ୍ରଯୁକ୍ତିର ଯୁଗରେ ଆଜି ଆରାମଦାୟକ। ପ୍ରଧାନମନ୍ତ୍ରୀଙ୍କ ଅନୁଯାୟୀ, ନବୀନଙ୍କ ପାଖରେ ଯୁବ ଶକ୍ତି ଏବଂ ସାଂଗଠନିକ ଅଭିଜ୍ଞତାର ସନ୍ତୁଳନ ଅଛି।

ପ୍ରଧାନମନ୍ତ୍ରୀ ତାଙ୍କ ଅଭିଭାଷଣରେ ସାଂଗଠନିକ ଶୃଙ୍ଖଳା ଉପରେ ଗୁରୁତ୍ୱାରୋପ କରି କହିଥିଲେ, "ଯେତେବେଳେ ଦଳୀୟ ବିଷୟ ଆସେ, ମୁଁ ଜଣେ କର୍ମୀ, ଏବଂ ନୀତିନ ନବୀନ ମୋର ମାଲିକ।" ବର୍ତ୍ତମାନ, ନୀତିନ ନବୀନ କେବଳ ବିଜେପି



ସଭାପତି ନୁହଁନ୍ତି, ବରଂ ସମସ୍ତ ଏନଡିଏର ଅଂଶୀଦାରଙ୍କ ମଧ୍ୟରେ ସମନ୍ୱୟ ବଜାୟ ରଖିବାର ଦାୟିତ୍ୱ (ଶେଷ ପୃଷ୍ଠା ଦେଖନ୍ତୁ)

# ୨୦୨୪-୨୫ ନିର୍ବାଚନ ବର୍ଷରେ କଂଗ୍ରେସଠୁ ୪ଗୁଣା ଖର୍ଚ୍ଚ କରିଛି ବିଜେପି

**ନୂଆଦିଲ୍ଲୀ,୨୦।୧
ଏକ୍ସପ୍ରେସ୍ ନ୍ୟୁଜ୍**

ନିର୍ବାଚନ ସରିବା ପରେ ଚର୍ଚ୍ଚାକୁ ଆସିଥାଏ କେଉଁ ଦଳ କେତେ କୋଟି ଟଙ୍କା ଖର୍ଚ୍ଚ କରିଛନ୍ତି। ଆଉ ଏହି ରିପୋର୍ଟ ସବୁବେଳେ ଚମକାଇଦେଲା ପରି ଆସିଥାଏ। ୨୦୨୪-୨୫ ନିର୍ବାଚନ ବର୍ଷକୁ ନେଇ ଯେଉଁ ରିପୋର୍ଟ ଆସିଛି ତାହା ବି ଚମକାଇଦେଲା ପରି ରହିଛି। ନିର୍ବାଚନ ବର୍ଷ ୨୦୨୪-୨୫ରେ, ଭାରତୀୟ ଜନତା ପାର୍ଟି ଖର୍ଚ୍ଚ ଏବଂ ଆୟକୁ ନେଇ ଏକ ନୂତନ ରେକର୍ଡ ସ୍ଥାପନ କରିଛି। ନିର୍ବାଚନ କମିଶନଙ୍କୁ ପ୍ରଦାନ କରାଯାଇଥିବା ଦଳର ଅଡିଟ୍ ରିପୋର୍ଟ ଅନୁଯାୟୀ, ଏହି ସମୟ ମଧ୍ୟରେ ବିଜେପି ନିର୍ବାଚନରେ ମୋଟ ୩,୩୩୫.୩୬ କୋଟି ଖର୍ଚ୍ଚ କରିଛି, ଯାହା କଂଗ୍ରେସର ଖର୍ଚ୍ଚର ପ୍ରାୟ ଚାରି ଗୁଣ। କଂଗ୍ରେସ ଖର୍ଚ୍ଚ କରିଛି ୮୯୬.୨୨ କୋଟି ଟଙ୍କା।




ଏହି ସମୟ ମଧ୍ୟରେ, ଲୋକସଭା ନିର୍ବାଚନ, ଆଠଟି ରାଜ୍ୟର ବିଧାନସଭା ନିର୍ବାଚନ ଏବଂ ଉପ-ନିର୍ବାଚନ ହୋଇଥିଲା। ୨୦୨୪-୨୫ରେ ବିଜେପିର ମୋଟ ଆୟ ୬,୭୬୯.୧୪ କୋଟି ଥିଲା, ଯାହା ମଧ୍ୟରୁ ୬,୧୨୪.୮୫ କୋଟି ଦାନ ଆକାରରେ ମିଳିଥିଲା। ଦଳର ମୋଟ ଖର୍ଚ୍ଚ ୩,୭୭୪.୫୮ କୋଟି ଥିଲା, ଯାହା ୨,୯୯୪.୫୬ କୋଟି ଅଧିକ ଥିଲା। ଏହି ସଂଖ୍ୟାଗୁଡ଼ିକ ସୂଚାଇ ଦେଉଛି ଯେ ବିଜେପି କେବଳ ନିର୍ବାଚନ ଖର୍ଚ୍ଚରେ ନେତୃତ୍ୱ ନେଇନଥିଲା ବରଂ ଆୟ ବଢ଼ାଇବାରେ ଅନ୍ୟ ଦଳଗୁଡ଼ିକ ତୁଳନାରେ ମଧ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ନେତୃତ୍ୱ ନେଇଥିଲା।

ରିପୋର୍ଟ ଅନୁଯାୟୀ, ବିଜେପି ନିର୍ବାଚନ ପ୍ରଚାର ସମୟରେ ବିଜ୍ଞାପନରେ ସର୍ବାଧିକ ଖର୍ଚ୍ଚ କରିଥିଲା। ମୋଟ ୩,୩୩୫.୩୬ କୋଟି ନିର୍ବାଚନ ଖର୍ଚ୍ଚ ମଧ୍ୟରୁ, ୮୯୭.୪୨ କୋଟି ବିଜ୍ଞାପନରେ ଖର୍ଚ୍ଚ ହୋଇଥିଲା। ନେତାମାନଙ୍କ ପାଇଁ ବିମାନ ଯାତ୍ରା ଏବଂ ହେଲିକପ୍ଟର ସେବା ପାଇଁ ୫୮୩.୦୮ କୋଟି ଖର୍ଚ୍ଚ ହୋଇଥିଲା, ଯେତେବେଳେ ପ୍ରାର୍ଥୀମାନଙ୍କୁ ଆର୍ଥିକ ସହାୟତା ଭାବରେ ୩୧୨.୯୦ କୋଟି ଯୋଗାଇ ଦିଆଯାଇଥିଲା। ଏହା ବ୍ୟତୀତ, ଦଳୀୟ କର୍ମଚାରୀମାନଙ୍କ ପାଇଁ ୭୪.୩୪ କୋଟି ଖର୍ଚ୍ଚ ହୋଇଥିଲା, ଯେଉଁଥିରେ ଦରମା ପାଇଁ ୬୯.୦୭ କୋଟି ଏବଂ କର୍ମଚାରୀ କଲ୍ୟାଣ ଯୋଜନାରେ ୫.୨୭ କୋଟି ଟଙ୍କା ଅନ୍ତର୍ଭୁକ୍ତ। ତଥାପି, ପୂର୍ବ ବର୍ଷ ତୁଳନାରେ ଦରମା ଉପରେ ଖର୍ଚ୍ଚ ସାମାନ୍ୟ ହ୍ରାସ ପାଇଛି। ଆଶ୍ଚର୍ଯ୍ୟଜନକ ଭାବରେ, ୨୦୨୪-୨୫ ରେ ପୁରୁଣା ଖବରକାଗଜ ବିକ୍ରୟ କରି ବିଜେପି କେବଳ ୨.୨୬ ଲକ୍ଷ ଟଙ୍କା ରୋଜଗାର କରିଥିଲା, ଯେତେବେଳେ କି ନୂତନ ଖବରକାଗଜ କିଣିବା ପାଇଁ ୫୦.୨୯ ଲକ୍ଷ ଟଙ୍କା ଖର୍ଚ୍ଚ କରିଥିଲା। ଏହି ସଂଖ୍ୟା ଦଳର ପ୍ରଚାର ଏବଂ ସୂଚନା ନେଟୱାର୍କର ବିସ୍ତାରକୁ (ଶେଷ ପୃଷ୍ଠା ଦେଖନ୍ତୁ)

# ମଞ୍ଚ ଚଢ଼ିବେ ପୀୟୂଷ

**ଭୁବନେଶ୍ୱର,୨୦।୧
ଏକ୍ସପ୍ରେସ୍ ନ୍ୟୁଜ୍**

ସରୁନି ଯାତ୍ରା ବିବାଦ। ପୀୟୂଷଙ୍କ ଫ୍ୟାନ୍ସଙ୍କ ପାଇଁ ଖୁସି ଖବର। ପୁଣିଥରେ ମଞ୍ଚରେ ଚଢ଼ିବେ ଏହି ଲୋକପ୍ରିୟ ଅଭିନେତା। ଯାତ୍ରା ମଞ୍ଚରେ ଅଭିନୟ କରିପାରିବେ ପୀୟୂଷ ତ୍ରିପାଠୀ। ଅନୁମତି ପ୍ରଦାନ କଲେ ଭୁବନେଶ୍ୱର ସିଭିଲ୍ କୋର୍ଟ ଜଜ୍। ଚୁକ୍ତି ଖିଲାପ ଅଭିଯୋଗରେ ପୀୟୂଷଙ୍କ ମଞ୍ଚ ଚଢ଼ିବା ଉପରେ ରୋକ ଲଗାଯାଇଥିଲା। ଏବେ ତାଙ୍କ ଉପରୁ କଟକଣା ହଟିଛି। ଆଗକୁ ଖଣ୍ଡଗିରି ଯାତ୍ରା ମହାସମର ଆସୁଥିବାବେଳେ ପୀୟୂଷଙ୍କ କ୍ରେଜ୍ ଦେଖିବାକୁ ମିଳିବ। ବର୍ତ୍ତମାନ ସିଂହବାହିନୀରେ ଅଭିନୟ କରୁଛନ୍ତି ପୀୟୂଷ।

୬ମାସର ବ୍ୟବଧାନ ପରେ ଗତ ୬ ତାରିଖରେ ଯାତ୍ରା ସିଂହବାହିନୀ ପକ୍ଷରୁ ନାଟକ 'ତୁ ମୋ ବଜରଙ୍ଗୀ'ରେ ମଞ୍ଚ ଚଢ଼ିଥିଲେ ପୀୟୂଷ। କିନ୍ତୁ ଏହାପରେ ଯାତ୍ରା ସୂର୍ଯ୍ୟ ମନ୍ଦିରର ମାଲିକ କୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଅଭିଯୋଗ କରିଥିଲେ, ପୀୟୂଷଙ୍କ (ଶେଷ ପୃଷ୍ଠା ଦେଖନ୍ତୁ)

# ଫାଇନ୍ କଟିଥିଲେ ବି ମିଳୁଛି ପିୟୁସିସି

**ଭୁବନେଶ୍ୱର,୨୦।୧
ଏକ୍ସପ୍ରେସ୍ ନ୍ୟୁଜ୍**

ପୁରୁଣା ଜରିମାନା ଥିଲେ ବି ଏଣିକି କରି ହେଉଛି ପିୟୁସିସି। ଜନଅସନ୍ତୋଷ ତେଜିବା ପରେ ଏଭଳି କଟକଣାକୁ ସରକାର ହଟାଇ ଦେଇଥିବା ସୂଚନା ମିଳିଛି। ତେବେ ପରିବହନ ବିଭାଗ କାହିଁକି ଏଭଳି ମନମୁଖୀ ନିୟମ କରୁଛି ଓ ତାକୁ ପୁଣି କୋହଳ କରି ନିଜ ଛେପ ନିଜେ ଢୋକୁଛି, ତାହା ଚର୍ଚ୍ଚାର ବିଷୟ ପାଲଟିଛି।

୯୦ ଦିନ ପୂର୍ବର ଜରିମାନା ବା ଇ-ଚାଲାଣ ପୈଠ ହୋଇନଥିଲେ ପ୍ରଦୂଷଣ ପ୍ରମାଣପତ୍ର ମିଳିପାରିବନି ବୋଲି ପୂର୍ବରୁ ନିୟମ ଲାଗୁ କରିଥିଲା ରାଜ୍ୟ ପରିବହନ ବିଭାଗ। ହେଲେ ଏହା ଦ୍ୱାରା ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଥିଲେ ଗାଡ଼ି ଚାଳକ। ବିଶେଷ କରି କୋର୍ଟକୁ ଯାଇଥିବା ଚାଲାଣଗୁଡ଼ିକ ଫୈସଲା ନହେବା ପର୍ଯ୍ୟନ୍ତ ନିରୂପାୟ ଥିଲେ ଉଭୟ ଗାଡ଼ି ମାଲିକ ଓ ପରିବହନ ବିଭାଗ। ଏହାକୁ ନେଇ ଜନଅସନ୍ତୋଷ ତେଜିବା ପରେ ନରମିଛନ୍ତି ସରକାର। କୌଣସି ବିଧିବଦ୍ଧ ବିଜ୍ଞପ୍ତି ଜାରି ହୋଇନଥିଲେ ବି ନିୟମ କୋହଳ କରାଯାଇଥିବା ସୂଚନା ମିଳିଛି। ଏଣିକି ପ୍ରଦୂଷଣ ପ୍ରମାଣପତ୍ର ପାଇଁ ପୂର୍ବ ଜରିମାନାକୁ ପୈଠ କରିବା ଆଉ ବାଧ୍ୟତାମୂଳକ ନୁହେଁ। ଗ୍ରାଉଣ୍ଡରେ ମଧ୍ୟରେ ବକେୟା ଚାଲାଣ ସତ୍ତ୍ୱେ ପିୟୁସି ସାର୍ଟିଫିକେଟ୍ ହୋଇପାରୁଥିବା ଦେଖିବାକୁ ମିଳିଛି।

ନିୟମ କୋହଳ ହେବା ଲୋକଙ୍କୁ ଆଶ୍ୱସ୍ତି ଦେଇଥିଲେ ବି ପରିବହନ ବିଭାଗର କାର୍ଯ୍ୟକାରିତାକୁ ନେଇ ଉଠାଇଛି ଅନେକ ପ୍ରଶ୍ନ। କେଉଁ ଆଧାରରେ ହୋଇଥିଲା 'ଜରିମାନା ଥିଲେ (ଶେଷ ପୃଷ୍ଠା ଦେଖନ୍ତୁ)

# ସେୟାର ବଜାରରେ ହାହାକାର: ୧୦ ଲକ୍ଷ କୋଟି ସ୍ୱାହା

**ନୂଆଦିଲ୍ଲୀ,୨୦।୧: ଏକ୍ସପ୍ରେସ୍ ନ୍ୟୁଜ୍**

ଭାରତୀୟ ସେୟାର ବଜାରରେ ମଙ୍ଗଳବାର ହାହାକାର ସୃଷ୍ଟି ହୋଇଛି। ସେନ୍‌ସେକ୍ସ ଓ ନିଫ୍ଟି ୧ ପ୍ରତିଶତରୁ ଅଧିକ ହ୍ରାସ ପାଇ ବନ୍ଦ ହୋଇଛି। କାରବାର ବେଳେ ନିଫ୍ଟି ୨୫୨୦୦ ତଳକୁ ଖସି ନିଜର ୪ ମାସର ସର୍ବନିମ୍ନ ସ୍ତରରେ ପହଞ୍ଚିଥିଲା। ଏହି କାରଣରୁ ନିବେଶକଙ୍କୁ ପ୍ରାୟ ୧୦ ଲକ୍ଷ କୋଟି ଟଙ୍କା କ୍ଷତି ହୋଇଛି। ଗ୍ଲୋବାଲ୍ ଟ୍ରେଡକୁ ନେଇ ଉତ୍ତେଜନା, ତୃତୀୟ ତ୍ରୈମାସିକ ପରିମାଣରେ ମିଶ୍ରିତ ଫଳାଫଳ ଓ ବିଦେଶୀ ନିବେଶକଙ୍କ ଲଗାତାର ବିକ୍ରିରେ ବାଜର ଚାପରେ ରହିଛି। କାରବାର ଶେଷରେ ବିଏସ୍‌ଇର ୩୦ ସେୟାର ବିଶିଷ୍ଟ ପ୍ରମୁଖ ସୂଚକାଙ୍କ ସେନସେକ୍ସ ୧,୦୬୫.୭୮ ପଏଣ୍ଟ ବା ୧.୨୮% ହ୍ରାସ ପାଇ ୮୨,୧୮୦.୪୭ ସ୍ତରରେ ବନ୍ଦ ହୋଇଛି। ନିଫ୍ଟି ୩୫୩ ପଏଣ୍ଟ ବା ୧.୩୮% ହ୍ରାସ ପାଇ୨୫,୨୩୨.୫୦ ସ୍ତରରେ ବନ୍ଦ ହୋଇଛି। ସ୍ମଲ୍ ଏବଂ ମିଡ୍-କ୍ୟାପ୍ ଷ୍ଟକ୍ ମଧ୍ୟ ହ୍ରାସ ପାଇଛି। ବିଏସ୍‌ଇ ମିଡ (ଶେଷ ପୃଷ୍ଠା ଦେଖନ୍ତୁ)

# ନିଷିଦ୍ଧ ପ୍ଲାଷ୍ଟିକ ସାମଗ୍ରୀ ଅଗ୍ନିକାଣ୍ଡର କାରଣ

**ଭୁବନେଶ୍ୱର,୨୦।୧: ତଥ୍ୟ**

ଏକ ନମ୍ବର ହାଟରେ ଘଟିଥିବା ଭୟଙ୍କର ଅଗ୍ନିକାଣ୍ଡ ପାଇଁ ଏବେ ପ୍ଲାଷ୍ଟିକ ସାମଗ୍ରୀ ରହିଥିବା ଦୋକାନକୁ ଦାୟୀ କରାଯାଉଛି । ଏଥିଯୋଗୁଁ ନିଆଁ ଅଣାୟତ ହେଲା ବୋଲି କୁହାଯାଉଛି । ତେବେ ଏତେ ବିପୁଳ ପରିମାଣରେ ପ୍ଲାଷ୍ଟିକ ସାମଗ୍ରୀ ଗଦାହୋଇ ରହିଥିଲେ ମଧ୍ୟ ତାହାକୁ କାହିଁକି ଜବତ କରାଯାଉନଥିଲା ସେଥିନେଇ ଏବେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି ।

ଅଗ୍ନିକାଣ୍ଡର କାରଣ ସାଜିଥିବା ଅଧିକାଂଶ କିସମର ପ୍ଲାଷ୍ଟିକ ସାମଗ୍ରୀ ସରକାର ଦ୍ୱାରା ନିଷିଦ୍ଧ । ଏହାର ଉତ୍ପାଦ, ମହଜୁଦ ଓ ବିକ୍ରୟ ଉପରେ କଟକଣା ଲଗାଯାଇଛି । ମଝିରେ ମଝିରେ ବିଏମ୍‌ସି ଓ ପ୍ରଦୂଷଣ ନିୟନ୍ତ୍ରଣ ଅଧିକାରୀମାନେ ବିଭିନ୍ନ ଦୋକାନରେ ଚଢଉ କରି ଏହାକୁ ଜବତ କରିଥାନ୍ତି । ତେବେ ସରକାରଙ୍କର ସମସ୍ତ ପ୍ରକାର ନାଲିଆଖି ସତ୍ତ୍ୱେ ଏକ ନମ୍ବର ହାଟରେ ବିପୁଳ ପରିମାଣରେ ନିମ୍ନମାନର ପ୍ଲାଷ୍ଟିକ ସାମଗ୍ରୀ କାରବାର ହେଉଛି ।

ଅନେକ ଦୋକାନୀ ପ୍ଲାଷ୍ଟିକ ପଲିଥିନ୍ ମୁଣା, ସହିତ ପ୍ଲାଷ୍ଟିକ ତିଆରି ଗ୍ଲାସ, ପ୍ଲେଟ, ଥାଳି, ଥର୍ମୋକଲରେ ପ୍ରସ୍ତୁତ ଥାଳି ଓ ପ୍ଲେଟ ସହିତ ଜରିରୁ ତିଆରି ଅନେକ ସାମଗ୍ରୀର ପାଇକାରୀ ବ୍ୟବସାୟ କରିଥାନ୍ତି । ରାଜଧାନୀର ଅନେକ ବ୍ୟବସାୟୀଙ୍କ ସହିତ ସହରତଳି ଅଞ୍ଚଳର ବ୍ୟବସାୟୀମାନେ ମଧ୍ୟ ପ୍ଲାଷ୍ଟିକ ସାମଗ୍ରୀ ପାଇଁ ଏକ ନମ୍ବର



ହାଟ ଉପରେ ନିର୍ଭର କରିଥାନ୍ତି ।

ବ୍ୟବସାୟୀମାନେ ନିଜ ଦୋକାନ ଭିତରେ ଯେତିକି ପରିମାଣର ପ୍ଲାଷ୍ଟିକ ମହଜୁଦ ରଖିଥାନ୍ତି ଏହାଠାରୁ ବହୁ ଅଧିକ ପରିମାଣ ଅଧିକ ପ୍ଲାଷ୍ଟିକ ଦୋକାନ ବାହାର ଓ ଆଖପାଖରେ ଜମାଇଥାନ୍ତି । ଯାହା ଏବେ ଅଗ୍ନିକାଣ୍ଡର କାରଣ ହୋଇଛି । କାରଣ ଜରିରୁ ପ୍ରସ୍ତୁତ ସାମଗ୍ରୀ, ପଲିଥିନ୍ ମୁଣା ସହିତ ଥର୍ମକୁଲ୍ ଆଦି ତତ୍କାଳ ନିଆଁ ଧରିଥାଏ ଓ ସହଜରେ ବ୍ୟାପିଥାଏ ।

ଏକ ନମ୍ବର ହାଟରେ ଘଟିଥିବା ଏହି ପ୍ଲାଷ୍ଟିକ ପୋଡି ନିଆଁ ଏତେ ଜୋରରେ ଓ ଶୀଘ୍ର ବ୍ୟାପି ଯାଇଥିଲା ଯେ ତାହାକୁ ଆୟତ କରିବା ଅଗ୍ନିଶମ ବାହିନୀ ପାଇଁ ଅତ୍ୟନ୍ତ କଷ୍ଟକର ଥିଲା । ପ୍ଲାଷ୍ଟିର ନିଆଁର ଧାସ ଅଧିକ ଜୋରରେ ରହିଥିବାରୁ ଆଗ୍ନିକମାନେ ତାହା ନିକଟକୁ ଆୟତ କରିବା ସହଜ ହୋଇନଥିଲା । ଫଳରେ ପ୍ଲାଷ୍ଟିକ ଦୋକାନରୁ ବ୍ୟାପିଥିବା ନିଆଁରେ ଅନ୍ୟ ଦୋକାନ ଏପରିକି ପନିପରିବା ଓ ତେଜରାତି ଦୋକାନ ବି ପୋଡି ପାଉଁଶ ହୋଇଯାଇଥିଲା ।

ଏକ ନମ୍ବର ହାଟରେ ବ୍ୟବସାୟ ବୃଦ୍ଧି ପାଉଥିବାବେଳେ ଏହାର ଆକାର କିନ୍ତୁ ବଢୁନାହିଁ । କାରଣ ଏହାର ଗୋଟିଏ ପଟେ ଜନଗହଳିପୂର୍ଣ୍ଣ ସଡକ ଥିବାବେଳେ ଅନ୍ୟପଟେ ବ୍ୟାଙ୍କ, ଥାନା, ସରକାରୀ କ୍ୱାର୍ଟର୍ସ ଆଦି ରହିଛି । ତେଣୁ ଏଭଳି ସ୍ଥାନରେ ଖୋଲାଖୋଲି ଭାବେ ନିଷିଦ୍ଧ ପ୍ଲାଷ୍ଟିକ ସାମଗ୍ରୀ ମହଜୁଦ ରଖିବା ଓ ବିକ୍ରି କରିବା ଏବେ ବ୍ୟବସାୟୀମାନଙ୍କ ପାଇଁ ମହଙ୍ଗା ସାବ୍ୟସ୍ତ ହୋଇଛି । ନିଆଁରେ କୋଟି କୋଟି ଟଙ୍କାର ସାମଗ୍ରୀ ପୋଡି ପାଉଁଶ ହୋଇ ଯାଇଥିବାବେଳେ ଏଣିକି ହାଟ ଭିତରେ ପ୍ଲାଷ୍ଟିକ ସାମଗ୍ରୀ ବ୍ୟବସାୟ ଉପରେ କଡ କଟକଣା ଲଗାଇବାକୁ ମତପ୍ରକାଶ ପାଉଛି ।

## ଅଶ୍ଳୀଳ ଭିଡିଓ ଦେଖାଇ ବୃଦ୍ଧଙ୍କଠୁ ୮୮ ଲକ୍ଷ ଠକେଇ

# ୫ ଗିରଫ: ୧୪ ଲକ୍ଷ ଟଙ୍କା ଜବତ

**କଟକ,୨୦।୧: ଏକ୍ସପ୍ରେସ୍ ନ୍ୟୁଜ୍**

ଅଶ୍ଳୀଳ ଭିଡ଼ିଓ ଦେଖାଇ ବ୍ଲାକମେଲିଂ କରୁଥିବା ଏକ ରାକେଟର କଟକ ସାଇବର ଥାନା ପୋଲିସ ପର୍ଦ୍ଦାଫାଶ କରିଛି । ଅଶ୍ଳୀଳ ଭିଡ଼ିଓ ମାଧ୍ୟମରେ କଟକର ଜଣେ ବରିଷ୍ଠ ନାଗରିକ ତଥା ଅବସରପ୍ରାପ୍ତ ଅଧିକାରୀ (୭୨)ଙ୍କ ଠାରୁ ୮୮ଲକ୍ଷ ଟଙ୍କା ଲୁଟ ଘଟଣାରେ ସାଇବର ଥାନା ପୋଲିସ ୫ ଜଣ ଠକଙ୍କୁ ଗିରଫ କରିଛି । ଗିରଫ ଅଭିଯୁକ୍ତମାନେ ହେଲେ, ଯାଜପୁର ଜିଲ୍ଲା ଧର୍ମଶାଳା ଥାନା ଅନ୍ତର୍ଗତ ପୋବଲା ଗ୍ରାମର ମନୋଜ ଜେନା (୨୭), ପ୍ରଫୁଲ ବିଶ୍ୱାଳ (୬୫), ସଂଗ୍ରାମ ଜେନା (୨୨), ଯାଜପୁର ଜିଲ୍ଲା ବରୀ ଥାନା ଅନ୍ତର୍ଗତ ଉପୁଳା ଗ୍ରାମର ବାସୁଦେବ ରାଉତ (୨୫) ଓ ଭୁବନେଶ୍ୱର ଏୟାରଫିଲ୍ଡ ଥାନା ଅନ୍ତର୍ଗତ କପିଳପ୍ରସାଦ ମହତାବରୋଡ଼ ଅଂଚଳର ମନୋରଂଜନ ରାଉତରାୟ (୬୦) । ପୋଲିସ ସେମାନଙ୍କଠାରୁ ନଗଦ ୧୪ ଲକ୍ଷ ୪୬୦ଟଙ୍କା, ୧୬ଟି ରୂପା ମୁଦ୍ରା, ୨ଯୋଡ଼ି ସୁନା କାନଫୁଲ, ଗୋଟିଏ ସୁନା ମୁଦି, ଗୋଟିଏ ସୁନା ମଂଗଳସୂତ୍ର, ୨ଟି ରୂପା ଆର୍ମଲେଟ ଓ ୨ଟି ବାଇକ ଜବତ କରିଛି । ଏହାଛଡ଼ା ଅଭିଯୁକ୍ତଙ୍କ ଆକାଉଣ୍ଟରେ ଥିବା ୫ଲକ୍ଷରୁ ଅଧିକ ଟଙ୍କା ପୋଲିସ ଫ୍ରିଜ କରିଛି । ତେବେ ମୁଖ୍ୟ ଅଭିଯୁକ୍ତ ସରୋଜ ଜେନା ଫେରାର ହୋଇଯାଇଛି । ଗିରଫ ଅଭିଯୁକ୍ତମାନଙ୍କୁ କୋର୍ଟ ଚାଲାଣ କରାଯାଇଛି । ସୂଚନା ମୁତାବକ, କଟକର ଜଣେ (ଶେଷ ପୃଷ୍ଠା ଦେଖନ୍ତୁ)

# ଓଡ଼ିଶା ଏକ୍ସପ୍ରେସ

ଭୁବନେଶ୍ୱର ଓ କେନ୍ଦ୍ରାପଡା ରୁ ଏକସଙ୍ଗେ ପ୍ରକାଶିତ

ଭୁବନେଶ୍ୱର ୨୧ ଜାନୁଆରୀ ୨୦୨୬ । ବୁଧବାର




## ରାସ୍ତା ପାଲଟିଛି ମରଣଯନ୍ତା

**ସମ୍ବଲପୁର: ଏକ୍ସପ୍ରେସ ନ୍ୟୁଜ୍**

ପରିବେଶ ସୁରକ୍ଷା ଓ ସୁଧାରିବା ଲକ୍ଷ୍ୟରେ ରାଜ୍ୟ ଠୁଁ ନେଇ କେନ୍ଦ୍ର ସରକାର ବହୁମୁଖି ଯୋଜନା ଓ କଟକଣା ଜାରି କରିଛନ୍ତି । ହେଲେ ଖାଲଖମା ରାସ୍ତାକୁ ଖାମଖିଆଲି ପରିବହନ ବ୍ୟବସ୍ଥା ଜନଜୀବନକୁ ଅସ୍ତବ୍ୟସ୍ତ କରିଦେଉଛି। ରାଜସ୍ୱ ବୃଦ୍ଧିରେ ଯଦିଓ ପରିବହନକୁ ଗୁରୁତ୍ୱ ଦିଆଯାଉଛି ତେବେ ସର୍ବନିମ୍ନ ନୀତି ନିୟମ ନମାନିବା ପରିବେଶକୁ ନଷ୍ଟ କରିବା ସହ ଅନ୍ୟମାନଙ୍କ ପାଇଁ ମୃତ୍ୟୁର କାରଣ ପାଲଟୁ ଥିବା ଅଭିଯୋଗ ହେଉଛି। ସମ୍ବଲପୁର ସହରର ବ୍ୟସ୍ତ ବହୁଳ ପ୍ରମୁଖ ରାସ୍ତା କହିଲେ ଅଇଁଠାପାଲି ଛକକୁ ବୁଝାଇଥାଏ। ହେଲେ ଏହି ଛକରେ ରାସ୍ତା ଅତିକ୍ରମ କରିବା ଯେତିକି ବିପଦଜନକ ତାହା ଠାରୁ ଅଧିକ ପାଉଁଶ ଓ ବାଲି ଚାଲାଣକାରୀ ଭାରିଯାନର ଖାମଖିଆଲି ନୀତି। ତଳେ ବା ଉପରେ ମାଲର କୌଣସି ସୁରକ୍ଷା ବ୍ୟବସ୍ଥା ନଥାଇ ରାସ୍ତାସାରା ବାଲି ଓ ପାଉଁଶ ଉଡାଇ ଉଡାଇ ଯିବା ଦୁଇ ଚକିଆ ଯାନ ଠୁଁ ଆରମ୍ଭ କରି ତିନି ଚକିଆ ଅଟୋ ଓ ଚାଲିଚାଲି ଯାଉଥିବା ଲୋକଙ୍କ ପାଇଁ ମରଣଯନ୍ତା ସୃଷ୍ଟି କରାଉଛି। ରାଜ୍ୟ ସଡ଼କ ପରିବହନ ବିଭାଗ ଏବେ ଯାନ ବାହାନର ପଲ୍ୟୁସନ ସାର୍ଟିଫିକେଟ ପାଇଁ ଯେତିକି ଯତ୍ନବାନ ହେଉଛି, ଏ ଦିଗରେ ସାମାନ୍ୟତମ ଦୃଷ୍ଟି ଦେଲେ ଭଲ ହୁଅନ୍ତା ବୋଲି ସାଧାରଣରେ ମତପ୍ରକାଶ ପାଇଛି। ଜିଲ୍ଲା ପ୍ରଶାସନ ଏଦିଗରେ ଅନୁସନ୍ଧାନ କରି ଆବଶ୍ୟକ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି ।

## ଥାନାରେ ଧସେଇ ପଶିଲେ କିନ୍ନର ସଂଘ



**କବିସୂର୍ଯ୍ୟନଗର: ଏକ୍ସପ୍ରେସ ନ୍ୟୁଜ୍**

ଥାନା ଭିତରେ ଧସେଇ ପଶିଲେ କିନ୍ନର ସଂଘ। ନ୍ୟାୟ ଦାବି କରି କବିସୂର୍ଯ୍ୟନଗର ଥାନା ଭିତରେ ପଶିଲେ ହୋ ହାଲ୍ଲା କଲେ। ଯାହା ସୂଚ଼ନା ମିଳିଛି କବିସୂର୍ଯ୍ୟନଗର ଥାନା ବଣପଲ୍ଲୀ ଗ୍ରାମର ଜଣେ କିନ୍ନର ନିକଟସ୍ଥ ବାଲିଛାଇ ଗ୍ରାମର ଯୁବକ ଭୋଳାଶଙ୍କର ଗୌଡ଼ ମଧ୍ୟରେ ପ୍ରେମ ସମ୍ପର୍କ ଗଢ଼ିଉଠିଥିଲା। ସମ୍ପର୍କର ନିବିଡତା ଭିତରେ ଯୁବକ ଜଣକ ପ୍ରେମିକା କିନ୍ନରଙ୍କ ଠାରୁ ପ୍ରାୟ ୫ ଲକ୍ଷ ଟଙ୍କା ନେଇଥିବା ବେଳେ ଶରୀରର ଅଙ୍ଗ ମଧ୍ୟ ଅସ୍ତ୍ରୋପଚ଼ାର କରେଇ ଦେଇଥିବା ଅଭିଯୋଗ ହୋଇଛି। କିଛି ଦିନ ପରେ ଉଭୟଙ୍କ ମଧ୍ୟରେ ମନାନ୍ତର ହେବା ପରେ ପ୍ରେମିକା ଜଣକ ଆସି କବିସୂର୍ଯ୍ୟନଗର ଥାନାରେ ଅଭିଯୋଗ କରିବା ପରେ କୌଣସି ପଦକ୍ଷେପ ନ ନେବାରୁ କବିସୂର୍ଯ୍ୟନଗର ଥାନାକୁ ଆସି ନ୍ୟାୟ ମାଗିବା ପରେ ପୋଲିସ ଅସହଯୋଗ କରିବା ଏବଂ ବହୁ ସମୟ ଧରି ଅପେକ୍ଷା କରିବା ପରେ ଅସନ୍ତୋଷ ପ୍ରକାଶ କରି ସନ୍ଧ୍ୟାରେ କିନ୍ନର ସଂଘ ପହଁଚ଼ି ଥାନା ସମ୍ମୁଖରେ ଭିଡ଼ ଜମାଇଥିଲେ। ପରେ ଭିତରେ ପଶି ହୋ ହାଲ୍ଲା କରିଥିବା ଦେଖିବାକୁ ମିଳିଥିଲା। ହେଲେ ନ୍ୟାୟ ପାଇଁ ଆସିଥିବା ଖଲିକୋଟ କିନ୍ନର ସଂଘର ସଭାନେତ୍ରୀ ପ୍ରତିକ୍ରିୟାରେ କହିଛନ୍ତି ପୋଲିସ ପକ୍ଷରୁ କୌଣସି ନ୍ୟାୟ ମିଳିନଥିବାରୁ ଆମେ ନ୍ୟାୟ ଦାବି ପାଇଁ ଥାନାକୁ ଆସିଥିଲୁ। ସେହିପରି ପ୍ରତାରିତ ପ୍ରେମିକା ନିଜକୁ ଅସହାୟ ପ୍ରକାଶ କରି ଥାନରେ ପହଞ୍ଚିବା ପରେ ନ୍ୟାୟ ଭିକ୍ଷା କରି ଥିବାବେଳେ ବିଳମ୍ବିତ ରାତି ଯାଏଁ ଅପେକ୍ଷା କରିବା ପରେ ୭ ଦିନ ଭିତରେ ନିଷ୍ପତ୍ତି କିମ୍ବା କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ପ୍ରତିଶ୍ରୁତି ମିଳିବା ପରେ ଅଶାନ୍ତି ଥମିଥିଲା। ଏନେଇ ପୋଲିସ ପକ୍ଷରୁ କୌଣସି ପ୍ରତିକ୍ରିୟା ମିଳିପାରିନାହିଁ।

## ବିଭିନ୍ନ ଦାବି ନେଇ ବିଧାୟକଙ୍କୁ ଭେଟିଲେ ଫନ୍ଦିଗୁଡା ଗ୍ରାମବାସୀ

**ମାଲକାନାଗିରି: ଏକ୍ସପ୍ରେସ ନ୍ୟୁଜ୍**



ସ୍ୱାଧୀନତାର ୭୭ ବର୍ଷ ପରେ ମଧ୍ୟ ସର୍ବନିମ୍ନ ମୌଳିକ ସୁବିଧାରୁ ବଞ୍ଚିତ ହୋଇ ଦୁର୍ଦ୍ଦିନରେ ଜୀବନ ବିତାଉଛନ୍ତି ମାଲକାନଗିରି ଜିଲ୍ଲା କୋରୁକୋଣ୍ଡା ବ୍ଲକ କାମ୍ବେଡା ପଞ୍ଚାୟତ ଅଧୀନରେ ଥିବା ଫନ୍ଦିଗୁଡା ଗ୍ରାମବାସୀ। ଗାଁ ବସତି ଠାରୁ ଆଜି ପର୍ଯ୍ୟନ୍ତ ଦୀର୍ଘ ବର୍ଷ ବିତିଯାଇଥିଲେ ମଧ୍ୟ ଗାଁକୁ ଯାତାୟତ ନିମନ୍ତେ ଏକ ପକ୍କା ରାସ୍ତା, ବିଜୁଳି ଆଲୁଅ ଏବଂ କୋମଳମତି ଶିଶୁଙ୍କ ପାଇଁ ନାହିଁ ଅଙ୍ଗନୱାଡି କେନ୍ଦ୍ର। ଏ ସମସ୍ତ ଗ୍ରାମବାସୀଙ୍କ ପାଇଁ ସାତ ସପନ ପାଲଟିଛି କହିଲେ ଅତ୍ୟୁକ୍ତି ହେବନାହିଁ। ତେବେ ଏହି ଗ୍ରାମରେ ଦୀର୍ଘବର୍ଷ ଧରି ଲାଗି ରହିଥିବା ସମସ୍ୟା ଗୁଡିକର ସ୍ଥାୟୀ ସମାଧାନ ପାଇଁ ଗ୍ରାମବାସୀ ବହୁବାର ପଞ୍ଚାୟତ, ବ୍ଲକ କର୍ତ୍ତୃପକ୍ଷ, ବିଦ୍ୟୁତ ବିଭାଗର ଅଧିକାରୀ ଏବଂ ଜିଲ୍ଲା ପ୍ରଶାସନ ନିକଟରେ ଦ୍ୱାରସ୍ଥ ହୋଇ ଲିଖିତ ଅଭିଯୋଗ କରିଥିଲେ ବି କେହି ଆଦୌ କର୍ଣ୍ଣପାତ ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଶେଷରେ ଗ୍ରାମବାସୀ ନିରାଶ ହୋଇ ଚ଼ିତ୍ରକୋଣ୍ଡା ବିଧାୟକ ମଙ୍ଗୁ ଖିଲଙ୍କୁ ସାକ୍ଷାତ କରି ଗ୍ରାମର ରାସ୍ତା ନିର୍ମାଣ କରିବା ସହିତ ବିଜୁଳି ଆଲୋକ ଯୋଗାଇଦେବାକୁ ଅନୁକ ନିବେଦନ କରିଛନ୍ତି। ତେବେ ଗ୍ରାମବାସୀଙ୍କ କହିବାନୁଯାୟୀ, ପଞ୍ଚାୟତ କାର୍ଯ୍ୟାଳୟ ଠାରୁ ଏହି ଗ୍ରାମଟି ପ୍ରାୟ ୩ କି.ମି ଦୂରରେ ଅବସ୍ଥିତ। ଏହି ଗାଁରେ ଥିବା ମୋଟ ୩୨ରୁ ଉର୍ଦ୍ଧ୍ୱ ପରିବାର ଲୋକ ବସବାସ କରନ୍ତି। ଜନସଂଖ୍ୟା ପ୍ରାୟ ୧୬୦ରୁ ଉର୍ଦ୍ଧ୍ୱ। ଦୀର୍ଘ ବର୍ଷ ହେଲା ଗ୍ରାମବାସୀଙ୍କ ପାଇଁ ପକ୍କା ରାସ୍ତା, ବିଜୁଳି ଆଲୁଅ କିମ୍ବା ପିଲାଙ୍କ ପାଠ ପଢିବା ପାଇଁ ଅଙ୍ଗନୱାଡି କେନ୍ଦ୍ର ସାତ ସପନ ହୋଇଛି ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ରାସ୍ତା ଖରାପ ଥିବାରୁ ଜରୁରୀ କାଳୀନ ପରିସ୍ଥିତିରେ ରିଗୀଙ୍କୁ ମେଡିକାଲ ନେବାପାଇଁ ଗାଁକୁ ଆମ୍ବୁଲାନ୍ସ ଆସି ପାରୁନାହିଁ। ଗାଁରେ ଅଙ୍ଗନୱାଡି କେନ୍ଦ୍ରଟିଏ ନାହିଁ। ଯାହାଦ୍ୱାରା ଗର୍ଭବତୀଙ୍କ ପୋଷଣ ଚ଼ିନ୍ତା ଲାଗିବା ସହିତ ଗାଁର କୋମଳମତି ଶିଶୁମାନେ ଗାଁ ଠାରୁ ୨ କି.ମି ଦୂରରେ ତଥା ତାଣ୍ଡିକୋଣ୍ଡା ଗାଁରେ ଥିବା କେନ୍ଦ୍ରକୁ ପାଠ ପଢିବା ପାଇଁ ଜଙ୍ଗଲିଆ ଓ ଖାଲ ଖମା ରାସ୍ତା ଦେଇ ବିପଦ ସଂକୁଳ ଅବସ୍ଥାରେ ଯାତାୟତ କରିବାକୁ ବାଧ୍ୟ ହେଉଛନ୍ତି। ଦୀର୍ଘ ବର୍ଷ ଧରି ଏହି ଗାଁକୁ ବିଦ୍ୟୁତ ସଂଯୋଗ ହୋଇନାହିଁ। ଫଳରେ ସନ୍ଧ୍ୟା ହେଲେ ଗାଁ ଅନ୍ଧକାର। ପିଲାମାନେ ପାଠ ପଢ଼ିବାରୁ ବଞ୍ଚିତ ହେଉଛନ୍ତି। ବିଦ୍ୟୁତ ନଥିବାରୁ ଗାଁ ଲୋକମାନେ ବାହ୍ୟ ଜଗତରୁ ଏକ ପ୍ରକାର ବିଚ୍ଛିନ୍ନ କହିଲେ ଅତ୍ୟୁକ୍ତି ହେବନାହିଁ। ବିଦ୍ୟୁତ ସଂଯୋଗ ପାଇଁ ଗ୍ରାମବାସୀ ବହୁବାର ବିଦ୍ୟୁତ ବିଭାଗର କର୍ତ୍ତୃପକ୍ଷ ଏବଂ ପ୍ରଶାସନିକ ଅଧିକାରୀଙ୍କ ନିକଟକୁ ଧାଇଁ ଧାଇଁ ନୟାନ୍ତ ହେବା ପରେ ଶେଷରେ ଗ୍ରାମବାସୀ ନିରାଶ ହୋଇ ବିଧାୟକଙ୍କୁ ଭେଟି ଉପରୋକ୍ତ ସମସ୍ୟା ଗୁଡିକର ତୁରନ୍ତ ସ୍ଥାୟୀ ସମାଧାନ କରିବାକୁ ଗ୍ରାମର ଦେବା ସୋଡି, ମୁକା ମାଡ଼କାମୀ, ପଦିଆ ମାଡ଼କାମୀ, ପଦିଆ ସୋଡି, ଅଡିଆ ମାଡ଼କାମୀ, ସନିଆ ପଡିୟାମୀଙ୍କ ସମେତ ଗ୍ରାମବାସୀ ବିଧାୟକ ମଙ୍ଗୁଙ୍କ ନିକଟରେ ନିବେଦନ କରିଛନ୍ତି। ଏ ସମ୍ପର୍କରେ ବିଧାୟକ ମଙ୍ଗୁ କହିଛନ୍ତି ଯେ, ଉକ୍ତ ଗ୍ରାମର ରାସ୍ତା ନିର୍ମାଣ କାର୍ଯ୍ୟ ଶୀଘ୍ର ଆରମ୍ଭ ହେବ। ଗାଁରେ ତୁରନ୍ତ ବିଦ୍ୟୁତ ସଂଯୋଗ ପାଇଁ ବ୍ଲକ କର୍ତ୍ତୃପକ୍ଷ, ଜିଲ୍ଲା ପ୍ରଶାସନ ଏବଂ ବିଦ୍ୟୁତ ବିଭାଗର କର୍ତ୍ତୃପକ୍ଷଙ୍କ ସହିତ ଆଲୋଚ଼ନା କରିଛି। ଖୁବ ଶୀଘ୍ର ଉକ୍ତ ଗ୍ରାମକୁ ବିଦ୍ୟୁତ ସଂଯୋଗ କରାଯିବ ବୋଲି ବିଧାୟକ ମଙ୍ଗୁ ଖିଲ କହିଛନ୍ତି।

## ପୂର୍ବ ଶତ୍ରୁତାରୁ ଗୁଳିକାଣ୍ଡ

**ବେଗୁନିଆ: ଏକ୍ସପ୍ରେସ ନ୍ୟୁଜ୍**

ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଖୋର୍ଦ୍ଧା ଜିଲ୍ଲା ବେଗୁନିଆ ଥାନା ଦଲକ-ସାମନ୍ତରାୟପୁର ରାସ୍ତାରେ ଘଟିଛି ଗୁଳିକାଣ୍ଡ। ଦୁର୍ବୃତ୍ତଙ୍କ ଗୁଳିମାଡରେ ଦେଉଳି ପଞ୍ଚାୟତ ଜାମୁସାହିର ବାସୁଦେବ ପରିଡା(୪୨) ଓରଫ୍ ଟୁଟୁଙ୍କର ଘଟଣାସ୍ଥଳରେ ମୃତ୍ୟୁ ହୋଇଛି। ଗୁଳିମାଡର କାରଣ ପୂର୍ବ ଶତ୍ରୁତା ଓ ଖଣି ବ୍ୟବସାୟ ବୋଲି କୁହାଯାଉଛି। ତାଙ୍କ ଦେହରେ ପ୍ରାୟ ଦୁଇଟି ଗୁଳି ବାଜିଥିବା ଜଣାପଡିଛି। ଘଟଣାସ୍ଥଳରୁ ଦୁର୍ବୃତ୍ତମାନେ ଚ଼ମ୍ପଟ୍ ମାରିଥିଲେ।

ସୂଚ଼ନା ମୁତାବକ, ଏ ଘଟଣା ଘଟିଛି ସୋମବାର ରାତି ପ୍ରାୟ ୮ଟା ସମୟରେ। ସ୍ଥାନୀୟ ଲୋକଙ୍କ କହିବା ମୁତାବକ, ମୃତ ବାସୁଦେବ ସନ୍ଧ୍ୟା ସମୟରେ ଶୌଚ ଯାଇଥିଲେ। ରାସ୍ତା ପ୍ରାୟ ଶୂନଶାନ ଥିଲା। ଏହାର ସୁଯୋଗ ନେଇଥିଲେ ଦୁର୍ବୃତ୍ତ। ଏହି ଷଡଯନ୍ତ୍ରରେ ଦୁଇରୁ ଅଧିକ ଲୋକଙ୍କର ସମ୍ପୃକ୍ତି ଥିବା ସନ୍ଦେହ କରାଯାଉଛି। ତନ୍ମଧ୍ୟରୁ କିଛି ଯୁବକ ସ୍ଥାନୀୟ ଅଞ୍ଚଳରେ ବୁଲାବୁଲି କରୁଥିଲେ। ବାସୁଦେବଙ୍କର ଗତିବିଧି ଉପରେ ନଜର ରଖିଥିଲେ। ବାସୁଦେବ ପଡିଆକୁ ଶୌଚ ଯାଇ ଫେରୁଥବା ବେଳେ ଯୁବକମାନେ ତାଙ୍କ ସହିତ କଥାବାର୍ତ୍ତା ହୋଇଥିଲେ। ଠିକ୍ ଏହି ସମୟ ବେଳକୁ ଏକ କଳା ରଙ୍ଗର ବୁଲେଟ୍ ଯୋଗେ ବନ୍ଧୁକ ନେଇ ଦୁଇ ଜଣ ହଠାତ୍ ଆସି ବାସୁଦେବଙ୍କ ନିକଟରେ ପହଞ୍ଚିଥିଲେ। ରାସ୍ତା ଉପରେ ଗାଡି ରଖି ବାସୁଦେବ କିଛି ଜାଣିବା ପୂର୍ବରୁ ଅତି ପାଖରୁ କଥାବାର୍ତ୍ତା ହୋଇ ରାଉଣ୍ଡ ପରେ ରାଉଣ୍ଡ୍ ଗୁଳି ମାଡ କରି ଚ଼ାଲିଥିଲେ। ସେଥିରୁ ଗୋଟିଏ ରାଉଣ୍ଡ ଗୁଳି ମୁଣ୍ଡରେ ବାଜିଥିବା ବେଳେ ଅନ୍ୟଟି ଛାତିରେ ମାଡ ହୋଇଥିବା ଜଣାପଡିଛି। ମୁଣ୍ଡରେ ବାଜି ଗୁଳିଟି ବାହାରି ଯାଇଛି। ଘଟଣାସ୍ଥଳରେ ଗୁଳିଟି ପଡିଥିବା କୁହାଯାଉଛି।

ରକ୍ତ ଜୁଡୁବୁଡୁ ଅବସ୍ଥାରେ ବାସୁଦେବ ଘଟଣାସ୍ଥଳରେ ପଡିଥିବା ବେଳେ ହଠାତ୍ ବନ୍ଧୁକ ଶବ୍ଦ ଶୁଣି ସ୍ଥାନୀୟ ଲୋକେ ଘଟଣାସ୍ଥଳକୁ ଦୌଡିଥିଲେ। ଲୋକଙ୍କୁ ଦେଖି ଦୁର୍ବୃତ୍ତମାନେ ବୁଲେଟ୍ ଗାଡିକୁ ଘଟଣାସ୍ଥଳରେ ଛାଡି ସ୍ଥାନୀୟ ଜଙ୍ଗଲକୁ ଦୌଡି ପଳାଇଥିବା ସ୍ଥାନୀୟ ଲୋକେ ପ୍ରକାଶ କରିଛନ୍ତି। ରକ୍ତ ଜୁଡୁବୁଡୁ ଅବସ୍ଥାରେ ବାସୁଦେବଙ୍କୁ ଲୋକେ ଖୋର୍ଦ୍ଧା ଜିଲ୍ଲା ମୁଖ୍ୟ ଚ଼ିକିତ୍ସାଳୟକୁ ଆଣିଥିଲେ। ଏଠାରେ ଡାକ୍ତର ତାଙ୍କୁ ମୃତ୍ୟୁ ଘୋଷଣା କରିଛନ୍ତି।

ସ୍ଥାନୀୟ ଥାନା ପୋଲିସ ଦୁର୍ବୃତ୍ତମାନେ ଛାଡିଯାଇଥିବା ବୁଲେଟକୁ ଧରି ତଦନ୍ତ ଆରମ୍ଭ କରୁଛି। ରିପୋର୍ଟ ଲେଖାଯିବା ସୁଦ୍ଧା ଏନେଇ ଥାନାରେ କୌଣସି ଅଭିଯୋଗ ହୋଇନାହିଁ। ମଙ୍ଗଳସକାଳ ସୁଦ୍ଧା କୌଣସି ଅଭିଯୁକ୍ତଙ୍କୁ ଗିରଫ କରାଯାଇନାହିଁ।

## ମୁନିଗୁଡାରେ ମାଓ ବ୍ୟାନର

**ରାୟଗଡା: ଏକ୍ସପ୍ରେସ ନ୍ୟୁଜ୍**



କିଛି ଦିନର ନୀରବତା ପରେ ରାୟଗଡା ଜିଲ୍ଲାରେ ମାଓବାଦୀଙ୍କ ଉପସ୍ଥିତି ଦେଖିବାକୁ ମିଳିଛି। ସୂଚ଼ନାରୁ ଜଣାପଡିଛି ଜିଲ୍ଲାର ମୁନିଗୁଡା ବ୍ଲକ ଅନ୍ତର୍ଗତ ତେଲେଙ୍ଗାପଦର ଛକ ନିକଟରେ ମାଓ ବ୍ୟାନର ଦେଖିବାକୁ ମିଳିଛି। ଏହି ବ୍ୟାନର ତେଲେଙ୍ଗାପଦର ଠାରୁ ଚ଼ନ୍ଦ୍ରପୁର ରାସ୍ତାରେ ଲାଗିଛି। ମୁନିଗୁଡା ଥାନା ଅଞ୍ଚଳରେ ଏହି ବ୍ୟାନର ଲାଗିଥିବା ବେଳେ ପୋଲିସ କୌଣସି ସୂଚ଼ନା ଦେଉନାହିଁ। ବ୍ୟାନରରେ ଆନ୍ଧ୍ର ଓଡିଶା ସ୍ପେଶାଲ ଜୋନାଲ କମିଟି ବୋଲି ଉଲ୍ଲେଖ କରାଯାଇଛି।

ରାୟଗଡା ଅଞ୍ଚଳ ବଂଶଧାରା ଘୁମୁସର ନଓଗଓବଳୀ (ବାଘୁନା) ଅଧୀନରେ ଆସୁଥିବା ବେଳେ ଆନ୍ଧ୍ର ଓଡିଶା ସ୍ପେଶାଲ ଜୋନାଲ କମିଟି ଉଲ୍ଲେଖ ଥିବାରୁ ବ୍ୟାନରକୁ ନେଇ ପୋଲିସ ଚ଼ିନ୍ତାରେ ପଡିଛି। ରାୟଗଡାରେ ନକ୍ସଲ ଗତିବିଧି ପ୍ରାୟତଃ ନାହିଁ ବୋଲି ପୋଲିସ କହୁଥିବା ବେଳେ ବ୍ୟାନର ଲାଗିବା ପରେ ପୋଲିସ ତନାଘନା ଆରମ୍ଭ କରିଛି। ମୁନିଗୁଡା ପୋଲିସ ବ୍ୟାନରକୁ ଜବତ କରିଥିବା ଜଣାପଡିଛି।

ଏଠାରେ ସୂଚ଼ନାଯୋଗ୍ୟ ଯେ ରାୟଗଡା ଜିଲ୍ଲା ସୀମାନ୍ତ ଫୁଲବାଣୀ ଜିଲ୍ଲାରେ ଏବେ ମାଓ ଦମନ କରିବାରେ ଉଲ୍ଲେଖନୀୟ ସଫଳତା ପାଇଥିବା ବେଳେ କିଛି ମାଓବାଦୀ ରାୟଗଡା ଜିଲ୍ଲାର ଚ଼ନ୍ଦ୍ରପୁର, ମୁନିଗୁଡା ଅଞ୍ଚଳରେ ନିଜର ସୁରକ୍ଷା ପାଇଁ ଘୁରି ବୁଲୁଥିବା ଜଣାପଡିଛି। ଏହି ବ୍ୟାନରରେ ଖଣି ଖାଦାନକୁ ବିରୋଧ କରି ଲେଖା ଯାଇଥିବା ସୂଚ଼ନାରୁ ଜଣାପଡିଛି। ମୁନିଗୁଡା ପୋଲିସ ଏ ନେଇ କୌଣସି ସୂଚ଼ନା ଦେଇ ନଥିବା ବେଳେ ମାଓ ସମର୍ଥକ ଏହି ବ୍ୟାନର ଲଗାଇଥିବା ପୋଲିସ ଅନୁମାନ କରୁଛି। ମୁନିଗୁଡା ପୋଲିସ ଘଟଣାରେ ତଦନ୍ତ କରୁଛି।

## ଦାରିହା କୁଣ୍ଡିରେ ପକ୍ଷୀ ଗଣନା

**ବୈଶିଙ୍ଗା: ଏକ୍ସପ୍ରେସ ନ୍ୟୁଜ୍**

ସରକାରଙ୍କର ଜଙ୍ଗଲ ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗର ନିର୍ଦ୍ଦେଶରେ ବାରିପଦା ବନଖଣ୍ଡର ବେତନଟି ଫରେଷ୍ଟ ରେଞ୍ଜ ଅଧିନସ୍ଥ ନଡପୁର ଫରେଷ୍ଟ ବିଟ ଅନ୍ତର୍ଗତ ପାଟଳୀପୁରା ଗ୍ରାମ ପଞ୍ଚାୟତର କୃଷ୍ଣ ଚ଼ନ୍ଦ୍ର ଶିକ୍ଷା ନିକେତନ ନିକଟସ୍ଥ ବେଲାଣ ପୁରା -ଦାରିହା କୁଣ୍ଡି ପ୍ରାକୃତିକ ଜଳାଶୟରେ ପକ୍ଷୀ ଗଣନା କାର୍ଯ୍ୟକ୍ରମ ବେତନଟୀ ବନାଞ୍ଚଳ ଅଧିକାରୀ ଧ୍ରୁବେନ୍ଦ୍ର ନାଥ ନାୟକଙ୍କର ମାର୍ଗ ଦର୍ଶନରେ ବନରକ୍ଷୀ ନମିତା ସେଠୀଙ୍କର ପ୍ରତକ୍ଷ୍ୟ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଛି। ଏହି ପକ୍ଷୀ ଗଣନା ସକାଳ ସକାଳ ୫.୩୦ରୁ ୧୦ଟା ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିଲା। ପକ୍ଷୀ ଗଣନା ସମୟରେ ବିଭିନ୍ନ ପ୍ରଜାତିର ପକ୍ଷୀ ଯଥା ଲିଟିଲ କର୍ମୋରଣ୍ଟ (ପାଣି କୁଆ) କମନ କିଙ୍ଗ ଫିସର (ମାଛରଙ୍କା) ଗାଡ଼ୱିଲ, କମନ ମୁରହେନ ପ୍ରଭୃତିର ୨୦ରୁ ଅଧିକ ପ୍ରଜାତିର ପ୍ରାୟ ଦୁଇ ହଜାରରୁ ଅଧିକ ପକ୍ଷୀ ଗୁଡିକ ଚ଼ିହ୍ନଟ କରାଯାଇଥିଲା। ଏଠାରେ ଉଲ୍ଲେଖ ନୀୟଯେ ଏହି ଆଦ୍ରଭୂମି ପ୍ରାକୃତିକ ଜଳାଶୟରେ ଅନେକ ପ୍ରକାର ବିଦେଶୀ ପକ୍ଷୀ ପକ୍ଷୀ ମଧ୍ୟ ବିଚ଼ରଣ କରୁଥିବାର ଦେଖିବାକୁ ମିଳିଥିଲା। ଏହି ପକ୍ଷୀ ଗଣନାରେ ପ୍ରୋଟେକ୍ସନ ଏସିଷ୍ଟାଣ୍ଟ ଶ୍ରୀଧର ମହାକୁଡ଼, ପ୍ରୋଟେକ୍ସନ ସ୍କୁର୍ଡ ସୁଶାନ୍ତ ମହାନ୍ତ, ଫାୟାର ୱାଚ଼ୱାର ଦେବାନନ୍ଦ ମହାନ୍ତ, ଗଜସାଥୀ ରାଜୀବ କୁମାର କବାଟ, ଇକୋ ଫ୍ରେଣ୍ଡ ଡ଼କ୍ଟର ରମାକାନ୍ତ ମହାନ୍ତ, ଇକୋ କ୍ଲବ ଭାରପ୍ରାପ୍ତ ବିଜ୍ଞାନ ଶିକ୍ଷକ ଶିଶିର କୁମାର ନାୟକ, ଶିକ୍ଷକ ସତ୍ୟରଞ୍ଜନ ଦୁର୍ଗା, ସ୍ୱେଚ୍ଛାସେବୀ ଗୋବିନ୍ଦ ଚ଼ନ୍ଦ୍ର ଦୁର୍ଗା, ଡାକ୍ତର ଧ୍ରୁବଚ଼ରଣ ପ୍ରଧାନ ପ୍ରମୁଖ ସାମିଲ ହୋଇଥିଲେ।

## ଅଜଣା ଗାଡି ଧକ୍କାରେ ହେଟା ବାଘର ମୃତ୍ୟୁ

**ମାଲକାନଗିରି: ଏକ୍ସପ୍ରେସ ନ୍ୟୁଜ୍**

ଦିନକୁ ଦିନ ଜଙ୍ଗଲ କ୍ଷୟ ହେବା ଫଳରେ ବନ୍ୟଜନ୍ତୁ ସହରାଭିମୁଖୀ ହେବାରେ ଲାଗିଛନ୍ତି। ମାଲକାନଗିରି ଜିଲ୍ଲା କାଲିମେଳା ରେଞ୍ଜ ଅଧୀନସ୍ଥ ୩୨୬ ନମ୍ବର ଜାତୀୟ ରାଜପଥ ଏମଭି ୭୨ ନିକଟରୁ ଭୋର୍ ସମୟରେ ଏକ ହେଟା ବାଘର ମୃତଦେହ ବନ ବିଭାଗ ଦ୍ୱାରା ଉଦ୍ଧାର କରାଯାଇଛି। କୌଣସି ଅଜଣା ଗାଡି ହେଟା ବାଘକୁ ଧକ୍କା ଦେବା ଯୋଗୁ ବାଘଟିର ମୃତ୍ୟୁ ହୋଇଥିବା ଜଣାପଡିଛି। ଖବରପାଇ କାଲିମେଳା ରେଞ୍ଜର ବିଜୟ କୁମାର ନାୟକ, ଫରେଷ୍ଟର ମୃତ୍ୟୁଞ୍ଜୟ ସେଠୀ ଏବଂ ଅନ୍ୟାନ୍ୟ କର୍ମଚ଼ାରୀ ପହଞ୍ଚି ହେଟା ବାଘର ମୃତଦେହ ଜବତ କରିବା ପରେ କାଲିମେଳା ପ୍ରାଣୀ ଚ଼ିକିତ୍ସା କେନ୍ଦ୍ରରେ ବ୍ୟବଚ୍ଛେଦ କରିଥିଲେ। ଏହା ଏକ ଅଣ୍ଡିରା ହେଟା ବାଘ ହୋଇଥିବା ବେଳେ ଏହାର ବୟସ ପ୍ରାୟ ୫ ବର୍ଷ ଏବଂ ଉଚ୍ଚତା ତିନି ଫୁଟ ହେବ ବୋଲି ଅନୁମାନ କରାଯାଉଛି। ବ୍ୟବଚ୍ଛେଦ ପରେ ହେଟାକୁ ନେଇ ପୋତି ଦିଆଯାଇଥିବା ବନ ବିଭାଗ ପକ୍ଷରୁ ସୂଚ଼ନା ମିଳିଛି।

## ବାଣିଜ୍ୟ

## ଭୟଙ୍କର ସ୍ତରରେ ଧନୀ-ଦରିଦ୍ର ପ୍ରଭେଦ

### ୧୨ ଅରବପତିଙ୍କ ପାଖରେ ୫୦% ଅତି ଗରିବଙ୍କଠୁ ଅଧିକ ସମ୍ପତ୍ତି

**ନୂଆଦିଲ୍ଲୀ: ଏକ୍ସପ୍ରେସ ନ୍ୟୁଜ୍**

ବିଶ୍ୱରେ ଧନୀ ଏବଂ ଦରିଦ୍ର୍ୟଙ୍କ ମଧ୍ୟରେ ପ୍ରଭେଦ ଭୟଙ୍କର ସ୍ତରରେ ପହଞ୍ଚିଛି। ଅକ୍ସଫାମର ଏକ ନୂଆ ରିପୋର୍ଟରେ ଅସମାନତାର ଏକ ବିକୃତ ଚ଼ିତ୍ର ଦେଖିବାକୁ ମିଳିଛି। ରିପୋର୍ଟ ମୁତାବକ, ୨୦୨୪ରେ ବିଶ୍ୱର ଅରବପତିଙ୍କ ମୋଟ ସମ୍ପତ୍ତି ରେକର୍ଡସ୍ତରରେ ପହଞ୍ଚିଯାଇଛି। ସ୍ଥିତି ଏଭଳି ଯେ, ଶୀର୍ଷ ୧୨ ଅରବପତିଙ୍କ ପାଖରେ ବିଶ୍ୱର ସବୁଠୁ ଗରିବ ୫୦% ଲୋକଙ୍କଠୁ ଅଧିକ ସମ୍ପତ୍ତି ରହିଛି। ଡାଭୋସ୍ରେ ହେବାକୁ ଥିବା ବିଶ୍ୱ ଅର୍ଥନୈତିକ ମଞ୍ଚ (ଡବ୍ଲ୍ୟୁଇଏଫ୍) ବୈଠକ ପୂର୍ବରୁ ଜାରି ହୋଇଥିବା ରିପୋର୍ଟରେ ଏହା ଉଲ୍ଲେଖ କରାଯାଇଛି। ଏଥିସହିତ ବିଶ୍ୱରେ ବଢି ଚ଼ାଲିଥିବା ଆର୍ଥିକ ଅସମାନତା ଉପରେ ଏବେ ନୂଆ ତର୍କ ଆରମ୍ଭ ହେବାକୁ ଯାଉଛି।

ଅକ୍ସଫାମ୍ ଅନୁସାରେ, ୨୦୨୫ରେ ବିଶ୍ୱରେ ଅରବପତିଙ୍କ ମୋଟ ସମ୍ପତ୍ତି ୧୬.୨% ବଢି ୧୮.୩ ଟ୍ରିଲିୟନ ଡଲାର ହୋଇଯାଇଛି। ଏହାର ଏକ ବଡ କାରଣ ହେଉଛି, ଆମେରିକା ସମେତ ଅନେକ ଦେଶରେ ଏଭଳି ନୀତି ଅଣାଯାଉଛି, ଯାହାଦ୍ୱାରା ବଡ ବଡ ଅରବପତି ଏବଂ ନିବେଶକଙ୍କୁ ଫାଇଦା ମିଳୁଛି। ରିପୋର୍ଟ ଅନୁସାରେ, କୋହଳ ନିୟମ ଏବଂ କମ୍ପାନି ଟିକସ ସହ ଜଡିତ ବୁଝାମଣାକୁ ଦୁର୍ବଳ କରିବାର ପ୍ରୟାସର ସିଧା ଲାଭ ଧନୀଙ୍କୁ ମିଳୁଛି। ରିପୋର୍ଟରେ ପ୍ରଥମ ଥର କୁହାଯାଇଛି ଯେ, ବିଶ୍ୱରେ ଅରବପତିଙ୍କ ସଂଖ୍ୟା ୩,୦୦୦ ପାର୍ କରିଯାଇଛି। ଏଥିରେ ସବୁଠାରୁ ଉପରେ ରହିଛନ୍ତି ଟେସ୍ଲା ଏବଂ ସ୍ପେସ୍ଏକ୍ସର ମୁଖ୍ୟ ଏଲନ୍ ମସ୍କ। ଅକ୍ସଫାମ୍ ଦାବି କରିଛି ଯେ, ଶ୍ରେଷ୍ଠ ୧୨ ଅରବପତିଙ୍କ ପାଖରେ ଥିବା ସମ୍ପତ୍ତି ବିଶ୍ୱର ସବୁଠାରୁ ଗରିବ ୫୦% ଅର୍ଥାତ୍ ୪୦୦ କୋଟି ଲୋକଙ୍କ ମୋଟ ସମ୍ପତ୍ତିଠାରୁ ଅଧିକ। ଏହି ରିପୋର୍ଟ ବିଶ୍ୱ ଆର୍ଥିକ ଅସନ୍ତୁଳନର ଗମ୍ଭୀର ଛବି ଉପସ୍ଥାପନ କରୁଛି।

ଅକ୍ସଫାମ୍ ଚେତାବନୀ ଦେଇଛି ଯେ, ଅରବପତିଙ୍କ ସମ୍ପତ୍ତିରେ ଏହି ବୃଦ୍ଧି ଏବେ କେବଳ ଆର୍ଥିକ ପ୍ରସଙ୍ଗ ହୋଇ ରହିନାହିଁ। ଧନୀମାନେ ରାଜନୈତିକସ୍ତରରେ ଅଧିକ କ୍ଷମତାଶାଳୀ ହେଉଛନ୍ତି। ରିପୋର୍ଟରେ କୁହାଯାଇଛି ଯେ, ଅଧିକାଂଶ ଅରବପତି ଗଣମାଧ୍ୟମ ଏବଂ ଜନମତକୁ ପ୍ରଭାବିତ କରିବାରେ ବଡ ଭୂମିକା ଗ୍ରହଣ କରୁଛନ୍ତି। ଉଦାହରଣସ୍ୱରୂପ, ଏଲନ୍ ମସ୍କଙ୍କ ଦ୍ୱାରା ସୋସିଆଲ ମିଡିଆ ପ୍ଲାଟ୍ଫର୍ମ 'ଏକ୍ସ'ର ଅଧିଗ୍ରହଣ ଏବଂ ଜେଫ୍ ବେଜୋସ୍ଙ୍କ ଦ୍ୱାରା ଏକ ପ୍ରମୁଖ ଖବରକାଗଜର ଅଧିଗ୍ରହଣ। ଟଙ୍କା ବଳରେ ଅରବପତିମାନେ ଗଣମାଧ୍ୟମ ଏବଂ ଜନମତକୁ ପ୍ରଭାବିତ କରୁଛନ୍ତି। ଅକ୍ସଫାମର କହିବାନୁସାରେ, ଏହାଦ୍ୱାରା ଲୋକତାନ୍ତ୍ରିକ ପ୍ରକ୍ରିୟା ପ୍ରତି ବିପଦ ବଢୁଛି। ଅକ୍ସଫାମ୍ ଇଣ୍ଟରନ୍ୟାସନାଲର ପ୍ରମୁଖ ଅମିତାଭ ବେହେର କୁହନ୍ତି, ଧନୀ ଏବଂ ଅବଶିଷ୍ଟ ସମାଜ ମଧ୍ୟମରେ ବଢୁଥିବା ପ୍ରଭେଦ ଏକ ଭୟଙ୍କର ରାଜନୈତିକ ଅଭାବ ସୃଷ୍ଟି କରୁଛି। ରିପୋର୍ଟରେ ଆମେରିକା ଦ୍ୱାରା ବିଶ୍ୱର ସର୍ବନିମ୍ନ କମ୍ପାନି ଟିକସଠାରୁ ଜଡିତ ବ୍ୟବସ୍ଥାରୁ ନିଜକୁ ଦୂରେଇ ରଖାଯିବା ପ୍ରସଙ୍ଗ ଉପରେ ଆଲୋଚ଼ନା କରାଯାଇଛି। ଅକ୍ସଫାମର କହିବାନୁସାରେ, ଏହାଦ୍ୱାରା ସ୍ପଷ୍ଟ ହେଉଛି ଯେ, ଅନେକ ସରକାର ବର୍ଦ୍ଧିତ ଅସମାନତାର ନିୟନ୍ତ୍ରଣରେ ବିଫଳ ହେଉଛନ୍ତି।

ଅକ୍ସଫାର୍ମ ଏହାର ରିପୋର୍ଟରେ ସମସ୍ତ ଶ୍ରେଷ୍ଠ-୧୨ ଅରବପତିଙ୍କ ସୂଚ଼ୀ ଦେବା ପରିବର୍ତ୍ତେ ବ୍ୟବସ୍ଥା ଉପରେ ଧ୍ୟାନକେନ୍ଦ୍ରିତ କରିଛି। ସଂଗଠନର କହିବାନୁସାରେ, ଅସଲି ସମସ୍ୟା ହେଉଛି ଉକ୍ତ ସିଷ୍ଟମ, ଯାହା ଅତି ଧନୀଙ୍କୁ ନୀତି ଏବଂ ନିୟମକୁ ନିଜ ଆଡକୁ ମୋଡିବାର କ୍ଷମତା ଦେଉଛି। ରିପୋର୍ଟରେ କୁହାଯାଇଛି ଯେ, ଯଦି ଏ ଧାରା ଜାରି ରୁହେ ତେବେ ଲୋକତାନ୍ତ୍ରିକ ସ୍ୱତନ୍ତ୍ରତା ଏବଂ ସାଧାରଣ ଲୋକଙ୍କ ଅଧିକାରୀ ଉପରେ ଗଭୀର ପ୍ରଭାବ ପଡିପାରେ। ଅତିଧନୀଙ୍କ ଉପରେ ମୋଟା ଟିକସ ଲଦି ସମସ୍ୟାର କିଛି ମାତ୍ରାରେ ସମାଧାନ ହୋଇପାରେ ବୋଲି ଏହା ପରାମର୍ଶ ଦେଇଛି।

## ଜାତୀୟ ରାଜପଥରେ ଏମିନିଟି ସେଣ୍ଟର ପାଇଁ ଦାବି

**ଜୟପୁର: ଏକ୍ସପ୍ରେସ ନ୍ୟୁଜ୍**

ଜୟପୁର ବ୍ଲକ ଠାରୁ ବୋରିଗୁମ୍ମା ବ୍ଲକ ମଧ୍ୟରେ ଜାତୀୟ ରାଜପଥ କଡରେ ଏମିନିଟି ସେଣ୍ଟର କରିବା ପାଇଁ ବିଧାୟକ ତାରାପ୍ରସାଦ ବାହିନୀପତି ଦାବି କରିଛନ୍ତି। ଜାତୀୟ ରାଜପଥ କଡରେ ପଥପାର୍ଶ୍ୱ ସୁବିଧା କେନ୍ଦ୍ର ଅର୍ଥାତ ଏମିନିଟି ସେଣ୍ଟର ନିର୍ମାଣ କରାଗଲେ ଦୂର ଦୂରାନ୍ତରୁ ଆସୁଥିବା ଡ୍ରାଇଭରମାନେ ରାତ୍ରୀ ଯାପନ କରିବା ସହ ଅନ୍ୟ ଗାଡି ଚ଼ାଳକମାନେ ଆରାମର ସୁବିଧା ପାଇପାରିବେ। ଏହି ସେଣ୍ଟରରେ ରିଫ୍ରେସମେଣ୍ଟ ନିମନ୍ତେ ଜଳପାନ ସହିତ ୱାଇଫାଇ ର ବ୍ୟବସ୍ଥା କରିବାକୁ ମଧ୍ୟ ଦାବି କରିଛନ୍ତି। ବିଧାୟକ ଏନେଇ ଜୟପୁର ମଣ୍ଡଳ ରାସ୍ତା ଓ ଗୃହ ନିର୍ମାଣ ବିଭାଗ ଓ ରାଜପଥ ଅଧିକ୍ଷଣ ଯନ୍ତ୍ରୀଙ୍କୁ ଲିଖିତ ଭାବେ ଜଣାଇଛନ୍ତି।

## ବ୍ରାଉନସୁଗାର ଜବତ, ୨ ଗିରଫ

**ଜୟପୁର: ଏକ୍ସପ୍ରେସ ନ୍ୟୁଜ୍**

ଜୟପୁର ଟାଉନ ଥାନା ଅନ୍ତର୍ଗତ ଖ୍ରୀଷ୍ଟିଆନ ପେଟା ବୁରିଆଲ ଖେଳ ପଡିଆ ନିକଟରୁ ୨ଜଣ ଯୁବକକୁ ଗିରଫ କରି ସେମାନଙ୍କ ଠାରୁ ୨ଗ୍ରାମ ୮୩୦ ମିଲିଗ୍ରାମ ବ୍ରାଉନସୁଗାର ଜବତ କରିଛି ଟାଉନ ପୁଲିସ। ରାତିରେ ଟାଉନ ପୁଲିସ ଖ୍ରୀଷ୍ଟିଆନ ପେଟା ଅଞ୍ଚଳରେ ବ୍ରାଉନସୁଗର କାରବାର ଚ଼ାଲୁଥିବା ଖବର ପାଇଁ ପେଟ୍ରୋଲିଂରେ ଯାଇଥିଲେ। ଖ୍ରୀଷ୍ଟିଆନ ପେଟା ନିକଟସ୍ଥ ବୁରିଆଲ ଖେଳ ପଡିଆରେ ଦୁଇଜଣ ଯୁବକ ଖ୍ରୀଷ୍ଟିଆନ ପେଟା ଅଞ୍ଚଳର ସଞ୍ଜିବ କୁମାର ନାୟକ(୪୦) ଓ ଇରିଗେସନ କଲୋନୀର ଖୋଗେନ ତନ୍ତି(୧୯) ବ୍ରାଉନସୁଗାରକୁ ଚ଼ିଟ ମାଧ୍ୟମରେ ପୁଡିଆ କରି ସହରରେ ବିକ୍ରି କରିବାକୁ ଯୋଜନା କରୁଥିବା ସମୟରେ ଟାଉନ ପୁଲିସ ଅତର୍କିତ ଭାବେ ଚ଼ଢାଉ କରିଥିଲା। ଚ଼ଢାଉ ବେଳେ ୨ଜଣଙ୍କ ଠାରୁ ୨ଟି ମୋବାଇଲ ଜବତ କରିଥିଲା। ଅପରାଧୀମାନେ ବାହାର ରାଜ୍ୟରୁ ବ୍ରାଉନସୁଗାର ଆଣି ବିଭିନ୍ନ ଅଞ୍ଚଳରେ ବିକ୍ରି କରୁଥିବା ନେଇ ଟାଉନଥାନା ଅଧିକାରୀ ଉଲ୍ଲାସ ରାଉତ ସୂଚ଼ନା ଦେଇଛି।

ଏସପି ରୋହିତ ବର୍ମାଙ୍କ ନିର୍ଦ୍ଦେଶକ୍ରମେ ଏସଡିପିଓ ପାର୍ଥ କଶ୍ୟପଙ୍କ ତତ୍ତ୍ୱାବଧାନରେ ଟାଉନ ପୁଲିସ ପକ୍ଷରୁ ବର୍ତ୍ତମାନ ସହରରେ ଚୋରି ଡକାୟତି ଉପରେ ନଜର ରଖାଯାଇଛି। ଚୋରଙ୍କୁ ଟାର୍ଗେଟ୍ କରି ପୁଲିସ ନୂଆ ନୂଆ କୌଶଳ ଆପଣାଉଛନ୍ତି। ଯାହା ଫଳରେ ପୁଲିସକୁ ଚୋର ଧରିବା ସହଜ ସାଧ୍ୟ ହେଉଛି।

ଗୋଟିଏ ପଟେ ଟାଉନ ପୁଲିସ ୨ ବ୍ରାଉନସୁଗାର ମାଫିଆଙ୍କୁ ଧରି ବାଃ ବାଃ ନେବା ପାଇଁ ଚେଷ୍ଟା କରୁଥିବା ବେଳେ ୟେଲୋ ବ୍ରିଜ, ଜାଭିୟର ସ୍କୁଲ ନିକଟସ୍ଥ ପଡିଆ, ହାନାଗୁଡା ପଡିଆ, ଲିଙ୍ଗରାଜନଗର ପଡିଆ, ପାରାବେଡା ତଳ ଅଞ୍ଚଳ ଭଳି ଅନେକ ଖୋଲା ସ୍ଥାନରେ ଓ ବସ୍ତି ଅଞ୍ଚଳରେ ଖୁଲମଖୁଲା ନିଶା ସାମଗ୍ରି ବିକ୍ରି ହେଉଛି। ନିଶାଖୋରମାନେ ବ୍ରାଉନସୁଗାର, ଗଞ୍ଜେଇ, ଅଫିମ ସହ ନିଶା ବଟିକା ଏବଂ ଇଞ୍ଜେକସନ ନେଇ ଜୟପୁର ବାସୀଙ୍କ ଠାରୁ ଲୁଟପାଟ କରୁଛନ୍ତି। ଏଣୁ ପେଟ୍ରୋଲିଂକୁ କଡାକଡି କରିବା ସହ ଉକ୍ତ ସ୍ଥାନମାନଙ୍କରେ ସାଦା ପୋଷାକଧାରୀ ପୁଲିସ ମୁତୟନ କରିବାର ଆବଶ୍ୟକ ରହିଛି। ନିଶା କାରବାର ଉପରେ ରୋକ ଲଗାଇବା ପାଇଁ ପୁଲିସ ଅନେକ ପଦକ୍ଷେପ ଗ୍ରହଣ କରୁଛି। କିନ୍ତୁ ଅସାଧୁ ପୁଲିସ ମିଶା ମାଫିଆଙ୍କ ସହ ସମ୍ପର୍କ ରଖିଥିବା ବେଳେ କୋରାପୁଟ୍ ଏସପି ସେମାନଙ୍କ ଉପରେ ନଜର ରଖି ପଦକ୍ଷେପ ଗ୍ରହଣ କରିବାକୁ ଦାବି ହେଉଛି।

## ବିବାହକୁ ନେଇ ମୁହଁ ଖୋଲିଲେ ରଶ୍ମିକା

### ସିନେମାଫିନେମା ଟିଭିଫିବି

ବିବାହ ଗୁଜବକୁ ନେଇ ଦୀର୍ଘ ଦିନ ହେଲା ଚ଼ର୍ଚ୍ଚାରେ ରହିଛନ୍ତି ରଶ୍ମିକା ମନ୍ଦାନା ଓ ବିଜୟ ଦେବରକୋଣ୍ଡା। ଆସନ୍ତା ଫେବ୍ରୁଆରୀ ୨୬ରେ ଉଦୟପୁରରେ ଉଭୟ ବିବାହ କରିବେ ବୋଲି ଗଣମାଧ୍ୟମରେ ଚ଼ର୍ଚ୍ଚା। ଗତ ଅକ୍ଟୋବରରେ ଉଭୟଙ୍କର ନିର୍ବନ୍ଧ ହୋଇଥିବା ରିପୋର୍ଟ ମଧ୍ୟ ଆସିଥିଲା। ସଦ୍ୟ ସାକ୍ଷାତକାରରେ ରଶ୍ମିକା ଏ ବିଷୟରେ ଆଲୋଚ଼ନା କରିଛନ୍ତି। ଆସନ୍ତା ମାସ ବିବାହ ବିଷୟରେ ସେ କହିଛନ୍ତି, ଗତ ୪ ବର୍ଷ ତଳେ ତାଙ୍କ ବିବାହ ଗୁଜବ ଉଠିଥିଲା। ଲୋକେ ଏବେ ବି ସମାନ ପ୍ରଶ୍ନ ପଚ଼ାରି ଚ଼ାଲିଛନ୍ତି। ଉତ୍ତର ଶୁଣିବାକୁ ଅପେକ୍ଷା କରିଛନ୍ତି। କିନ୍ତୁ ସତ କଥା ହେଉଛି, ଏ ବିଷୟରେ କହିବାର ସମୟ ଆସିଲେ, ମୁଁ ନିଶ୍ଚୟ କହିବି। କ୍ୟାମେରା ସାମ୍ନାରେ ଏ ବିଷୟରେ ଆଲୋଚ଼ନା କରିବାରେ ସହଜ ନୁହନ୍ତି ବୋଲି ସେ କହିଛନ୍ତି।

ସୂଚ଼ନାଯୋଗ୍ୟ, ନିକଟରେ ରୋମରେ ରଶ୍ମିକା ଓ ବିଜୟଙ୍କ ନିର୍ବନ୍ଧ ହୋଇଥିଲା। କିନ୍ତୁ ଉଭୟଙ୍କ ମଧ୍ୟରୁ କେହି ଏ ବିଷୟରେ ମୁହଁ ଖୋଲିଲେ ନାହିଁ। ତେବେ କାର୍ଯ୍ୟକ୍ରମର ଫଟୋରୁ



ଫ୍ୟାନ୍ ଉଭୟଙ୍କ ନିର୍ବନ୍ଧ ବିଷୟରେ ଅନୁମାନ କଲେ। ରିପୋର୍ଟ ଅନୁସାରେ, ଆସନ୍ତା ଫେବ୍ରୁଆରୀ ୨୬ରେ ଉଦୟପୁର ମହଲରେ ରଶ୍ମିକା-ବିଜୟଙ୍କର ହାତଗଣ୍ଠି ପଡିବ। କେବଳ ପରିବାର ଓ ଘନିଷ୍ଠ ବ୍ୟକ୍ତି ବିବାହରେ ସାମିଲ ହେବେ। ରଶ୍ମିକା-ବିଜୟ 'ଗୀତା ଗୋବିନ୍ଦମ୍', 'ଡିୟର କମ୍ରେଡ୍' ଫିଲ୍ମରେ ଏକାଠି କାମ କରିଥିଲେ। ରାହୁଲ ସଂକ୍ରିତ୍ୟାନଙ୍କ ଆଗାମୀ ଫିଲ୍ମରେ ଉଭୟ ସ୍କ୍ରିନ୍ ଶେୟାର କରିପାରନ୍ତି।

# ସରକାରୀ ଓ ଘରୋଇ ବସ୍‌ରେ ଦିବ୍ୟାଙ୍ଗଙ୍କୁ ମିଳୁନି ଯାତାୟାତ ସୁବିଧା

**୨୦।୧ : ଏକ୍ସପ୍ରେସ୍ ନ୍ୟୁଜ୍**



ଦିବ୍ୟାଙ୍ଗମାନଙ୍କୁ ମୁଖ୍ୟ ସ୍ରୋତରେ ସାମିଲ କରିବା ନେଇ ସରକାର ବିଭନ୍ନ ଯୋଜନା କରୁଛନ୍ତି । ଏହି ଯୋଜନାକୁ ଫଳପ୍ରଦ କରିବା ପାଇଁ ପ୍ରଚାର ଓ ପ୍ରସାର କରୁଛନ୍ତି । ହେଲେ ବାସ୍ତବରେ ତାହା କାର୍ଯ୍ୟରେ ପରିଣତ ହେଉ ନ ଥିବା ଦେଖିବାକୁ ମିଳିଛି । ଯାହାକି ବାରମ୍ବାର ପ୍ରଶାସନ ନିକଟରେ ଅଭିଯୋଗ କଲେ ମଧ୍ୟ କିଛି ସୁଫଳ ମିଳୁ ନ ଥିବାରୁ ଦିବ୍ୟାଙ୍ଗମାନଙ୍କ ମଧ୍ୟରେ ଘୋର ଅସନ୍ତୋଷ ପ୍ରକାଶ ପାଇଛି । ବିଶେଷ କରି ଦିବ୍ୟାଙ୍ଗମାନଙ୍କ ଯାତାୟାତ ପାଇଁ ବହୁ ଯୋଜନା କରାଯାଇଛି ହେଲେ ସରକାର ଓ ଘରୋଇ ବସ୍‌ରେ ସେମାନଙ୍କୁ ଗାଡିରେ ଚଢ଼ାଇ ନ ଦେବା ଦେଖିବାକୁ ମିଳିଛି ଯାଜପୁର ଜିଲାରେ । ଯାଜପୁର ଜିଲା ଦେଇ ଜାତୀୟ ରାଜପଥରେ ବିଭିନ୍ନ ସ୍ଥାନକୁ ଯାତାୟାତ ପାଇଁ ବସର ସବିଧା ରହିଛି । ଉଭୟ ବସମାନଙ୍କରେ ସେମାନଙ୍କୁ ସହଯୋଗ ନକରିବା ବଦଳରେ ସେମାନଙ୍କ ବିଭିନ୍ନ କାରଣ ଦର୍ଶାଇ ସେମାନଙ୍କୁ ବସରେ ନେଉ ନ ଥିବା ନେଇ ଆଜି ଧର୍ମଶାଳା ବ୍ଲକ କାର୍ଯ୍ୟାଳୟ ପ୍ରକୋଷ୍ଠରେ ଜିଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିରରେ ଜିଲା ଦିବ୍ୟାଙ୍ଗ କମିଟି ପକ୍ଷରୁ ଅଭିଯୋଗ କରାଯାଇଛି । ଅଭିଯୋଗ ମୁତବାକୁ ରସୁଲପୁର ବ୍ଲକ ବ୍ରହ୍ମବରଦା ଠାରେ ଜିଲା ସ୍ତରୀୟ ପାରା ଆଥଲେଟିକ୍ସ ମିଟରେ ରାଜ୍ୟର ବିଭିନ୍ନ ସ୍ଥାନରୁ ଖେଳାଳି ଯୋଗ ଦେଇଥିଲେ । କାର୍ଯ୍ୟକ୍ରମ ଶେଷ କରି ଫେରିବା ସମୟରେ ଜାରକା ବସ୍ ଷ୍ଟାଣ୍ଡରେ ଅପେକ୍ଷା ପାରା କ୍ରୀଡାବିତଙ୍କୁ କୌଣସି ବସ୍ ନେବା ପାଇଁ ସ୍ପଷ୍ଟ ଭାବେ ମନା କରି ଦେଇଥିଲେ । ହୁଇଲ ଚେୟାର ଦିବ୍ୟାଙ୍ଗମାନଙ୍କୁ ଦେଖି ବସ ଭିତରକୁ ପ୍ରବଶେ ନିଷେଦ କରିଥିଲେ କର୍ମଚାରୀ । ଯାହାକୁ ନେଇ କ୍ରୀଡାବିତ୍‌ମାନେ ଘଣ୍ଟା ଘଣ୍ଟା ଅପେକ୍ଷା କରି ନିରାଶ ହେବା ପରେ ଏନେଇ କ୍ରୀଡାବିତମାନେ ଜିଲା ପାରା ସ୍ପୋର୍ଟ୍ସ ଆସୋସିଏସନ ସଭାପତି ମଂଟୁ ଦାସଙ୍କ ସହ ଯୋଗାଯୋଗ କରିଥିଲେ । ଏନେଇ ସଭାପତି ଯାଜପୁର ରୋଡ ଏସଡିପିଓ ଶରତ ଚନ୍ଦ୍ର ପାତ୍ରଙ୍କୁ ଘଟଣା ସମ୍ପର୍କରେ ଜଣାଇଥିଲେ । ଶ୍ରୀ ପାତ୍ରଙ୍କ ନିର୍ଦ୍ଦେଶକ୍ରମେ ଜାରକା ପୁଲିସ ପାରା କ୍ରୀଡାବିତମାନଙ୍କୁ ବସରେ ବସାଇବାର ବ୍ୟବସ୍ଥା କରିଥିଲେ । ଏହି ଘଟଣାକୁ ନେଇ ଜିଲାପାଳ ଅମ୍ବର କୁମାର କର ଚଣ୍ଡିଖୋଲ ଆଞ୍ଚଳିକ ପରିବହନ ଅଧିକାରୀଙ୍କୁ ଘଟଣାର ତଦନ୍ତ ସହ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ନିର୍ଦ୍ଦେଶ ଦେଇଥିଲେ ।

## ଆଜିର ରାଶିଫଳ

| ତାରିଖ | ବୁଧବାର– ତୃତୀୟା |
|---|---|
| ୨୧.୧.୨୦୨୬ | ନକ୍ଷତ୍ର– ଧନିଷ୍ଠା, ମକରଚନ୍ଦ୍ର |



| | |
|---|---|
| ମେଷ | : ବନ୍ଧୁଙ୍କ ସାହାଯ୍ୟ ପାଇବେ । |
| ବୃଷ | : ଆତ୍ମୀୟତା ବୃଦ୍ଧି ପାଇବ । |
| ମିଥୁନ | : ଖୁସି ଖବର ପ୍ରାପ୍ତ ହେବେ । |
| କର୍କଟ | : ଅପମାନ ଯୋଗ ରହିଛି । |
| ସିଂହ | : ହସଖୁସିରେ ଦିନଟି କଟିବ । |
| କନ୍ୟା | : ଆୟ ଅପେକ୍ଷା ବ୍ୟୟ ବୃଦ୍ଧି ପାଇବ । |
| ତୁଳା | : ବନ୍ଧୁଲାଭ ହେବେ । |
| ବିଛା | : କଳହ ଯୋଗ ରହିଛି । |
| ଧନୁ | : ସ୍ୱାସ୍ଥ୍ୟରେ ଉନ୍ନତି ହେବ । |
| ମକର | : ସମ୍ମାନିତ ହେବେ । |
| କୁମ୍ଭ | : ଆର୍ଥିକ ଲାଭ ପାଇବେ । |
| ମୀନ | : ଅସୁସ୍ଥତା କଷ୍ଟ ଦେବ । |

## ବିବାହ ପ୍ରତିଶ୍ରୁତି ଦେଇ ମହିଳାଙ୍କୁ ଦୁଷ୍କର୍ମ

**ନିଆଳି, ୨୦।୧ : ଏକ୍ସପ୍ରେସ୍ ନ୍ୟୁଜ୍**

ନିଆଳି ଥାନାରେ ଦୁଇ ଦିନ ହେଲା ଲାଗି ରହିଥିଲା ଚର୍ଚ୍ଚା। ଘରେ ବିବାହିତା ସ୍ତ୍ରୀ ଥାଉ ଥାଉ ଅନ୍ୟ ଏକ ଝିଅକୁ ବିବାହର ପ୍ରତିଶ୍ରୁତି ଦେଇ ଶାରୀରିକ ସମ୍ପର୍କ ରଖିଲା । ଝିଅ ବିବାହ କରିବାକୁ ଜିଦ କରି ବସିଲା । ହେଲେ ବିବାହ କରିବାକୁ ରୋକଠୋକ ମନା କଲା ଯୁବକ । ଯୁବତୀଙ୍କ ଅଭିଯୋଗ ଆଧାରରେ ଜେଲ ଗଲା ଯୁବକ । ସୂଚନା ମୁତାବକ ନିଆଳି ଥାନା ଅଧିନସ୍ତ ନୂଆଗାଁ ମଝି ଖଣ୍ଡ ଗ୍ରାମର କରିସ୍ମା ବେଗମ (୩୨)କୁ ପୁରୀ ଜିଲ୍ଲା କାକଟପୁର ଥାନା ଅଧିନସ୍ତ ରସଲପୁର ଗ୍ରାମର ସହିଦ ମନୁଆର ଅଲ୍ଲୀ (୩୪) ବିବାହିତ ହୋଇ ମଧ୍ୟ କରିସ୍ମାକୁ ବିବାହ ପ୍ରତିଶ୍ରୁତି ଦେଇ ବିଭିନ୍ନ ଆଡେ ବୁଲାଇବା ସହ ଶାରୀରିକ ସମ୍ପର୍କ ରଖି ବିବାହ କରିବାକୁ ମନା କରିଦେଇଥିଲେ । କରିସ୍ମା ନିଆଳି ଥାନାରେ ଲିଖିତ ଅଭିଯୋଗ କରିବା ପରେ ନିଆଳି ଥାନା ପୋଲିସ ୩୦/୨୬ ରେ ମାମଲା ରୁଜୁ କରି ସହିଦ ମନୁଆର ଅଲ୍ଲୀକୁ କୋର୍ଟ ଚାଲାଣ କରିଛି । ପୂର୍ବରୁ ମଧ୍ୟ ଉକ୍ତ ଘଟଣାରେ କାକଟପୁର ପୋଲିସ ସହିଦ ଅଲ୍ଲୀକୁ ଗିରଫ କରି କୋର୍ଟ ଚାଲାଣ କରିଥିଲା । ନିଆଳି ଥାନା ଅଧିକାରୀ ଦିଲ୍ଲୀପ କୁମାର କାଣ୍ଡି ସୂଚନା ଦେଇଛନ୍ତି ।

## କେନାଲରୁ ଯୁବକଙ୍କ ମୃତଦେହ ଉଦ୍ଧାର

**ବୁଗୁଡ଼ା, ୨୦।୧ : ଏକ୍ସପ୍ରେସ୍ ନ୍ୟୁଜ୍**

ବୁଗୁଡ଼ା ଥାନା ଅନ୍ତର୍ଗତ କୁଶପଲ୍ଲୀ ଗ୍ରାମ ନିକଟସ୍ଥ ଜାମୁ ଗଳେଇ କେନାଲରୁ ଜନୈକ ଯୁବକଙ୍କ ମୃତଦେହକୁ ଉଦ୍ଧାର କରାଯାଇଥିବା ଜଣାଯାଇଛି । ମୃତ ଯୁବକ ଜଣକ ହେଲେ ପୋଲସରା ଥାନା ଅନ୍ତର୍ଗତ ଚିରିକିପଡା ଶାସନ ଗ୍ରାମର ଅରୁଣ ସାହୁ (୪୩) । ଏ ନେଇ କେସ୍ ନଂ ୫/୨୬ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଥିବା ଆଇଆଇସି ସୀତାଂଶୁ ଶେଖର ମାନ୍ଧାତାଙ୍କଠାରୁ ପ୍ରକାଶ ପାଇଛି । ପ୍ରକାଶ ଯେ, ଗତକାଲି ସନ୍ଧ୍ୟା ସାତଟାରେ ଅରୁଣ ଘରୁ ବାହାରି ଆଉ ଫେରି ନଥିଲେ । ତେବେ ଖୋଜାଖୋଜି କରିବା ବେଳେ ସୋମବାର ଅପରାହ୍ନରେ କେନାଲ ପାଣିରେ ଅରୁଣଙ୍କ ଭାସମାନ ଶବ ଦେଖିବାକୁ ମିଳିଥିଲା । ଏ ନେଇ ଖବର ପାଇବା ପରେ ସେଠାରେ ପୋଲିସ ପହଞ୍ଚି ଦମକଳବାହିନୀ ସହାୟତାରେ ଶବକୁ ଉଦ୍ଧାର କରାଯାଇଥିଲା । ପୋଲିସ ଶବକୁ ଜବତ କରି ଘଟଣାର ତଦନ୍ତ କରୁଥିବା ଜଣାଯାଇଛି ।

### କାଳିକା ପ୍ରସାଦ ପ୍ରାଥମିକ ବିଦ୍ୟାଳୟ ଅଚଳାବସ୍ଥା ଘଟଣା

## ଖବର ପ୍ରକାଶନ ପରେ ପ୍ରଧାନଶିକ୍ଷକ କାର୍ଯ୍ୟରୁ ନିଲମ୍ବିତ

**ହିନ୍ଦୋଳ, ୨୦।୧ : ଏକ୍ସପ୍ରେସ୍ ନ୍ୟୁଜ୍**

ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ବ୍ଲକ ପାଟଲା କାଳିକା ପ୍ରସାଦ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ତ୍ରିନାଥ ବିଶ୍ୱାଳଙ୍କ ଦାୟିତ୍ୱହୀନତା ଯୋଗୁଁ



ବିଦ୍ୟାଳୟରେ ଛାତ୍ରଛାତ୍ରୀଙ୍କ ଶିକ୍ଷାଦାନ କ୍ଷେତ୍ରରେ ଘୋର ଅବ୍ୟବସ୍ଥା ଲାଗି ରହିଥିଲା । ବିଳମ୍ବରେ ବିଦ୍ୟାଳୟକୁ ଆସିବା, ଶିକ୍ଷାଦାନ ବଦଳରେ ଶ୍ରେଣୀ କକ୍ଷ ଓ କାର୍ଯ୍ୟାଳୟ ମଧ୍ୟରେ ଶୋଇବା ଏପରିକି ସ୍କୁଲ ବାରଣ୍ଡା ଏପରିକି ଚଉପାରିରେ ଶୋଇବା ଭଳି ଘଟଣା ତାଙ୍କୁ ବିବାଦ ମଧ୍ୟକୁ ଟାଣି ନେଇଥିଲା । ବିଦ୍ୟାଳୟ ଛାତ୍ର ଅଭିଭାବକ କମିଟିର କେତେକ ସଭ୍ୟସଭ୍ୟା, ଅଭିଭାବକ ଅଭିଭାବିକା ତାଙ୍କୁ ନିଜେ ଠିକ୍ ବାଟରେ ପରିଚାଳିତ ହେବା ପାଇଁ ସର୍ବଦା ଚେତାଇ ଦେଇ ଆସୁଥିଲେ । ଏଥିରେ ପ୍ରଧାନଶିକ୍ଷକ ଶ୍ରୀ ବିଶ୍ୱାଳଙ୍କର କୌଣସି ପରିବର୍ତ୍ତନ ନହେବାରୁ ସମସ୍ତ ଅଭିଭାବକ ଅଭିଭାବିକା ଗତ ବର୍ଷ ଡିସେମ୍ବର ମାସରେ ଓ ଚଳିତ ବର୍ଷର ପ୍ରଥମ ଭାଗରେ ହିନ୍ଦୋଳ ବିଇଓଙ୍କୁ ଲିଖିତ ଅଭିଯୋଗ ଦେବା ସହ ତାଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବାଧ ହୋଇଥିଲେଛ ସମସ୍ତ ଅଭିଯୋଗ ଓ ପ୍ରମାଣଙ୍କୁ ଭିତି କରି ବିଇଓ ଗତ ୧୬ ତାରିଖ ଦିନ କାର୍ଯ୍ୟାଳୟ ପତ୍ର ସଂଖ୍ୟା ୧୧୯ରେ ସଂପୃକ୍ତ ପ୍ରଧାନଶିକ୍ଷକଙ୍କୁ କାର୍ଯ୍ୟରୁ ନିଲମ୍ବନ ଆଦେଶ ଦେଇ ଥିବା ଜଣାଯାଇଛି । ଉକ୍ତ ଚିଠିରେ ନିଲମ୍ବିତ ପ୍ରଧାନ ଶିକ୍ଷକ ୬ ମାସ ଧରି ଅଧା ଦରମାରେ ବିଇଓଙ୍କ କାର୍ଯ୍ୟାଳୟରେ ପ୍ରତ୍ୟହ ଉପସ୍ଥିତ ରହି କାର୍ଯ୍ୟ କରିବାକୁ ନିର୍ଦ୍ଦେଶ ରହିଛି । କାର୍ଯ୍ୟାଳୟ ପକ୍ଷରୁ ପରବର୍ତ୍ତୀ ନିର୍ଦ୍ଦେଶ ନାମା (ଚିଠି) ଜାରି କରା ନଯିବା ପର୍ଯ୍ୟନ୍ତ ସେ ନିୟମିତ କାର୍ଯ୍ୟାଳୟରେ ଉପସ୍ଥିତ ରହିବାକୁ ଚିଠିରେ ଜଣେଇ ଦିଆଯାଇଛି ।

# ଛାତ୍ରଙ୍କୁ ମାଡ ମାରି ଲହୁଲୁହାଣ କଲେ ପ୍ରଧାନ ଶିକ୍ଷକ

**ବ୍ରହ୍ମପୁର, ୨୦।୧**
**ଏକ୍ସପ୍ରେସ୍ ନ୍ୟୁଜ୍**

ଗଞ୍ଜାମ ଜିଲ୍ଲା ହୁମ୍ମା ସ୍ଥିତ ଅନୁସୁଚିତ ଜନଜାତି ଓ ଅନୁସୁଚିତ ଜାତି ଉନ୍ନୟନ ବିଭାଗର ସରକାରି ଉଚ୍ଚ ବିଦ୍ୟାଳୟରେ ଜଣେ ନବମ ଶ୍ରେଣୀ ଛାତ୍ରଙ୍କୁ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ମାଡମାରି ଲହୁ ଲୁହାଣ କରିଦେଇଥିବା ନେଇ ଗଞ୍ଜାମ ଜିଲ୍ଲା ପ୍ରଶାସନ ନିକଟରେ ଅଭିଯୋଗ ହୋଇଛି । ମାଡ ଖାଇଥିବା ଛାତ୍ର ଜଣକ ବାଲୁଗାଁ ସାମନ୍ତରାପୁର ଗ୍ରାମର ଅନ୍ତର୍ଯ୍ୟାମୀ ବେହେରା ।



ସୂଚନା ପ୍ରକାରେ ଅନ୍ତର୍ଯ୍ୟାମୀ ବିଦ୍ୟାଳୟରେ ହେବାକୁ ଥିବା ଡ୍ୟାନ୍ସ ପ୍ରୋଗ୍ରାମ ପାଇଁ ଗତ ୧୦ ତାରିଖରେ ନିଜ ସାଙ୍ଗ ମାନଙ୍କ ସହ ମୋବାଇଲରେ ଡ୍ୟାନ୍ସ ଭିଡିଓ ଦେଖୁଥିଲେ । ଏନେଇ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅଶୋକ କୁମାର ପାଢୀ ଏବଂ କିଛି ଶିକ୍ଷକ ତାଙ୍କୁ ଏକ ବଡ଼ ବାଉଁଶରେ ମାଡ ମାରି ଲହୁଲୁହାଣ କରିଦେଇଥିଲେ । ପରେ ଛାତ୍ର ଅନ୍ତର୍ଯ୍ୟାମୀଙ୍କୁ ବିଦ୍ୟାଳୟ ପରିସରରେ ଥିବା ଅନ୍ୟ ଏକ ପ୍ରକୋଷ୍ଠରେ ରଖିଦେଇଥିଲେ । ଖବର ପାଇ ୧୬ ତାରିଖ ଦିନ ଅନ୍ତର୍ଯ୍ୟାମୀଙ୍କ ମାଉସୀ ରଜନି ବେହେରା ବିଦ୍ୟାଳୟରେ ପହଞ୍ଚି ତାଙ୍କୁ ପ୍ରଥମେ ଚିକିତ୍ସାଳୟରେ ଚିକିତ୍ସା କରାଇଥିଲେ । ଆଜି ଗଞ୍ଜାମ ଜିଲ୍ଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲ୍ଲାପାଳ ସୁନୀଲ କୁମାର କେରକେଟାଙ୍କୁ ଭେଟି ଏକ ଅଭିଯୋଗ କରିଥିଲେ । ଅନ୍ତର୍ଯ୍ୟାମୀଙ୍କ ବାପା ମାଆ ଅକ୍ଷମ ବ୍ୟକ୍ତି ହୋଇଥିବାରୁ ରଜନୀ ତାଙ୍କ ପୁତୁରାଙ୍କୁ ଗତ ଚାରିବର୍ଷ ହେଲା ଏହି ବିଦ୍ୟାଳୟ ରେ ପାଠ ପାଇବା ନିମନ୍ତେ ଜଏନ କରିଥିଲେ । ତେବେ ପ୍ରଧାନ ଶିକ୍ଷକ ତାଙ୍କ ପୁତୁରାଙ୍କୁ ଶାରୀରିକ ମାନସିକ ଯନ୍ତ୍ରଣା ଦେଇଛନ୍ତି । ଯାହାଫଳ ରେ ତାଙ୍କ ପୁତୁରା ଆହାତ ହେବା ସହିତ ଭୟଭୀତ ଅବସ୍ଥାରେ ରହିଛନ୍ତି । ପୂର୍ବରୁ ମଧ୍ୟ ବିଦ୍ୟାଳୟରେ କାର ଧୋଇବା, କ୍ଲାସରୁମ ଝାଡୁ କରିବା ଭଳି ବିଭିନ୍ନ କାର୍ଯ୍ୟରେ ଛାତ୍ରଛାତ୍ରୀମାନଙ୍କୁ ଶିକ୍ଷକମାନେ ବାଧ କରୁଥିବା ଛାତ୍ର ଅନ୍ତର୍ଯ୍ୟାମୀ ଅଭିଯୋଗ କରିଛନ୍ତି । ଏହା ସହିତ ତାଙ୍କ ଅନ୍ୟ ତିନିଜଣ ଛାତ୍ରଙ୍କୁ ମଧ୍ୟ ଏଭଳି ମାଡ଼ ମରାଯାଇଥିବା ସେ ଅଭିଯୋଗ କରିଛନ୍ତି । ଅଭିଯୋଗ ଆସିଲା ମାତ୍ରେ ଅତିରିକ୍ତ ଜିଲ୍ଲାପାଳ ସୁନୀଲ କୁମାର କେର୍କଟା ନବମ ଶ୍ରେଣୀ ଛାତ୍ର ଅନ୍ତର୍ଯ୍ୟାମୀ ଏବଂ ତାଙ୍କ ମାଉସୀଙ୍କଠାରୁ ଘଟଣା ସମ୍ପର୍କରେ ଜାଣିବା ପରେ ଏହାର ତଦନ୍ତ ନିମନ୍ତେ ଭାରପ୍ରାପ୍ତ ଜିଲ୍ଲା ମଙ୍ଗଳ ଅଧିକାରୀଙ୍କୁ ନିର୍ଦେଶ ଦେଇଛନ୍ତି । ଅନ୍ୟପଟେ ବିଦ୍ୟାଳୟକୁ ମୋବାଇଲ ମନା, ତଥାପି ଅନ୍ତର୍ଯ୍ୟାମୀ ମୋବାଇଲ ଧରି ଅନ୍ୟ ପିଲାଙ୍କ ସହ ଅଶ୍ଳୀଳ ଭିଡିଓ ଦେଖିଥିବାରୁ ମୁଁ ସେମାନଙ୍କୁ ତାଗିଦ କରିଥିଲି ବୋଲି ବିଦ୍ୟାଳୟର ପ୍ରଧାନଶିକ୍ଷକ ଅଶୋକ କୁମାର ପାଢ଼ୀ କହିଛନ୍ତି ।

## ନବବିବାହିତାଙ୍କୁ ନିର୍ଯାତନା

**ପିପିଲି, ୨୦।୧ : ଏକ୍ସପ୍ରେସ୍ ନ୍ୟୁଜ୍**

ଅଧିକ ଯୌତୁକ ଦାବିରେ ବଳଙ୍ଗା ଥାନା ଅଧୀନ ସମେଇପୁର ଗ୍ରାମରେ ଜଣେ ନବବିବାହିତାଙ୍କୁ ନିର୍ଯାତନା ଦିଆଯିବା ସହ ତାଙ୍କ ଦିବ୍ୟାଙ୍ଗ ବାପାକୁ ମାଡ଼ ମରାଯାଇଥିବା ନେଇ ଥାନାରେ ଅଭିଯୋଗ ହୋଇଛି । ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି । ସମେଇପୁର ଗ୍ରାମର ସୁକାନ୍ତ ମୁଦୁଲିଙ୍କ ସ୍ତ୍ରୀ ସସ୍ମିତା ମୁଦୁଲିଙ୍କ ଅଭିଯୋଗ ଅନୁଯାୟୀ, ବର୍ଷକ ତଳେ ବୈଦିକ ରୀତିରେ ତାଙ୍କର ବିବାହ ହୋଇଥିଲା । ସେତେବେଳେ ଶାଶୁଘର ଦାବି ମୁତାବକ ଯୌତୁକ ଦିଆଯାଇଥିଲା । ତେବେ ବିବାହର ୨ ମାସ ପରେ ସ୍ୱାମୀଙ୍କ ସମେତ ଶାଶୁଘର ଲୋକେ ଅଧିକ ଯୌତୁକ ପାଇଁ ତାଙ୍କୁ ନିର୍ଯାତନା ଦେବା ସହ ମାଡ଼ ମାରି ଘରୁ ବିଦା କରିଦେଇଥିଲେ । ଫଳରେ ସସ୍ମିତା ସେବେଠାରୁ ନିଜ ବାପଘରେ ରହୁଛନ୍ତି । ୪ଦିନ ତଳେ ସ୍ୱାମୀ, ଦିଅର ସେହି ଗ୍ରାମକୁ ଯାଇ ସସ୍ମିତା ଓ ତାଙ୍କ ବାପା କାହ୍ନୁଚରଣ ମୁଦୁଲିଙ୍କୁ ଗାଳିଗୁଲଜ କରି ମାଡ଼ ମାରିଥିଲେ ।

## ଦୁର୍ଘଟଣାଗ୍ରସ୍ତ ହେଲା ନମ୍ବର ବିହୀନ ସ୍କର୍ପିଓ

**ମୋହନା, ୨୦।୧ : ଏକ୍ସପ୍ରେସ୍ ନ୍ୟୁଜ୍**

ସୋମବାର ବିଳମ୍ବିତ ରାତିରେ ଦୁର୍ଘଟଣାଗ୍ରସ୍ତ ହେଲା ନମ୍ବର ବିହୀନ ସ୍କର୍ପିଓ ଗାଡ଼ି । ଗଜପତି ଜିଲା ମୋହନା ଥାନା ଚନ୍ଦ୍ରଗିରି ନିକଟ ଡାହାଣୀ ନାଳଠାରେ ଏହି ଦୁର୍ଘଟଣା ଘଟିଛି । ଘଟଣାସ୍ଥଳରୁ ସମସ୍ତ ଯାତ୍ରୀ ନ ଥିବା ଦେଖିବାକୁ ମିଳିଛି । ନିକଟସ୍ଥ ମେଡିକାଲ କିମ୍ବା ପୋଲିସ ଫାଣ୍ଡିରେ ଏନେଇ କୌଣସି ସୂଚନା ନ ଥିବା ଫାଣ୍ଡି ଅଧିକାରୀ କହିଛନ୍ତି । ପାରିପାର୍ଶ୍ୱିକ ସ୍ଥିତିରୁ ଅନୁଧ୍ୟାନ କଲେ ଜଣାପଡୁଛି ଦୁର୍ଘଟଣା ପରେ ଗାଡ଼ିର ନମ୍ବର ବାହାର କରି ନେଇଛନ୍ତି । ଏପରିକି ଏହି ଗାଡ଼ିଟି ପୂର୍ବରୁ ଯେଉଁ ରଙ୍ଗ ଥିଲା, ଏବେ ଏହାକୁ ଧଳା କଲର କରାଯାଇଥିବା ଅନୁମାନ କରାଯାଉଛି । ଗାଡ଼ିଟି କାହାର ଓ କେଉଁଆଡେ ଯାଇଥିଲା କିପରି ଏହି ଦୁର୍ଘଟଣା ହେଲା, ସମ୍ପୂର୍ଣ୍ଣ ଘଟଣା ପୋଲିସ ତଦନ୍ତ ପରେ ହିଁ ଜଣାପଡ଼ିବ । ଘଟଣାସ୍ଥଳରେ ମୋହନା ପୋଲିସ ପହଞ୍ଚି ଗାଡିକୁ ଜବତ କରିବାସହ ଅଧିକ ତଦନ୍ତ କରୁଥିବା ଥାନା ଅଧିକାରୀ ବସନ୍ତ କୁମାର ସେଠୀ କହିଛନ୍ତି ।

## ଟ୍ରାକ୍ଟର ଚାପାରେ ଅଢ଼େଇ ବର୍ଷର ଶିଶୁ ମୃତ

**ସୁନ୍ଦରଗଡ଼, ୨୦।୧**
**ଏକ୍ସପ୍ରେସ୍ ନ୍ୟୁଜ୍**

ସୁନ୍ଦରଗଡ଼ ଟାଉନ୍ ଥାନା ପଞ୍ଚମୁଖୀ ହନୁମାନ ମନ୍ଦିର ନିକଟ କୁନାଲ ଟ୍ରାନ୍ସପୋର୍ଟ ଅଫିସ ସମ୍ମୁଖରେ ଜଣେ ଅଢ଼େଇ ବର୍ଷର ଶିଶୁ ଉପରେ ଟ୍ରାକ୍ଟର ଚଢ଼ି ଯିବାରୁ ଶିଶୁଟିର ମୃତ୍ୟୁ ହୋଇଛି । ମୃତକ ହେଲେ ସୁନ୍ଦରଗଡ଼ ସୁନାରିପଡ଼ାର ସଂଜିତ ସିହ୍ନାଙ୍କ ସାନ ପୁଅ ଶୁଭମ୍ ।

ଶୁଭମ୍ ନିଜ ବାପାଙ୍କ ସହିତ ସ୍କୁଟରରେ ଯାଉଥିବା ବେଳେ ଅନ୍ୟ ଏକ ବାଇକ୍ ସହିତ ଧକ୍କା ହେବାରୁ ଭାରସାମ୍ୟ ହରାଇ ଶିଶୁଟି ସ୍କୁଟରରୁ ତଳକୁ ପଡ଼ିଯାଇଥିଲେ । ସେତିକି ବେଳେ ପଛ ପଟୁ ଆସୁଥିବା ପୌରପାଳିକାରେ ସଫେଇ କାର୍ଯ୍ୟରେ ନିୟୋଜିତ ଟ୍ରାକ୍ଟରଟି ଶିଶୁ ଉପରେ ଚଢି ଯାଇଥିଲା । ତାଙ୍କୁ ଆହତ ଅବସ୍ଥାରେ ମେଡିକାଲକୁ ନିଆଯାଇଥିଲା କିନ୍ତୁ ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ । ଏହାପରେ ସେଠାରେ ଉତ୍ତେଜନା ପ୍ରକାଶ ପାଇଥିଲା । ଭୋଜପୁର ଅଞ୍ଚଳର ଏକ ଟ୍ରାକ୍ଟରକୁ ପୌର ପାଳିକାର ସଫେଇ କାର୍ଯ୍ୟରେ ଠିକାଦାର ସଫେଇ କାର୍ଯ୍ୟରେ ନିୟୋଜିତ କରିଥିଲେ । ଟ୍ରାକ୍ଟରର ଚାଳକ ମାତ୍ରାଧିକ ମଦ ପିଇଥିବା ବେଳେ ଟ୍ରାକ୍ଟରଟିର ବୀମା ନଥିବା ଜଣାପଡିଛି ।

## ସାଇବର ଠକେଇ ଅଭିଯୋଗ ୩ ଅଟକ

**ଯାଜପୁର, ୨୦।୧ : ଏକ୍ସପ୍ରେସ୍ ନ୍ୟୁଜ୍**

ସାଇବର ଠକେଇ ମାମଲାରେ ଯାଜପୁର ଜିଲ୍ଲା ଧର୍ମଶାଳା ଥାନା ଅଞ୍ଚଳରେ ଚଢାଉ । ଗତକାଲି ମଧ୍ୟରାତ୍ରିରେ ଧର୍ମଶାଳା ଥାନା ପୋବଳ ଗାଁରେ କଟକ କ୍ରାଇମବ୍ରାଞ୍ଚ ଟିମ ଓ ଧର୍ମଶାଳା ପୁଲିସ ମିଳିତ ରେଡ କରିଛନ୍ତି । ଆର୍ଥିକ କାରବାର ନେଇ ପୋବଳ ଗାଁର ସରୋଜ ଜେନାଙ୍କ ଘରେ ଚଢ଼ାଉ ହୋଇଛି । ନଗଦ ୧୫ଲକ୍ଷ ଟଙ୍କା ସହିତ ବିପୁଳ ପରିମାଣର ଗହଣା ଜବତ କରିଛି କ୍ରାଇମବ୍ରାଞ୍ଚ । ମୁଖ୍ୟ ଅଭିଯୁକ୍ତ ସରୋଜଙ୍କ ସହ ଲିଙ୍କ ଥିବା ୩ ଜଣଙ୍କୁ କଟକ କ୍ରାଇମବ୍ରାଞ୍ଚ ଟିମ୍ ଉଠେଇ ନେଇଥିବା ସୂଚନା ମିଳିଛି ।

ସୂଚନା ମୁତାବକ, କିଛି ଦିନ ପୂର୍ବରୁ ସରୋଜ ଜେନାଙ୍କ ନାମରେ ଲକ୍ଷ ଲକ୍ଷ ଟଙ୍କାର ସାଇବର ଠକେଇ ଏବଂ ବ୍ଲାକ ମେଲିଙ୍ଗ ଅଭିଯୋଗରେ କଟକର ସାଇବର ଥାନାରେ ଜଣେ ବ୍ୟକ୍ତି ଲିଖିତ ଅଭିଯୋଗ କରିଥିଲେ । ଏହାକୁ ଭିତ୍ତି କରି ଗତକାଲି ରାତି ପ୍ରାୟ ୧୦ ଟା ବେଳେ ସରୋଜର ଗତିବିଧିକୁ ଲକ୍ଷ୍ୟ କରି ଉଭୟ ସାଇବର ପୁଲିସ, ଧର୍ମଶାଳା ପୁଲିସ ଓ କ୍ରାଇମବ୍ରାଞ୍ଚ ଟିମ ଚଢ଼ାଉ କରିଥିଲେ । ହେଲେ ଏହି ସମୟରେ କୌଶଳକ୍ରମେ ମୁଖ୍ୟ ଅଭିଯୁକ୍ତ ଖସି ଯିବାର ସଫଳ ହୋଇଥିଲା । ଏହି ଚଢ଼ାଉ ରାତି ୧୦ରୁ ରାତି ପ୍ରାୟ ୧ ଟା ପର୍ଯ୍ୟନ୍ତ ହୋଇଥିଲା । ଏବେ ସରୋଜଙ୍କ ସହିତ ଲିଙ୍କରେ ଥିବା ସେହି ଗାଁର ଚନ୍ଦନ ଜେନା, ଧଡ଼ିଆ ଜେନା ଏବେ ପ୍ରଫୁଲ୍ଲ ବିଶ୍ୱାଳଙ୍କୁ ସନ୍ଦେହରେ ପଚରାଉଚରା ପାଇଁ ଉଠାଇ ନେଇଥିବା ଜଣାପଡିଛି । ଏହା ସହିତ ବିପୁଳ ପରିମାଣର ସୁନା ଓ ରୂପା ଅଳଙ୍କାର , ଗୋଟିଏ ବୁଲେଟ ଓ ଗୋଟିଏ ଇଭିଏମ ସ୍କୁଟି ଜବତ ସଜିତ ତାଙ୍କର ଏକାଧିକ ବ୍ୟାଙ୍କ ପାସ୍ବୁକ ଜବତ ହୋଇଥିବା ଜଣାପଡିଛି । ଉକ୍ତ ପାସବୁକ ବହିରେ ପାଖାପାଖି ୯୦ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ଥିବା ପ୍ରାଥମିକ ସୂଚନାରୁ ଜଣାପଡିଛି ।

## ଜନଶୁଣାଣି କାର୍ଯ୍ୟକ୍ରମରେ ସାଧାରଣ ଲୋକଙ୍କୁ ଉପେକ୍ଷା!

**ନିମାପଡ଼ା, ୨୦।୧ : ଏକ୍ସପ୍ରେସ୍ ନ୍ୟୁଜ୍**

ପୁରୀ ଜିଲ୍ଲାପାଳଙ୍କ ଦ୍ୱାରା ଜିଲ୍ଲାସ୍ତରୀୟ ଯୁଗ୍ମ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ସୋମବାର ପୂର୍ବାହ୍ନରେ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ାଙ୍କ ଅଧ୍ୟକ୍ଷତାରେ ନିମାପଡା ବ୍ଲକ ସମ୍ମିଳନୀକକ୍ଷରେ ଅନୁଷ୍ଠିତ ଶିବିରରେ ୪୨ଟି ଅଭିଯୋଗ ଗ୍ରହଣ କରାଯାଇ ସେଥିରୁ ୫ଟି ଅଭିଯୋଗର ତୁରନ୍ତ ସମାଧାନ କରାଯାଇଥିବା ବେଳେ ଅନ୍ୟ ସମସ୍ତ ଅଭିଯୋଗର ସମାଧାନ ଆସନ୍ତା ୭ଦିନ ମଧ୍ୟରେ କରିବାକୁ ପ୍ରତିଶ୍ରୁତି ଦେଇଥିଲେ । ଆବାସ, ଚକବନ୍ଦୀ, ପାନୀୟଜଳ ସମସ୍ୟା ଆଦି ୪୨ଟି ଅଭିଯୋଗ ଗ୍ରହଣକରି ଏସବୁର ସମାଧାନ ନିମନ୍ତେ ଜିଲ୍ଲାପାଳ ବିଭିନ୍ନ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । କାର୍ଯ୍ୟକ୍ରମରେ ବିଶେଷକରି ବାଲି ମାଟି ଚୋରାଚାଲାଣକୁ ରୋକିବା ସହ ମାଫିଆଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଜିଲ୍ଲାପାଳ କହିଥିଲେ । ଜନ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମରେ ପୁରୀ ଏସ.ପି ପ୍ରତୀକ ସିଂ, ଅତିରିକ୍ତ ଜିଲ୍ଲାପାଳ ଶରତ ଚନ୍ଦ୍ର ବେହେରା, ଉପଜିଲ୍ଲାପାଳ ରାଜକିଶୋର ଜେନା, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରିୟରଞ୍ଜନ ପୃଷ୍ଟି, ସିଡିଏମଓ ଡ଼ଃ ଅକ୍ଷୟ କୁମାର ଶତପଥୀ, ଉପ ଜିଲ୍ଲାପାଳ ରାଜ କିଶୋର ଜେନା, ନିମାପଡା ଏସଡିପିଓ ଜନାର୍ଦ୍ଦନ ପାଢ଼ୀ, ତହସିଲଦାର ମନୋଜ କୁମାର ପ୍ରଧାନ, ବିଡ଼ିଓ ଡ଼ଃ ଅଭିଜିତ ଷଡ଼ଙ୍ଗୀ, ଅଭିଯୋଗ ଶୁଣାଣି ଅଧିକାରୀ ବିବେକାନନ୍ଦ ସାହୁଙ୍କ ସମେତ ଜିଲ୍ଲାର ସମସ୍ତ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ



ଥିଲେଛ ଅଞ୍ଚଳରେ ଜିଲ୍ଲାପାଳଙ୍କ ଯୁଗ୍ମ ଜନ ଶୁଣାଣି କାର୍ଯ୍ୟକ୍ରମ ନିମନ୍ତେ ବ୍ଲକ ପ୍ରଶାସନ ପକ୍ଷରୁ ଗଣମାଧ୍ୟମ ଏବଂ ସାଧାରଣ ଲୋକଙ୍କୁ ଅଣଦେଖା କରାଯାଇ କାର୍ଯ୍ୟକ୍ରମ ସମ୍ବନ୍ଧରେ ପୂର୍ବରୁ ଅବଗତ କରାନଯିବାରୁ ମାତ୍ର ୪୨ଟି ଅଭିଯୋଗ ଗ୍ରହଣ ହୋଇଥିବା ବେଳେ ଜିଲ୍ଲାପାଳଙ୍କ ଜନଶୁଣାଣିରୁ ସାଧାରଣ ଲୋକେ ବଞ୍ଚିତ ହୋଇଛନ୍ତି ବୋଲି ଅଞ୍ଚଳ ବାସୀଙ୍କ ସମେତ ଗଣମାଧ୍ୟମ ପ୍ରତିନିଧିମାନେ ଅସନ୍ତୋଷ ପ୍ରକାଶ କରିଥିଲେ । ପରବର୍ତ୍ତୀ କାର୍ଯ୍ୟକ୍ରମରେ ଏଥିପ୍ରତି ଦୃଷ୍ଟି ଦିଆଯିବ ବୋଲି ଜିଲ୍ଲାପାଳ ଶ୍ରୀଯୁକ୍ତ ପରିଡ଼ା ପ୍ରତିଶ୍ରୁତି ଦେଇଥିଲେ ।

### ଅସୁରକ୍ଷିତ ବେହେରାମାଲ ନୂତନ ଓଭରବ୍ରିଜ

# ପାଉଁଶ ଦେଇ କାମ ସାରିଦେଲେ ଠିକାଦାର!

**ଝାରସୁଗୁଡ଼ା, ୨୦।୧**
**ଏକ୍ସପ୍ରେସ୍ ନ୍ୟୁଜ୍**

ବେହେରାମାଲ ରେଳ ଲାଇନ ଉପରେ ନିର୍ମାଣ ହେଉଥିବା ଓଭରବ୍ରିଜ କେତେ ସୁରକ୍ଷିତ, ତାହାକୁ ନେଇ ଏବେ ପ୍ରଶ୍ନ ଉଠୁଛି । କାରଣ ବାଲି ପକାଇବା ସ୍ଥାନରେ ମୋଟା ସ୍ତରର ପାଉଁଶ ପକାଇ ଠିକାଦାର କାମ ସାରିଦେଉଛନ୍ତି । ଏହାର ତଦାରଖ ରେଳ ବିଭାଗ ପକ୍ଷରୁ କରାଯାଉ ନଥିବାରୁ ଏପରି ନିମ୍ନମାନର କାମ ହୋଇଥିବା ଅଭିଯୋଗ ହୋଇଛି । କେତେବେଳେ ଯେ ଓଭରବ୍ରିଜ ଧସିଯିବ କହିହେବ ନାହିଁ । ତେଣୁ ଏବେଠୁ ଚାଲୁ ରହୁଥିବା ଉକ୍ତ ଓଭରବ୍ରିଜ କାର୍ଯ୍ୟ ଉପରେ ରେଳ ବିଭାଗ ନଜର ରଖି କେମିତି ସୁଦୃଢ଼ ହେବ, ସେନେଇ ସାଧାରଣରେ ଦାବି ହେଉଛି ।



ଲୋକଙ୍କ ଗମନାଗମନକୁ ସୁବିଧା ଓ ସୁରକ୍ଷିତ କରିବା ପାଇଁ ବେହେରାମାଲରେ ଆଉ ଏକ ଓଭରବ୍ରିଜ୍ ବା ପୋଲ ରେଳ ବିଭାଗ ପକ୍ଷରୁ ନିର୍ମାଣ କରାଯାଉଛି । ଉକ୍ତ ପୋଲର ଭବିଷ୍ୟତକୁ ନେଇ ଆଶଙ୍କା ପ୍ରକାଶ ପାଇଛି । ଉକ୍ତ ପୋଲରେ ବାଲି ବଦଳରେ ମୋଟା ସ୍ତରରେ ପାଉଁଶ ପକାଯାଉଛି । ଠିକାଦାରଙ୍କ ନିମ୍ନମାନର କାମ ପାଇଁ ପୋଲ କେବେ ବି ଭୁଶୁଡ଼ି ପଡ଼ିବ ଓ ଲୋକଙ୍କ ଜୀବନହାନୀ ହେବ ତାହା କହିହେବ ନାହିଁ । ଝାରସୁଗୁଡ଼ା ସହର ପୂର୍ବରୁ ସରବାହାଲରୁ ପୁରୁଣାବସ୍‌ଷ୍ଟାଣ୍ଡ ପର୍ଯ୍ୟନ୍ତ ରହିଥିଲା । ପୁରୁଣା ବସ୍‌ଷ୍ଟାଣ୍ଡରୁ କୁଚିଣ୍ଡା ଦେଇ ଦେବଗଡ଼, କେନ୍ଦୁଝର, ରାଉରକେଲା ଓ ସମ୍ବଲପୁର ଦେଇ ବସ୍ ଚଳାଚଳ କରୁଥିବାରୁ କାଳିମନ୍ଦିର ପର୍ଯ୍ୟନ୍ତ କିଛି ବଜାରଘାଟ ରହିଥିଲା । ମୁଖ୍ୟତଃ ସରିବାହାଲରୁ ପୁରୁଣା ବସ୍‌ଷ୍ଟାଣ୍ଡ ପର୍ଯ୍ୟନ୍ତ ଜିଲା ମୁଖ୍ୟାଳୟ, ବଜାରଘାଟ, ପୌର ପରିଷଦ, ସରକାରୀ କାର୍ଯ୍ୟାଳୟ ଏବଂ ରକ୍ତଭଣ୍ଡାର ଏମିତି ଅନେକ ଜିନିଷ ରହିଥିଲା । ମାତ୍ର ପୁରୁଣା ବସ୍‌ଷ୍ଟାଣ୍ଡରୁ ବେହେରାମାଲ ଯିବାକୁ ହେଲେ ଟ୍ରେନ୍ ଲାଇନ୍ ଦେଇ ଯିବାକୁ ପଡୁଥିଲା ।

ଏଥିପାଇଁ ରେଳ ବିଭାଗ ପକ୍ଷରୁ ପ୍ରଥମେ ଏକ ଓଭରବ୍ରିଜ୍ ନିର୍ମାଣ କରାଯାଇଥିଲା । ଲୋକମାନେ ସହଜରେ ଓ ସୁବିଧାରେ ଚଳପ୍ରଚଳ କରୁଛନ୍ତି । ମାତ୍ର ବେହେରାମାଲରୁ ପ୍ରସନ୍ନ ପଣ୍ଡା ଛକ ଓ ମାଲିମୁଣ୍ଡା ବିମାନବନ୍ଦର ପର୍ଯ୍ୟନ୍ତ ବଜାରଘାଟ, ବିମାନବନ୍ଦର, ଜିଲା ମୁଖ୍ୟ ଚିକିତ୍ସାଳୟ, ତହସିଲ, ଜିଲାପାଳ, ଆରକ୍ଷୀ ଅଧୀକ୍ଷକ କାର୍ଯ୍ୟାଳୟ, କୋର୍ଟ ଓ ଏମିତି ବହୁ ସରକାରୀ କାର୍ଯ୍ୟାଳୟ ଗଢ଼ି ଉଠିବା ପରେ ଲୋକଙ୍କ ଯା' ଆସ ବଢ଼ିବାରେ ଲାଗିଲା । ପୂର୍ବରୁ ନିର୍ମାଣ ହୋଇଥିବା ଗୋଟିଏ ପୋଲ ସରୁଆ ହୋଇଥିବାରୁ ବହୁ ଭିଡ଼ ପରିଲକ୍ଷିତ ହେଲା । ଏଥିପାଇଁ ରେଳ ବିଭାଗ ପକ୍ଷରୁ ଆଉ ଏକ ପୋଲ ପୂର୍ବରୁ ଥିବା ପୋଲ ପାର୍ଶ୍ୱରେ ନିର୍ମାଣ କରାଯିବାକୁ ସ୍ଥିର କରାଗଲା । ଏଥିପାଇଁ ଟେଣ୍ଡର ଆହ୍ୱାନ କରାଗଲା । ଏବେ ଏକ ଘରୋଇ କମ୍ପାନୀ ଉକ୍ତ ପୋଲ ନିର୍ମାଣ କରୁଛି । ଏହାର ଦେଖାଶୁଣା ରେଳ ବିଭାଗ କରୁଛି । ମାତ୍ର ପୁରୁଣା ବସ୍‌ଷ୍ଟାଣ୍ଡ ନିକଟରୁ ଆରମ୍ଭ ହୋଇଥିବା ଉକ୍ତ ପୋଲ ଭିତରେ ବାଲି ବଦଳରେ ପାଉଁଶ ପକାଯାଇଛି । ବେହେରାମାଲ ପର୍ଯ୍ୟନ୍ତ ଲମ୍ବିଥିବା ଉକ୍ତ ପୋଲରେ ଅଳ୍ପ କିଛି ବାଲି ପକାଇ ତା' ଉପରେ ମୋଟା ସ୍ତରରେ ପାଉଁଶ ପକାଯାଉଛି । ପାଉଁଶ ପକାଇ ନିର୍ମାଣ ହେଉଥିବା ଏହି ପୋଲର ଆୟୁଷ କେତେ ତାକୁ ନେଇ ପ୍ରଶ୍ନ ଉଠୁଛି । କେତେବେଳେ ଯେ ଅଘଟଣ ଘଟିବ, ତାହା କହିହେବ ନାହିଁ । ଠିକାଦାର ଏଭଳି ମନୋମୁଖୀ କାର୍ଯ୍ୟ କରୁଥିବା ବେଳେ ରେଳ ବିଭାଗର ଅଧିକାରୀଙ୍କ ନୀରବତା ଅନେକ ପ୍ରଶ୍ନ ସୃଷ୍ଟି କରିଛି । ଘଟଣାକୁ ରେଳ ବିଭାଗର ଡିଆରଏମ, ବିଭାଗୀୟ ମୁଖ୍ୟ ଯନ୍ତ୍ରୀ ଓ ଜିଲା ପ୍ରଶାସନ ଗୁରୁତର ସହିତ ନେଇ ଘଟଣାର ଅନୁସନ୍ଧାନ କରାଯିବା ଦରକାର । ବାଲି ବଦଳରେ ପାଉଁଶ କାହିଁକି ପକାଯାଇଛି, ତାହାର ତଦନ୍ତ ହେବା ଆବଶ୍ୟକ ବୋଲି ମତ ପ୍ରକାଶ ପାଉଛି ।

## ୧୯ ପ୍ୟାକ୍ସ ଅଧିନରେ ୨୩ ସ୍ଥାନରୁ ଧାନକ୍ରୟ

**ଜଳେଶ୍ୱର, ୨୦।୧**
**ଏକ୍ସପ୍ରେସ୍ ନ୍ୟୁଜ୍**

ଜଳେଶ୍ୱର ବ୍ଲକରେ ଚଳିତବର୍ଷ ୧୯ଟି ପ୍ୟାକ୍ସ ଅଧିନରେ ୨୩ଟି ସ୍ଥାନରୁ ଧାନକ୍ରୟ ଆରମ୍ଭ ହୋଇଛି । ୧୬ତାରିଖ ସଂଧ୍ୟାସୁଦ୍ଧା ଜଳେଶ୍ୱର ବ୍ଲକରେ ସବୁ ଧାନମଣ୍ଡି ଉଦ୍‌ଘାଟିତ ହୋଇଥିବା ବେଳେ ପ୍ରାୟ ୬ହଜାର ୯୦ କ୍ୱିଣ୍ଟାଲ୍ ଧାନ କ୍ରୟ ହୋଇଥିବା ନିୟନ୍ତ୍ରିତ ବଜାର କମିଟି କାର୍ଯ୍ୟାଳୟ ସୂତ୍ରରୁ ପ୍ରକାଶ । କିନ୍ତୁ ଧାନ ଅମଳର ୨ ମାସ ବିତିଥିଲେ ମଧ୍ୟ ଅଦ୍ୟାବଧି ସମସ୍ତ ଚାଷୀଙ୍କୁ ଟୋକନ୍ ନମିଳିବା ପରିତାପର ବିଷୟ । ତେଣୁ ଚାଷୀମାନଙ୍କ ଧାନ ବିକ୍ରି ନେଇ ସଂସୟ ସୃଷ୍ଟି ହୋଇଛି ।

ଜଳେଶ୍ୱର ବ୍ଲକରେ ୧୯ଟି ସେବା ସମବାୟ ସମିତିର ୨୩ଟି ସ୍ଥାନରେ ଧାନକିଣା ଆରମ୍ଭ ହୋଇଥିବା ବେଳେ ରବିବାର ଜ୍ୟୋତି ଜଂଗମ ଓ ଖାଲିନା ମଣ୍ଡିରେ ଧାନ କ୍ରୟ କେନ୍ଦ୍ରରେରେ ସଂଜୟ କୁମାର କର, ସଂପାଦକ ଅଜିତ କୁମାର ଜେନା ଉପସଭାପତି ଅଭୟ କୁମାର ଦେ, ସୁନିଲ କୁମାର ଦେ, ଆରଏମ୍‌ସିର ପ୍ରଶାନ୍ତ ରାଜଙ୍କ ଉପସ୍ଥିତିରେ ଧାନ କ୍ରୟ ହୋଇଥିଲାଛ ସ୍ଥାନୀୟ ଚାଷୀମାନେ ଧାନକ୍ରୟ ବେଳେ ମିଲର ବାବା ଏଗ୍ରୀଟେକ ପକ୍ଷରୁ ପଂକଜ ଅଗ୍ରୱାଲ ଉପସ୍ଥିତ ଥିଲେ । ପ୍ରକାଶ ଯୋଗ୍ୟ ଅଦ୍ୟାବଧି ଜଳେଶ୍ୱର ବ୍ଲକ ଅଧୀନରେ ନାମ ପଞ୍ଜିକରଣ କରିଥିବା ସମସ୍ତ ଚାଷୀଙ୍କର ଟୋକନ୍ ଉପଲବ୍ଧ ହୋଇନାହିଁ । ଟୋକନ ସମ୍ପର୍କିତ ତଥ୍ୟ ମିଳୁ ନଥିବା ବେଳେ ଏ ସମ୍ପର୍କରେ ମଧ୍ୟ ବିବରଣୀ କାହା ନିକଟରୁ ମିଳୁନାହିଁ । ଟୋକନ୍ ଆସୁନଥିବାରୁ ଚାଷୀମାନେ ବାରମ୍ବାର ମଣ୍ଡିକୁ ଆସି ନିରାଶ ହୋଇ ଫେରୁଛନ୍ତି । ଚାଷୀ ମାନଙ୍କ ଧାନ ବିକ୍ରିରେ ଅହେତୁକ ବିଳମ୍ବ ହେଉଥିବାରୁ ଧାର କରଜ, ସାର ଦୋକାନୀର ବକେୟା, ଅମଳ ଖର୍ଚ୍ଚ ପ୍ରଦାନରେ ଘୋର ଅସୁବିଧା ସମ୍ମୁଖୀନ ହେଉଥିବା ବହୁ ଚାଷୀ ଦୁଃଖର ସହିତ ଜଣାଇଛନ୍ତି । ଅତିଶୀଘ୍ର ସମସ୍ତ ପଞ୍ଜିକୃତ ଚାଷୀଙ୍କ ଟୋକନ୍ ଦେବା ସଂପର୍କରେ ସବୁ ମଣ୍ଡିର ଚାଷୀ କମିଟି ଓ କେତେକ ସଭ୍ୟ ଦାବି କରିଛନ୍ତି ।

ବିଭିନ୍ନ ଦିଗ ଉପରେ ଗୁରୁତ୍ୱ ଦେଇ ଅବସର ବୟସସୀମା ନିର୍ଦ୍ଧାରଣ କରାଯାଇଛି । ଏହାକୁ ପୁଲିସ ବିଭାଗରେ ସବୁଠୁ ଅଧିକ ଗୁରୁତ୍ୱ ଦିଆଯିବା ଦରକାର। ଶାରୀରିକ ଭାବେ ଜଣେ ଫିଟ୍ ଥାଇପାରେ, କିନ୍ତୁ ନିଷ୍ପତ୍ତି ନେବାର କ୍ଷମତା ମଧ୍ୟ ଦରକାର, ଏହା ମସ୍ତିଷ୍କର ସତେଜତା ଉପରେ ନିର୍ଭର କରେ । ସବୁଠୁ ଗୁରୁତ୍ୱପୂର୍ଣ୍ଣ ଦିଗଟି ହେଉଛି– ଆମ ରାଜ୍ୟରେ ପୁଲିସ ଚାକିରି ଆଶାୟୀ ଯୋଗ୍ୟ– ଦକ୍ଷ–ଅଧିକ ଶିକ୍ଷାଗତ ଯୋଗ୍ୟତା ଥିବା ଯୁବକଙ୍କର ଅଭାବ ଅଛି କି? ଆଜିକାଲି କା ପିଲାଏ ତ କମ୍ପ୍ୟୁଟରରେ ଅଧିକ ଦକ୍ଷ ପୁରୁଣା କର୍ମଚାରୀ ତୁଳନାରେ । ତେଣୁ ସେମାନଙ୍କୁ ସୁଯୋଗ ଦେବା ଦରକାର, ସାଇବର ଅପରାଧୀମାନଙ୍କୁ ଧରିବା ପାଇଁ । 'ତେଲିଆ ମୁଣ୍ଡରେ ତେଲ' ନୀତି କାହିଁକି?

ଭୁବନେଶ୍ୱର ଓ କେନ୍ଦ୍ରାପଡ଼ା ରୁ ଏକସଙ୍ଗେ ପ୍ରକାଶିତ | ଭୁବନେଶ୍ୱର | ୨୧ ଜାନୁଆରୀ, ୨୦୨୬ | ବୁଧବାର

ଓଡ଼ିଶା ଏକ୍ସପ୍ରେସ୍

## ବିଜୁବାବୁଙ୍କ ଖିଆଲୀ ମନ୍ତବ୍ୟ ସେତେଟା ହାଲ୍କା ନଥିଲା

ବିଜୁବାବୁ ମୁଖ୍ୟମନ୍ତ୍ରୀ ଥିବା ସମୟରେ ଯେଉଁସବୁ କଥା କହୁଥିଲେ ତାହା ଯେ ସମ୍ପୂର୍ଣ୍ଣ ଖାମଖିଆଲୀ କଥା ଥିଲା ଏକଥା କହିବା ଭୁଲ୍ ହେବ । ବିଜୁବାବୁଙ୍କ କେତେକ ପରାମର୍ଶକୁ ଲୋକେ ଦାୟିତ୍ୱହୀନ ମନ୍ତବ୍ୟ ବୋଲି କହୁଥିଲେ। କିନ୍ତୁ ଏକଥା ମଧ୍ୟ ମାନିବାକୁ ପଡ଼ିବ ଯେ ଯେଉଁମାନଙ୍କୁ ତାଙ୍କ କଥା ବାଧୁଥିଲା ସେଇମାନେ ହିଁ ନାପସନ୍ଦ କରୁଥିଲେ ବିଜୁବାବୁଙ୍କ ପରାମର୍ଶକୁ ।

ଗୋଟେ କଥା ଆପଣମାନଙ୍କର ମନେଥିବ, ବିଜୁବାବୁ କହିଥିଲେ– ଥନ୍ତଲପେଟିଆ ପୁଲିସଙ୍କୁ ବିଦା କର!

ତାଙ୍କର କହିବାର ଉଦ୍ଦେଶ୍ୟ ଥିଲା– ପୁଲିସ ଯଦି ଥନ୍ତଲପେଟିଆ ହେବେ ସେମାନେ କ'ଣ ଚୋରକୁ ଧରିପାରିବେ? ଦଉଡ଼ି ପାରିବେ? ଆଇନ୍ ଶୃଙ୍ଖଳା ବଜାୟ ରଖିବା ପାଇଁ, ବିଶେଷ କରି ପୁଲିସ କର୍ମଚାରୀମାନଙ୍କର ଭାଗମାପର ଶରୀର ଥିବା ଦରକାର, ଯିଏ ଚୋର ଏବଂ ଡକାୟତଙ୍କୁ ମଧ୍ୟ କାବୁ କରିପାରିବ। ଥପଲପେଟିଆମାନେ ତ ଚଉକିରୁ ଉଠୁଉଠୁ ଚୋର ଛୁ' ମାରିଥିବ ।

ବିଜୁବାବୁ ଯେ ନିରସା କଥା କହିଥିଲେ ଏକଥା ନୁହେଁ।

ବିଜୁବାବୁଙ୍କର ଆଉ ଗୋଟେ କଥା ମନେଥିବ ଆପଣମାନଙ୍କର, ସିଏ କହିଥିଲେ– ଦୁର୍ନୀତିଗ୍ରସ୍ତ ସରକାରୀ କର୍ମଚାରୀମାନଙ୍କୁ ମାଡ଼ ମାର । ଏହାକୁ ବିଜୁବାବୁଙ୍କ ମାଡ଼ତତ୍ତ୍ୱ ବୋଲି ଅନେକେ ହାସ୍ୟଛଳରେ କହିଥିଲେ ସେତେବେଳେ । ଅବଶ୍ୟ ଲୋକେ ଆଇନ୍‌କୁ ହାତକୁ ନେବା ସର୍ବାଦୌ ଉଚିତ୍ ନୁହେଁ । ଏହା ଆଇନ୍ ବହିର୍ଭୂତ। କିନ୍ତୁ ଦୁର୍ନୀତିଗ୍ରସ୍ତ ସରକାରୀ କର୍ମଚାରୀମାନେ ଲୋକଙ୍କୁ ଏଭଳି ଦହଗଞ୍ଜ କରନ୍ତି ଯେ ଯେକେହି କହିବ– ତାଙ୍କୁ ମାଡ଼ ଦରକାର । ଏହା ଏକ ସ୍ୱାଭାବିକ ଅଭିବ୍ୟକ୍ତି । ତା'ଛଡ଼ା ସରକାରୀ କର୍ମଚାରୀମାନେ ସାଧାରଣ ଲୋକଙ୍କୁ ଯେଉଁଭଳି ବ୍ୟବହାର କରନ୍ତି ତାହା କ'ଣ ଆଇନ୍ ସମ୍ମତ?

ଯେଉଁ ଲାଞ୍ଚୁଆ ବାବୁମାନେ ଧରାପଡୁଛନ୍ତି ସେମାନଙ୍କର କ'ଣ ହେଉଛି? ଯେଉଁମାନେ ଆୟ ବହିର୍ଭୁତ ସମ୍ପତ୍ତି ଠୁଳ ଅଭିଯୋଗରେ ଧରାପଡୁଛନ୍ତି ସେମାନଙ୍କ ଭିତରୁ କେତେଜଣ ଏବେ ଜେଲ୍‌ରେ ଅଛନ୍ତି? ପ୍ରମାଣ ଅଭାବରୁ ଅନେକଙ୍କୁ ଦଣ୍ଡ ଦିଆଯାଇପାରୁନାହିଁ । ପୁଣି ସେଇ ବାବୁଜଣକ ସେଇ ଚୌକିରେ ବସିଥିବାର ମଧ୍ୟ ଦେଖିବାକୁ ମିଳିଛି । ଏଭଳି ନଜିର ମଧ୍ୟ ରହିଛି । ଧରାପଡୁଥିବା ବାବୁମାନଙ୍କ ଭିତରୁ କେତେ ପ୍ରତିଶତ ଦୋଷୀ ସାବ୍ୟସ୍ତ ହୋଇ, ଚାକିରି ହରାଇ ଜେଲ୍ ଖଟୁଛନ୍ତି? ତେଣୁ ବିଜୁବାବୁ ମଧ୍ୟ ଆମ ଦେଶର ବ୍ୟବସ୍ଥା ଉପରୁ ଭରସା ହରାଇବା କାରଣରୁ ଏଭଳି ମନ୍ତବ୍ୟ ଦେଇଥିଲେ ବୋଲି ଆମେ ଆଶା କରିପାରିବା । ଭାରତବର୍ଷର ଶାସନ, ପ୍ରଶାସନ ଏବଂ ନ୍ୟାୟପାଳିକାର ନୀତି ନୈତିକତା ଆଡୁ ବୋଧେ ତାଙ୍କର ଆସ୍ଥା ତୁଟି ଯାଇଥିବାରୁ ସେ ଏଭଳି ପରାମର୍ଶ ଦେଇଥିଲେ ଲୋକଙ୍କୁ । ଯଦିବା ଏହା ଆଦୌ ଆଇନ୍ ସମ୍ମତ ନୁହେଁ ।

ଏତେ କଥା କହିବାର ଉଦ୍ଦେଶ୍ୟ ହେଲା– ଏବେ ପଞ୍ଚାୟତ କାର୍ଯ୍ୟାଳୟ କୋଠା ନିର୍ମାଣକୁ ନେଇ ନୂଆପଡ଼ା ବିଡିଓଙ୍କୁ କିଛି ଯୁବକ ମାଡ଼ ମାରିଛନ୍ତି । ଏହା ନିଶ୍ଚିତ ଭାବରେ ଏକ ବେଆଇନ୍ ଆଚରଣ। ଆଇନ୍‌କୁ ହାତକୁ ନେବାର ଅଧିକାର ଲୋକଙ୍କର ନାହିଁ । କିନ୍ତୁ ଆଇନ୍‌ର ପ୍ରୟୋଗ କେତେ ନିଷ୍ଠାର ସହ ଅନୁପାଳନ କରାଯାଉଛି ତାହା ମଧ୍ୟ ଏକ ବଡ଼ ପ୍ରଶ୍ନ ।

ଆଉ ଏକ ଖବରରୁ ଜଣାଯାଇଛି– ୮୦୦ ଅବସରପ୍ରାପ୍ତ ପୁଲିସଙ୍କୁ ମିଳିବ ପୁନଃ ନିଯୁକ୍ତି । ଅବସରପ୍ରାପ୍ତ ଏଏସ୍‌ଆଇ, ଏସ୍‌ଆଇ, ଇନ୍ସପେକ୍ଟରଙ୍କୁ ଏହି ନିଯୁକ୍ତି ମିଳିବ । ସରକାରଙ୍କ ନିଷ୍ପତ୍ତି ଅନୁଯାୟୀ ପୁନଃ ନିଯୁକ୍ତି ପାଇବାକୁ ଥିବା ପୁଲିସ ଅଧିକାରୀଙ୍କ ବୟସ ୬୫ ବର୍ଷ ଭିତରେ ହୋଇଥିବ । ଚାକିରି ସମୟରେ ସେମାନଙ୍କ ସର୍ଭିସ ରେକର୍ଡ ଭଲଥିବ ଓ ଶାରୀରିକ ଭାବେ ସେମାନେ ଫିଟ୍ ଥିବେ । ଅବସର ପୂର୍ବର ୫ବର୍ଷରେ ତାଙ୍କର ସିସିଆର୍ ଭଲ ଥିବ । ସେମାନଙ୍କ ବିରୋଧରେ କୌଣସି ଅପରାଧିକ ମାମଲା ନଥିବ ଓ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନର ସାମ୍ନା ସେମାନେ କରିନଥିବେ । ଏକ ବର୍ଷ ପାଇଁ ଏହି ନିଯୁକ୍ତି ମିଳିବ । ପୁଲିସ ଡିଜି ଏକ ଚୟନ କମିଟି ଗଠନ କରି ଏ ନିଯୁକ୍ତି ଦେବେ ବୋଲି ଗୃହ ବିଭାଗ ପକ୍ଷରୁ କୁହାଯାଇଛି ।

ପ୍ରଶ୍ନ ଉଠିପାରେ ରାଜ୍ୟରେ ଯୋଗ୍ୟ ସୁଠାମ ଯୁବକମାନେ ସେସବୁ ଚାକିରି ଅପେକ୍ଷାରେ ଥିବା ସମୟରେ ଅବସରପ୍ରାପ୍ତ ପୁଲିସଙ୍କୁ ପୁନଃ ନିଯୁକ୍ତି କ'ଣ ପାଇଁ? ପୁଲିସ ଏସ୍‌ଆଇ ପରୀକ୍ଷା ବିଭ୍ରାଟର ଏହା କ'ଣ ବିକଳ୍ପ କି?

ବିଭିନ୍ନ ଦିଗ ଉପରେ ଗୁରୁତ୍ୱ ଦେଇ ଅବସର ବୟସସୀମା ନିର୍ଦ୍ଧାରଣ କରାଯାଇଛି । ଏହାକୁ ପୁଲିସ ବିଭାଗରେ ସବୁଠୁ ଅଧିକ ଗୁରୁତ୍ୱ ଦିଆଯିବା ଦରକାର। ଶାରୀରିକ ଭାବେ ଜଣେ ଫିଟ୍ ଥାଇପାରେ, କିନ୍ତୁ ନିଷ୍ପତ୍ତି ନେବାର କ୍ଷମତା ମଧ୍ୟ ଦରକାର, ଏହା ମସ୍ତିଷ୍କର ସତେଜତା ଉପରେ ନିର୍ଭର କରେ । ସବୁଠୁ ଗୁରୁତ୍ୱପୂର୍ଣ୍ଣ ଦିଗଟି ହେଉଛି– ଆମ ରାଜ୍ୟରେ ପୁଲିସ ଚାକିରି ଆଶାୟୀ ଯୋଗ୍ୟ– ଦକ୍ଷ–ଅଧିକ ଶିକ୍ଷାଗତ ଯୋଗ୍ୟତା ଥିବା ଯୁବକଙ୍କର ଅଭାବ ଅଛି କି? ଆଜିକାଲି କା ପିଲାଏ ତ କମ୍ପ୍ୟୁଟରରେ ଅଧିକ ଦକ୍ଷ ପୁରୁଣା କର୍ମଚାରୀ ତୁଳନାରେ । ତେଣୁ ସେମାନଙ୍କୁ ସୁଯୋଗ ଦେବା ଦରକାର, ସାଇବର ଅପରାଧୀମାନଙ୍କୁ ଧରିବା ପାଇଁ । 'ତେଲିଆ ମୁଣ୍ଡରେ ତେଲ' ନୀତି କାହିଁକି?

# ନେତାଜୀ ସୁଭାଷଙ୍କ ଦୃଷ୍ଟିରେ ମହାତ୍ମା ଗାନ୍ଧୀ



ପ୍ରହ୍ଲାଦ କୁମାର ସିଂହ

ଜାତିର ଜନକ ମହାମାନବ ମହାତ୍ମା ଗାନ୍ଧୀ ଓ ଭାରତର ଜାତୀୟତାବାଦୀ ଆନ୍ଦୋଳନର କୋଟି କୋଟି ଜନତାଙ୍କ ହୃଦୟର ମୁକୁଟବିହୀନ ସମ୍ରାଟ ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଥିଲେ ସ୍ୱାଧୀନତା ସଂଗ୍ରାମ ପାଇଁ ସମର୍ପିତ ଦୁଇଟି ଦିବ୍ୟ ଆତ୍ମା। ସେମାନଙ୍କର ଲକ୍ଷ୍ୟ ଗୋଟିଏ ଥିଲେ ବି ପଥଥିଲା ପୃଥକ । ଏ ପରିପ୍ରେକ୍ଷୀରେ ଏହି ଦୁଇ ମହାମନିଷୀଙ୍କୁ ଠିକଣା ଭାବେ ବୁଝିନପାରି ଓ ଅନୁସରଣ ନ କରି କେତେକ ଅପପ୍ରଚାର କରନ୍ତି ଭାରତମାତାର ଏ ଦୁଇ ବିଭୂତିଙ୍କୁ ପରସ୍ପରର ଶତ୍ରୁ ଭାବେ । କିନ୍ତୁ ଉଭୟ ନେତାଙ୍କ ଆଚରଣ ଓ ଉଚ୍ଚାରଣ ଏବଂ ଇତିହାସର ଦସ୍ତାବିଜ କୁହେ ଭିନ୍ନ କଥା ।

ଗାନ୍ଧୀଜୀଙ୍କ ଠାରୁ ନେତାଜୀ ବୟସରେ ପ୍ରାୟ ୨୬ ବର୍ଷ ସାନ, ଏକପ୍ରକାର ପୁଅ ବୟସର । ଉଭୟଙ୍କ ତ୍ୟାଗ ଏବଂ ଦେଶ ମାତୃକା ପାଇଁ ସେବା ଓ ସମର୍ପଣର ଭାବ ଅନନ୍ୟ। ସେଇଥିପାଇଁ ତ ଏ ଦୁଇ ମହାପୁରୁଷଙ୍କୁ ଏ କୃତଜ୍ଞ ଜାତି ଶତାଧିକ ବର୍ଷ ଧରି ମନେ ରଖିଛି ଏବଂ ଅନନ୍ତକାଳ ପର୍ଯ୍ୟନ୍ତ ଝୁରିବାକୁ ବାଧ ହେବ ବି ।

ନେତାଜୀଙ୍କ ଜନ୍ମ ଓଡ଼ିଶାର କଟକ ମାଟିରେ । ଏଇଠି ବି ତାଙ୍କ ବାଲ୍ୟଶିକ୍ଷା। ପରେ କଲିକତା ଓ ବିଲାତରେ ପାଠ ପଢ଼ିବା ସହ ସେତେବେଳର ମର୍ଯ୍ୟାଦା ସମ୍ପନ୍ନ ଆଇସିଏସ ଚାକିରି ପାଇଁ ଯୋଗ୍ୟ ବିବେଚିତ ହୋଇଥିଲେ । କିନ୍ତୁ ଭାରତମାତାକୁ ବ୍ରିଟିଶ ଶୃଙ୍ଖଳରୁ ଉଦ୍ଧାର କରିବା ପାଇଁ ଯାହାଙ୍କ ମନ ଓ ପ୍ରାଣ ବ୍ୟାକୁଳିତ ହେଉଥିଲା ସେ କ'ଣ ବ୍ରିଟିଶ ସରକାର ଅଧୀନରେ ଉଚ୍ଚ ପଦବୀରେ ଗୋଲାମୀ କରିପାରିଥାନ୍ତେ? ଏ ସଂକ୍ରାନ୍ତରେ ଦୃଢ଼ ନିଷ୍ପତ୍ତି ନେଇ ସେ ଭାରତ ଫେରି ବିଭିନ୍ନ ପର୍ଯ୍ୟାୟରେ ସ୍ୱାଧୀନତା ଆନ୍ଦୋଳନରେ ସକ୍ରିୟ ଅଂଶଗ୍ରହଣ କରିଥିଲେ । ତାଙ୍କ ଯୁବ ନେତୃତ୍ୱ, ଉଦ୍ଦାମତା ଓ ବଜ୍ର ଆହ୍ୱାନ ନୂଆ ଶିହରଣ ସୃଷ୍ଟି କରିଥିଲା । ୧୯୩୪ରୁ ଗାନ୍ଧୀଜୀ ଓ ୧୯୩୯ରୁ ନେତାଜୀ କଂଗ୍ରେସର ସଭ୍ୟପଦ ଛାଡ଼ିଥିଲେ। ଇତିହାସର ଏହା ଭିନ୍ନ ପ୍ରସଙ୍ଗ । ଭାରତ ମାଟିରେ ଚାଲିଥିବା ସ୍ୱାଧୀନତା ସଂଗ୍ରାମରେ ଗାନ୍ଧୀଜୀ ସତ୍ୟାଗ୍ରହର ଅମ୍ଳାନ ଅସ୍ତ୍ର ପ୍ରୟୋଗ କରୁଥିବା ବେଳେ ନେତାଜୀ ଜୀବନକୁ ବାଜି ଲଗାଇ ବିଦେଶ ଚାଲିଯାଇ ଇଂରେଜ ଶାସନର ମୂଳୋତ୍ପାଟନ ପାଇଁ ସେଠାରୁ ସଶସ୍ତ୍ର ସଂଗ୍ରାମ ଆରମ୍ଭ କରିଥିଲେ ।

ଗାନ୍ଧୀଜୀ ସତ୍ୟ, ଅହିଂସା, ସତ୍ୟାଗ୍ରହ, ସ୍ୱଦେଶୀ ଓ ଅସହଯୋଗ ବଳରେ ସ୍ୱାଧୀନତା ଆନ୍ଦୋଳନ ଚଳାଇ ସୂତା ଖିଅରେ ସ୍ୱରାଜ ଆସିବ ବୋଲି କହୁଥିବା ବେଳେ ନେତାଜୀ ଏହି ପ୍ରକ୍ରିୟାରେ ପ୍ରାୟ ୧୬ ବର୍ଷ ଧରି କାମ କରିଥିଲେ । ପରେ ସେ ସଶସ୍ତ୍ର ସଂଗ୍ରାମରେ ବ୍ରିଟିଶଙ୍କୁ ଭାରତରୁ ନିପାତ କରିବାକୁ ଚାହୁଁଥିଲେ । ଫରାସୀ ଓ ରୁଷ ବିପ୍ଳବର ଇତିହାସ ନେତାଜୀଙ୍କୁ ପ୍ରଭାବିତ କରିଥିଲା । ଦେଶର ସ୍ୱାଧୀନତା ପାଇଁ ବିଦେଶୀ ରାଷ୍ଟ୍ରର ସାମରିକ ସହାୟତା ଏମିତିକି ସଶସ୍ତ୍ର ବିପ୍ଳବ ଦ୍ୱାରା ବିଦେଶୀ ଶାସନର ଅବସାନ ଘଟାଇବା ସପକ୍ଷରେ ଥିଲେ ନେତାଜୀ । ଶତ୍ରୁର ଶତ୍ରୁକୁ ମିତ୍ର କରି ସଶସ୍ତ୍ର ସଂଗ୍ରାମ ପାଇଁ ସେ ନେତୃତ୍ୱ ନେଇଥିଲେ ଇଣ୍ଡିଆନ ନ୍ୟାସନାଲ ଆର୍ମି ଓ ଫ୍ରି ଇଣ୍ଡିଆ ସେଣ୍ଟରର । ରୁଷିଆ, ଜର୍ମାନୀ ଓ ଇଟାଲୀର ସେତେବେଳର ନେତା ଷ୍ଟାଲିନ, ମୁସୋଲିନି ଓ ହିଟଲରଙ୍କ ସହ ସମ୍ପର୍କ ସ୍ଥାପନ କରି ବ୍ରିଟିଶ ବିରୁଦ୍ଧରେ ନେତାଜୀ ଯୁଦ୍ଧ ଘୋଷଣା କରିଥିଲେ। ଅଟକ ବନ୍ଦୀ ଥିବାବେଳେ ବ୍ରିଟିଶ ପୁଲିସକୁ ଚକମା ଦେଇ ସେ ବିଦେଶ ଚାଲିଯାଇ ସେଠାରେ ଆଇଏନଏକୁ ସଂଗଠିତ କରି ରେଙ୍ଗୁନ ପଟୁ ବ୍ରିଟିଶଙ୍କୁ ତଡ଼ିବା ଲାଗି ସାମରିକ ଅଭିଯାନ ମଧ୍ୟ ଆରମ୍ଭ କରିଥିଲେ । ନେତାଜୀଙ୍କର ଆହ୍ୱାନ ଥିଲା, 'ମତେ ତମେ ରକ୍ତ ଦିଅ, ମୁଁ ତମକୁ ସ୍ୱାଧୀନତା ଦେବାର ପ୍ରତିଶ୍ରୁତି ଦେଉଛି।' ଗାନ୍ଧୀଜୀଙ୍କ ଅହିଂସା ନୀତିର ଏହା ପରିପନ୍ଥୀ ଥିଲେ ବି ନେତାଜୀଙ୍କ ଦେଶାତ୍ମବୋଧକୁ ମୁକ୍ତକଣ୍ଠରେ ସ୍ୱୀକାର କରି ଗାନ୍ଧୀଜୀ ତାଙ୍କୁ ସମ୍ବୋଧନ କରୁଥିଲେ ପାଟ୍ରିଅଟ ଅଫ ପାଟ୍ରିଅଟ୍ସ ବୋଲି ।

୧୯୪୨ରେ ଗାନ୍ଧୀଜୀ ଭାରତଛାଡ଼ ଆନ୍ଦୋଳନର ବିଗୁଲ ବଜାଇ ଦେଶବାସୀଙ୍କୁ 'କର ବା ମର' ଆହ୍ୱାନ ଦେଇ ସ୍ୱାଧୀନତା ଆନ୍ଦୋଳନ ନିର୍ଣ୍ଣାୟକ ମୋଡରେ ପହଞ୍ଚାଇଥିଲେ। ଲକ୍ଷାଧିକ ସଂଗ୍ରାମୀଙ୍କ କାରାବରଣ, ସହସ୍ରାଧିକଙ୍କ ଜୀବନଦାନ ଓ ଅଗଣିତ ଦେଶପ୍ରେମୀଙ୍କ ନିର୍ଯାତନାବରଣ ସମଗ୍ର ବିଶ୍ୱକୁ ଚମକାଇ ଦେଲା। ଏହି ସମୟରେ ୧୯୪୪ ଜୁଲାଇ ୬ ତାରିଖରେ ଦକ୍ଷିଣ–ପୂର୍ବ ଏସିଆର କୌଣସି ଏକ ସ୍ଥାନରୁ ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଦେଶବାସୀଙ୍କୁ ଦେଇଥିବା ଆଇଏନ୍ଏ ରେଡ଼ିଓର ବେତାର ଭାଷଣରେ ଗାନ୍ଧୀଜୀଙ୍କୁ ଜାତିର ଜନକ ଭାବେ ସମ୍ବୋଧନ କରିଥିଲେ । ନେତାଜୀଙ୍କୁ ନିଖୋଜ କରାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିବା ତାଙ୍କ ପୁତୁରା ଶିଶିର କୁମାର ବୋଷଙ୍କ ଦ୍ୱାରା ରଚିତ ନେତାଜୀ ସୁଭାଷ ଚନ୍ଦ୍ର ବୋଷ ପୁସ୍ତକରେ ଏ କଥା ଉଲ୍ଲେଖ ରହିଛି । ଏହି ବେତାର ଭାଷଣରେ ନେତାଜୀ କହିଥିଲେ, 'ଭାରତର ସ୍ୱାଧୀନତା ସଂଗ୍ରାମର ଶେଷ ଯୁଦ୍ଧ ଆରମ୍ଭ ହୋଇଯାଇଛି । ଆଜାଦ୍ ହିନ୍ଦ୍ ଫୌଜ୍‌ର ସୈନ୍ୟମାନେ ଭାରତ ମାଟିରେ ସାହସର ସହ ଲଢୁଛନ୍ତି... ଏହି ସଶସ୍ତ୍ର ସଂଗ୍ରାମ ଶେଷ ବ୍ରିଟିଶ୍ ଲୋକଟିକୁ ଭାରତ ମାଟିରୁ ବିତାଡ଼ିତ କରିବା ଯାଏଁ ଓ ନୂଆଦିଲ୍ଲୀର ଭାଇସ୍‌ରାୟଙ୍କ ପ୍ରାସାଦ ଉପରେ ଆମ ଜାତୀୟ ତ୍ରିରଙ୍ଗା ପତାକା ଗର୍ବର ସହ ଉଡ଼ିବା ଯାଏଁ ଚାଲିବ । ହେ ଜାତିର ପିତା– ଭାରତର ମୁକ୍ତି ପାଇଁ ଏହି ପବିତ୍ର ସଂଗ୍ରାମରେ ଆମେ ଆପଣଙ୍କ ଆଶୀର୍ବାଦ ଓ ଶୁଭେଚ୍ଛା କାମନା କରୁଛୁ ।' ନେତାଜୀ ଗାନ୍ଧୀଜୀଙ୍କୁ ଜାତିର ଜନକ ଭାବେ ସମ୍ବୋଧନ କରିବା ପରେ ଲୋକେ ତାଙ୍କୁ ଶ୍ରଦ୍ଧା ଓ ସମ୍ମାନରେ ବି ଏହିଭଳି ଡାକି ଆସୁଛନ୍ତି।

ନେତାଜୀ କଲିକତାର ପ୍ରେସିଡେନ୍ସି ଜେଲ୍‌ରେ ବନ୍ଦୀ ଥିବା ବେଳେ ୧୯୪୦ ମସିହାରେ ବ୍ରିଟିଶ୍ ସରକାରଙ୍କୁ ଯେଉଁ ପତ୍ର ଲେଖିଥିଲେ ତାହା ବେଶ୍ ପ୍ରଣିଧାନ ଯୋଗ୍ୟ । ଏଠାରେ ଉଲ୍ଲେଖନୀୟ ଯେ ସେଠାରେ କାରାରୁଦ୍ଧ ଥାଇ ନେତାଜୀ ପୂର୍ବବଙ୍ଗର ଢାକା ନିର୍ବାଚନ ମଣ୍ଡଳୀରୁ କେନ୍ଦ୍ରୀୟ ବିଧାନସଭାକୁ ନିର୍ବାଚିତ ହୋଇଥିଲେ। ଏହି ଐତିହାସିକ ପତ୍ରର ଗୋଟିଏ ସ୍ଥାନରେ ଲେଖା ଅଛି, 'କଷ୍ଟ ସହିଷ୍ଣୁତା ଓ ତ୍ୟାଗର ଫଳ କେବେ ବ୍ୟର୍ଥ ଯାଏନାହିଁ... ମରଣଶୀଳ ପୃଥିବୀରେ ସବୁକିଛି କ୍ଷୟିଷ୍ଣୁ ଓ ନିଶ୍ଚୟ କ୍ଷୟ ପାଇବ– କିନ୍ତୁ ଚିନ୍ତା, ଆଦର୍ଶ ଓ ସ୍ୱପ୍ନ କେବେ କ୍ଷୟ ହୁଏ ନାହିଁ । ଗୋଟିଏ ଚିନ୍ତା ବା ଆଦର୍ଶର ସଫଳତା ପାଇଁ ଜଣେ ଲୋକର ମୃତ୍ୟୁ ହୋଇପରେ, କିନ୍ତୁ ତାଙ୍କ ମୃତ୍ୟୁ ପରେ ସେହି ଚିନ୍ତା ବା ଚେତନା ହଜାର ହଜାର ଜୀବନ ମାଧ୍ୟମରେ ପୁଣି ପ୍ରକଟିତ ଓ ବିକଶିତ ହୋଇଥାଏ... ଗୋଟିଏ ଆଦର୍ଶ ପାଇଁ ଜଣେ ଯଦି ବଞ୍ଚିଥାଏ ଓ ସେଥିପାଇଁ ମୃତ୍ୟୁବରଣ କରେ, ତାହାଠାରୁ ବଳି ଜୀବନର ଆଉ ବଡ଼ ସଫଳତା କ'ଣ ଥାଇପାରେ... ଗୋଟିଏ ନିର୍ଦ୍ଦିଷ୍ଟ ଲକ୍ଷ୍ୟ ନେଇ ପରିବର୍ତ୍ତନର ସନ୍ଧିକ୍ଷଣରେ ଶାନ୍ତିରେ ଆତ୍ମବଳିଦାନ ଅପେକ୍ଷା ଜୀବନର ଆଉ କେଉଁ ସାର୍ଥକ ପରିସମାପ୍ତି ହୋଇପାରେ?' ଏହି ଦିବ୍ୟ ଉକ୍ତି ଉଭୟ ଗାନ୍ଧୀଜୀ ଓ ନେତାଜୀଙ୍କ ଅବର୍ତ୍ତମାନରେ ପ୍ରତିଫଳିତ । ଏଠାରେ ଉଲ୍ଲେଖନୀୟ ଯେ ଏହି ଦୁଇ ଦିବ୍ୟାତ୍ମାଙ୍କ ମଧ୍ୟରେ ନୀତି ଓ ଆଦର୍ଶଗତ ଫରକ ଥିଲା, କିନ୍ତୁ ସେମାନଙ୍କ ଅବିଚଳିତ ଲକ୍ଷ୍ୟ ଥିଲା ଦେଶର ସ୍ୱାଧୀନତା ହାସଲ କରିବା ପାଇଁ । ଉଭୟ ଉଭୟଙ୍କ ଦେଶପ୍ରେମ ଓ ତ୍ୟାଗକୁ ବିଭିନ୍ନ ସମୟରେ ଭୂରି ଭୂରି ପ୍ରଶଂସା କରିଛନ୍ତି ।

କେବଳ ସେତିକି ନୁହେଁ ଗାନ୍ଧୀଜୀଙ୍କ ସହ କାରାରୁଦ୍ଧ ଥିବା ବେଳେ ୧୯୪୪ ଫେବୃଆରୀ ୨୨ରେ ତାଙ୍କ ସହଧର୍ମିଣୀ ଓ ସହକର୍ମିଣୀ କସ୍ତୁରବାଙ୍କ ଦେହାନ୍ତ ହୋଇଥିଲା ଏବଂ ଆଗା ଖାଁ ପ୍ୟାଲେସ କ୍ୟାମ୍ପ ଜେଲ ପରିସର ମଧ୍ୟରେ ତାଙ୍କ ଚିତା ମଧ୍ୟ ଜଳିଥିଲା । ଏ ଖବର ପାଇ ନେତାଜୀ ସୁଭାଷ ଯେଉଁ ଆବେଗଭରା ବାର୍ତ୍ତା ଦେଇ ପ୍ରତିଶୋଧ ଚାହିଁଥିଲେ ତାହା ଥିଲା ଦେଶପ୍ରେମରେ ଭରପୂର ସର୍ବଶ୍ରେଷ୍ଠ ଶୋକାଞ୍ଜଳି । ଏଥିରେ ନେତାଜୀ ଉଲ୍ଲେଖ କରିଥିଲେ, 'ଶ୍ରୀମତୀ କସ୍ତୁରବା ଗାନ୍ଧୀଙ୍କ ପରଲୋକ ହୋଇଛି । ବ୍ରିଟିଶ ସରକାରଙ୍କ ପୁନାରେ ଥିବା ଏକ ଜେଲରେ ୭୪ ବର୍ଷ ବୟସରେ ତାଙ୍କର ମୃତ୍ୟୁ ଘଟିଛି । ଦେଶର ୩୮ କୋଟି ୮୦ ଲକ୍ଷ ଲୋକ ଏବଂ ବିଦେଶରେ ଥିବା ମୋର ସହଯୋଦ୍ଧାମାନଙ୍କ ସହିତ ମୁଁ କସ୍ତୁରବାଙ୍କ ମୃତ୍ୟୁରେ ଗଭୀର ଶୋକବ୍ୟକ୍ତ କରୁଛି । ତାଙ୍କର ଯେଉଁଭଳି ଦୁଃଖଦ ବିୟୋଗ ଘଟିଲା ତାହା ନିଶ୍ଚିତ ଭାବରେ ଗୋଟିଏ ପରାଧୀନ ଦେଶର ଜଣେ ଅଧିବାସୀଙ୍କ ପାଇଁ ବେଶ ସମ୍ମାନଜନକ ଓ ଗୌରବମୟ । ଭାରତ ପାଇଁ ତାଙ୍କ ମୃତ୍ୟୁ ଏକ ଅପୂରଣୀୟ କ୍ଷତି... ବସ୍ତୁତଃ ଇଂରେଜ ସରକାର ମହାତ୍ମା ଗାନ୍ଧୀଙ୍କୁ କଷ୍ଟ ଦେଇ ତାଙ୍କ ଶରୀର ଓ ମନୋବଳକୁ ଭାଙ୍ଗିଦେବା ଲାଗି କସ୍ତୁରବାଙ୍କୁ ଠିକଣା ଭାବେ ଚିକିତ୍ସା ସୁବିଧା ଯୋଗାଇନଥିଲେ। ଏ ପରିପ୍ରେକ୍ଷୀରେ ଇଂରେଜ ସରକାର ପାଇଁ ମୁଁ କେବଳ ଘୃଣା ହିଁ ବ୍ୟକ୍ତ କରିପାରେ । କସ୍ତୁରବାଙ୍କର ଯେଉଁଭଳି ନିଧନ ହେଲା ତାହାକୁ ମୁଁ ବ୍ରିଟିଶ ସରକାରର ଏକ ନିର୍ମମ ହତ୍ୟାକାଣ୍ଡ ବୋଲି ଅଭିହିତ କରି ଏହି ଦୋଷରେ ସରକାର ଦୋଷୀ ବୋଲି କହିପାରେ । କସ୍ତୁରବା ବାସ୍ତବରେ ଏକ ସହିଦର ମୃତ୍ୟୁ ଲାଭ କରିଛନ୍ତି । ଗାନ୍ଧୀଜୀ ଓ ତାଙ୍କ ମହାନ ପତ୍ନୀ କସ୍ତୁରବା ଜେଲ ଭିତରେ ମରିବାକୁ ପ୍ରସ୍ତୁତ ଥିଲେ। କିନ୍ତୁ ଜେଲରୁ ମୁକୁଳିବା ପାଇଁ ସେମାନେ ଚାହୁଁନଥିଲେ। ଇଂରେଜମାନେ ଚକ୍ରାନ୍ତ କରିଥିଲେ ଯେ ଗାନ୍ଧୀଜୀଙ୍କ ଆଖି ଆଗରେ କସ୍ତୁରବା ଛଟପଟ ହୋଇ ମରନ୍ତୁ । ଇଂରେଜମାନଙ୍କ ଏହି ଅପରାଧିକ ମାନସିକତା ପୂରଣ ହୋଇଛି । ଏହି ମୃତ୍ୟୁ ଜଘନ୍ୟ ହତ୍ୟାକାଣ୍ଡଠାରୁ କମ ନୁହେଁ । ବ୍ରିଟିଶ ସରକାର ଗାନ୍ଧୀଜୀ ଓ ଭାରତୀୟମାନଙ୍କୁ ଭଲ ଭାବରେ ବୁଝିନାହାନ୍ତି । ସେମାନେ ଗାନ୍ଧୀଜୀ ଓ ଭାରତୀୟମାନଙ୍କୁ ଯେତେ ମାନସିକ ଓ ଶାରୀରିକ ନିର୍ଯାତନା ଦେଲେ ମଧ୍ୟ ଗାନ୍ଧୀଜୀ ତାଙ୍କ ନିଷ୍ପତ୍ତିରୁ ଇଞ୍ଚେ ହେଲେ ହଟିବେ ନାହିଁ । ଦେଶ ବିଦେଶରେ ରହୁଥିବା ଭାରତୀୟମାନେ କସ୍ତୁରବାଙ୍କ ଦୁଃଖଦ ମୃତ୍ୟୁରୁ ସ୍ପଷ୍ଟ ଜାଣିପାରୁଛନ୍ତି ଯେ ହୃଦୟହୀନ ଇଂରେଜ ସରକାର ଜଣ ଜଣ କରି ଆମ ନେତାମାନଙ୍କୁ ମାରିଦେବାର ନିଷ୍ପତ୍ତି ନେଇଛି... କସ୍ତୁରବାଙ୍କ ଭଳି ଜଣେ ମହାନ ମହିଳା ବାସ୍ତବରେ ଭାରତୀୟମାନଙ୍କ ପାଇଁ ମା' ଭଳି । ତାଙ୍କ ପ୍ରତି ନମ୍ରତାର ସହ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସଙ୍ଗେ ସଙ୍ଗେ ଏ ଗଭୀର ଶୋକ ସମୟରେ ଗାନ୍ଧୀଜୀଙ୍କ ପ୍ରତି ମଧ୍ୟ ସମବେଦନା ଜଣାଉଛି । କସ୍ତୁରବାଙ୍କ ନିକଟ ସମ୍ପର୍କରେ ଅନେକଥର ଆସିବାର ସୌଭାଗ୍ୟ ମୋତେ ମିଳିଛି । ସେ ଭାରତୀୟ ନାରୀ ଜାତିର ଆଦର୍ଶ। ଶକ୍ତିଶାଳୀ, ଧୈର୍ଯ୍ୟବତୀ, ନୀରବ ସାଧିକା ତଥା ଆତ୍ମନିର୍ଭରଶୀଳ ମଧ୍ୟ ଥିଲେ । ଦେଶର ସ୍ୱାଧୀନତା ଆନ୍ଦୋଳନରେ ଲକ୍ଷ ଲକ୍ଷ ମହିଳା ସାମିଲ ହେବା ପଛରେ କସ୍ତୁରବାଙ୍କର ପ୍ରେରଣା ଥିଲା । ଦକ୍ଷିଣ ଆଫ୍ରିକା ସତ୍ୟାଗ୍ରହରେ ବି ତାଙ୍କର ଢେର ଯୋଗଦାନ ଥିଲା । ଭାରତର ସ୍ୱାଧୀନତା ସଂଗ୍ରାମରେ ମହିଳାମାନେ ଯେପରି ଅଧିକ ସଂଖ୍ୟାରେ ସାମିଲ ହୋଇପାରିବେ ସେ ଦିଗରେ ସେ ଅନେକ କାମ କରିଛନ୍ତି ଏବଂ ପୁଅମାନେ ଏ କ୍ଷେତ୍ରରେ ଝିଅମାନଙ୍କଠାରୁ ଯେପରି ପଛରେ ପଡ଼ି ନ ଯାଆନ୍ତି ସେଥିପାଇଁ ଆହ୍ୱାନ ମଧ୍ୟ ସୃଷ୍ଟି କରିଥାନ୍ତି । ସ୍ୱାଧୀନତା ଆନ୍ଦୋଳନରେ ବହୁବାର କାରାବରଣ କରିବା ସଙ୍ଗେସଙ୍ଗେ ଜଣେ ସଚ୍ଚା ସତ୍ୟାଗ୍ରହୀ ଭାବେ ମଧ୍ୟ କାମ କରିଯାଇଛନ୍ତି... ଯେ ପର୍ଯ୍ୟନ୍ତ ଭାରତରେ ଇଂରେଜ ଶାସନ ରହିଥିବ ସେ ପର୍ଯ୍ୟନ୍ତ ସେମାନଙ୍କ ଅତ୍ୟାଚାର ଚାଲିଥିବ । ଭାରତର ଯୁବକ ଯୁବତୀମାନେ ବ୍ରିଟିଶ ସାମ୍ରାଜ୍ୟକୁ ସମ୍ପୂର୍ଣ୍ଣ ଭାବେ ବିଲୋପ କରି କସ୍ତୁରବାଙ୍କ ମୃତ୍ୟୁର ପ୍ରତିଶୋଧ ନେଇପାରିବେ । ପୂର୍ବ ଏସିଆରେ ରହୁଥିବା ଭାରତୀୟମାନେ ଇଂରେଜ ଶାସନ ବିରୁଦ୍ଧରେ ଯୁଦ୍ଧ ଚଳାଇଛନ୍ତି ଏବଂ ସେମାନଙ୍କ ଉପରେ ସ୍ୱତନ୍ତ୍ର ଦାୟିତ୍ୱ ରହିଛି । ଏଠି ରହୁଥିବା ପ୍ରତ୍ୟେକ ଭଉଣୀଙ୍କର ଯୁଦ୍ଧରେ ଭାଗ ନେବା ଏକ ପରମ କର୍ତ୍ତବ୍ୟ। ଦୁଃଖର ଏହି ମୁହୂର୍ତ୍ତରେ ଆମେ ଆଉଥରେ ପବିତ୍ର ଶପଥ ନେବା ଯେ ଶେଷ ଇଂରେଜ ଯେ ପର୍ଯ୍ୟନ୍ତ ଭାରତରୁ ବିଦା ନ ନେଇଛି ସେ ପର୍ଯ୍ୟନ୍ତ ଆମେ ସବୁ ଆମର ସଶସ୍ତ୍ର ସଂଗ୍ରାମ ଅବାହତ ରଖିବା ।' କସ୍ତୁରବାଙ୍କ ମୃତ୍ୟୁପରେ ତାଙ୍କୁ ସହିଦର ସମ୍ମାନ ଜଣାଇବା ସଙ୍ଗେ ସଙ୍ଗେ ଭାରତୀୟ ମାତୃଜାତିର ପ୍ରତୀକ ଭାବେ ଉଲ୍ଲେଖ କରି ତାଙ୍କ ମୃତ୍ୟୁର ପ୍ରତିଶୋଧ ନେବା ପାଇଁ ଏହା ଥିଲା 'Homage to Mother of the Indian People' ଶୀର୍ଷକ ଆଲେଖରେ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କର ଅବେଗଭରା ବଜ୍ର ଆହ୍ୱାନର କିୟଦଂଶ ।

ନେତାଜୀଙ୍କ ବିମାନ ଦୁର୍ଘଟଣାଜନିତ ମୃତ୍ୟୁ ସମ୍ବାଦକୁ ଗାନ୍ଧୀଜୀ ଅସ୍ୱୀକାର ଓ ଅଗ୍ରାହ କରିବା ସଙ୍ଗେ ସଙ୍ଗେ ସେ ବଞ୍ଚିଥିବା ଘେନି ଦୃଢ଼ୋକ୍ତି କରୁଥିଲେ । ନେତାଜୀ ବି ଅନ୍ତର୍ଦ୍ଧାନ ହେବା ପୂର୍ବରୁ ତାଙ୍କ ଆଇଏନଏକୁ ସ୍ପଷ୍ଟ ନିର୍ଦ୍ଦେଶ ଦେଇ ସ୍ୱାଧୀନତା ଆନ୍ଦୋଳନରେ ଗାନ୍ଧୀଜୀଙ୍କ ସହ ସାମିଲ ହେବାକୁ କହିଥିଲେ । ନୋଆଖାଲିରେ ଗାନ୍ଧୀଜୀଙ୍କ ପଦଯାତ୍ରା, କଲିକତାରେ ଶାନ୍ତି ଅଭିଯାନ ଏବଂ ୧୯୪୭ ଅଗଷ୍ଟ ୧୫ରେ ବେଲିଆଘାଟର ଦଙ୍ଗା ବିଧ୍ୱସ୍ତ ଅଞ୍ଚଳରେ ଗାନ୍ଧୀଜୀ ଗଭୀର ମନସ୍ତାପରେ ବିନିଦ୍ର ରଜନୀ କାଟିଥିବା ବେଳେ ଏମିତିକି ୧୯୪୮ ଜାନୁଆରୀ ୩୧ ତାରିଖର ଗାନ୍ଧୀଜୀଙ୍କ ମହାଯାତ୍ରାରେ ଆଇଏନଏର ବହୁ ଯବାନ ସାମିଲ ଥିଲେ । ଆତତାୟୀର ଗୁଳିଚୋଟରେ ଶହୀଦ ହେବାର ସପ୍ତାହକ ପୂର୍ବରୁ ୧୯୪୮ ଜାନୁଆରୀ ୨୩ରେ ନେତାଜୀଙ୍କ ଜନ୍ମଦିନରେ ଗାନ୍ଧୀଜୀ ପ୍ରାର୍ଥନା ସଭାରେ ଯେଉଁ ବକ୍ତବ୍ୟ ରଖିଥିଲେ ତାହା ଇତିହାସର ଦସ୍ତାବିଜ । କିନ୍ତୁ ଗାନ୍ଧୀଜୀ ଓ ନେତାଜୀଙ୍କ ଅଭିଯାନରେ ଆଦୌ କେବେ ସାମିଲ ନଥିବା କିଛି ଗୋଷ୍ଠୀ କିନ୍ତୁ ଇତିହାସର କଦର୍ଥ କରି ଯେଉଁ ଭିନ୍ନ ଚିତ୍ର ରଖିଛନ୍ତି ତାହା ସତ୍ୟର କଷଟି ପଥରରେ ଯେ ବାରମ୍ବାର ମିଥ୍ୟା ପ୍ରମାଣିତ ହେଉଛି ଏହା ସେମାନେ ବୁଝିବି ଅବୁଝା ହୁଅନ୍ତି ।

ମୋ.୯୪୩୭୦୧୭୩୯୫

# ପଦ୍ମମୁଖରେ ହସିବେ ଦିଅଁ

■ପୁଷ୍ପମିତ୍ର ମହାପାତ୍ର ■

ପଦ୍ମବେଶ ଏକ ଭାବମୂଳକ ବେଶ। ମାଘ ଆମାବାସ୍ୟା ପରେ ବସନ୍ତ ପଞ୍ଚମୀ ପୂର୍ବରୁ ପଡୁଥିବା ବୁଧବାର ବା ଶନିବାରଦିନ ଏହି ବେଶ କରାଯାଇଥାଏ । ଚଳିତ ବର୍ଷ ବୁଧବାର ଦ୍ୱିତୀୟ ଧନିଷ୍ଠା ନକ୍ଷତ୍ରରେ ଏହା ପଡୁଛି । ବର୍ଷକରେ କେବଳ ଏହି ଗୋଟିଏ ଦିନ ମହାପ୍ରଭୁ ପଦ୍ମବେଶରେ ହିଁ ପହୁଡ଼ ଯାଆନ୍ତି । ବଡ଼ସିଂହାର ବେଶ ହୁଅନ୍ତି ନାହିଁ। କେତେକ ଗବେଷକଙ୍କ ମତରେ ଏହି ବେଶର ପ୍ରବର୍ତ୍ତକ ହେଉଛନ୍ତି ବଡ଼ଛତା ମଠର ସନ୍ଥ ରଘୁବର ଦାସ । କିମ୍ବଦନ୍ତୀ ଅନୁଯାୟୀ, ଉତ୍କଳ ଠାରୁ ଶହ ଶହ ମାଇଲ ଦୂରରେ ଥିଲେ ଜଣେ ହିନ୍ଦୀ ଭାଷୀ ସାଧୁ । ତାଙ୍କର ନାମ ଥିଲା ମନୋହର ଦାସ । ଏକଦା ମହାତ୍ମା ମନୋହର ଦାସ ଜଗନ୍ନାଥଙ୍କ ଦର୍ଶନ କରିବା ଉଦ୍ଦେଶ୍ୟରେ ଶ୍ରୀକ୍ଷେତ୍ରକୁ ଆଗମନ କରିଥିଲେ। ତାଙ୍କର ପ୍ରବଳ ଆକାଂକ୍ଷା ଥିଲା ପୁରୁଷୋତ୍ତମ ଶ୍ରୀଜଗନ୍ନାଥଙ୍କ ଦର୍ଶନ କରିବାକୁ । ଦୀର୍ଘ ଦିନ ପାଦରେ ଚାଲି ଚାଲି ଅନେକ ଜଙ୍ଗଲ, ପାହାଡ଼, ନଈ, ରାସ୍ତା ଅତିକ୍ରମ କରି ଶାରୀରିକ ପୀଡ଼ା ସତ୍ତ୍ୱେ ସେ ଅବିଚଳିତ ଭାବେ ଆଗେଇ ଚାଲିଥାନ୍ତି ।

ପଥ ମଧ୍ୟରେ ରାତ୍ରି ହୋଇଗଲେ କୌଣସି ମନ୍ଦିର, ମଠ, ଆଶ୍ରମ କିମ୍ବା ବୃକ୍ଷ ତଳେ ବିଶ୍ରାମ ନିଅନ୍ତି । ପଦବ୍ରଜରେ ଯାଉଥିବା ବେଳେ ସାଧୁଙ୍କୁ ଥରେ ଭୀଷଣ ଶୋଷ ହେଲା । ପାଖରେ କୌଣସି ଗ୍ରାମ କିମ୍ବା ଜଳାଶୟ ନଥିଲା । କିଛି ପଥ ଅତିକ୍ରମ କରିବା ପରେ ହଠାତ୍ ତାଙ୍କର ଦୃଷ୍ଟିଗୋଚର ହେଲା ଗୋଟିଏ ପୁଷ୍କରିଣୀ ମଧ୍ୟରେ ଅନେକ ପଦ୍ମ ଫୁଲ ଫୁଟିଛି। ସେ ତାହା ଦେଖି ଆଶ୍ଚର୍ଯ୍ୟ ହୋଇଗଲେ । କାରଣ ଶୀତଦିନରେ ପଦ୍ମ ଫୁଲ ଫୁଟିବା ସମ୍ଭବ ନୁହେଁ । ସେ ମନେ ମନେ ଜଗନ୍ନାଥଙ୍କୁ ସୁମରଣା କରି ପାଣି ପିଇ ପ୍ରଭୁଙ୍କ ନିମନ୍ତେ ପୁଷ୍କରିଣୀରେ ଫୁଟିଥିବା ପଦ୍ମ ପୁଷ୍ପକୁ ତୋଳି ନିକଟରେ ଥିବା ଏକ ମଇଳା ଗାମୁଛାରେ ନେଇଥିଲେ। ମାଘ ମାସ ଅମାବାସ୍ୟା ଦିନ ସେ ଶ୍ରୀମନ୍ଦିରରେ ପହଞ୍ଚି ପଦ୍ମଫୁଲଗୁଡ଼ିକୁ ଶ୍ରୀଜୀଉମାନଙ୍କ ଚରଣାବିନ୍ଦରେ ଲାଗି କରିବା ପାଇଁ ଅନୁରୋଧ କଲେ । ମଇଳା ଗାମୁଛାରେ ଥିବା ଶୁଷ୍କ ପଦ୍ମ ଫୁଲକୁ ଦେଖି ପଣ୍ଡା ଏହା ଠାକୁରଙ୍କ ଲାଗି ହୋଇପାରିବ ନାହିଁ କେହି ତିରସ୍କାର କଲେ । ଏଘଟଣାରେ ଭକ୍ତ ମନୋହର ଦୁଃଖ ଓ ଅପମାନରେ ମ୍ରିୟମାଣ ହୋଇ ତଳେ ପଡ଼ିଥିବା ଫୁଲ ସବୁ ଗୋଟାଇ ଶ୍ରୀମନ୍ଦିରରୁ ପଳାଇ ଆସି ବଡ଼ଛତା ମଠ ନିକଟରେ ଜଗନ୍ନାଥଙ୍କୁ ସ୍ମରଣ କରି ମୂର୍ଚ୍ଛିତ ହୋଇପଡ଼ିଲେ । ସେହିଦିନ ଜଗନ୍ନାଥ ମହାପ୍ରଭୁ ସ୍ୱପ୍ନାଦେଶରେ ଗଜପତି ମହାରାଜାଙ୍କୁ କହିଲେ ମନୋହର ଆଣିଥିବା ପଦ୍ମ ପୁଷ୍ପରେ ହିଁ ଆଜି ମୋର ବଡ଼ସିଂହାର ବେଶ ହେବ । ପଦ୍ମ ଚାଉଳରେ ଖିରି ଭୋଗ କରି ସେହି ସାଧୁଙ୍କୁ ସେବନ କରାଇ ତାଙ୍କର ଜୀବନ ରକ୍ଷା କର । ଭକ୍ତ ପ୍ରବର ସାଧୁ ମନୋହର ଦାସ ଶ୍ରୀଜଗନ୍ନାଥଙ୍କୁ ପଦ୍ମ ପୁଷ୍ପ ପ୍ରଦାନର କିମ୍ବଦନ୍ତୀ ମୂଳକ ଆଖ୍ୟାନ ଅନୁକ୍ରମେ ମାଘ ମାସରେ ଏହି ବେଶରେ ଜଗନ୍ନାଥ ମହାପ୍ରଭୁ ସୋଲରେ ନିର୍ମିତ ପଦ୍ମପୁଷ୍ପ ପରିହିତ ହୋଇଥାନ୍ତି । ଏହି ଦେବଦୁର୍ଲ୍ଲଭ ବେଶ ଦର୍ଶନ କରିବା ପାଇଁ ପୁରୀ ଶ୍ରୀମନ୍ଦିରକୁ ଲକ୍ଷ ଲକ୍ଷ ଭକ୍ତଙ୍କ ଆଗମନ ହୋଇଥାଏ ।

ସେକ୍ଟର–୬, ସିଡିଏ, କଟକ,
ମୋ. ୯୪୩୭୨୨୫୬୮୯

# ଧର୍ମର ସଂଜ୍ଞା ଓ ଏକ ତାତ୍ତ୍ୱିକ ବିଶ୍ଳେଷଣ

■ଡଃ ଅମୂଲ୍ୟ କୁମାର ପଣ୍ଡା ■

ଧର୍ମ ହେଉଛି ନିର୍ଦ୍ଦିଷ୍ଟ ଆଚରଣ ଏବଂ ଅଭ୍ୟାସ, ବିଶ୍ୱ ଦୃଷ୍ଟିକୋଣ, ଦିବ୍ୟଗ୍ରନ୍ଥ, ତୀର୍ଥ, ଭବିଷ୍ୟବାଣୀ, ନୈତିକତା ଇତ୍ୟାଦି ଯାହା ମାନବକୁ ଆଲୌକିକ, ଆଧ୍ୟୟନିକ କିମ୍ବା ଆଧ୍ୟାତ୍ମିକ ଉପାଦାନ ସହିତ ଜଡ଼ିତ କରୁଥିବା ସାମାଜିକ–ସାଂସ୍କୃତିକ ବ୍ୟବସ୍ଥା । ଧର୍ମ କହିଲେ ଜୀବ କଲ୍ୟାଣ ଏବଂ ଅନ୍ତଃକରଣ ଶୁଦ୍ଧି ନିମନ୍ତେ ଉଦ୍ଦିଷ୍ଟ ଆଚରଣର ନିୟମକୁ ବୁଝାଇଥାଏ । ଅଧର୍ମ କହିଲେ ନିଷିଦ୍ଧ କର୍ମକୁ ବୁଝାଇଥାଏ ଯାହା ପତନର କାରଣ ହୋଇଥାଏ ଏବଂ ସମାଜର ହାନି କରିଥାଏ । ଆସୁରିକ ସ୍ୱଭାବରେ ଶାସ୍ତ୍ର ଜ୍ଞାନ ପ୍ରତି ଶ୍ରଦ୍ଧା ନ ଥାଏ । ସୁତରାଂ, ଯେଉଁମାନଙ୍କର ସ୍ୱଭାବ ଆସୁରିକ, ସେମାନେ ଠିକ୍ ଭୁଲ୍‌ର ବିଚାର କରିପାରନ୍ତି ନାହିଁ । ଆସୁରିକ ସ୍ୱଭାବର ବ୍ୟକ୍ତିମାନେ ଉଚିତ୍–ଅନୁଚିତ୍ର ବିବେଚନା କରି ପାରନ୍ତି ନାହିଁ । ତେଣୁ ସେମାନଙ୍କ ଚରିତ୍ରରେ ଶୁଦ୍ଧତା, ସତ୍ୟ କିମ୍ବା ଉଚିତ ଆଚରଣ ଦୃଷ୍ଟିଗୋଚର ହୋଇ ନ ଥାଏ । ସେମାନେ କହନ୍ତି, ସଂସାର ସତ୍ୟ ରହିତ ଅଟେ । ଏହାର ଆଧାର (ଧାର୍ମିକ) କିଛି ନାହିଁ ଏବଂ ଏହା ଈଶ୍ୱରହୀନ (ଯିଏ ସୃଷ୍ଟି କରନ୍ତି ଏବଂ ନିୟନ୍ତ୍ରଣ କରନ୍ତି) ଅଟେ । ଏହା ଦୁଇ ଲିଙ୍ଗର ସଂଯୋଗରେ ସୃଷ୍ଟି ହୋଇଛି ଏବଂ ଯୌନ ସନ୍ତୋଷ ଅତିରିକ୍ତ ଏହାର ଅନ୍ୟ କୌଣସି ଉଦ୍ଦେଶ୍ୟ ନାହିଁ । ଅନୈତିକ ବ୍ୟବହାରରୁ କ୍ଷାନ୍ତ ହେବାର ଦୁଇଟି ଉପାୟ ଅଛି । ପ୍ରଥମଟି, ଇଚ୍ଛାଶକ୍ତିର ଉପଯୋଗ କରି ଅଧର୍ମଠାରୁ ଦୂରେଇ ରହିବା ଏବଂ ଦ୍ୱିତୀୟ ଉପାୟଟି, ଭଗବାନଙ୍କ ଭୟରେ ପାପରୁ ନିବୃତ୍ତ ରହିବା । କେବଳ ନିଜ ଇଚ୍ଛାଶକ୍ତି ଉପଯୋଗ କରି ପାପ କର୍ମରୁ ନିବୃତ୍ତ ରହିବା ବ୍ୟକ୍ତି ବହୁତ କମ୍ ଅଛନ୍ତି । ଅଧିକାଂଶ ବ୍ୟକ୍ତି ଦଣ୍ଡ ଭୟରେ ଅସତ୍ ଆଚରଣ କରିବାରୁ ନିବୃତ ହୁଅନ୍ତି । ଉଦାହରଣ ସ୍ୱରୂପ, ଆମେ ରାଜପଥରେ ଲକ୍ଷ୍ୟ କରୁ, ଯେତେବେଳେ ଗୋଟିଏ ପୋଲିସ ଗାଡ଼ି ଦେଖାଯାଏ, ଲୋକମାନେ ତାଙ୍କ ଯାନର ଗତିକୁ ମନ୍ଥର କରିଦିଅନ୍ତି । କିନ୍ତୁ ଯେତେବେଳେ ଧରାପଡ଼ି କୌଣସି ଭୟ ନ ଥାଏ, ସେମାନେ ଗତିକୁ ସୀମା ଅତିରିକ୍ତ କରିବାକୁ କୁଣ୍ଠାବୋଧ କରନ୍ତି ନାହିଁ । ତେଣୁ ଆମେ ଯଦି ଭଗବାନଙ୍କୁ ବିଶ୍ୱାସ କରିବା, ଅନୈତିକ କାର୍ଯ୍ୟରୁ ଦୂରରେ ରହିବା । ତା' ପରିବର୍ତ୍ତେ ଯଦି ଆମେ ଭଗବାନଙ୍କୁ ବିଶ୍ୱାସ କରିବା ନାହିଁ, ତେବେ ମଧ୍ୟ ତାଙ୍କର ସମସ୍ତ ନିୟମ ଆମ ପ୍ରତି ଲାଗୁ ହେବ ଏବଂ ଆମେ ଅନୁଚିତ୍ କର୍ମର ପରିଣତି ଭୋଗ କରିବା ।

ଭିନ୍ନ ଭିନ୍ନ ଧର୍ମରେ ଦିବ୍ୟ, ପବିତ୍ର ବସ୍ତୁ, ବିଶ୍ୱାସ, ଅଲୌକିକ ଜୀବ କିମ୍ବା ଅଲୌକିକ ଜୀବନ କିମ୍ବା ଅବଶିଷ୍ଟ ଜୀବନ ପାଇଁ ମାନଦଣ୍ଡ ଏବଂ ଶକ୍ତି ପ୍ରଦାନ କରିବା ଭଳି କିଛି ଚିରନ୍ତନତା ଏବଂ ଅପାର୍ଥିବତା ଆଦି ବିଷୟ ରହିଥାଇପାରେ କିମ୍ବା ନଥାଇପାରେ । ଧାର୍ମିକ ଅଭ୍ୟାସଗୁଡ଼ିକ ଭିତରେ ରୀତିନିତି, ଧର୍ମୋପଦେଶ, (ଦେବତା ଏବଂ/ କିମ୍ବା ସନ୍ଥମାନଙ୍କ ପ୍ରତି) ସ୍ମାରକ କିମ୍ବା ଅତ୍ୟଧିକ ସମ୍ମାନ , ବଳିଦାନ, ପର୍ବ, ଭୋଜି, ପ୍ରଣାମ, ଆରମ୍ଭ, ଅନ୍ତିମକ୍ରିୟା, ବିବାହ କାର୍ଯ୍ୟ, ଧ୍ୟାନ, ପ୍ରାର୍ଥନା, ସଂଗୀତ, କଳା, ନୃତ୍ୟ, ଜନସେବା କିମ୍ବା ମାନବ ସଂସ୍କୃତିର ଅନ୍ୟ ଦିଗ ଅନ୍ତର୍ଭୁକ୍ତ ହୋଇପାରେ । ଧର୍ମଗୁଡ଼ିକରେ ବିଭିନ୍ନ ପରାଭୌତିକ କାହାଣୀସବୁ ରହିଛି । ଏସବୁ ପବିତ୍ର ଶାସ୍ତ୍ର, ପ୍ରତୀକ ଏବଂ ପବିତ୍ର ସ୍ଥାନମାନଙ୍କରେ ସଂରକ୍ଷିତ ହୋଇ ରହେ ଏବଂ ତାହାର ଉଦ୍ଦେଶ୍ୟ ସାଧାରଣତଃ ଜୀବନକୁ ଅର୍ଥପୂର୍ଣ୍ଣ କରିବା ଉଦ୍ଦେଶ୍ୟରେ ହୋଇଥାଏ । ଧର୍ମରେ ଥିବା ସାଙ୍କେତିକ କାହାଣୀସବୁକୁ ବେଳେବେଳେ ଅନୁଗାମୀମାନେ ସତ୍ୟ ବୋଲି କହିଥାନ୍ତି । ଏସବୁର ଉଦ୍ଦେଶ୍ୟ ଜୀବନର ଉତ୍ପତ୍ତି, ବ୍ରହ୍ମାଣ୍ଡ ଏବଂ ଅନ୍ୟାନ୍ୟ ଜିନିଷର ବ୍ୟାଖ୍ୟା କରିବା । ପାରମ୍ପରିକ ଭାବେ କାରଣ ରହିତ ବିଶ୍ୱାସକୁ ଧାର୍ମିକ ବିଶ୍ୱାସର ଉତ୍ସ ଭାବେ ବିବେଚନା କରାଯାଇଛି । ବିଶ୍ୱରେ ପ୍ରାୟ ୧୦,୦୦୦ରୁ ଅଧିକ ଧର୍ମ ରହିଛି । ବିଶ୍ୱ ଜନସଂଖ୍ୟାର ୮୪ ଭାଗ ଲୋକ ଖ୍ରୀଷ୍ଟ, ହିନ୍ଦୁ, ଇସ୍ଲାମ, ବୌଦ୍ଧ ତଥା ଲୋକପ୍ରଥା ସହ ଯୋଡି ହୋଇଛନ୍ତି । ଅବଶିଷ୍ଟ ଲୋକମାନେ ନିଜକୁ କୌଣସି ନିର୍ଦ୍ଦିଷ୍ଟ ଧର୍ମର ବୋଲି ଭାବନ୍ତି ନାହିଁ କିମ୍ବା ସେମାନେ ନିଜକୁ ନାସ୍ତିକ ବୋଲି ମାନନ୍ତି ।

ଆସୁରିକ ପ୍ରବୃତ୍ତିଯୁକ୍ତ ବ୍ୟକ୍ତିମାନେ କୌଣସି ପ୍ରକାରର ପ୍ରାଧିକରଣ ଏବଂ ନିୟମନକୁ ସ୍ୱୀକାର କରନ୍ତି ନାହିଁ, ଯାହା ଭଗବତ୍ ବିଶ୍ୱାସର ଏକ ଆବଶ୍ୟକୀୟ ଅନୁଶାସନ ଅଟେ । ସେମାନଙ୍କ ମତରେ ଭଗବାନ ବୋଲି କେହି ନାହାଁନ୍ତି ଏବଂ ସଂସାରର କୌଣସି ଧାର୍ମିକ ଆଧାର ନାହିଁ । ସେମାନେ ମହା ବିସ୍ଫୋଟ ସିଦ୍ଧାନ୍ତ ପରି ପରିକଳ୍ପନାର ପ୍ରଚାର କରନ୍ତି, ଯାହା ଅନୁଯାୟୀ ସୃଷ୍ଟିର ଶୂନ୍ୟ ସମୟରେ ଘଟିଥିବା ଏକ ଆକସ୍ମିକ ବିସ୍ଫୋରଣରୁ ସଂସାରର ସୃଷ୍ଟି ହୋଇଛି, ତେଣୁ ଏହି ସଂସାରକୁ ବ୍ୟବସ୍ଥିତ ରଖିବାକୁ କୌଣସି ଭଗବାନ ନାହାଁନ୍ତି । ଏହିପରି ସିଦ୍ଧାନ୍ତ ସେମାନଙ୍କୁ ନିଃସଂକୋଚରେ କିମ୍ବା କୌଣସି ପରିଣାମର ଭୟ ନ ଥାଇ ଇନ୍ଦ୍ରିୟ ସୁଖ ଉପଭୋଗ କରିବାରେ ନିୟୋଜିତ କରିଥାଏ । ବିଭିନ୍ନ ଇନ୍ଦ୍ରିୟ ସୁଖଭୋଗ ମଧ୍ୟରୁ, ଯୌନ ସମ୍ଭୋଗର ଇଚ୍ଛା ଅତି ପ୍ରବଳ ଅଟେ । ଏହାର କାରଣ ଭୌତିକ ଜଗତ ଆଧ୍ୟାତ୍ମିକ ଜଗତର ଏକ ବିକୃତ ପ୍ରତିରୂପ ଅଟେ । ଆଧ୍ୟାତ୍ମିକ ଜଗତରେ, ମୁକ୍ତ ଆତ୍ମାଗୁଡିକର ଭଗବାନଙ୍କ ସହିତ ସମ୍ପର୍କ ଯୋଡ଼ିବାର ଆଧାର ଦିବ୍ୟପ୍ରେମ ଅଟେ । ମାୟିକ ଜଗତରେ ଏହାର ବିକୃତ ପ୍ରତିରୂପ ଯୌନ ସମ୍ଭୋଗ, ମାୟାଧୀନ ଜୀବମାନଙ୍କର ଚେତନାରେ ପ୍ରାଧାନ୍ୟ ବିସ୍ତାର କରିଥାଏ, ବିଶେଷତଃ ଯେଉଁମାନେ ରଜଗୁଣ–ପ୍ରଧାନ ଅଟନ୍ତି । ଅତଏବ, ଆସୁରିକ ସ୍ୱଭାବର ବ୍ୟକ୍ତି ଯୌନ ସମ୍ଭୋଗକୁ ମାନବ ଜୀବନର ଉଦ୍ଦେଶ୍ୟ ନିର୍ଦ୍ଧାରିତ କରିଥାଆନ୍ତି । ଏପରି ସିଦ୍ଧାନ୍ତକୁ ଦୃଢ଼ ଭାବରେ ଗ୍ରହଣ କରି ଏହି ବିପଥଗାମୀ ଜୀବ, ସେମାନଙ୍କର ସ୍ୱଳ୍ପ ବୁଦ୍ଧି ଏବଂ ନିଷ୍ଠୁର କର୍ମ ଦ୍ୱାରା, ସଂସାରର ବିଧ୍ୱଂସକରୀ ଶତ୍ରୁ ରୂପରେ ଦେଖାଦିଅନ୍ତି । ଆସୁରିକ ସ୍ୱଭାବର ବ୍ୟକ୍ତିମାନେ, ସଠିକ୍ ଆତ୍ମ–ଜ୍ଞାନରୁ ବଞ୍ଚିତ ହୋଇ, ତାଙ୍କର ଅଶୁଦ୍ଧ ବୁଦ୍ଧିଦ୍ୱାରା, ସତ୍ୟର ସିଦ୍ଧାନ୍ତକୁ ବିକୃତ କରିଦିଅନ୍ତି । ଏହାର ଏକ ଉଦାହରଣ ହେଉଛି ଚାର୍ବାକ୍‌ଙ୍କର ସିଦ୍ଧାନ୍ତ ଯିଏ କି, ଭାରତ ଇତିହାସର ଜଣେ ପ୍ରସିଦ୍ଧ ଭୌତିକବାଦୀ ଦାର୍ଶନିକ ଅଟନ୍ତି । ସେ କହିଥିଲେ....

ଯାବଜ୍ଜୀବେତ ସୁଖଂ ଜୀବେତ୍,
ଋଣମ୍ କୃତ୍ୱା ଘୃତଂ ପିବେତ୍
ଭସ୍ମୀ ଭୂତସ୍ୟ ଦେହସ୍ୟ
ପୁନରାଗମନଂ କୃତଃ । ଯେତେଦିନ ପର୍ଯ୍ୟନ୍ତ ଜୀବିତ ରହିଛ, ନିଜକୁ ଉପଭୋଗ କର । ଯଦି ଘୃତ ପାନ କରିବାକୁ ଇଚ୍ଛା କରୁଥାଅ, ଆବଶ୍ୟକ ସ୍ଥଳେ ଋଣ କରି ମଧ୍ୟ, ତାହା କର । ଶରୀରର ଦାହସଂସ୍କାର କରାଯିବା ପରେ, ତୁମର ଅସ୍ତିତ୍ୱ ରହିବ ନାହିଁ ଏବଂ ତୁମେ ସଂସାରକୁ ପୁଣି ଫେରିବ ନାହିଁ । ତେଣୁ ତୁମ କର୍ମର ପରିଣାମକୁ ନେଇ ଚିନ୍ତିତ ହୁଅ ନାହିଁ । ଏହିପରି ଭାବରେ, ଆସୁରିକ ସ୍ୱଭାବଯୁକ୍ତ ବ୍ୟକ୍ତି ଆତ୍ମାର ନିତ୍ୟତା ଏବଂ କର୍ମ ପ୍ରତିକ୍ରିୟାର ସମ୍ଭାବନାକୁ ପ୍ରତ୍ୟାଖାନ କରି ଥାଆନ୍ତି । ସେଥିପାଇଁ ସେମାନେ ନିର୍ଦ୍ୱନ୍ଦ୍ୱରେ ସ୍ୱାର୍ଥପର ଏବଂ ନିଷ୍ଠୁର କର୍ମରେ ଲିପ୍ତ ରହନ୍ତି । ଯଦି ସେମାନେ ଅନ୍ୟମାନଙ୍କ ଠାରୁ ଅଧିକ ଶକ୍ତିଶାଳୀ ହୋଇଥାଆନ୍ତି, ତେବେ ସେମାନେ ନିଜର ବିଭ୍ରାନ୍ତିକର ଭୌତିକବାଦୀ ମତକୁ ଅନ୍ୟମାନଙ୍କ ଉପରେ ନ୍ୟସ୍ତ କରିଥାନ୍ତି । ସେମାନଙ୍କର ଆତ୍ମ–କୈନ୍ଦ୍ରିକ ଲକ୍ଷ୍ୟ, ଅନ୍ୟମାନଙ୍କ ପାଇଁ ଦୁଃଖର କାରଣ ହେଉ କିମ୍ବା ସଂସାରର ବିନାଶର କାରଣ ହେଉ ପଛେ, ତାହାକୁ ହାସଲ କରିବା ପାଇଁ ସେମାନେ ଦ୍ୱିଧାହୀନ ଭାବରେ ଅବିଶ୍ରାନ୍ତ ଉଦ୍ୟମ କରିଥାନ୍ତି । ମାନବ ଇତିହାସ ବାରମ୍ବାର ଏହିପରି ଆତ୍ମବଡ଼ିମାପୂର୍ଣ୍ଣ ସମ୍ରାଟ, ଯଥା ହିଟ୍ଲର, ମୁସୋଲିନ୍, ଷ୍ଟାଲିନ୍ ଇତ୍ୟାଦିଙ୍କୁ ଦେଖିଛି, ଯେଉଁମାନେ ତାଙ୍କର ବିକୃତ ଦୃଷ୍ଟିକୋଣ ଦ୍ୱାରା ଅନୁପ୍ରାଣିତ ହୋଇ ସଂସାରରେ ଅକଥନୀୟ ଯନ୍ତ୍ରଣା ଏବଂ ବିନାଶ ଆଣି ଦେଇଥିଲେ ଏମାନେ ସବୁ ଆସୁରିକ ସ୍ୱଭାବ ଯୁକ୍ତ ଥିଲେ ।

*ଅରଙ୍ଗାବାଦ ବରୀ ଯାଜପୁର*
*ମୋ– ୮୨୪୯୫୦୨୭୭୬*



ଭାରତୀୟ ରେଳର ସୁରକ୍ଷା କବଚ ଏମାନେ । ରେଳ, ରେଳଧାରଣା ଓ ରେଳଯାତ୍ରୀଙ୍କ ଜୀବନର ସୁରକ୍ଷାଭାର ଏମାନଙ୍କ କାନ୍ଧରେ । କେଉଁଠି କିଛି ଅଘଟଣ ଘଟିନଯାଉ ସେଥିପାଇଁ କାନ୍ଧରେ ପ୍ରାୟ ୧୫-୨୦କେଜି ଓଜନର ଉପକରଣ ବୋହି ରେଳଧାରଣା କଡ଼େ କଡ଼େ ଦିନକୁ ୮-୧୦କିଲୋମିଟର ଚାଲନ୍ତି । ଏମାନେ ଗ୍ୟାଙ୍ଗମ୍ୟାନ୍, ଟ୍ରାକ୍ ମ୍ୟାନ୍, ବଗିମ୍ୟାନ୍, ଟ୍ରାକ୍ ମେଣ୍ଟେନର ଆଦି ଭାବରେ ଜଣାଶୁଣା । କିନ୍ତୁ ପ୍ରକୃତିରେ ଏମାନେ ଭାରତୀୟ ରେଳବାଇର ପଦାତିକ ସୈନିକ । ସଂଖ୍ୟା ପ୍ରାୟ ଦୁଇଲକ୍ଷ ।


# ଓଡ଼ିଶା ଏକ୍ସପ୍ରେସ୍

ଭୁବନେଶ୍ୱର ଓ କେନ୍ଦ୍ରାପଡ଼ା ରୁ ଏକସଙ୍ଗେ ପ୍ରକାଶିତ




# ଯେଉଁମାନଙ୍କ ହାତରେ ରେଳ ସୁରକ୍ଷା

**ବି**ପଜ୍ଜନକ ଅବସ୍ଥାରେ କାମ କରି ଆମକୁ ସୁରକ୍ଷା ଦେଉଥିବା ଏହି ଯୋଧାମାନେ କିନ୍ତୁ ଖୁବ୍ ଅଜଣା ସାଧାରଣ ଲୋକଙ୍କ ପାଇଁ । ସେମାନଙ୍କ ଜୀବନ କେତେ କଷ୍ଟକର ଓ କାମ କେତେ ବିପଜ୍ଜନକ ଏ ବିଷୟରେ ଲେଶ ମାତ୍ର ଧାରଣା ନଥାଏ କାହାର । କାମ କରିବା ସମୟରେ ଯେକୌଣସି ମୁହୂର୍ତ୍ତରେ ରେଳ ଚକା ତଳେ ଚାପି ହୋଇଯିବାର ଭୟ ଥାଏ । ପ୍ରତି ବର୍ଷ ପ୍ରାୟ ୪୦୦ ଟ୍ରାକ୍ ମ୍ୟାନ୍ ପ୍ରାଣ ହରାନ୍ତି କାମ କରିବା



ସମୟରେ । ଏ ମୃତ୍ୟୁ ଅସାବଧାନତାର ପରିଣାମ ନୁହେଁ ବରଂ ଦାୟିତ୍ୱର ଗତାନୁଗତିକ ଧାରା । ମୃତ୍ୟୁର ଖୁବ୍ ନିକଟରେ ଥାଇ ସେମାନେ ଅନ୍ୟର ଜୀବନ ପାଇଁ ଖୁବ୍ ସଚେତନ । ଭାରତୀୟ ରେଳବାଇ ବିଶ୍ୱର ଅନ୍ୟତମ ବୃହତ୍ ନିଯୁକ୍ତିଦାତା । ରେଳବାଇର ସ୍ଥାୟୀ କର୍ମଚାରୀଙ୍କ ସଂଖ୍ୟା ୧୩,୩୧,୪୩୩ । ଏମାନଙ୍କ ମଧ୍ୟରୁ ପ୍ରାୟ ୨ଲକ୍ଷ ଜଣ ଟ୍ରାକ୍‌ମ୍ୟାନ୍ ବା ଟ୍ରାକ୍ ମେଣ୍ଟେନର୍ । ଏମାନଙ୍କ ଦାୟିତ୍ୱ ରେଳ ଧାରଣାର ଯତ୍ନନେବା, ତ୍ରୁଟି ସୁଧାରିବା ଓ ନିରାପଦ ରେଳ ଚଳାଚଳ ପାଇଁ ରେଳ ଧାରଣାକୁ ପ୍ରସ୍ତୁତ ରଖିବା । ଏ କାମ ଖୁବ୍ ବିପଜ୍ଜନକ । କାରଣ ରେଳଗାଡ଼ି ଆତଯାତ କରୁଥିବା ସମୟରେ ହିଁ ରେଳଧାରଣା କଡ଼ରେ ଏମାନଙ୍କ କାମ ।

ଏମାନଙ୍କ ଦାୟିତ୍ୱ ରେଳଧାରଣାର ନଟ୍‌ବୋଲ୍ଟ ଠିକ୍ ଭାବରେ ଟାଇଟ୍ ଅଛି ନା ନାହିଁ ଦେଖିବା, ଧାରଣାରେ ଫାଟ, ଧାରଣା ତଳେ ଥିବା ଚିପ୍ସ ଠିକ୍ ଭାବରେ ପ୍ୟାକିଂ ହୋଇଛି ନା ନାହିଁ ଦେଖିବା, ଫିଶ୍‌ପ୍ଲେଟ ମରାମତି କରିବା, ୱେଲ୍ଡିଂ ଠିକ୍ ଅଛି ନା ନାହିଁ ତଦାରଖ କରିବା । କହିବାକୁ ଗଲେ ରେଳଲାଇନ୍‌ର ସମ୍ପୂର୍ଣ୍ଣ ତଦାରଖ ଏମାନଙ୍କ ଦାୟିତ୍ୱ । ଏଥିପାଇଁ ସେମାନଙ୍କୁ ପିଠିରେ ୧୫-୨୦କେଜିର ଓଜନିଆ ଉପକରଣ ବୋହି ଦିନକୁ ପ୍ରାୟ ୮-୧୦କିଲୋମିଟର ପର୍ଯ୍ୟନ୍ତ ଚାଲିବାକୁ ହୋଇଥାଏ । ଖରାଦିନର ମୁଣ୍ଡଫଟା ଖରା ହେଉ ବା ବର୍ଷଦିନର ବର୍ଷା ସବୁଥିରେ ସେମାନେ ଅବିରତ ଧନଜନର ସୁରକ୍ଷା ପାଇଁ ଲାଗି ରହିଥା'ନ୍ତି । କାରଣ ସେମାନେ ଥକିଗଲେ କେତେ ଜୀବନ ଅକାଳରେ ଝରି ପଡ଼ିବ ।

ଅନେକ ସମୟରେ ଅସାମାଜିକ ଲୋକମାନେ ଫିଶ୍‌ପ୍ଲେଟ୍ ଚୋରି କରିନିଅନ୍ତି, ଧାରଣାକୁ ମଜଭୁତ ରଖିବା ପାଇଁ ଦିଆଯାଇଥିବା ଗୋଡ଼ିକୁ କାଢ଼ି ନିଅନ୍ତି । ତେବେ ପ୍ରକୃତି ଯୋଗୁଁ ମଧ୍ୟ କ୍ଷତିଗ୍ରସ୍ତ ହୁଏ ରେଳଧାରଣା । ଅତ୍ୟଧିକ ଖରାରେ ପ୍ରସାରଣ ଓ ରାତିରେ ଥଣ୍ଡା ପଡ଼ିବା ପରେ ସଂକୋଚନ ଯୋଗୁଁ ଅନେକ ସମୟରେ ରେଳଧାରଣାରେ ଫାଟ ସୃଷ୍ଟି ହୁଏ । ଏହି ଫାଟ ତୁରନ୍ତ ମରାମତି ନହେଲେ ଏହି ଫାଟ ବଡ଼ ଆକାର ଧାରଣ କରେ । ରେଳବାଇ ଭାଷାରେ ଏହାକୁ କୁହାଯାଏ ରେଲ୍ ଫ୍ରାକ୍ଚର ବା



ଭଙ୍ଗା ରେଳ ଲାଇନ୍ । ଯେଉଁ ଋତୁରେ ସର୍ବୋଚ୍ଚ ଓ ସର୍ବନିମ୍ନ ତାପମାତ୍ରା ମଧ୍ୟରେ ଫରକ ଅଧିକ ସେ ଋତୁରେ ରେଲ୍ ଫ୍ରାକ୍ଚର ଆଶଙ୍କା ମଧ୍ୟ ଅଧିକ । ଏ ପରିସ୍ଥିତି ଆସେ ଖରାଦିନେ । ତେଣୁ ଟ୍ରାକ୍‌ମ୍ୟାନ୍‌ମାନଙ୍କ ଦାୟିତ୍ୱ ଖୁବ୍ ବଢ଼ିଯାଏ ଖରାମାସଗୁଡ଼ିକରେ । କାରଣ ରେଳଲାଇନ୍‌ରେ ଫାଟ ସୃଷ୍ଟି ହେଲେ ରେଳଗାଡ଼ି ଲାଇନ୍‌ଚ୍ୟୁତ ହୁଏ । ଗତ ତିନିବର୍ଷ ମଧ୍ୟରେ ହୋଇଥିବା ସମୁଦାୟ ରେଳ ଦୁର୍ଘଟଣାର ୫୦ ପ୍ରତିଶତ ଘଟିଛି ଗାଡ଼ି ଲାଇନ୍‌ଚ୍ୟୁତ ହେବା ଯୋଗୁଁ ଏବଂ ୨୯ ପ୍ରତିଶତ ଘଟିଛି ରେଳଧାରଣାରେ ସମସ୍ୟା ଯୋଗୁ । ୨୦୧୬ରେ ଖରାପ ରେଳଧାରଣା ଯୋଗୁଁ ରେଳ ଦୁର୍ଘଟଣା ପ୍ରାୟ ୬୭ ପ୍ରତିଶତ ବୃଦ୍ଧି ପାଇଥିବା ଜଣାପଡ଼ିଛି । ଟ୍ରାକ୍‌ମ୍ୟାନ୍‌ମାନଙ୍କ ଦାୟିତ୍ୱରେ ଶାରୀରିକ ତଥା ମାନସିକ ଚାପ ଅଧିକ । ଏଥିସହ ବିପଦ ମଧ୍ୟ ଅଧିକ । ସେମାନେ କାମ କରୁଥିବା ସମୟରେ ବି ରେଳ ଆତଯାତ କରୁଥାଏ । ସାଥିଙ୍କ ହ୍ୱିସିଲ୍ କିମ୍ବା ଡାକ ଶୁଣିଲେ ସେମାନେ ଜାଣନ୍ତି ଟ୍ରେନ୍‌ଟିଏ ଆସୁଛି, ଧାରଣାରୁ ପାଖେଇ ଯାଆନ୍ତି, ଟ୍ରେନ୍ ଯିବା ପରେ ପରେ ପୁଣି କାମରେ ଲାଗନ୍ତି । ବୁଲି ବୁଲି ପ୍ରତିଟି ନଟ୍‌ବୋଲ୍ଟ ଯାଞ୍ଚ କରନ୍ତି । ବିପଦ ସହ ଏହି କାମ ମାନସିକ ଚାପ ମଧ୍ୟ ବଢ଼ାଇଦିଏ । କାରଣ ସାମାନ୍ୟ ତ୍ରୁଟିରେ ଦୁର୍ଘଟଣାର ଆଶଙ୍କା ଥାଏ ।

କାମ ସରିବା ପରେ ମଧ୍ୟ ଜୀବନ ସହଜ ହୁଏନି । କାରଣ କାର୍ଯ୍ୟସ୍ଥଳର ଦୂରତା ଯୋଗୁଁ ଅଧିକାଂଶ ଟ୍ରାକ୍‌ମ୍ୟାନ୍ ସବୁଦିନ ଘରକୁ ଫେରିପାରନ୍ତି ନାହିଁ ।







ତେଣୁ ରେଳ ରାସ୍ତା କଡ଼େ କଡ଼େ ଥିବା ରେଳବାଇର ଅସ୍ଥାୟୀ ଘରେ ସେମାନେ ରୁହନ୍ତି । ଏସବୁ ଅସ୍ଥାୟୀ ଘରକୁ କୁହାଯାଏ ଟପ୍‌ରି । ଏସବୁ ଘରେ ଥାଏ ରେଳବାଇର ପରିତ୍ୟକ୍ତ ଆସବାବପତ୍ର ସବୁ । ତେଣୁ ରେଳଗାଡ଼ିରୁ ପରିତ୍ୟକ୍ତ ହୋଇପଡ଼ିଥିବା ଆସବାବପତ୍ରରେ ସେମାନେ ଚଳନ୍ତି । ପ୍ରତିଦିନ ଦଳର ଜଣେ ସଦସ୍ୟ ସମସ୍ତଙ୍କ ପାଇଁ ରୋଷେଇ କରନ୍ତି । ଅନେକ ସମୟରେ ପାନୀୟ ଜଳ ଓ ବିଦ୍ୟୁତ୍ ପରି ମୌଳିକ ସୁବିଧା ବି ନଥାଏ ଟପ୍‌ରିମାନଙ୍କରେ । ସବୁଠାରୁ ବଡ଼ କଥା ଅନେକ ସମୟରେ ଅସାମାଜିକ ଲୋକମାନେ ଟପ୍‌ରି ଉପରେ ଆକ୍ରମଣ କରନ୍ତି ।

ଟ୍ରାକ୍‌ମ୍ୟାନ୍‌ମାନେ ପୂର୍ବରୁ ଗ୍ୟାଙ୍ଗମ୍ୟାନ୍ ଭାବରେ ପରିଚୟ ପାଇଥିଲେ । ସେମାନେ ଦଳ ବା

> ଏମାନଙ୍କ ଦାୟିତ୍ୱ ରେଳଧାରଣାର ନଟ୍‌ବୋଲ୍ଟ ଠିକ୍ ଭାବରେ ଟାଇଟ୍ ଅଛି ନା ନାହିଁ ଦେଖିବା, ଧାରଣାରେ ଫାଟ, ଧାରଣା ତଳେ ଥିବା ଚିପ୍ସ ଠିକ୍ ଭାବରେ ପ୍ୟାକିଂ ହୋଇଛି ନା ନାହିଁ ଦେଖିବା, ଫିଶ୍‌ପ୍ଲେଟ ମରାମତି କରିବା, ୱେଲ୍ଡିଂ ଠିକ୍ ଅଛି ନା ନାହିଁ ତଦାରଖ କରିବା । କହିବାକୁ ଗଲେ ରେଳଲାଇନ୍‌ର ସମ୍ପୂର୍ଣ୍ଣ ତଦାରଖ ଏମାନଙ୍କ ଦାୟିତ୍ୱ । ଖରାଦିନର ମୁଣ୍ଡଫଟା ଖରା ହେଉ ବା ବର୍ଷଦିନର ବର୍ଷା ସବୁଥିରେ ସେମାନେ ଅବିରତ ଧନଜନର ସୁରକ୍ଷା ପାଇଁ ଲାଗି ରହିଥା'ନ୍ତି । କାରଣ ସେମାନେ ଥକିଗଲେ କେତେ ଜୀବନ ଅକାଳରେ ଝରି ପଡ଼ିବ ।



ଗ୍ୟାଙ୍ଗରେ ରହି କାମ କରୁଥିବାରୁ ସେମାନଙ୍କୁ ଗ୍ୟାଙ୍ଗମ୍ୟାନ୍ ବୋଲି କୁହାଯାଉଥିଲା । ମାତ୍ର ଏହି ଶବ୍ଦ ଅପମାନଜନକ ମନେହେବାରୁ ଟ୍ରାକ୍‌ମ୍ୟାନ ଭାବରେ ଏମାନଙ୍କରର ପରିଚୟ ବଦଳିଲା ।

ବିଭାଗୀୟ ସୂତ୍ରରୁ ଜଣାପଡ଼ିଛି ରେଳବାଇରେ ଆଉ ଏକ ଲକ୍ଷ୍ୟ



ଟ୍ରାକ୍‌ମ୍ୟାନ୍ ଆବଶ୍ୟକତା ରହୁଛି । ଦିନକୁ ଦିନ ରେଳ ଲାଇନ୍‌ର ସଂପ୍ରସାରଣ ହେଉଛି ଓ ଟ୍ରେନ୍ ସଂଖ୍ୟା ବଢୁଛି । ଏହା ରେଳଲାଇନ୍ ଉପରେ ଚାପ ପକାଉଛି । ରେଳ ବିଭାଗର ବ୍ୟବସାୟିକ ଲାଭ ମନୋବୃତ୍ତି ରେଳଧାରଣାଗୁଡ଼ିକୁ



ଚାପଗ୍ରସ୍ତ କରୁଛି । ରେଳବାଇ ଲାଭ ବଢ଼ାଇବା ପାଇଁ ଅଧିକ ନୂଆ ତଥା ଓଜନଦାର ଟ୍ରେନ୍ ଚଳାଚଳ କରାଉଛି । ଫଳରେ ରେଳଧାରଣାଗୁଡ଼ିକରେ ଫାଟ ସୃଷ୍ଟି ହେଉଛି । ଅଧିକ କମ୍ପନ ଦ୍ୱାରା ନଟ୍-ବୋଲ୍ଟଗୁଡ଼ିକ ମଧ୍ୟ ଢିଲା ହୋଇଯାଉଛି । ଫଳରେ ରେଳଲାଇନ୍‌ଗୁଡ଼ିକୁ ସଜାଡ଼ିବା ପାଇଁ ଟ୍ରାକ୍‌ମ୍ୟାନ୍‌ମାନଙ୍କ ଉପରେ ଅତିରିକ୍ତ ଚାପ ପଡୁଛି ।

ଦେଶର ରେଳଧାରଣା ତତ୍ତ୍ୱାବଧାନ କାର୍ଯ୍ୟ ଟ୍ରାକ୍‌ମ୍ୟାନ୍‌ଙ୍କ ଦ୍ୱାରା ସାଧିତ ହୁଏ । ଏଥିପାଇଁ ପ୍ରାୟ କୌଣସି ନୂତନ ଜ୍ଞାନକୌଶଳ ନାହିଁ । ବର୍ଷ ବର୍ଷ ଧରି ରେଳବିଭାଗ ଉନ୍ନତ ସିଗନାଲ ବ୍ୟବସ୍ଥା ଓ ହାଲ୍‌କା ଉପକରଣ ଯୋଗାଇଦେବ ବୋଲି କହି ଆସୁଛି ମାତ୍ର ଏ ଦିଗରେ କୌଣସି ବିଶେଷ ଉନ୍ନତି ହୋଇପାରିନାହିଁ । ରେଳବାଇର ଅଲ୍‌ଟ୍ରାସୋନିକ୍ ଫ୍ଲ ଡିଟେକ୍ସନ୍ ମେସିନ୍ ଅଛି କିନ୍ତୁ ଏହାକୁ ମଧ୍ୟ ଟ୍ରାକ୍‌ମ୍ୟାନ୍ ପରିଚାଳନା କରିବା ଆବଶ୍ୟକ ହୁଏ । ପ୍ରତି ଦୁଇମାସରେ ଥରେ ଅତ୍ୟଧିକ ବ୍ୟସ୍ତ ରେଳଲାଇନ୍‌ଗୁଡ଼ିକରେ ତ୍ରୁଟି ପରଖିବା ପାଇଁ ଏହା ବ୍ୟବହାର କରାଯାଏ । ନିକଟରେ ରେଳମନ୍ତ୍ରୀ ସୁରେଶ ପ୍ରଭୁ ଟ୍ରାକ୍‌ମ୍ୟାନ୍‌ମାନଙ୍କୁ ଅଧିକ ସୁରକ୍ଷା ଯୋଗାଇବା ନିମନ୍ତେ ରକ୍ଷକ ନାମକ ୱାର୍କ ଟର୍କ ଯୋଗାଇବା ସମ୍ପର୍କରେ ଘୋଷଣା କରିଛନ୍ତି । ମାତ୍ର ଏହି ଉପକରଣର ଦାମ ପ୍ରାୟ ୮୦ହଜାର ଟଙ୍କା ହେଉଥିବାରୁ ଏହାକୁ ସବୁ ସ୍ଥାନରେ ବ୍ୟବହାର କରିବା ସମ୍ଭବ ହୋଇନି । ତେଣୁ ଏବେବି ସେମାନେ ଟ୍ରେନ୍ ଆସୁଥିବାର ସୂଚନା ପାଇ ସାଥି ଟ୍ରାକ୍‌ମ୍ୟାନ୍‌ଙ୍କ ଡାକ କିମ୍ବା ହ୍ୱିସିଲ୍ ଉପରେ ନିର୍ଭର କରୁଛନ୍ତି ।

---



# ମସ୍ତିଷ୍କକୁ ଅଳସୁଆ ହେବାକୁ ଦିଅନ୍ତୁ ନାହିଁ

ନିକଟରେ କରାଯାଇଥିବା ଏକ ଅଧ୍ୟୟନରୁ ଜଣାଯାଇଛି- ମସ୍ତିଷ୍କକୁ ଅଧିକ କାର୍ଯ୍ୟରେ ଲଗାଇଲେ ମସ୍ତିଷ୍କ ଅଧିକ ସତେଜ ରହେ । ଛାତ୍ର ହୁଅନ୍ତୁ ବା ଘରୋଇ ମହିଳା କିମ୍ବା ବୟସ୍କ ବ୍ୟକ୍ତି ସମସ୍ତଙ୍କ ମସ୍ତିଷ୍କ ସତେଜ ରହିବା ଆବଶ୍ୟକ । ଏଥିପାଇଁ ମସ୍ତିଷ୍କକୁ ସକ୍ରିୟ ରଖିବାକୁ ହେବ । ମସ୍ତିଷ୍କ ସକ୍ରିୟ ରହିଲେ ଏହାର ବିକାଶ ହେବ । ତେବେ ମସ୍ତିଷ୍କ ସକ୍ରିୟ ହୋଇପାରିବ କେମିତି ? ଏହା ଖୁବ୍ ସରଳ । ପିଲାଟି ଦିନରୁ ମଧ୍ୟ ଆମକୁ ଏହା ଶିଖାଯାଇଥିଲା । ଶିକ୍ଷକମାନେ କହୁଥିଲେ ବାରମ୍ବାର ପଢ଼ ପାଠ ମନେ ରହିବ ।

**ମ**ସ୍ତିଷ୍କର ବ୍ୟବହାର ଅଧିକ ହେଲେ ଏହା ସକ୍ରିୟ ହେବ ଏବଂ ଏହାର ବିକାଶ ହେବ । କିନ୍ତୁ ଆମ ମଧ୍ୟରୁ ଅଧିକାଂଶ ଜାଣନ୍ତି ନାହିଁ ମସ୍ତିଷ୍କର ବ୍ୟବହାର କେମିତି କରିବାକୁ ହୁଏ । ମସ୍ତିଷ୍କର ବିକାଶ କରିବା ଅର୍ଥ ହେଉଛି ନିଜର ସ୍ମରଣଶକ୍ତି ବଢ଼ାଇବା । କିନ୍ତୁ ନିଜର ସ୍ମରଣଶକ୍ତି ବଢ଼ାଇବା ପାଇଁ ଅଧିକ ଜିନିଷ ମନେ ରଖିବାକୁ ଚେଷ୍ଟା କଲେ ବିରକ୍ତ ଲାଗିବ । ଗଣିତର କଠିନ ପ୍ରଶ୍ନ ସବୁ ସମାଧାନ କରିବାକୁ ବସିଲେ ପାଠରୁ ମନ ଛାଡିଯିବ । ତେଣୁ ଏସବୁ କିଛି ନକରି ଅନ୍ୟ ସହଜ ରାସ୍ତା ଧରନ୍ତୁ । ଅବଶ୍ୟ ମନସ୍ତତ୍ତ୍ୱବିତ୍‌ମାନେ ମଧ୍ୟ ଠିକ୍ ଏଇ ପରାମର୍ଶ ଦେଇଛନ୍ତି ମସ୍ତିଷ୍କକୁ ସତେଜ ଏବଂ ସୁଦୃଢ଼ କରିବା ପାଇଁ ।

### ରୋଷେଇ କରନ୍ତୁ

ଯଦି ଆପଣ ମସ୍ତିଷ୍କକୁ ସତେଜ କରିବାକୁ ଚାହାନ୍ତି ତା'ହେଲେ କିଛି ରୋଷେଇ କରନ୍ତୁ । ହଁ ପୁଣି ଏହି ରୋଷେଇ କିଛି ନୂଆ ହୋଇଥିବା ଦରକାର । କିଛି ନୂଆ ରୋଷେଇ କଲେ ମନ ତାଜା ହୁଏ, ଏଥିସହ ମସ୍ତିଷ୍କ ମଧ୍ୟ । ମସ୍ତିଷ୍କକୁ ଏକ ଅନନ୍ୟ ଅନୁଭବ ମିଳେ ଯାହାଫଳରେ ଏହା ସଚେତ ହୋଇଯାଏ, ସବୁ ଇନ୍ଦ୍ରିୟ ଜାଗ୍ରତ ହୋଇଯାଆନ୍ତି । ବ୍ୟଞ୍ଜନର ମହକ, ସ୍ୱାଦ, ସ୍ପର୍ଶ ଓ ଚେହେରା ଏସବୁ ନୂଆ ଅନୁଭବ ମସ୍ତିଷ୍କର ଭିନ୍ନ ଭିନ୍ନ ଅଂଶକୁ ସକ୍ରିୟ କରିଦିଏ ।

### କିଛି ଖାଆନ୍ତୁ

ଆପଣ ତ ସବୁଦିନ ଖାଉଛନ୍ତି । କିନ୍ତୁ ଏବେ ଟିକେ ଅଲଗା ଢଙ୍ଗରେ ଖାଇବା ଆରମ୍ଭ କରନ୍ତୁ । ଯେତେବେଳେ କିଛି ଖାଉଛନ୍ତି ବା ପିଉଛନ୍ତି ପ୍ରଥମ ଥର ବା ପ୍ରଥମ ଢୋକ ନେବା ପରେ ମନକୁ ମନ ଏହା ଜାଣିବାକୁ ଚେଷ୍ଟା କରନ୍ତୁ ଏଥିରେ କ'ଣ କ'ଣ ମିଶିଛି । ବ୍ୟଞ୍ଜନର ମିଠାପଣ ଗୁଡ଼ରୁ ଆସିଛି, ଚିନିରୁ ଆସିଛି ନା ମହୁରୁ । ଯଦି ରାଗ ଲାଗୁଛି ତା'ହେଲେ ଲଙ୍କା ନା ଗୋଲମରିଚର ରାଗ । କେଉଁ ଡାଲିରେ ତିଆରି ହୋଇଛି । ଏଥିରେ ଥିବା ଖାସ୍ ମହକ କେଉଁଥିରୁ ଆସୁଛି ? ଏସବୁ ଜାଣିବା ପାଇଁ ମସ୍ତିଷ୍କ ଚାଲିବନି ବରଂ ଦୌଡ଼ିବ । ପୁରୁଣା ଅନୁଭବକୁ ଘାଣ୍ଟିବ । ମନେ ପକାଇବାକୁ ଚେଷ୍ଟା କରିବ, ଅନୁମାନ କରିବ, ସ୍ୱାଦ, ମହକ ଏବଂ ଜିଭର ସ୍ପର୍ଶ ଜନିତ ଇନ୍ଦ୍ରିୟକୁ ସବୁପ୍ରକାର ବ୍ୟବହାର କରିବାକୁ ଚେଷ୍ଟା କରିବ ।

### ଖେଳନ୍ତୁ ଶବ୍ଦ ସହ

ମସ୍ତିଷ୍କର ବିକାଶ ପାଇଁ ବିଭିନ୍ନ ପଜଲ ସମାଧାନ କରିବା ବିଷୟରେ ଆପଣ ଜାଣନ୍ତି । କିନ୍ତୁ ଏବେ ଶବ୍ଦ ସହ କିଛି ନୂଆ କରନ୍ତୁ । ଯେକୌଣସି ଗୋଟିଏ ଶବ୍ଦକୁ ନିଅନ୍ତୁ ଏବଂ ଚିନ୍ତା କରନ୍ତୁ ଏହି ଶବ୍ଦ ସହ ଅନ୍ୟ କ'ଣ କ'ଣ ଶବ୍ଦ ସଂପର୍କିତ ହୋଇପାରିବ । ଯେମିତି ମାନବ ଶବ୍ଦରୁ ମାନବତା, ମାନବୀୟ, ଅତିମାନବୀୟ, ଅମାନବୀୟ, ମାନବେତର, ମାନବେନ୍ଦ୍ର... ଆହୁରି ଏମିତି ଅନେକ ଶବ୍ଦ । ଏହାଦ୍ୱାରା ମସ୍ତିଷ୍କ ସକ୍ରିୟ ହେବ । ମସ୍ତିଷ୍କର ଯେଉଁ ଅଂଶ ଭାଷା ସହ ସଂଯୁକ୍ତ ତାହା ସକ୍ରିୟ ହୋଇଯିବ । ମସ୍ତିଷ୍କର ଯେଉଁ ଅଂଶ ଚିତ୍ର ସହ ସମ୍ପର୍କିତ ସେଥିରେ ନୂଆ ନୂଆ ଚିତ୍ର ସୃଷ୍ଟି ହେବ । ବିଭିନ୍ନ ଶବ୍ଦକୁ ଯୋଡ଼ିବାର କ୍ଷମତା ବଢ଼ିବ ।

### ନକ୍ସା ବା ସୂଚୀ ବନାନ୍ତୁ

ଯେ କୌଣସି ସ୍ଥାନ ବା ଘଟଣାବଳୀର ନକ୍ସା ବା ସୂଚୀ ତିଆରି କରନ୍ତୁ । କିନ୍ତୁ କାଗଜରେ ନୁହେଁ





ମନରେ । କୌଣସି ନୂଆ ଜାଗାକୁ ଯାଇଥିଲେ ହୋଟେଲକୁ ବା ସମ୍ପର୍କୀୟଙ୍କ ଘରକୁ ଫେରିବା ପରେ କେଉଁ କେଉଁ ରାସ୍ତା ଦେଇ ଯାଇଥିଲେ, ସେଠି କେମିତି ପହଞ୍ଚିଲେ, କେମିତି ଫେରିଲେ, କ'ଣ କ'ଣ ଦେଖିଲେ, କାହାକୁ ଭେଟିଲେ, ରାସ୍ତାରେ କ'ଣ କ'ଣ ଦୋକାନ ଥିଲା ଏସବୁ କ୍ରମାନ୍ୱୟରେ ମନେ ପକାନ୍ତୁ । ସକାଳୁ ରାତି ପର୍ଯ୍ୟନ୍ତ ପ୍ରତ୍ୟେକ କାର୍ଯ୍ୟର ସୂଚୀ ମନରେ ପ୍ରସ୍ତୁତ କରନ୍ତୁ । ଏହାଦ୍ୱାରା ଆମ ମସ୍ତିଷ୍କର ବ୍ୟାୟାମ ହୋଇଯିବ । ସ୍ମରଣଶକ୍ତିକୁ କାମରେ ଲଗାଇବାର କ୍ଷମତା ଏବଂ ସଚେତନତା ବଢ଼ିବ ।

### କିଛି ପଢ଼ନ୍ତୁ

ଏମିତି ଅନେକ ବିଷୟ ଅଛି ସେ ବିଷୟରେ ଜାଣିବାକୁ ଆମର ଆଗ୍ରହ ନଥାଏ । ଆମେ ଖବରକାଗଜ କିମ୍ବା ପତ୍ରପତ୍ରିକା ପଢ଼ିବା ସମୟରେ ଏସବୁ ଅଂଶକୁ ଏଡାଇ ଯାଉ । କିନ୍ତୁ ଏବେ ସେଗୁଡ଼ିକୁ ପଢ଼ନ୍ତୁ । ଆପଣଙ୍କର ପସନ୍ଦର ବିଷୟ ନହେଲେ ମଧ୍ୟ ଏଗୁଡ଼ିକ ଜାଣିବାକୁ ଚେଷ୍ଟା କରନ୍ତୁ । ଯେଉଁ ବିଷୟ ଆପଣଙ୍କ ପସନ୍ଦ ତାହାକୁ ଦ୍ରୁତ ବେଗରେ ପଢ଼ିବାକୁ ଚେଷ୍ଟା କରନ୍ତୁ । ନିଜ ପ୍ରିୟ ବିଷୟରୁ ଅଲଗା କିଛି ପଢ଼ିଲେ ମସ୍ତିଷ୍କ ପାଇଁ ନୂଆ ଅନୁଭବ ହେବ । ତେଣୁ ଏହା ସତର୍କ ଭାବରେ ପଢ଼ିବ । ଦ୍ରୁତଗତିରେ ପଢ଼ିଲେ ସବୁକିଛିକୁ ଶୀଘ୍ର ଶୀଘ୍ର ବୁଝିନେବାକୁ ମସ୍ତିଷ୍କ ଚେଷ୍ଟା କରିବ । ଆଖି ଏବଂ ମସ୍ତିଷ୍କ ମଧ୍ୟରେ ତାଳମେଳ ମଧ୍ୟ ବଢ଼ିବ ।

---

# ମନ ଓ ରୋଗର ସମ୍ପର୍କ



**ଶ**ରୀର ଅସୁସ୍ଥ ହେଲେ ସମସ୍ତେ ଚିକିତ୍ସା କରାନ୍ତି । କିନ୍ତୁ ଅନେକେ ହୁଏତ ଜାଣି ନଥା'ନ୍ତି ମାନସିକ କାରଣ ଶାରୀରିକ ରୋଗର କାରଣ ମଧ୍ୟ ହୋଇପାରେ । ତେଣୁ ଏ ବିଷୟରେ କିଛିଟା ଜାଣିନେବା ଉଚିତ ।

ମନର ଅବସ୍ଥାକୁ ସାଧାରଣତଃ ତିନିଭାଗରେ ବିଭକ୍ତ କରାଯାଇଛି ଯଥା- ଚେତନ ମନ, ଅବଚେତନ ମନ ଏବଂ ଅଚେତନ ମନ ।

ଚେତନ ମନ- ଯେଉଁ କଥା, ଯେଉଁ ଘଟଣା ବା ଯେଉଁ ବସ୍ତୁ ଆମେ ପଚାରିବା କ୍ଷଣି ସଙ୍ଗେ ସଙ୍ଗେ ଉତ୍ତର ଦେଇପାରୁ ବା ନିଜକୁ କୌଣସି ଏକ ଅଘଟଣରୁ ସଙ୍ଗେ ସଙ୍ଗେ ରକ୍ଷା କରିପାରୁ ତାହା ଚେତନ ମନ ଦ୍ୱାରା ପରିଚାଳିତ ।

ଅବଚେତନ ମନ- ଯେଉଁ କଥା, ଯେଉଁ ଘଟଣା ବା ଯେଉଁ ବସ୍ତୁ ଆମେ ଜାଣିଥିଲେ ମଧ୍ୟ ସଙ୍ଗେ ସଙ୍ଗେ ଉତ୍ତର ଦେଇହୁଏ ନାହିଁ ବା କରିହୁଏ ନାହିଁ ଓ ଏହା ଲିଭିବା ପାଇଁ ସମୟ ଲାଗେ ସେଗୁଡ଼ିକ ଅବଚେତନ ମନଦ୍ୱାରା ପରିଚାଳିତ ହୋଇଥାଏ ।

ଅଚେତନ ମନ- ଯେଉଁ କଥା, ଯେଉଁ ଘଟଣା ଯେଉଁ ବସ୍ତୁ ଆମେ ଜାଣିଥିଲେ ମଧ୍ୟ ଦରକାର ବେଳେ ଆଦୌ ମନେ ପଡ଼େ ନାହିଁ, କିନ୍ତୁ ସେହି ପୂର୍ବ ଅଭିଜ୍ଞତାରୁ କାର୍ଯ୍ୟ ସମ୍ପାଦିତ ହୋଇପାରେ ତାହାକୁ ଅଚେତନ ମନ କହନ୍ତି ।

ମାନସିକ ପଦ୍ଧତିରେ ଆମର ଦୈନନ୍ଦିନ କାର୍ଯ୍ୟ ପରିଚାଳିତ ହୋଇଥାଏ । ଏହି ମନସ୍ତାତ୍ତ୍ୱିକ କ୍ରିୟା ପ୍ରଥମ ପଦ୍ଧତି ପରି ତିନୋଟି ନିୟମରେ ପରିଚାଳିତ ହୁଏ, ଯଥା- ଇଦ୍, ଇଗୋ ଏବଂ ସୁପର ଇଗୋ ।

ଇଦ୍- ଏହି ଭାବନାଗୁଡ଼ିକ ତତ୍‌କ୍ଷଣାତ୍ ମନରେ ପ୍ରବେଶ କରେ ଓ ଆବେଗ ଇଚ୍ଛାଶକ୍ତି ହିସାବରେ ପରିଗଣିତ ହୋଇଥାଏ । ଉଦାହରଣ ସ୍ୱରୂପ ହଠାତ୍ ବଡ଼ଲୋକ ହେବାକୁ, ବଡ଼ ନେତା ହେବାକୁ, ବଡ଼ ଖେଳାଳି ହେବାକୁ, ବଡ଼ ଗାୟକ ବା ଗାୟିକା ହେବାକୁ ମନ କରବା ଏହାର ଅନ୍ତର୍ଭୁକ୍ତ ।

ଇଗୋ- ଏହା ମନର ବାସ୍ତବବାଦୀ ବ୍ୟବସ୍ଥା । ଉଦାହରଣ ସ୍ୱରୂପ ଆମେ ନିଜର ପରିସ୍ଥିତି ଯଥା ବିଦ୍ୟାବୁଦ୍ଧିରେ ଯେଉଁ ଅବସ୍ଥାରେ ଅଛୁ ସେହି ଅବସ୍ଥାର ମନକୁ ଇଗୋ ମନ କୁହାଯାଏ । ଏହି ଇଗୋ ମନ ବାସ୍ତବ ସ୍ଥଳରେ ମଧ୍ୟ ଦୁଇ ପ୍ରକାରର ହୁଏ । ଗୋଟିଏ ହେଉଛି ପରିସ୍ଥିତିକୁ ବିଚାରକୁ ନେଇ ବଢ଼ିବାକୁ ବା ବଡ଼ ହେବାକୁ ଭାବିବା ଓ ଅନ୍ୟଟି ହେଉଛି ପ୍ରକୃତ ପରିସ୍ଥିତିରେ ମନର ଅବସ୍ଥା । ଯେତେବେଳେ ପରିସ୍ଥିତିକୁ ଲକ୍ଷ୍ୟ କରି ଉଚ୍ଚ ହେବାକୁ ଭାବନା ଯୁକ୍ତିଯୁକ୍ତ ହୋଇଥିଲେ ବି କୌଣସି କାରଣରୁ ସମ୍ପାଦିତ ହୋଇପାରେ ନାହିଁ, ସେତେବେଳେ ମନରେ ନୈରାଶ୍ୟ ଆସିଥାଏ ଓ ବାରମ୍ବାର ଏହି ନୈରାଶ୍ୟ ଆସିଲେ ମନ ବିଷାଦ ରୋଗଗ୍ରସ୍ତ ହୁଏ ।

ସୁପର ଇଗୋ- ପିଲାଦିନ ଠାରୁ ବଢ଼ିବା ପର୍ଯ୍ୟନ୍ତ ବାପ, ମା', ପରିବାର, ସମାଜ ଓ ପରିସ୍ଥିତିରୁ ଯେଉଁ ଶିକ୍ଷା ଆମ ମନକୁ ସଭ୍ୟତା ଶିଖାଇଥାଏ ତାହାକୁ ସୁପର ଇଗୋ କହନ୍ତି । ଭୁଲ କାମ କଲେ ମନରେ ଦୁଃଖ ଆସେ, ଅନୁତାପ ହୁଏ । ଏହାକୁ ସୁପର ଇଗୋର ପ୍ରତିକ୍ରିୟା ବୋଲି କହନ୍ତି ।

୧୨ ବର୍ଷରୁ ୧୮ ବର୍ଷ ବୟସ ଭିତରେ ମସ୍ତିଷ୍କରୁ ଦ୍ରୁତ ଅଭିବୃଦ୍ଧି ଘଟେ । ଏହି ସମୟ ମଧ୍ୟରେ ଭବିଷ୍ୟତ ସ୍ୱପ୍ନ ମଧ୍ୟ ପ୍ରସ୍ତୁତ ହୋଇଥାଏ । ଯଦି ସୌଭାଗ୍ୟରୁ ମନ ବୁଝିଲାପରି ବଡ଼ ପଦବୀ ମିଳିଗଲା ତା'ହେଲେ ତ ଭଲ କଥା, ନଚେତ୍ ସେହି ବଡ଼ ବା ଭଲ ହେବା ପାଇଁ ମନ ଭିତରେ ସବୁବେଳେ ଏକ ଅନ୍ତର୍ନିହିତ ଇଚ୍ଛା ରହିଥାଏ । ବ୍ୟକ୍ତିଗତ ଜୀବନ ପାରିବାରିକ ପରିସ୍ଥିତି, ସାମାଜିକ ସାହାଯ୍ୟ ସହାନୁଭୂତି ଯଦି ଠିକ୍‌ଠାକ ମିଳିଗଲା ତେବେ ବଡ଼ ନ ହେଲେ ବି ଭଲ ମଣିଷ ହେବାପାଇଁ ମନ ବୁଝିଯାଏ । କିନ୍ତୁ ସାଧାରଣ କ୍ଷେତ୍ରରେ ଏହା ସମ୍ଭବ ହୁଏ ନାହିଁ ଓ ମନର ଈପ୍‌ସିତ ବାସନା ଭୁଲିଗଲେ ବି ଭିତରେ ଭିତରେ ସବୁବେଳେ ମନକୁ ଯନ୍ତ୍ରଣା ଦିଏ ଓ ଶରୀରରେ ବିଭିନ୍ନ ରୋଗ ପ୍ରକାଶ ପାଇଥାଏ । କୌଣସି ନା କୌଣସି କାରଣରୁ ଅଶାନ୍ତି ମସ୍ତିଷ୍କରେ ଥିବା ଲିମ୍ବିକ୍ ସିଷ୍ଟମର କାର୍ଯ୍ୟକାରିତାରେ କୁପ୍ରଭାବ ପକାଏ ଓ ମସ୍ତିଷ୍କର ସ୍ୱେଚ୍ଛାକୃତ ସ୍ନାୟୁଗୁଡ଼ିକର ପରିଚାଳନାରେ ତ୍ରୁଟି ଦେଖାଯାଏ । ଫଳରେ ଉଚ୍ଚ ରକ୍ତଚାପ ଓ ଅନ୍ୟାନ୍ୟ ହୃତ୍‌ପିଣ୍ଡ ରୋଗ, ପେପ୍‌ଟିକ୍ ଅଲ୍‌ସର ପାକକ୍ରିୟାର ବିଭିନ୍ନ ରୋଗ, ଚର୍ମରୋଗ ଓ ବିଭିନ୍ନ ପ୍ରକାର ସ୍ନାୟୁ ରୋଗ ଇତ୍ୟାଦି ଦେଖାଦିଏ ।

ତେଣୁ ଡାକ୍ତରମାନେ ଏହି ରୋଗଗୁଡ଼ିକର ଚିକିତ୍ସା କରିବା ସମୟରେ ରୋଗୀର ଜୀବନ ବୃତ୍ତାନ୍ତ ଜାଣି ଚିକିତ୍ସା କରିବା ଦରକାର ।

# ଏବିଭିପିର ଖଣ୍ଡପଡ଼ା ନଗର ସମ୍ମିଳନୀ



**ଖଣ୍ଡପଡ଼ା,୨୦।୧ ଏକ୍ସପ୍ରେସ୍ ନ୍ୟୁଜ୍**

ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ଖଣ୍ଡପଡ଼ା ନଗର ଶାଖା ପକ୍ଷରୁ ଏକ ସମ୍ମିଳନୀ ଓ ନୂତନ କର୍ମକର୍ତ୍ତା ଚୟନ କାର୍ଯ୍ୟକ୍ରମ ସ୍ଥାନୀୟ ପଠାଣୀ ସାମନ୍ତ ସ୍ମୃତିମନ୍ଦିର ଓ ପାଠାଗାର ପରିସରରେ ସୋମବାର ଅନୁଷ୍ଠିତ ହୋଇଯାଇଛି । ସ୍ୱାମୀ ବିବେକାନନ୍ଦଙ୍କ ୧୬୪ ତମ ଜୟନ୍ତୀ ଦିବସକୁ ରାଷ୍ଟ୍ରୀୟ ଯୁବ ଦିବସ ଭାବେ ସର୍ବତ୍ର ପାଳନ କରାଯାଉଛି । ଏ ପରିପ୍ରେକ୍ଷୀରେ ଏବିଭିପି ପକ୍ଷରୁ ଖଣ୍ଡପଡ଼ା ଠାରେ ଆୟୋଜିତ କାର୍ଯ୍ୟକ୍ରମରେ ଯୁବ ଦିବସ ପାଳନର ତାତ୍ପର୍ଯ୍ୟ ସଂପର୍କରେ ଆଲୋକପାତ କରାଯାଇଥିଲା । ମୁଖ୍ୟଅତିଥି ଭାବେ ଏବିଭିପି ଓଡ଼ିଶା ପୂର୍ବ ପ୍ରାନ୍ତର ସଂଗଠନ ମନ୍ତ୍ରୀ ବୁଦ୍ଧଦେବ ବାଘ ଯୋଗ ଦେଇ ଏବିଭିପି ଗଠନର ମୁଖ୍ୟ ଲକ୍ଷ୍ୟ, ଆଦର୍ଶ ଓ ସ୍ୱାମୀଜୀଙ୍କ ଜୀବନଦର୍ଶନ ଉପରେ ଆଲୋକପାତ କରିଥିଲେ । ନୟାଗଡ ଜିଲ୍ଲା ସହ ସଂଯୋଜକ ମଙ୍ଗୁଲିଆ ବେହେରା ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ଏ ଅବସରରେ ଏବିଭିପି ଖଣ୍ଡପଡ଼ା ନଗର ଶାଖାର ନୂତନ କର୍ମକର୍ତ୍ତାଙ୍କ ନାମ ଘୋଷଣା କରାଯାଇଥିଲା । ଖଣ୍ଡପଡ଼ା ନଗରର ନୂତନ ସଭାପତି ଭାବେ ବିନାୟକ ସାହୁ, ସମ୍ପାଦକ ଭାବେ ଭାଗବତ ପ୍ରଧାନଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଥିଲା । ସଂଗଠନ ମନ୍ତ୍ରୀ ଅରିଜିତ ପଟ୍ଟନାୟକ ସମ୍ୟକ ସୂଚନା ପ୍ରଦାନ କରିଥିବା ବେଳେ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ସନ୍ତୋଷିନୀ ମନ୍ତ୍ରୀ କାର୍ଯ୍ୟକ୍ରମରେ ସଂଯୋଜନା କରିଥିଲେ । କର୍ଣ୍ଣିଲୋସ୍ଥିତ ନୀଳମାଧବ ମହାବିଦ୍ୟାଳୟ, ଖଣ୍ଡପଡ଼ା ପଠାଣି ସାମନ୍ତ ମହାବିଦ୍ୟାଳୟ ଓ ମହିଳା ମହାବିଦ୍ୟାଳୟର ଛାତ୍ରଛାତ୍ରୀମାନେ କାର୍ଯ୍ୟକ୍ରମରେ ଯୋଗଦେଇ ଥିଲେ ।

# ବିରଜା ସେବା ସମିତିର ସମ୍ବର୍ଦ୍ଧନା

**ଯାଜପୁର,୨୦।୧ ଏକ୍ସପ୍ରେସ୍ ନ୍ୟୁଜ୍**

ମା'ବିରଜାଙ୍କ ସ୍ୱନକ୍ଷତ୍ର ଦିବସ ଅବସରରେ ବିରଜା ସେବା ସମିତିର ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ସଭାପତି ବିଶ୍ୱମ୍ଭର ମିଶ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଯାଜପୁରର ଉପଜିଲ୍ଲାପାଳ ତଥା ବିରଜା ମନ୍ଦିରର ମ୍ୟାନେଜିଂ ଟ୍ରଷ୍ଟି ତାପସ ରଂଜନ ଦେହୁରୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ । ସମ୍ପାଦକ କ୍ଷୀରୋଦ ଚନ୍ଦ୍ର ପାଠୀ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ । ଉପସଭାପତି ପ୍ରମୋଦ କୁମାର ଦ୍ୱିବେଦୀ ମଞ୍ଚ ପରିଚାଳନା କରିଥିଲେ । ଉପଜିଲ୍ଲାପାଳ ସ୍ୱର୍ଗତ ପଣ୍ଡିତ ବୈଷ୍ଣବ ଚରଣ ଦାଶଙ୍କୁ ଶ୍ରୀବିରଜା ସେବା ସମିତି ସମ୍ମାନ 'ମରଣୋତ୍ତର' ପ୍ରଦାନ କରିଥିଲେ ଓ ତାହା ସ୍ୱର୍ଗତ ଦାଶଙ୍କର ପୁତ୍ରବଧୂ ସରୋଜିନୀ ଦାଶଙ୍କୁ ଅର୍ପଣ କରିଥିଲେ । ମା'ବିରଜା ଓ ବିରଜାକ୍ଷେତ୍ର ସମ୍ପର୍କରେ ହୋଇଥିବା ପ୍ରବନ୍ଧ ପ୍ରତିଯୋଗିତାରେ କୃତୀ ଛାତ୍ରୀଛାତ୍ରମାନଙ୍କୁ ପୁରସ୍କୃତ କରାଯାଇଥିଲା । ପୂଜକ ଦେବୀପ୍ରସାଦ ପାଣି ମୁଖ୍ୟ ଅତିଥିଙ୍କୁ ଉତ୍ତରୀୟ ପ୍ରଦାନ କରିଥିଲେ । ପ୍ରତିଯୋଗିତାରେ ବିରଜା ଉଚ୍ଚ ବିଦ୍ୟାଳୟର ଛାତ୍ରୀ ଶୁଭଶ୍ରୀ କର ପ୍ରଥମ, ଜିଲ୍ଲା ସ୍କୁଲର ଛାତ୍ର ଶତିଷ ପ୍ରିୟଦର୍ଶୀ ସାହୁ ଦ୍ୱିତୀୟ ଓ ମୁନିସିପାଲ୍‌ର ଛାତ୍ରୀ ସୁକନ୍ୟା ସାମଲ ତୃତୀୟ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିଲେ । ସମିତିର ସଭ୍ୟ ବୀରେନ୍ଦ୍ର କୁମାର ମହାନ୍ତି ସମିତିକୁ ୧ ଲକ୍ଷ ଟଙ୍କା ଓ ସଭ୍ୟା ସୁଚରିତା ରାଉତରାୟ ୫୦ ହଜାର ଟଙ୍କା ସେବା ସେମିତିକୁ ପ୍ରଦାନ କରିଥିଲେ । ନୂତନ ଆଜୀବନ ସଭ୍ୟ ଭାବେ ଦୋଳଗୋବିନ୍ଦ ମହାରଣା, ମନୋଜ କୁମାର ବାରିକ, ସରୋଜିନୀ ଦାସ, ପ୍ରଭୁପ୍ରସାଦ ମିଶ୍ରଙ୍କୁ ଗ୍ରହଣ କରାଗଲା । କାର୍ଯ୍ୟକ୍ରମରେ ମନ୍ଦିରର ଓ ସେବା ସମିତିର ସମସ୍ତ ସଭ୍ୟ ସହଯୋଗ କରିଥିଲେ । ଶେଷରେ ବିରଜାପ୍ରସାଦ କର ଧନ୍ୟବାଦ ଅର୍ପଣ କରିଥିଲେ ।

# ସରକାରୀ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ କ୍ରୀଡା



**ମାହାଙ୍ଗା,୨୦।୧ ଏକ୍ସପ୍ରେସ୍ ନ୍ୟୁଜ୍**

ମାହାଙ୍ଗା ବ୍ଲକ ଅନ୍ତର୍ଗତ ଓଷଙ୍ଗ ପଞ୍ଚାୟତସ୍ଥିତ କମାଓଜା ସରକାରୀ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ କ୍ରୀଡା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ଅନାଦି ଚରଣ ନାୟକଙ୍କ ଅଧକ୍ଷତାରେ ଆୟୋଜିତ ଉତ୍ସବରେ ମୁଖ୍ୟଅତିଥି ଭାବେ ସିଆରସିସି ସଞ୍ଜୟ କୁମାର ମହାନ୍ତି, ସମ୍ମାନିତ ଅତିଥିଭାବେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଅଜୟ କୁମାର ସ୍ୱାଇଁ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଦୈତାରୀ ମହାନ୍ତି ପ୍ରମୁଖ ଯୋଗଦେଇ କ୍ରୀଡା ହେଉଛି ଶିକ୍ଷାର ଏକ ଅଙ୍ଗ । ତେଣୁ ପ୍ରତ୍ୟେକ ଛାତ୍ରଛାତ୍ରୀମାନେ କ୍ରୀଡାରେ ଭାଗ ନେବା ଉଚିତ । ଏହାଦ୍ୱାରା ପ୍ରତିଯୋଗୀମାନଙ୍କର ଅର୍ନ୍ତନିହିତ ଗୁଣାବଳୀର ପରିପ୍ରକାଶ ହୋଇଥାଏ ବୋଲି କହିଥିଲେ । କ୍ରୀଡା ଶିକ୍ଷକ ପ୍ରଭଞ୍ଜନ ସାମଲ ଓ ଅଭିମନ୍ୟୁ ବେହେରା ଖେଳ ପରିଚାଳନା କରିଥିଲେ । ଶିକ୍ଷୟିତ୍ରୀ ସୁହାଶିନୀ ବିଶ୍ୱାଳ ଅତିଥି ପରିଚୟ ପ୍ରଦାନ କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ଗୟାଧର ସେଠୀ, ଦେବେନ୍ଦ୍ର ପରିଡା, ଦୀପିକା ନାୟକ, ପୁଷ୍ପଲତା ଦାସ, ଶାନ୍ତିଲତା ଜେନା, ବନଲତା ବେହେରାଙ୍କ ସମେତ ବିଦ୍ୟାଳୟ ପରିଚାଳନା କମିଟି ସଦସ୍ୟମାନେ ଉପସ୍ଥିତ ରହି ସହଯୋଗ କରିଥିଲେ ।

# ଗୁରୁପୂଜନ ଉତ୍ସବ

**ରାଜନଗର,୨୦।୧ ଏକ୍ସପ୍ରେସ୍ ନ୍ୟୁଜ୍**

ରାଜନଗର ବ୍ଲକ ବେଲପାଳସ୍ଥିତ ମହାକାଳୀ ହାଇସ୍କୁଲର ୧୯୯୫ ମସିହା ମାଟ୍ରିକ୍ ବ୍ୟାଚ ପୁରାତନ ଛାତ୍ରଛାତ୍ରୀଙ୍କର ବନ୍ଧୁମିଳନ ଓ ଗୁରୁପୂଜନ ଉତ୍ସବ ପାଳିତ ହୋଇଯାଇଛି । ପୁରାତନ ଛାତ୍ର ଦିଲ୍ଲୀପକୁମାର ସ୍ୱାଇଁଙ୍କ ଅଧକ୍ଷତାରେ ଅବସରପ୍ରାପ୍ତ ଶିକ୍ଷକ ଗୌରାଙ୍ଗ ସ୍ୱାଇଁ, ଅଧିକାରୀ ସ୍ୱାଇଁ, ନଳିନୀ ରଂଜନ ରାଉତରାୟ, ଗଜେନ୍ଦ୍ର ରାଉତରାୟ, ହଳଧର ଯତି, ଫକିର ସ୍ୱାଇଁ, ଗଣେଶ୍ୱର ଦାସ, ସନାତନ ମହାନ୍ତିଙ୍କୁ ଉତରୀୟ, ମାନପତ୍ର ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ । ଏହି ଅବସରରେ ଅନୁଷ୍ଠାନରେ ବିତାଇଥିବା ଛାତ୍ର ଜୀବନର ସ୍ମୃତିଚାରଣ କରିଥିଲେ । ଏହି କାର୍ଯ୍ୟକ୍ରମକୁ ପ୍ରାକ୍ତନ ଛାତ୍ର ହିମାଂଶୁ ସ୍ୱାଇଁ, ତୃପ୍ତିରେଖା ସ୍ୱାଇଁ, ବାଇଧର ସାହୁ, ପୁଷ୍ପଲତା ପ୍ରଧାନ, ଅମୂଲ୍ୟ, ପବିତ୍ର, ପାରେଶ୍ୱର, ଗୋଲେଖ, ପ୍ରମିଳା, ସବିତା, ପ୍ରଦୀପ, ସନ୍ଧ୍ୟା, ଅରୁନ୍ଧତି, ଚିନ୍ମୟୀ, ଗୌରାଙ୍ଗ, ପ୍ରଶାନ୍ତ, ପଞ୍ଚାନନ, ଅତନୁ, ପ୍ରଭାବତୀ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ ।

# ରାଜନୀତି ବିଜ୍ଞାନ ବିଭାଗ ଆଲୋଚନାଚକ୍ର

**ପଟ୍ଟାମୁଣ୍ଡାଇ,୨୦।୧ ଏକ୍ସପ୍ରେସ୍ ନ୍ୟୁଜ୍**

ପଟ୍ଟାମୁଣ୍ଡାଇ କଲେଜ ରାଜନୀତି ବିଜ୍ଞାନ ବିଭାଗ ଓ ଓଳାଭର କଲେଜ ରାଜନୀତି ବିଜ୍ଞାନ ବିଭାଗ ପକ୍ଷରୁ ମିଳିତ ଆନୁକୂଲ୍ୟରେ ଡେମୋକ୍ରାଟାଇଜିଙ୍ଗ ଡେମୋକ୍ରେସୀ, ଅପରଚ୍ୟୁନିଟିଜ ଆଣ୍ଡ ଚ୍ୟାଲେସ ଶୀର୍ଷକ ରାଜ୍ୟସ୍ତରୀୟ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି । କଲେଜ ଅଧ୍ୟକ୍ଷ ପ୍ରଫେସର ଉମାକାନ୍ତ ପାତ୍ରଙ୍କ ପୌରହିତ୍ୟ ଓ ଅଧ୍ୟାପକ ଡ଼ ଆଲୋକ ସାହୁଙ୍କ ସଂଯୋଜନାରେ ଆୟୋଜିତ ଆଲୋଚନାଚକ୍ରରେ ରେଭେନ୍ସା ବିଶ୍ୱବିଦ୍ୟାଳୟ ପୂର୍ବତନ କୁଳପତି ଓ ହାଇଦ୍ରାବାଦ ବିଶ୍ୱବିଦ୍ୟାଳୟ ପୂର୍ବତନ ରାଜନୀତି ବିଜ୍ଞାନ ପ୍ରଫେସର ଡ଼ ପ୍ରକାଶ ଷଡଙ୍ଗୀ ମୁଖ୍ୟଅତିଥି ଭାବେ ଯୋଗ ଦେଇ, ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ ପ୍ରଫେସର ଡ଼ ମାନସ ବେହେରା ମୁଖ୍ୟବକ୍ତା ଭାବେ ଯୋଗଦେଇ ଗଣତନ୍ତ୍ରକୁ ଲୋକାଭିମୁଖୀ କରିବା, ସାଧାରଣ ନାଗରିକଙ୍କ ଶାସନତନ୍ତ୍ରରେ ଅଂଶଗ୍ରହଣ, ପାରଦର୍ଶିତା, ଦାୟିତ୍ୱବୋଧ ଏବଂ ଡିଜିଟାଲ ମାଧ୍ୟମରେ ଗଣତନ୍ତ୍ରକୁ ଶକ୍ତିଶାଳୀ କରିବା ସମ୍ପର୍କରେ ତାତ୍ତ୍ୱିକ ବିଶ୍ଳେଷଣ କରିବା ସହିତ ଅଶିକ୍ଷା, ଭୁଲ ସୂଚନା, ସାମାଜିକ ଅସମାନତା ଦୂର କରି ସମତୁଳନ କରିପାରିଲେ ଗଣତନ୍ତ୍ର ଅଧିକ ସକ୍ରିୟ ଓ କ୍ରିୟାଶୀଳ ହୋଇପାରିବ ବୋଲି ପ୍ରକାଶ କରିଥିଲେ । ପଟ୍ଟାମୁଣ୍ଡାଇ କଲେଜ ରାଜନୀତି ବିଜ୍ଞାନ ବିଭାଗ ମୁଖ୍ୟ ପ୍ରାଧ୍ୟାପକ ଡ଼ ସର୍ବେଶ୍ୱର ସାହୁ ବିଷୟଭିତ୍ତିକ ସନ୍ଦର୍ଭ ପାଠ କରିଥିବା ବେଳେ ଅଧ୍ୟାପିକା ନିବେଦିତା ପ୍ରଧାନ ଅତିଥିପରିଚୟ ପ୍ରଦାନ କରିଥିଲେ । ଡ଼.ଆଲୋକ କୁମାର ରାୟଙ୍କ ପୌରହିତ୍ୟରେ ଆୟୋଜିତ ଆଲୋଚନାଚକ୍ରର ୨ୟ ଅଧିବେଶନରେ ପଟ୍ଟାମୁଣ୍ଡାଇ କଲେଜ, ଓଳାଭର କଲେଜ ସମେତ ବିଭିନ୍ନ କଲେଜର ଅଧ୍ୟାପିକା ଅଧ୍ୟାପକ ଛାତ୍ରୀଛାତ୍ର ଯୋଗ ଦେଇଥିଲେ । ଶେଷରେ ଅଧ୍ୟାପିକା ଶୁଭଶ୍ରୀ ପୋଥାଳ ଧନ୍ୟବାଦ ଦେଇଥିଲେ ।

# ଜେଏମଏଫସି କୋର୍ଟ ଖୋଲିବାରେ ବିଳମ୍ବ କାହିଁକି ?

**ଗୋପ,୨୦।୧ ଏକ୍ସପ୍ରେସ୍ ନ୍ୟୁଜ୍**

ପୁରୀ ଜିଲ୍ଲାର ଗୋପରେ ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ କମ୍ ଜୁନିଅର ଡିଭିଜନ ସିଭିଲ ଜର୍ଜ କୋର୍ଟ କାର୍ଯ୍ୟକାରୀ ହେବାକୁ ନେଇ ମାସ ମାସ ଧରି ବିଳମ୍ବ କାହିଁକି ? ସମଗ୍ର ଓଡ଼ିଶାର ୩୭ଟି ପ୍ରଥମ ଶ୍ରେଣୀ ବିଚାର ବିଭାଗ ମାଜିଷ୍ଟ୍ରେଟ କମ ଜୁନିଅର ଡିଭିଜନ ସିଭିଲ ଜର୍ଜ କୋର୍ଟ ପ୍ରତିଷ୍ଠା କରାଯିବାପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ବିଧିବଦ୍ଧ ଭାବେ ବିଜ୍ଞପ୍ତି ପ୍ରକାଶ ପାଇଥିଲା । ସେଥିମଧ୍ୟରୁ ଗୋଟେ ହେଲା ଗୋପ ବ୍ଲକ ଅନ୍ୟଟି ହେଲା ଡେଲାଙ୍ଗ ବ୍ଲକ । ଦୁଃଖ ଓ ପରିତାପର ବିଷୟଟି ହେଲା ଗତ ଡିସେମ୍ବର ମାସରୁ ଡେଲାଙ୍ଗ ବ୍ଲକରେ (ଜେଏମଏଫସି) କୋର୍ଟ ପ୍ରତିଷ୍ଠା ହୋଇଥିବବେଳେ ଗୋପରେ ପ୍ରତିଷ୍ଠା ହେବାରେ ବିଳମ୍ବ କାହିଁକି ? ଗୋପରେ ସରକାରୀ ଜମିର ଯଦିଓ ଅଭାବ ନାହିଁ । କିନ୍ତୁ ସ୍ଥାନୀୟ ନେତୃତ୍ୱ ବ୍ୟକ୍ତି ବିଶେଷ ଏବଂ ଲୋକ ପ୍ରତିନିଧି ଓ ପ୍ରଶାସନିକ ଅଧିକାରୀଙ୍କ ଅପାରଗତା ଯୋଗୁ ଗୋପରେ ପ୍ରଥମ ଶ୍ରେଣୀ ବିଚାର ବିଭାଗ ମାଜିଷ୍ଟ୍ରେଟ କମ୍ ଜୁନିଅର ଡିଭିଜନ ସିଭିଲ ଜର୍ଜ କୋର୍ଟ ଖୋଲା ଯାଇପାରିନାହିଁ । କୋର୍ଟ ଖୋଲିବାପାଇଁ ଅନେକ ବର୍ଷ ପୂର୍ବରୁ ଗୋପ ସୁରକ୍ଷା ମଞ୍ଚ ଓ ବିଭିନ୍ନ ସଂଗଠନ ପକ୍ଷରୁ ଦାବିପତ୍ର ଦିଆଯାଇଥିଲେ ମଧ ତାହା କାର୍ଯ୍ୟକାରୀ ହେବାରେ ବିଳମ୍ବ ହେଉଛି । ଯଦିଓ ପୂର୍ତ୍ତ ବିଭାଗକୁ ଚିଠି କରାଯାଇଛି ମରାମତି ସଂକ୍ରାନ୍ତରେ କିନ୍ତୁ ବିଭାଗୀୟ କନିଷ୍ଠ ଯନ୍ତ୍ରୀଙ୍କ ପାଖରେ ସଠିକ ସୂଚନା ନାହିଁ ତାହା କେବେ କାର୍ଯ୍ୟକାରୀ ହେବ । ବର୍ତ୍ତମାନ ସୁଦ୍ଧା ଉକ୍ତ ସ୍ଥାନଟିକୁ ମରାମତି ବା ଆବଶ୍ୟକୀୟ ବନ୍ଦୋବସ୍ତ କରାଯାଇନାହିଁ । ଏହା ଗୋପ ବାଳିକା ବିଦ୍ୟାଳୟ ପରିସର ମଧ୍ୟରେ ଅସ୍ଥାୟୀ ଭାବେ ଖୋଲିବାପାଇଁ ଗୋପ ଅଞ୍ଚଳ ବାସୀଙ୍କ ପକ୍ଷରୁ ଗୋପ ସୁରକ୍ଷା ମଞ୍ଚର ସଭାପତି ସଚ୍ଚିଦାନନ୍ଦ ଗୋଚ୍ଛାୟତ ପ୍ରସ୍ତାବ ଦେଇଥିଲେ । ଉକ୍ତ ପ୍ରସ୍ତାବକୁ ଉପଯୁକ୍ତ ମନେ କରି ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ଜିଲ୍ଲା ବ୍ଲକ ପ୍ରଶାସନ ଓ ଜିଲ୍ଲା ପ୍ରଶାସନଙ୍କୁ ଅବଗତ କରାଇଥିଲେ । ଏଥିମଧ୍ୟରେ ଜିଲ୍ଲା କୋର୍ଟର ମ୍ୟାନେଜର ଓ ଟ୍ରେଜରର ଦୁଇଥର ଆସି ଅନୁଧ୍ୟାନ କରିବା ସତ୍ତ୍ୱେ ଆଜି ପର୍ଯ୍ୟନ୍ତ ଅବଶ୍ୟକୀୟ ବନ୍ଦୋବସ୍ତ କରାଗଲାନାହିଁ । ଏହା ହେବା ଦ୍ୱାରା ଗୋପ ତହସିଲ ଅଧିନସ୍ତ ସମସ୍ତ ସାଧାରଣ ଜନତା ଉପକୃତ ହୋଇପାରିବେ । ଏଥିପାଇଁ ଜଣେ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ୍ ପ୍ରଥମ ଶ୍ରେଣୀ (ଜେଏମଏଫସି) ଭାରତର ନିମ୍ନ ଫୌଜଦାରୀ ଅଦାଲତ ବ୍ୟବସ୍ଥାରେ ଏକ ପ୍ରମୁଖ ନ୍ୟାୟିକ ଅଧିକାରୀ ରହିବେ । କମ୍ ଗୁରୁତର ଅପରାଧ ପାଇଁ ବିଚାର ପରିଚାଳନା କରିପାରିବେ । ଜାମିନ ପ୍ରଦାନ କରିବା ଏବଂ ମୁଖ୍ୟ ନ୍ୟାୟିକ ମାଜିଷ୍ଟ୍ରେଟ୍ ଏବଂ ସେସନ୍ସ ଜଜ୍‌ଙ୍କ ନିୟନ୍ତ୍ରଣରେ କାର୍ଯ୍ୟ କରିବେ । ତିନି ବର୍ଷ ପର୍ଯ୍ୟନ୍ତ କାରାଦଣ୍ଡ କିମ୍ବା ଜରିମାନା ଦେବାର କ୍ଷମତା ସହିତ, ରାଜ୍ୟ ସରକାରଙ୍କ ଦ୍ୱାରା ଉଚ୍ଚ ନ୍ୟାୟାଳୟ ସହିତ ପରାମର୍ଶ କରି ଏହା ପ୍ରତିଷ୍ଠିତ ହୋଇଥାଏ । ପ୍ରାୟତଃ ସିଭିଲ୍ ଜଜ୍ ଭୂମିକା (ଜେଏମଏଫସି -କମ୍-ସିଭିଲ୍ ଜଜ୍) ସହିତ ମିଶ୍ରିତ । ବିଚାର କ୍ଷେତ୍ରାଧିକାର, ଗ୍ରାହକ ସୁରକ୍ଷା ଆଇନ ପରି ଆଇନ ଅଧୀନରେ ଥିବା ଫୌଜଦାରୀ ମାମଲାଗୁଡ଼ିକର ବିଚାର ହୋଇପାରିବ । ଯଦିଓ ପୁରୀ ଜିଲ୍ଲାର ଗୋପ ବ୍ଲକଟି ସର୍ବବୃହତ୍ତମ ବ୍ଲକ ଅଟେ କିନ୍ତୁ ସମସ୍ତ ସୁବିଧା ସୁଯୋଗରୁ ବଞ୍ଚିତ ଗୋପ ବ୍ଲକବାସୀ । ଗୋପ ବ୍ଲକବାସୀଙ୍କ ସ୍ୱାର୍ଥ ଦୃଷ୍ଟିରୁ ଗୋପ ସୁରକ୍ଷା ମଞ୍ଚର ସଭାପତିଙ୍କ ପକ୍ଷରୁ କୁହାଯାଇଛି କି ଆଗାମୀ ମାସକ ଭିତରେ ଯଦି କାର୍ଯ୍ୟକ୍ରମ ଆରମ୍ଭ ନ ହୁଏ ତେବେ ଆନ୍ଦୋଳନକୁ ଓହ୍ଲାଇବେ ଗୋପ ଅଞ୍ଚଳବାସୀ ।

# ଚାଇଲଡ୍ ଲାଇନର ଚଢାଉ, ୫ ଶିଶୁ ଉଦ୍ଧାର



**ମାଲକାନାଗିରି,୨୦।୧ ଏକ୍ସପ୍ରେସ୍ ନ୍ୟୁଜ୍**

ମାଲକାନଗିରି ଜିଲ୍ଲା କୋରୁକୋଣ୍ଡା ଏବଂ ବାଲିମେଳା ସହରରେ ଚାଇଲଡ୍ ଲାଇନ ପକ୍ଷରୁ ଚଢ଼ାଉ ୫ ଜଣ ଶିଶୁ ଶ୍ରମିକ ଉଦ୍ଧାର । ଭାରପାପ୍ତ ଜିଲ୍ଲା ଶ୍ରମ ଅଧିକାରୀ ପୂର୍ଣ୍ଣିମା ଦୁରୁକାଙ୍କ ନିର୍ଦ୍ଦେଶ କ୍ରମେ ଅତିରିକ୍ତ ଶ୍ରମ ଅଧିକାରୀ ବିନି ମୁଦୁଲିଙ୍କ ନେତୃତ୍ୱରେ କୋରୁକୋଣ୍ଡା ଓ ବାଲିମେଳା ସହରରେ ଚଢାଉ ହୋଇଥିଲା । ବ୍ୟାପାର ବାଣିଜ୍ୟ କରୁଥିବା ଲୋକମାନଙ୍କୁ ସଚେତନ କରିବା ସହିତ ବିଭିନ୍ନ ଦୋକାନ, ଶିକ୍ଷାନୁଷ୍ଠାନ ଆଦି ଚଢାଉ କରିଥିଲେ । ଏହି ସମୟରେ ବାଲିମେଳା ନଗରରେ ନିର୍ମାଣ କାର୍ଯ୍ୟ କାର୍ଯ୍ୟରେ ନିୟୋଜିତ ୨ଜଣ ଶିଶୁ ଶ୍ରମିକ, ତାରଲକୋଟା ଇଟା ଭାଟିରୁ ୨ଜଣ, କୋରୁକୋଣ୍ଡା ସଦର ମହକୁମା ଗେରେଜରୁ ଜଣେ ଶିଶୁଙ୍କୁ ଉଦ୍ଧାର କରାଯାଇଥିଲା । ଯେଉଁମାନେ ଏହି ଶିଶୁ ଶ୍ରମିକମାନଙ୍କୁ କାର୍ଯ୍ୟରେ ଲାଗେଇଥିଲେ ସେମାନଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ହେବ । ଶିଶୁମାନଙ୍କୁ ସିଡବ୍ଲ୍ୟୁସିକୁ ହସ୍ତାନ୍ତର କରାଯିବ । ଏହି ଚଢାଉ ସମୟରେ କୋରୁକୋଣ୍ଡା ଓ ଓର୍କେଲ ପୋଲିସ ସହାୟତା କରିଥିଲା । ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ପ୍ରୋଜେକ୍ଟ କୋର୍ଡ଼ିନେଟର ଶ୍ୟାମ ସାଗରିଆ, ଶକ୍ତି ଏନଜିଓର ମିନତୀ ମାଢି, ଶୋମ୍ୟ ରଞ୍ଜନ ସ୍ୱାଇଁ ପ୍ରମୁଖ ଚଢ଼ାଉ ସାମିଲ ଥିଲେ ।

# ମାୟାପାଟଣା ଗ୍ରାମରେ ପାନୀୟ ନିଗମ ଡିପୋ

**ବ୍ରହ୍ମପୁର,୨୦।୧ ଏକ୍ସପ୍ରେସ୍ ନ୍ୟୁଜ୍**



ଛତ୍ରପୁର ବ୍ଲକ ଅନ୍ତର୍ଗତ କାଳିଆବାଲି ନିକଟସ୍ଥ ମାୟାପାଟଣା ଗ୍ରାମ ଠାରେ ଓଡିଶା ପାନୀୟ ନିଗମ ଡିପୋ ଏବଂ କାର୍ଯ୍ୟାଳୟ ସୋମବାର ଉଦଘାଟିତ ହୋଇଯାଇଛି । ଏହାକୁ ଓଡିଶା ସରକାରଙ୍କ ଆଇନ, ପୂର୍ତ୍ତ ଓ ଅବକାରୀ ବିଭାଗର ମନ୍ତ୍ରୀ ପୃଥ୍ୱୀରାଜ ହରି ଚନ୍ଦନ ଭିଡିଓ କନଭେନ୍ସ ମାଧ୍ୟମରେରେ ଶୁଭଉଦଘାଟନ କରିଛନ୍ତି । ଏହି କାର୍ଯ୍ୟାଳୟ ଏବଂ ଡିପୋ ଉପରେ ଗଞ୍ଜାମ, ବ୍ରହ୍ମପୁର, କନ୍ଧମାଳ ଓ ଗଜପତି ଅବକାରୀ ଜିଲ୍ଲାର ରିଟେଲରମାନେ ନିର୍ଭର କରିବେ । ଯାହାଦ୍ୱାରା ଅଞ୍ଚଳବାସୀଙ୍କୁ ଉତ୍ତମ ସେବା, ସୁଚାଳିତ ପ୍ରଶାସନ ଓ ସାର୍ବଜନିକ ସୁବିଧା ସୁନିଶ୍ଚିତ ହେବା ସହିତ ଅଞ୍ଚଳର ସାମଗ୍ରିକ ଉନ୍ନୟନକୁ ନୂତନ ଗତି ମିଳିବ ବୋଲି ଆଶା କରାଯାଉଛି । ଏହି ଉଦଘାଟନୀ ସମାରୋହରେ ଛତ୍ରପୁର ବିଧାୟକ କୃଷ୍ଣ ଚନ୍ଦ୍ର ନାୟକ, ଗଞ୍ଜାମ ଜିଲ୍ଲାପାଳ ଭି.କୀର୍ତ୍ତି ଭାସନ, ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ଡ଼ଃ ପ୍ରମୋଦ କୁମାର ପୃଷ୍ଟି, ଗଞ୍ଜାମ ଅବକାରୀ ଅଧୀକ୍ଷକ ଅମରେନ୍ଦ୍ର ଜେନା, ଓଡିଶା ପାନୀୟ ନିଗମର ଜେନରାଲ ମ୍ୟାନେଜର (ବୈଷୟିକ) ବୈୟଜନ୍ତି ପଣ୍ଡା, ଆଇଟି ମ୍ୟାନେଜର ଦେବେନ୍ଦ୍ର ସାହୁ, ଚିଫ ମ୍ୟାନେଜର (ଫାଇନାନ୍ସ) ଭାନୁପ୍ରିୟା ଶବର ଉପସ୍ଥିତ ଥିବା ବେଳେ ଭିସି ମାଧ୍ୟମରେ ଅବକାରୀ ବିଭାଗର ପ୍ରମୁଖ ଶାସନ ସଚିବ ଭାସ୍କର ଶର୍ମା, ଓଡିଶା ଅବକାରୀ ଆୟୁକ୍ତ (କଟକ) ପି. ଅନ୍ୱେଷା ରେଡ୍ଡୀ, ଓଡିଶା ପାନୀୟ ନିଗମ ଲିଃର ପରିଚାଳନା ନିର୍ଦ୍ଦେଶକ (ଭୁବନେଶ୍ୱର) ଦେବେନ କୁମାର ପ୍ରଧାନ ପ୍ରମୁଖ ଯୋଡି ହୋଇଥିଲେ । ଦୀର୍ଘ ଦିନ ହେଲା ଏହି ଡିପୋ ଓ କାର୍ଯ୍ୟାଳୟ ନିର୍ମାଣ ହୋଇଥିବା ବେଳେ ଉଦଘାଟନ ହୋଇଛି । ଏହା କେବେ କାର୍ଯକାରୀ ହେବ ସେନେଇ ସାଧାରଣରେ ଆଲୋଚନା ହୋଇଛି । ସୂଚନା ବର୍ତ୍ତମାନ ଏହି ଡିପୋ ଓ କାର୍ଯ୍ୟାଳୟ ଦୀର୍ଘ ବର୍ଷଧରି କନିଷି ଠାରେ ଭଡାରେ ଚାଲିଛି ।

# ଚାଷୀଙ୍କ ପକ୍ଷରୁ ଜିଲ୍ଲାପାଳଙ୍କୁ ଦାବିପତ୍ର

**ଯାଜପୁର,୨୦।୧ ଏକ୍ସପ୍ରେସ୍ ନ୍ୟୁଜ୍**



ତିନି ବ୍ଲକ ଯଥା ଯାଜପୁର, ଦଶରଥପୁର ଓ ବିଞ୍ଝାରପୁର ବ୍ଲକର ଯଯାତି କୃଷକ ଉତ୍ପାଦକ ସଙ୍ଗଠନର ଚାଷୀଙ୍କ ପକ୍ଷରୁ ସୋମବାର ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ପ୍ରଶାସନକୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି । ଧାନମଣ୍ଡି ଠିକ୍ ସମୟରେ ଖୋଲାଯାଉ, ଝୋଟ ଅଖା ପରିବର୍ତ୍ତେ ପ୍ଲାଷ୍ଟିକ ଅଖା ବ୍ୟବହାର କରାଯାଉ ଓ କଟନି ଛଟନିକୁ ବନ୍ଦ କରାଯାଉ ବୋଲି ଚାଷୀ ଦାବିପତ୍ରରେ ଉଲ୍ଲେଖ କରିଥିଲେ । ସଠିକ୍ ସମୟରେ କୃଷି ସମବାୟ ସମିତି ଓ ସ୍ୱୟଂସହାୟକ ଗୋଷ୍ଠୀ ଦ୍ୱାରା ଖୋଲା ଯାଉଥିବା ମଣ୍ଡି ଖୋଲାଯାଉ, ଅଦ୍ୟାବଧି ବହୁ ସ୍ଥାନରେ ମଣ୍ଡି ଖୋଲା ଯାଇନଥିବାରୁ ଚାଷୀଙ୍କ ଟୋକନ ଅବଧି ଶେଷ ହେବାକୁ ବସିଲାଣି । ଏଥିପ୍ରତି ସରକାର ଦୃଷ୍ଟି ଦେବା ଜରୁରୀ । ଅନ୍ୟ ପକ୍ଷରେ ଉପରୋକ୍ତ ଯଯାତି କୃଷକ ଉତ୍ପାଦକ ସଙ୍ଗଠନର ଚାଷୀ ଜିଲା ଯୋଗାଣ ଅଧିକାରୀଙ୍କୁ ଭେଟି ଧାନ ମଣ୍ଡି ଖୋଲିବା ସମ୍ପର୍କରେ ଆଲୋଚନା କରିଥିଲେ । ଏହି ଦାବିପତ୍ର ପ୍ରଦାନ ସମୟରେ ବିଜୟ କୁମାର ଜେନା, ଗଙ୍ଗାଧର ନାୟକ, ଅକ୍ଷୟ କୁମାର ଦାସ, ଅଶୋକ କୁମାର ପାଣି, ପ୍ରତାପ ଦ୍ୱିବେଦୀ, ପ୍ରତାପ ନାୟକ, ମାଧବାନନ୍ଦ ପରିଡ଼ା, ବିଶ୍ୱନାଥ କର, ସଚ୍ଚିଦାନନ୍ଦ ସ୍ୱାଇଁ, କୁଳମଣି ମହାନ୍ତି, ଉମେଶ ଚନ୍ଦ୍ର ନାୟକ, ଦିନକୃଷ୍ଣ ରାଉତ, ବିଜୟ କୁମାର ପରିଡ଼ା, ଶ୍ରୀଧର ସାହୁ, ନିରାକାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।

# ୩ରେ 'ତୁଷାର' ମହୋତ୍ସବ

**ଘୁ.ଉଦୟଗିରି,୨୦।୧ ଏକ୍ସପ୍ରେସ୍ ନ୍ୟୁଜ୍**

ଆସନ୍ତା ଫେବୃୟାରୀ ୩ ତାରିଖରୁ ୭ ତାରିଖ ପର୍ଯ୍ୟନ୍ତ ଘୁ.ଉଦୟଗିରିରେ ପ୍ରଥମଥର ହେବାକୁଥିବା ଶୀତ ମହୋତ୍ସବ 'ତୁଷାର' ନିମନ୍ତେ ସୋମବାର ଦିନ ଶୁଭଖୁଣ୍ଟି ସ୍ଥାପନ ହୋଇଥିବା ଜଣାପଡିଛି । ବିବରଣୀରୁ ପ୍ରକାଶ ଯେ ସ୍ଥାନୀୟ କଳିଙ୍ଗ ମିନି ଷ୍ଟାଡିୟମ ପରିସରରେ କୁଇ ପରମ୍ପରା ଅନୁଯାୟୀ ପୂଜାର୍ଚ୍ଚନା କରାଯାଇ ସ୍ଥାନୀୟ ପ୍ରଶାସନ, ରାଜନୈତିକ ପ୍ରତିନିଧି, ଗଣମାଧ୍ୟମ ପ୍ରତିନିଧି, ବୁଦ୍ଧିଜୀବୀ ଏବଂ ଅଞ୍ଚଳବାସୀଙ୍କ ଉପସ୍ଥିତିରେ ଶୁଭଖୁଣ୍ଟି ସ୍ଥାପନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଉତ୍ସବର ଅଧ୍ୟକ୍ଷ ଘୁ.ଉଦୟଗିରି ବିଡିଓ ସତ୍ୟନାରାୟଣ ମିଶ୍ର, ତହସିଲଦାର ରଞ୍ଜନ କୁମାର ସାହୁ, ଏନଏସି ନିର୍ବାହୀ ଅଧିକାରୀ ଆଶୁତୋଷ ଗୌରବ କର, ବ୍ଲକ ଅଧକ୍ଷା ସୁଷମା ପ୍ରଧାନ, ଏନଏସି ଅଧକ୍ଷା ଦେବସ୍ମିତା ଶତପଥି, ଶୀତ ମହୋତ୍ସବ କମିଟିର ସଭାପତି ଜ୍ଞାନଚନ୍ଦ୍ର ପ୍ରଧାନ, ସାଧାରଣ ସମ୍ପାଦକ ମହମ୍ମଦ ଜିଆଉଦ୍ଦିନ ଅହମ୍ମଦ, ଉଦେଶନ ପ୍ରଧାନ, ଅଭିମନ୍ୟୁ ପ୍ରଧାନ ସମେତ ବିଭିନ୍ନ କର୍ମକର୍ତ୍ତା ଉପସ୍ଥିତ ଥିଲେ । ଶୁଭଖୁଣ୍ଟି ସ୍ଥାପନ କାର୍ଯ୍ୟ ସରିଲା ପରେ ଶୀତ ମହୋତ୍ସବ 'ତୁଷାର'ର ବ୍ୟାନର ଉନ୍ମୋଚନ କରାଯାଇଥିଲା ।

# ଶିକ୍ଷା ଜୀବନର ପ୍ରସ୍ତୁତି ନୁହେଁ, ଶିକ୍ଷା ହେଉଛି ଜୀବନ



**ପଟ୍ଟାମୁଣ୍ଡାଇ,୨୦।୧ ଏକ୍ସପ୍ରେସ୍ ନ୍ୟୁଜ୍**

'ଶିକ୍ଷା ମଣିଷ ଜୀବନକୁ ଆଲୋକିତ କରେ । ଅଜ୍ଞାନତା ନାଶ କରି ଏକ ଉତ୍ତମ ନାଗରିକ ଗଢିବାରେ ସହାୟକ ହୋଇଥାଏ' ବୋଲି ଚନ୍ଦନନଗରସ୍ଥ ପଦ୍ମଲୋଚନ ନୋଡାଲ୍ ବିଦ୍ୟାପୀଠର ଦୁଇ ଦିନିଆ ବାର୍ଷିକୋତ୍ସବର ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଯୋଗଦାନ କରି ରାଜନଗର ବିଧାୟକ ଧ୍ରୁବ ଚରଣ ସାହୁ ମତବ୍ୟକ୍ତ କରିଛନ୍ତି । ଉପସ୍ଥିତ ଛାତ୍ରଛାତ୍ରୀ, ଶିକ୍ଷକ, ଶିକ୍ଷୟିତ୍ରୀ ଓ ଅଭିଭାବକମାନଙ୍କୁ ଉଦ୍‌ବୋଧନ ଦେଇ ଶ୍ରୀଯୁକ୍ତ ସାହୁ କହିଲେ, 'ମୂଲ୍ୟବୋଧ ଭିତ୍ତିକ ଶିକ୍ଷା ଶିକ୍ଷାନୁଷ୍ଠାରେ ଶୃଙ୍ଖଳା ଓ ସମୟାନୁବର୍ତ୍ତିତାକୁ ପ୍ରାଧାନ୍ୟ ଦିଆଯିବା ଉଚିତ୍ ।'

ମୁଖ୍ୟବକ୍ତାଭାବେ ଯୋଗଦାନ କରି ବିଶିଷ୍ଟ କବି ଓ ସ୍ତମ୍ଭକାର ତଥା ପୂର୍ବତଟ ରେଳପଥର ଅବସରପ୍ରାପ୍ତ ବରିଷ୍ଠ ଅଧିକାରୀ ନିରାକାର ଦାସ କହିଲେ, 'ଶିକ୍ଷା ହିଁ ସାମର୍ଥ୍ୟ ପ୍ରଦାନର ଚାବିକାଠି, ଏହା ପ୍ରଗତିର ମାର୍ଗକୁ ଆଲୋକିତ କରିଥାଏ ।' ଏହି ଉତ୍ସବରେ ବରେଣ୍ୟ ଅତିଥି ଭାବେ କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟର ଅବସରପ୍ରାପ୍ତ ପ୍ରାକ୍ତନ ଇଂରାଜୀ ବିଭାଗ ପ୍ରାଧ୍ୟାପକ ଦୁର୍ଯ୍ୟୋଧନ ପରିଡ଼ା, ପଟ୍ଟାମୁଣ୍ଡାଇ ତହସିଲ୍‌ଦାର ପଞ୍ଚାନନ ନାୟକ, ବିଦ୍ୟାପୀଠର ପ୍ରାକ୍ତନ ପ୍ରଧାନ ଶିକ୍ଷକ ପଞ୍ଚାନନ ଧଳ, ଓଡ଼ିଶା ସରକାରଙ୍କ ପ୍ରାକ୍ତନ ଯୁଗ୍ମ ଶାସନ ସଚିବ ଅଶୋକ କୁମାର ଦାସ, ଚନ୍ଦନନଗର ପଞ୍ଚାୟତର ସମିତି ସଭ୍ୟ ମାନସ ମଲ୍ଲିକ ଓ ବରିଷ୍ଠ ସାମ୍ବାଦିକ ଭାସ୍କର ଚନ୍ଦ୍ର ରାଉତରାୟ ପ୍ରମୁଖ ଯୋଗଦାନ କରି ଶିକ୍ଷା ବିକାଶରେ ପ୍ରାଥମିକ ବିଦ୍ୟାଳୟମାନଙ୍କର ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ । ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ଶ୍ରୀମତୀ ବନଜିନୀ ସାହୁ ଉତ୍ସବରେ ପୌରୋହିତ୍ୟ କରିଥିବାବେଳେ ଶିକ୍ଷକ ଚିତ୍ତରଂଜନ ବାରିକ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ହିନ୍ଦୀ ଶିକ୍ଷୟିତ୍ରୀ ଶୁଭଶ୍ରୀ ସ୍ୱାଇଁ ବାର୍ଷିକ ବିବରଣୀ ପାଠ କରିଥିଲେ ଏବଂ ଶିକ୍ଷକ ସଂଜୟ କୁମାର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ । ଶେଷରେ ବିଦ୍ୟାଳୟର ମୁଖପତ୍ର 'ଚନ୍ଦନ' ଅତିଥିମାନଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା ଏବଂ କୃତୀ ଛାତ୍ରଛାତ୍ରୀମାନଙ୍କୁ ପୁରସ୍କାର ବିତରଣ କରାଯାଇଥିଲା । ଦୁଇଦିନ ଧରି ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।

# ଆଇଏଲଏମସିଭି ସେଗମେଣ୍ଟରେ ଉତ୍କର୍ଷତାକୁ ପୁନଃପରିଭାଷିତ କରୁଛି: ଆଜୁରା ସିରିଜ

**ନୂଆଦିଲ୍ଲୀ,୨୦।୧ ଏକ୍ସପ୍ରେସ୍ ନ୍ୟୁଜ୍**

ଏକ ଐତିହାସିକ ପଦକ୍ଷେପ ଯାହା ଭାରତୀୟ ଟ୍ରକିଂ ଦୃଶ୍ୟପଟକୁ ପରିବର୍ତ୍ତନ କରିବ, ଟାଟା ମୋଟର୍ସ, ଭାରତର ସର୍ବବୃହତ ବାଣିଜ୍ୟିକ ଯାନ ନିର୍ମାତା ଏବଂ ଗତିଶୀଳତା ସମାଧାନ ପ୍ରଦାନକାରୀ, ଆଜି ୭ରୁ ୫୫ ଟନ ପର୍ଯ୍ୟନ୍ତ ୧୭ଟି ଟ୍ରକର ପରବର୍ତ୍ତୀ ପିଢ଼ିର ପୋର୍ଟଫୋଲିଓ ଲଞ୍ଚ କରିଛି, ଯାହା ସୁରକ୍ଷା, ଲାଭଦାୟକତା ଏବଂ ପ୍ରଗତିରେ ନୂତନ ମାନଦଣ୍ଡ ସ୍ଥାପନ କରିଛି । ଏହି ବ୍ୟାପକ ଲଞ୍ଚରେ ନୂତନ ଆଜୁରା ସିରିଜ, ଅତ୍ୟାଧୁନିକ ଟାଟା ଟ୍ରକ୍ସ.ଇଭି ରେଞ୍ଜ ଏବଂ ପ୍ରସିଦ୍ଧ ପ୍ରାଇମା, ସିଗ୍ନା ଏବଂ ଅଲଟ୍ରା ପ୍ଲାଟଫର୍ମରେ ଗୁରୁତ୍ୱପୂର୍ଣ୍ଣ ଅପଗ୍ରେଡ ଅନ୍ତର୍ଭୁକ୍ତ । ଏହି ଟ୍ରକଗୁଡ଼ିକ ବିଶ୍ୱର ସବୁଠାରୁ କଠୋର ସୁରକ୍ଷା ନିୟମ (ଇସିଇଆର ୨୯ ୦୩) ଅନୁଯାୟୀ ନିର୍ମିତ ଏବଂ ପରିବହନକାରୀଙ୍କ ପାଇଁ ସଞ୍ଚୟ ବୃଦ୍ଧି, ରକ୍ଷଣାବେକ୍ଷଣ ଖର୍ଚ୍ଚ ହ୍ରାସ ଏବଂ କାର୍ଯ୍ୟକୁ ସରଳ କରିବା ଲକ୍ଷ୍ୟରେ ରହିଛି ।

ନୂତନ ଟ୍ରକଗୁଡ଼ିକୁ ଲଞ୍ଚ କରି, ଟାଟା ମୋଟର୍ସ ଲିମିଟେଡର ଏମ୍‌ଡି ଏବଂ ସିଇଓ ଗିରିଶ ୱାଘ କହିଛନ୍ତି, ସରକାରୀ ନୀତି, ଉତ୍ତମ ରାସ୍ତା ଏବଂ ନିରାପଦ ଏବଂ ସ୍ୱଚ୍ଛ ପରିବହନର ଚାହିଦା ଯୋଗୁଁ ଭାରତରେ ଟ୍ରକିଂ କ୍ଷେତ୍ର ଦ୍ରୁତ ଗତିରେ ପରିବର୍ତ୍ତନ ହେଉଛି । ଟାଟା ମୋଟର୍ସ ସର୍ବଦା ଏହି ପରିବର୍ତ୍ତନର ଆଗରେ ରହିଛି, ଶିଳ୍ପର ଭବିଷ୍ୟତକୁ ଆକାର ଦେଉଥିବା ନୂତନ ମାନଦଣ୍ଡ ସ୍ଥାପନ କରୁଛି । ଏହି ଧାରା ଜାରି ରଖି, ଆମେ ନୂତନ ଆଜୁରା ସମେତ ଆମର ପରବର୍ତ୍ତୀ ପିଢ଼ିର ଟ୍ରକଗୁଡ଼ିକୁ ପ୍ରଚଳନ କରିଛୁ । ଏହି ସିରିଜରେ ଦୁଇଟି ଉନ୍ନତ, ଶକ୍ତିଶାଳୀ, ଉଚ୍ଚ-ଦକ୍ଷତା ପାୱାରଟ୍ରେନ, ଭାରତର ଶୂନ୍ୟ-ନିର୍ଗମନ ଇଲେକ୍ଟ୍ରିକ ଟ୍ରକର ବିସ୍ତୃତ ପରିସର, ଏବଂ ଆମର ନୂତନ ଆଇ-ମୋଇଭ ସ୍ଥାପତ୍ୟ ଏବଂ ୟୁରୋପୀୟ-ମାନକ କ୍ୟାବିନ ଉପରେ ଆଧାରିତ ଏକ ଟିପର୍ ପରିସର, ଶିଳ୍ପ-ଅଗ୍ରଣୀ ସୁରକ୍ଷା ବୈଶିଷ୍ଟ୍ୟରେ ଗୁରୁତ୍ୱପୂର୍ଣ୍ଣ ଅପଗ୍ରେଡ, ବର୍ଦ୍ଧିତ ପେଲୋଡ ଏବଂ ଇନ୍ଧନ ଦକ୍ଷତା ଅନ୍ତର୍ଭୁକ୍ତ । ଏହି ଟ୍ରକଗୁଡ଼ିକ ପରିଚାଳନା ଏବଂ ଟ୍ରାକିଂର ସହଜତା ପାଇଁ ଫ୍ଲିଟ ଏଜ ଡିଜିଟାଲ ସେବା ସହିତ ମଧ୍ୟ ସଂଯୁକ୍ତ । 'ବେଟର୍ ଅଲୱେଜ'ର ଆମର ଦର୍ଶନ ଆମକୁ ସର୍ବଦା ଆଗକୁ ବଢ଼ିବାକୁ ପ୍ରେରଣା ଦିଏ । ଆମେ ନିରନ୍ତର ନୂତନତ୍ୱ ଆଣିବା, ସ୍ଥାନୀୟ ଉତ୍ପାଦନ ଉପରେ ଦୃଢ଼ ଗୁରୁତ୍ୱ ଦେବା ଏବଂ ଗ୍ରାହକଙ୍କ ସଫଳତା ଉପରେ ଦୃଢ଼ ଧ୍ୟାନ ବଜାୟ ରଖିବା ପାଇଁ ଚେଷ୍ଟା କରୁ । ଏହି ସବୁ 'ଆତ୍ମନିର୍ଭର ଭାରତ'ର ଦୃଷ୍ଟିକୋଣରେ ଅବଦାନ ରଖେ, ଯାହା ଭାରତକୁ ଆତ୍ମନିର୍ଭରଶୀଳ ହେବାରେ ସାହାଯ୍ୟ କରେ ଏବଂ ପରିବେଶ ଅନୁକୂଳ ପରିବହନରେ ଏକ ନେତା ହେବାର ଆମର ଇଚ୍ଛାକୁ ଦୃଢ଼ କରେ ।

# କ୍ରୀଡ଼ା ଶିକ୍ଷା କ୍ଷେତ୍ରରେ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟର ମାଇଲ୍ ଖୁଣ୍ଟ

**କଟକ,୨୦।୧ ଏକ୍ସପ୍ରେସ୍ ନ୍ୟୁଜ୍**




ସ୍ଥାନୀୟ ନରାଜସ୍ଥିତ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟକୁ କ୍ରୀଡ଼ା ଏବଂ ଶାରୀରିକ ଶିକ୍ଷା କ୍ଷେତ୍ରରେ ସର୍ବଭାରତୀୟସ୍ତରରେ ସମ୍ମାନିତ କରାଯାଇଛି । ବିଶ୍ୱବିଦ୍ୟାଳୟକୁ ମିଳିଛି 'ବେଷ୍ଟ୍ ମିଡିଆ ଆଣ୍ଡ୍ ପବ୍ଲିକ୍ ପର୍ସେପ୍ସନ ଇନଷ୍ଟିଚ୍ୟୁଟ୍ ଇନ୍ ସ୍ପୋର୍ଟ୍ସ ଆଣ୍ଡ୍ ଫିଜିକାଲ୍ ଏଡୁକେସନ' (କ୍ରୀଡ଼ା ଏବଂ ଶାରୀରିକ ଶିକ୍ଷା କ୍ଷେତ୍ରରେ ସର୍ବଶ୍ରେଷ୍ଠ ମାଧ୍ୟମ ଏବଂ ଉତ୍କୃଷ୍ଟ ସଂସ୍ଥା) ସମ୍ମାନ । କନଫେଡେରେସନ୍ ଅଫ୍ ସ୍ପୋର୍ଟ୍ସ ଏଣ୍ଡ୍ ରିକ୍ରିଏସନ୍ ଇଣ୍ଡଷ୍ଟ୍ରି (ସିଏସଆରଆଇ) ଏବଂ ସ୍ପୋର୍ଟ୍ସ ଆସେସମେଣ୍ଟ ଏବଂ ଅଡିଟ୍ ବୋର୍ଡ (ଏସଏଏବି) ପକ୍ଷରୁ ମିଳିତ ଭାବରେ ନୂଆଦିଲ୍ଲୀସ୍ଥିତ ଇଣ୍ଡିଆ ଇଣ୍ଟରନ୍ୟାସନାଲ୍ ସେଣ୍ଟରରେ ଏହି ପୁରସ୍କାର ପ୍ରଦାନ କରାଯାଇଛି । ଭାରତ ସରକାରଙ୍କ ଯୁବ କାର୍ଯ୍ୟ ଏବଂ କ୍ରୀଡ଼ା ମନ୍ତ୍ରଣାଳୟ ସମର୍ଥନରେ ଆୟୋଜିତ ଗ୍ଲୋବାଲ୍ ସ୍ପୋର୍ଟ୍ସ ଏଡୁକେସନ୍ କନଭେନସନ-୨୦୨୬ ଅବସରରେ ଜାତୀୟ କ୍ରୀଡ଼ା ଏବଂ ଶାରୀରିକ ଶିକ୍ଷା ପୁରସ୍କାର ସମାରୋହରେ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟକୁ ଏହା ପ୍ରଦାନ କରାଯାଇଥିଲା । ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟ ପକ୍ଷରୁ ଏହି ପୁରସ୍କାରକୁ ବିଦ୍ୟାର୍ଥୀ କଲ୍ୟାଣ ବିଭାଗ ଡିନ୍ ପ୍ରଫେସର (ଡ.) ଜୟ ପ୍ରକାଶ ଭଟ୍ଟ ଏବଂ ସ୍ୱାସ୍ଥ୍ୟ ଓ ସୁସ୍ଥତା ବିଭାଗ ଡିନ୍ ପ୍ରଫେସର (ଡ.) ତୀର୍ଥଙ୍କର ଘୋଷ ନୂଆଦିଲ୍ଲୀଠାରେ ଗ୍ରହଣ କରିଥିଲେ । କ୍ରୀଡ଼ା ଏବଂ ଶାରୀରିକ ଶିକ୍ଷା କ୍ଷେତ୍ରରେ କାମ କରୁଥିବା ଦେଶର ଶ୍ରେଷ୍ଠ ୧୦୦ଟି ବିଶ୍ୱବିଦ୍ୟାଳୟ ଏବଂ ସଂସ୍ଥା ମଧ୍ୟରୁ ଏଥିପାଇଁ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟକୁ ଚୟନ କରାଯାଇଥିଲା । ଏହି ସଫଳତା ପାଇଁ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟ ପକ୍ଷରୁ କୁଳାଧକ୍ଷା ପ୍ରୋ. ରଜିତା କୁଲକର୍ଣ୍ଣୀ, କୁଳପତି ପ୍ରୋ. (ଡ.) ତେଜପ୍ରତାପ, କୁଳସଚିବ ପ୍ରୋ. (ଡ.) ଅନିଲ କୁମାର ଶର୍ମା, କାର୍ମିକ ନିର୍ଦ୍ଦେଶକ ସ୍ୱାମୀ ସତ୍ୟଚୈତନ୍ୟ ଏବଂ ମାନବସମ୍ବଳ ବିଭାଗ ଉପ ନିର୍ଦ୍ଦେଶକ ଜ୍ୟୋତିରଞ୍ଜନ ଗଡ଼ନାୟକ ପ୍ରମୁଖ ହାର୍ଦ୍ଦିକ ଶୁଭେଚ୍ଛା ଜଣାଇଛନ୍ତି ।

# ସ୍ୱାସ୍ଥ୍ୟ କେନ୍ଦ୍ରର ନୂଆ ଗୃହ ପାଇଁ ୮୭ ଲକ୍ଷ

**କଳିଙ୍ଗନଗର,୨୦।୧ ଏକ୍ସପ୍ରେସ୍ ନ୍ୟୁଜ୍**



କଳିଙ୍ଗନଗର ଶିଳ୍ପାଞ୍ଚଳ ସାନିଧ୍ୟରେ ଅବସ୍ଥିତ ଯଖପୁରା ଅଞ୍ଚଳରେ ଶୁକ୍ରବାର ବିକାଶର ନୂଆ ଅଧ୍ୟାୟ ଆରମ୍ଭ ହୋଇଛି । ସମବାୟ, ହସ୍ତତନ୍ତ୍ର ଓ ବୟନଶିଳ୍ପ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତଙ୍କ ଉପସ୍ଥିତିରେ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପର ଉଦଘାଟନ କରାଯାଇଛି । ଏହି ଅବସରରେ ଯଖପୁରା ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରର ନୂତନ ବହୁମୁଖୀ ଗୃହ ସହ ମହାପାଟ ସାହି ପ୍ରାଥମିକ ବିଦ୍ୟାଳୟର ନବନିର୍ମିତ ଗୃହକୁ ମନ୍ତ୍ରୀ ଉଦଘାଟନ କରିଥିଲେ । ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରର ନୂତନ ଗୃହ ନିର୍ମାଣ ପାଇଁ ୮୭ ଲକ୍ଷ ଟଙ୍କାରୁ ଅଧିକ ବ୍ୟୟ କରାଯାଇଛି । ଏହା ଫଳରେ ଅଞ୍ଚଳବାସୀ ରୋଗୀମାନେ ଆଧୁନିକ ସୁବିଧା ସହ ଉନ୍ନତ ଚିକିତ୍ସା ସେବା ପାଇପାରିବେ । ସେହିପରି, ମହାପାଟ ସାହି ପ୍ରାଥମିକ ବିଦ୍ୟାଳୟରେ ୩୭ ଲକ୍ଷ ଟଙ୍କାରୁ ଅଧିକ ବ୍ୟୟରେ ନୂତନ ଶ୍ରେଣୀଗୃହ, ପାଇଖାନା ଓ ମରାମତି କାର୍ଯ୍ୟ ସମ୍ପନ୍ନ ହୋଇଛି । ଏହାଦ୍ୱାରା ଛାତ୍ରଛାତ୍ରୀମାନେ ଉନ୍ନତ ଶିକ୍ଷା ପରିବେଶରେ ପଢ଼ିବାର ସୁଯୋଗ ପାଇବେ । ଉଦଘାଟନ ସଭାରେ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ କହିଥିଲେ ଯେ, ଗ୍ରାମ ଅଞ୍ଚଳର ସମସ୍ୟାଗୁଡ଼ିକର ସ୍ଥାୟୀ ସମାଧାନ ପାଇଁ ସରକାର ପକ୍ଷରୁ ଦୃଢ଼ ପଦକ୍ଷେପ ନିଆଯିବ । ଅଟକି ଥିବା ସମସ୍ତ ବିକାଶମୂଳକ କାର୍ଯ୍ୟକୁ ଅଗ୍ରାଧିକାର ଭିତ୍ତିରେ ଶୀଘ୍ର ସମାପ୍ତ କରାଯିବ ବୋଲି ସେ ଆଶ୍ୱାସନ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ବିଜେପି ଯୁବ ମୋର୍ଚ୍ଚା ସଭାପତି ବିଶ୍ୱଜିତ ରାଜ, ମନ୍ତ୍ରୀଙ୍କ ପ୍ରତିନିଧି ପ୍ରଶାନ୍ତ ରାୟ, ଜିଲ୍ଲା ସାଧାରଣ ସମ୍ପାଦକ ସୁଧାଂଶୁ ଶେଖର ଭଞ୍ଜ, ଦାନଗଦି ମଣ୍ଡଳ ସଭାପତି କୃପାସିନ୍ଧୁ ସାମନ୍ତରାୟ, ବରିଷ୍ଠ ବିଜେପି ନେତା ସଞ୍ଜୟ ମହାନ୍ତି, ବରିଷ୍ଠ ଆଦିବାସୀ ନେତା ରାଜେନ୍ଦ୍ର କାଲମୁଣ୍ଡିଆ, ଜୟ ପ୍ରକାଶ ସାହୁ, ହଳଧର ନାୟକ, କୁଳମଣି ଧଳ, ନରେନ୍ଦ୍ର ଧଳ, ମଦନମୋହନ ଜେନା ଓ ବରିଷ୍ଠ ଯୁବ ନେତା ରାମ ଚନ୍ଦ୍ର ଧଳଙ୍କ ସହ ସ୍ଥାନୀୟ ଜନପ୍ରତିନିଧି, ପ୍ରଶାସନିକ ଅଧିକାରୀ, ମହିଳାମାନେ ଓ ବହୁ ସଂଖ୍ୟକ ଅଞ୍ଚଳବାସୀ ଉପସ୍ଥିତ ଥିଲେ ।

# ଓଡ଼ିଶା ଏକ୍ସପ୍ରେସ୍

ଭୁବନେଶ୍ୱର ଓ କେନ୍ଦ୍ରାପଡ଼ା ରୁ ଏକସଙ୍ଗେ ପ୍ରକାଶିତ

ଭୁବନେଶ୍ୱର | ପୃଷ୍ଠା : ୭

● ୨୧ ଜାନୁଆରୀ ୨୦୨୬ ● ବୁଧବାର


## ଆମୋନିୟମ ନାଇଟ୍ରେଟ ଗୋଦାମ ନିର୍ମାଣକୁ ବିରୋଧ

**ବୁଗୁଡ଼ା:ଏକ୍ସପ୍ରେସ୍ ନ୍ୟୁଜ୍**

ବୁଗୁଡ଼ା ବ୍ଲକ ଅନ୍ତରପଡା ପଞ୍ଚାୟତ ଅନ୍ତର୍ଗତ କନ୍ଧଚନ୍ଦନପେଡି ଗ୍ରାମରେ ଏମୋନିୟମ ନାଇଟ୍ରେଟ୍ ଗୋଦାମ ଗୃହ ନିର୍ମାଣକୁ ଗ୍ରାମବାସୀ ବିରୋଧ କରିଛନ୍ତି। ପୁନେର ବାଲାଜୀ କର୍ପୋରେସନ ନାମକ କମ୍ପାନୀ ଚନ୍ଦନପେଡି ଗ୍ରାମରେ ଜମି କ୍ରୟ କରି ଏମୋନିୟମ ନାଇଟ୍ରେଟ ଗୋଦାମ ଗୃହ ନିର୍ମାଣ ପାଇଁ ଏନଓସି ପ୍ରଦାନ ନିମନ୍ତେ ସ୍ଥାନୀୟ ତହସିଲଦାରଙ୍କ ନିକଟରେ ଆବେଦନ କରିବା ପରେ ବୁଗୁଡ଼ା ତହସିଲ ପକ୍ଷରୁ ୨୪-୧୨-୨୫ ସୁଦ୍ଧା ଆପତ୍ତି ଅଭିଯୋଗ ଦାଖଲ କରିବା ପାଇଁ ଗତ ୮-୧୨-୨୫ ତାରିଖରେ ନୋଟିସ ଜାରି କରିଥିଲେ। ଏହାର ଉତ୍ତରରେ ଚନ୍ଦନପେଡି ଗ୍ରାମବାସୀ ତାଙ୍କ ଗ୍ରାମରେ ଏମୋନିୟମ ନାଇଟ୍ରେଟ ଗୋଦାମ ଗୃହକୁ ବିରୋଧ କରି ଡିସେମ୍ବର ୨୦ ତାରିଖରେ ଲିଖିତ ଅଭିଯୋଗ ଦାଖଲ କରିଥିଲେ। ତେବେ କମ୍ପାନୀ କର୍ତ୍ତୃପକ୍ଷ କିଛି ଲୋକଙ୍କୁ ପ୍ରଲୋଭିତ କରି ସେମାନଙ୍କ ଫର୍ଜରୀ ଦସ୍ତଖତ ନେଇ ଗ୍ରାମରେ ଗୋଦାମ ଗୃହ ହେଉ ବୋଲି ତହସିଲ କାର୍ଯ୍ୟାଳୟକୁ ଲିଖିତ ଜଣାଇଥିଲେ। ଫଳରେ ବୁଗୁଡ଼ା ତହସିଲ ପକ୍ଷରୁ ଆଜି ଶୁଣାଣି କରିବା ପାଇଁ ଗ୍ରାମବାସୀଙ୍କୁ କାର୍ଯ୍ୟାଳୟକୁ ଡକାଯାଇଥିଲା। ଶୁଣାଣି ସମୟରେ ଗ୍ରାମବାସୀ ପ୍ରବଳ ବିରୋଧ କରିଥିଲେ। ଗ୍ରାମରେ କୋଠଘର କରାଯିବ କହି ସାଧା କାଗଜରେ ଗ୍ରାମର ନର୍ମଦା ନାୟକଙ୍କଠାରୁ ପୂର୍ବରୁ ଦସ୍ତଖତ ନିଆଯାଇଥିବା ଅଭିଯୋଗ ହୋଇଥିବା ବେଳେ ଏମୋନିୟମ ନାଇଟ୍ରେଟ ଗୋଦାମ ହେଲେ ଲୋକଙ୍କ ସ୍ୱାସ୍ଥ୍ୟ ଉପରେ ଖରାପ ପ୍ରଭାବ ପଡିବା ସହ ଚାଷୀମାନେ କ୍ଷତିଗ୍ରସ୍ତ ହେବେ। ସେଠାରେ ହରିଣମାନେ ଅବାଧରେ ବିଚରଣ କରୁଥିବା ବେଳେ ସେମାନଙ୍କ ଉପରେ ମଧ୍ୟ କୁପ୍ରଭାବ ପଡିବା ନେଇ ଗ୍ରାମବାସୀ ଯୁକ୍ତି ବାଢିଥିଲେ। ଏପରି ଦୃଢ଼ ବିରୋଧ ସତ୍ତ୍ୱେ ତହସିଲ ପକ୍ଷରୁ ଯଦି ଏନଓସି ପ୍ରଦାନ କରାଯାଏ ତେବେ ଗ୍ରାମବାସୀ କୋର୍ଟର ଆଶ୍ରୟ ନେବାକୁ ବାଧ୍ୟ ହେବେ ବୋଲି ପ୍ରକାଶ କରିଛନ୍ତି।

## ହାତୀ ମୃତ୍ୟୁ ଘଟଣାରେ ରେଞ୍ଜର ନିଲମ୍ବିତ

**ବାଲିଗୁଡା:ଏକ୍ସପ୍ରେସ୍ ନ୍ୟୁଜ୍**

କନ୍ଧମାଳ ଜିଲ୍ଲା ବାଲିଗୁଡା ବନଖଣ୍ଡ ଅନ୍ତର୍ଗତ ବେଲଘର ବନାଞ୍ଚଳ ଅଧୀନସ୍ଥ ଝିରିପାଣି ପଂଚାୟତ ମୁଣ୍ଡୁଟି ଜଙ୍ଗଲରେ ହାତୀ ମୃତ୍ୟୁ ଘଟଣାର ତଦନ୍ତ ପରେ ବେଲଘର ରେଞ୍ଜର ବିନୟ କୁମାର ବିଶି ନିଲମ୍ବିତ ହୋଇଥିବା ସୂଚନା ମିଳିଛି। ଚଳିତ ଜାନୁଆରୀ ମାସ ୫ ତାରିଖରେ ଝିରିପାଣି ମୁଣ୍ଡୁଟି ଜଙ୍ଗଲରେ ଏକ ହାତୀର ମୃତ୍ୟୁ ଅଭିଯୋଗ ହେବା ସହିତ ହାତୀର ମୃତ ଦେହକୁ ବେଲଘର ପଞ୍ଚାୟତର କାଡାପାନା ନର୍ସରୀରେ ଖଣ୍ଡ ବିଖଣ୍ଡିତ କରି ପୋତା ଯାଇଥିବା ଅଭିଯୋଗ ହୋଇଥିଲା। ବେଲଘର ରେଞ୍ଜର ବିନୟ କୁମାର ବିଶି ଘଟଣାକୁ ଚପାଇଦେବାକୁ ଉଦ୍ୟମ କରିଥିବା ନେଇ ତଦନ୍ତରୁ ବାଲିଗୁଡା ଡ଼ିଏଫଓ ଘନଶ୍ୟାମ ମହନ୍ତି ସ୍ପଷ୍ଟ ଭାବେ ଅବଗତ ହୋଇଥିଲେ। ତଦନ୍ତ ପରେ ବେଲଘର ରେଞ୍ଜର ବିନୟ କୁମାର ବିଶିଙ୍କୁ ନିଲମ୍ବିତ କରାଯିବା ସହ ଅଧିକ ତଦନ୍ତ କରୁଥିବା ଜଣାପଡିଛି। କାରଣ ହାତୀର ମୃତ୍ୟୁରେ ରେଞ୍ଜରଙ୍କ ସମ୍ପୃକ୍ତି ଅଛି କି ନାହିଁ, ଯଦି ନାହିଁ ତାହେଲେ ମୃତ ଦେହକୁ ଅନ୍ୟତ୍ର ସ୍ଥାନାନ୍ତର କରାଯାଇ କାହିଁକି ଖଣ୍ଡଖଣ୍ଡ କରି ନର୍ସରୀ ଭିତରେ ପୋତିଦିଆ ଯାଇଥିଲା ? ଏହା ପଛରେ ରହସ୍ୟ କଣ ଓ ରେଞ୍ଜର ବିଶିଙ୍କ ସହିତ ଆଉ ଅନ୍ୟ କେଉଁମାନେ ଜଡିତ ଅଛନ୍ତି ଏସବୁ ଲୁଚି ରହିଥିବା ସମସ୍ତ ଘଟଣା ତଦନ୍ତରୁ ପ୍ରକୃତ ସତ୍ୟାସତ୍ୟ ଜଣାପଡିବ ବୋଲି ଡ଼ିଏଫଓ ପ୍ରକାଶ କରିଛନ୍ତି।

## ସଡ଼କ ସୁରକ୍ଷା ସଚେତନତା ପଦଯାତ୍ରା

**ଦେବଗଡ଼:ଏକ୍ସପ୍ରେସ୍ ନ୍ୟୁଜ୍**

ଦେବଗଡ ଆଞ୍ଚଳିକ ପରିବହନ ବିଭାଗ ପକ୍ଷରୁ ଆଜି ଏକ ସଡକ ସୁରକ୍ଷା ସଚେତନତା ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ସଡକ ସୁରକ୍ଷା ମାସ ପାଳନ ଅବସରରେ ଦୁର୍ଘଟଣା ରୋକିବା ସହିତ ସୁରକ୍ଷିତ ଯାତ୍ରାର ବାର୍ତ୍ତା ନେଇ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଦେବଗଡ ଆଞ୍ଚଳିକ ପରିବହନ ଅଧିକାରୀ କେଶବ ଚନ୍ଦ୍ର ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଦେବଗଡ ଜିଲ୍ଲାପାଳ କବିନ୍ଦ୍ର କୁମାର ସାହୁ ଏବଂ ସମ୍ମାନୀତ ଅତିଥି ଭାବେ ଆରକ୍ଷୀ ଅଧିକ୍ଷକ ଅନିଲ କୁମାର ମିଶ୍ର, ଜିଲ୍ଲାପରିଷଦ ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ରାଜେନ୍ଦ୍ର କୁମାର ମିଞ୍ଜ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଧିରଜ ଚୋପଦାର ପ୍ରମୁଖ ସବୁଜ ପତାକା ଦେଖାଇ ସଚେତନତା ଶୋଭାଯାତ୍ରାର ଶୁଭାରମ୍ଭ କରିଥିଲେ। ଦେବଗଡ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରୁ ସଚେତନତା ଶୋଭାଯାତ୍ରା ବାହାରି ନଗର ପରିକ୍ରମା ସହିତ ରାଜା ବାସୁଦେବ ହାଇସ୍କୁଲରେ ପହଞ୍ଚିଥିଲା। ସେଠାରେ ଏକ ସଚେତନତା ସଭାର ଆୟୋଜନ କରାଯାଇଥିଲା। ଟ୍ରାଫିକ ନିୟମ ମାନି ଚଳିବାକୁ ଛାତ୍ରଛାତ୍ରୀ ଏବଂ ଜନସାଧାରଣଙ୍କୁ ଆରକ୍ଷୀ ଅଧିକ୍ଷକ ଶପଥ ପାଠ କରାଇଥିଲେ। ସଚେତନତା ଶୋଭାଯାତ୍ରାରେ ଶତାଧିକ ଛାତ୍ରଛାତ୍ରୀ ଏବଂ ଜନସାଧାରଣ ସାମିଲ ହୋଇଥିଲେ। ଲୋକଙ୍କୁ ସଚେତନ କରାଯାଉଛି ସଡକ ଦୁର୍ଘଟଣା ରୋକିବା ପାଇଁ କଡାକଡି ଯାଞ୍ଚ ମଧ୍ୟ କରାଯିବ ବୋଲି ଅମାନିଆ ଗାଡି ଚାଳକଙ୍କୁ ଆରକ୍ଷୀ ଅଧିକ୍ଷକ ଚେତାବନୀ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଉପଜିଲ୍ଲାପାଳ ପରକ୍ଷୀତ ସାହୁ, ଜିଲ୍ଲା ମଙ୍ଗଳ ଅଧିକାରୀ ଶିଶିର କୁମାର ପୁହାଣ, ବିଦ୍ୟୁତ ବିଭାଗ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ରାଜୁ ସାହା, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ମନୋରଞ୍ଜନ ସୁତାରଙ୍କ ସମେତ ଆଂଚଳିକ ପରିବହନ ବିଭାଗର ସମସ୍ତ ଅଧିକାରୀ ଓ କର୍ମଚାରୀ ଏବଂ ସ୍କୁଲ ଛାତ୍ରଛାତ୍ରୀ ଓ ଜନସାଧାରଣ ସାମିଲ ହୋଇଥିଲେ।

## ସଡକ ସୁରକ୍ଷା ଉପଲକ୍ଷେ ପଥପ୍ରାନ୍ତ ନାଟକ

**ବାଙ୍କୀ:ଏକ୍ସପ୍ରେସ୍ ନ୍ୟୁଜ୍**

ଆଜି ବାଙ୍କୀରେ ଜାତୀୟ ସଡକ ସୁରକ୍ଷା ମାସ ଉପଲକ୍ଷେ କଟକ ଆଞ୍ଚଳିକ ପରିବହନ ଅଧିକାରୀ ଇଂ.ବିଶ୍ୱଜିତ୍ ଦାଶଙ୍କ ପରାମର୍ଶକ୍ରମେ ସଡକ ସୁରକ୍ଷା ସଚେତନତା ନାଟକ ସହକ କାନ୍ଦୁଛି ଅଭିନିତ ହୋଇଯାଇଛି। ଏହି ନାଟକକୁ ନାଟ୍ୟକାର ଅଭୟ କୁମାର ଦାସ ରଚନା ଓ ନିର୍ଦ୍ଦେଶନା ଦେଇଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବାଙ୍କୀ କେନ୍ଦ୍ର ସମବାୟ ବ୍ୟାଙ୍କ ସଭାପତି ସୁବାସ ଚନ୍ଦ୍ର ପାଢ଼ୀ, ମୁଖ୍ୟବକ୍ତା ଭରତ ଚନ୍ଦ୍ର ବେହେରା, ସମ୍ମାନିତ ଅତିଥି ଉପନଗରପାଳ ସନ୍ତୋଷ କୁମାର ରଣା, କବିକୌଶିକ ନାୟକ, ବଣିକ ସଂଘ ସଂପାଦକ ଶ୍ରୀନିବାସ ବେହେରା, ବିଜୟ କୁମାର ତ୍ରିପାଠୀ ପ୍ରମୁଖ ଯୋଗଦେଇଥିଲେ।

## ଯୁଗ୍ମଜନ ଅଭିଯୋଗ ଶୁଣାଣି

**ଜଗତସିଂହପୁର:ଏକ୍ସପ୍ରେସ୍ ନ୍ୟୁଜ୍**

ଜଗତସିଂହପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ଯୁଗ୍ମଜନ ଅଭିଯୋଗ ଶୁଣାଣି ଶିବିର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସଦଭାବନା ସଭାଗୃହ ଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ଅଭିଯୋଗ ଶିବିରରେ ଜିଲ୍ଲାପାଳ ଜେ ସୋନାଲ ଉପସ୍ଥିତ ରହି ଜନସାଧାରଣଙ୍କ ବିଭିନ୍ନ ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ। ମୋଟ ୧୦୬ଟି ଅଭିଯୋଗ ପଞ୍ଜୀକୃତ ହୋଇଥିଲା। ସେଥିମଧ୍ୟରୁ ବ୍ୟକ୍ତିଗତ ସମସ୍ୟା ସମ୍ପର୍କୀୟ ୯୭ଟି, ଗୋଷ୍ଠୀଗତ ସମସ୍ୟା ସମ୍ପର୍କୀୟ /ଗ୍ରାମ୍ୟ ସମସ୍ୟା ସମ୍ପର୍କୀୟ ୯ଟି, ବ୍ୟକ୍ତିଗତ ଅଭିଯୋଗ ମଧ୍ୟରୁ ରାସନ କାର୍ଡ ସମସ୍ୟା ସମ୍ପର୍କୀୟ ୭ଟି, ଆବାସ ଯୋଜନା ସମ୍ପର୍କୀୟ ୧୫ଟି, ଜମିଜମା ସମସ୍ୟା ସମ୍ପର୍କୀୟ ୧୯ଟି, ଭତ୍ତା ପାଇବା ପାଇଁ ୮ଟି, ପୋଲିସ ସହାୟତା ପାଇବା ପାଇଁ ୧୩ଟି, ମୁଖ୍ୟମନ୍ତ୍ରୀ ରିଲିଫ୍ ପାଣ୍ଠି ସହାୟତା ପାଇଁ ୧ଟି ଏବଂ ଅନ୍ୟାନ୍ୟ ୧୯ଟି ଅଭିଯୋଗର ଶୁଣାଣି କରାଯାଇଥିଲା। ୧୫ଟି ଅଭିଯୋଗର ତତ୍କାଳ ଫଇସଲା କରାଯାଇଥିଲା। ଏହି ମିଳିତ ଜନ ଅଭିଯୋଗ ଶୁଣାଣି ଶିବିରରେ ଆରକ୍ଷୀ ଅଧିକ୍ଷକ ଅଙ୍କିତ କୁମାର ବର୍ମା, ଅତିରିକ୍ତ ଜିଲ୍ଲାପାଳ ଜ୍ୟୋତି ଶଙ୍କର ରାୟ, ମୁଖ୍ୟ ବିକାଶ ତଥା ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ, ରବିନାରାୟଣ ଜେଠୀ, ଉପ ଜିଲ୍ଲାପାଳ ପ୍ରଶାନ୍ତ କୁମାର ତରାଇ, ବିଡ଼ିଓ ଜଗତସିଂହପୁର ଆଶୁତୋଷ ମିଶ୍ର, ତହସିଲଦାର ଜଗତସିଂହପୁର ଅଜୟ କୁମାର ମହାନ୍ତି, ନିର୍ବାହୀ ଅଧିକାରୀ ପୌର ପରିଷଦ ଶ୍ରୀମତୀ ସୀମା ଜେନା, ଜିଲ୍ଲା ସ୍ତରୀୟ ଅଧିକାରୀ, କ୍ଷେତ୍ରୀୟ ଅଧିକାରୀ, ବ୍ଲକ ସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ରହି ଜନସାଧାରଣଙ୍କର ଆପତ୍ତି ଅଭିଯୋଗ ଶୁଣାଣି କରିଥିଲେ।

## ଅଜଣା ଗାଡ଼ି ଧକ୍କାରେ ୩ ଗୁରୁତର

**ପୁରୁଷୋତ୍ତମପୁର:ଏକ୍ସପ୍ରେସ୍ ନ୍ୟୁଜ୍**

ପୁରୁଷୋତ୍ତମପୁର ଥାନା ଅନ୍ତର୍ଗତ ବ୍ରାହ୍ମଣ ଶାସନ ଗ୍ରାମ ନିକଟରେ ଏକ ଅଜଣା ପିକ୍‌ଅପ ଗାଡି ମଙ୍ଗଳବାର ଗୋଟିଏ ବାଇକ୍‌କୁ ଧକ୍କା ଦେଇ ଫେରାର ହୋଇଯାଇଛି। ଫଳରେ ବାଇକ୍‌ରେ ବ୍ରହ୍ମପୁର ମେଡିକାଲକୁ ଯାଉଥିବା ୩ଜଣ ତଳେ ପଡି ଆହତ ହୋଇଛନ୍ତି। ଆହତମାନେ ହେଲେ ସମା ଗ୍ରାମର ତ୍ରିନାଥ ମହାରଣା (୫୬), ପୁଅ ଶ୍ରୀକାନ୍ତ ମହାରଣା (୩୦) ଓ ସ୍ତ୍ରୀ ସୋଲି ମହାରଣା(୫୦)। ସୂଚନାଯୋଗ୍ୟ, ତ୍ରିନାଥଙ୍କ ଗଳା ଫୁଲି ଯାଇଥିବା ଯୋଗୁଁ ତାଙ୍କୁ ପୁଅ ଶ୍ରୀକାନ୍ତ ବ୍ରହ୍ମପୁର ବଡ ମେଡିକାଲରେ ଏଣ୍ଡୋସ୍କୋପ କରିବାକୁ ମୋଟରସାଇକେଲ ଯୋଗେ ନେଉଥିଲେ। ପଛପଟୁ ଏକ ଅଜଣା ପିକ୍‌ଅପ ଧକ୍କା ଦେଇ ଘଟଣା ସ୍ଥଳରୁ ବ୍ରହ୍ମପୁର ଅଭିମୁଖେ ଫେରାର ହୋଇଯାଇଛି। ଆହାତଙ୍କୁ ସ୍ଥାନୀୟ ଜନସାଧାରଣ ଏକ ଅଟୋ ଯୋଗେ ଭାଟକୁମରଡା ମେଡିକାଲକୁ ପଠାଇ ଭର୍ତ୍ତି କରିଥିଲେ। ସେମାନଙ୍କ ଅବସ୍ଥା ଗୁରୁତର ଥିବାରୁ ବ୍ରହ୍ମପୁର ବଡ ମେଡିକାଲକୁ ଆମ୍ବୁଲାନ୍ସରେ ପଠାଯାଇଥିଲା ଶ୍ରୀକାନ୍ତର ହାତକୁ ଆଘାତ ଲାଗିଛି, ସୋଲିଙ୍କ ମୁଣ୍ଡ, ହାତରେ, ତ୍ରିନାଥଙ୍କ ମୁଣ୍ଡ ଓ ହାତ ଓ ଅଣ୍ଟାରେ ଆଘାତ ଲାଗିଛି। ତ୍ରିନାଥଙ୍କ ଅବସ୍ଥା ଗୁରୁତର ରହିଛି।

## ଚାଷୀଙ୍କୁ ଶୋଷଣ: ୫ କେଜି କଟନି ଛଟନି

**ନିଆଳି:ଏକ୍ସପ୍ରେସ୍ ନ୍ୟୁଜ୍**



କୁଇଣ୍ଟାଲ ପିଛା ୫ କିଲୋ କଟନୀ ଛଟନି କରାଯାଉଥିବା ବେଳେ ଅଖା ବାବଦେ ଦେଢ଼ କିଲୋ କଟାଯାଉଛି।

ଚଳିତ ବର୍ଷ ନିଆଳି ବ୍ଲକରେ ବିଳମ୍ବରେ ଧାନ ମଣ୍ଡି ଖୋଲିଛି। ହେଲେ ମଙ୍ଗଳବାର ଦିନ ନିଆଳି ବ୍ଲକ୍ କପାସି ସେବା ସମବାୟ ସମିତିରେ ଧାନ ମଣ୍ଡି ଖୋଲା ଯାଇଥିବା ବେଳେ ଉକ୍ତ ମଣ୍ଡିରେ ଧାନ ଦେବା ନିମନ୍ତେ ଚାଷୀମାନଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖା ଦେଇଛି। ରାଜ୍ୟ ସରକାର ମଣ୍ଡିରେ କଟନି ଛଟନି ବନ୍ଦ କରିଥିବା ଡିଣ୍ଡିମ ପିଟୁ ଥିବା ବେଳେ କପାସି ସେବା ସମବାୟ ସମିତିରେ ସରକାରଙ୍କ ନିୟମ ପୂରା ଓଲଟା। ଏଠାରେ ସମ୍ପାଦକ ଓ ମିଲରଙ୍କ ମଧୁ ଚନ୍ଦ୍ରିକାରେ ଶୋଷଣ କରାଯାଉଥିବା ଅଭିଯୋଗ ଆଣିଛନ୍ତି ଚାଷୀ। ସମ୍ପାଦକ ଓ ମିଲରମାନଙ୍କ ମଧ୍ୟରେ କଟଣି ଛଟଣି କରିଥିବା ଧାନକୁ ବାଣ୍ଟି ମୋଟା ଅଙ୍କର ଅର୍ଥ ନିଜ ପକେଟକୁ ନିଆଯାଉଛି। ଉକ୍ତ ସେବା ସମବାୟ ସମିତିରେ ୨୦୨୫-୨୬ ବର୍ଷ ପାଇଁ ପାଇଁ ୪୮୨ ଜଣ ପଞ୍ଜିକୃତ ଚାଷୀ ହୋଇଥିବା ବେଳେ ସେମାନଙ୍କ ଭାଗ୍ୟ ଏବେ ଅନିଶ୍ଚିତତା ମଧ୍ୟରେ ରହିଛି। ମଙ୍ଗଳବାର ଦିନ ପ୍ରଥମ ଧାନ ମଣ୍ଡି ଉଦ୍‌ଘାଟନରେ ଅବ୍ୟବସ୍ଥାରେ ଶେଷ ହୋଇଛି। ଚାଷୀମାନଙ୍କ ଦୁଃଖ ବୁଝିବା ତ ଦୂରର କଥା, ଏହି ମଣ୍ଡିରେ ଚଞ୍ଚକତା କରି ସମ୍ପାଦକ କେତେଜଣ ନିଜ ସମ୍ପର୍କୀୟ ଚାଷୀଙ୍କ ଜମି ପଟାକୁ ପୂରାଇଥିବା ଅଭିଯୋଗ ହୋଇଛି। ପ୍ରଥମ ଦିନରେ ଚାଷୀମାନେ କଟନୀ ଛଟନୀକୁ ବିରୋଧ କରିଥିବା ୩୫ ଜଣ ଚାଷୀ ୧୦୫୦ କୁଇଣ୍ଟାଲ ଧାନ ବାଧ୍ୟ ବାଧକତାରେ ଦେଇଛନ୍ତି।

## ସରକାରୀ ଅନୁଦାନ ବାଟବଣା: ମାଡ଼ି ବସିଛନ୍ତି ନିର୍ଦ୍ଦିଷ୍ଟ ଗୋଷ୍ଠୀ

**ନୀଳଗିରି:ଏକ୍ସପ୍ରେସ୍ ନ୍ୟୁଜ୍**

ବାଲେଶ୍ୱର ଜିଲ୍ଲା ନୀଳଗିରିରେ ଥିବା ବିଭିନ୍ନ ସ୍କୁଲ ଓ ଛାତ୍ରାବାସର ରକ୍ଷଣାବେକ୍ଷଣ ଓ ନୂତନ ଗୃହ ନିର୍ମାଣ ସହିତ ଉନ୍ନତିମୂଳକ ପାଇଁ ଆଇଟିଡିଏ ବିଭାଗକୁ ଆସିଥିବା ସରକାରୀ ଅନୁଦାନ ଅର୍ଥ ହେଉଛି ବାଟବଣା। ଏହି ଅର୍ଥର ସଠିକ ବିନିଯୋଗ ହେଉ ନଥିବାର ଅଭିଯୋଗ କରିଛନ୍ତି ନୀଳଗିରି ବ୍ଲକ ଅଧକ୍ଷାଙ୍କ ସମେତ ବିଭିନ୍ନ ପଞ୍ଚାୟତର ଜନପ୍ରତିନିଧିମାନେ। ସୂଚନା ମୁତାବକ ନୀଳଗିରି ଏକ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ। ତେଣୁ ନୀଳଗିରି ବ୍ଲକରେ ଥିବା ବିଭିନ୍ନ ପଂଚାୟତରେ ଥିବା ସ୍କୁଲର ରକ୍ଷଣାବେକ୍ଷଣ, ଉଚ୍ଚ ପାଚେରୀ, ଗୃହ ମରାମତି ଓ ପାନୀୟ ଜଳ ସହିତ ଉନ୍ନତିମୂଳକ କାର୍ଯ୍ୟ ପାଇଁ ୨୦୨୩-୨୪ ମସିହାରେ ପ୍ରାୟ ୪କୋଟି ଓ ୨୦୨୫-୨୬ ମସିହାରେ ପ୍ରାୟ ୨ କୋଟିରୁ ଅଧିକ ସରକାର ଅନୁଦାନ ଅର୍ଥ, ମୁଖ୍ୟମନ୍ତ୍ରୀ ସ୍ୱତନ୍ତ୍ର ଉନ୍ନୟନ ଯୋଜନା ଓ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଯୋଜନାରେ କୋଟିକୋଟି ଟଙ୍କାର ଅର୍ଥ ମଞ୍ଜୁର ହୋଇଥିବା ବେଳେ ଏହାକୁ ନିୟମ ଅନୁସାରେ ପାଳନ କରାଯାଉନାହିଁ। ବିଭିନ୍ନ କାର୍ଯ୍ୟ ପାଇଁ ବିଭାଗ ପକ୍ଷରୁ ଟେଣ୍ଡର ଆହ୍ୱାନ କରାଯିବାର ନିୟମ ଥିବାବେଳେ ତାହା କରାନଯାଇ କେଉଁ ଅଦୃଶ୍ୟଶକ୍ତି ଇଶାରାରେ କେବଳ ଗୋଟିଏ ଗୋଷ୍ଠୀ ଏହି ଅନୁଦାନ ଅର୍ଥର କାର୍ଯ୍ୟ କରୁଛି ତାହା ପୁଣି ଅତ୍ୟନ୍ତ ନିମ୍ନମାନର ବୋଲି କହିଛନ୍ତି ନିର୍ବାଚିତ ଜନପ୍ରତିନିଧିମାନେ। ଅନ୍ୟପକ୍ଷରେ ଏ ବିଷୟରେ ବିଭାଗୀୟ ଅଧିକାରୀଙ୍କ ନିକଟରେ ଅଭିଯୋଗ କଲେ ମଧ୍ୟ କୌଣସି ସୁଫଳ ଓ ସଠିକ୍ ତଥ୍ୟ ପ୍ରଦାନ କରୁନଥିବାରୁ ଏନେଇ ନୀଳଗିରି ବ୍ଲକର ଅଧକ୍ଷା ଶୁଭଲକ୍ଷ୍ମୀ ମାଝୀ, ସିଆଡିମାଳ ସରପଞ୍ଚ ଓ ସମିତିସଭ୍ୟ, ଆରବନ୍ଧ ସରପଞ୍ଚ ଓ ସମିତିସଭ୍ୟଙ୍କ ସମେତ ବିଭିନ୍ନ ପଞ୍ଚାୟତର ସରପଞ୍ଚ, ସମିତିସଭ୍ୟ, ନାଏବ ସରପଞ୍ଚ ସହିତ ବହୁ ନିର୍ବାଚିତ ପ୍ରତିନିଧି ବିଭାଗୀୟ ଅଧିକାରୀଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଏହାର ସମାଧାନ ନହେଲେ ଆଗାମୀ ଜାନୁଆରୀ ମାସ ୨୮ ତାରିଖ ଦିନ ବିଭାଗୀୟ ଅଧିକାରୀଙ୍କ ଅଫିସ ଆଗରେ ଧାରଣା ଦିଆଯିବ ବୋଲି ଲୋକ ପ୍ରତିନିଧିମାନେ ଚେତାବନୀ ଦେଇଛନ୍ତି। ଏପରି ଏକ ଗୁରୁତ୍ୱପୂର୍ଣ୍ଣ ଘଟଣା ସଂପର୍କରେ ବାଲେଶ୍ୱର ଜିଲ୍ଲାପାଳ, ପୋଲିସ ଏସପି, ନୀଳଗିରି ଉପଜିଲ୍ଲାପାଳ, ପୋଲିସ ଏସଡିପିଓ, ଆଇଆଇସି, ଏସଡିଏମଓଙ୍କୁ ଲିଖିତ ଭାବେ ଅବଗତ କରାଯାଇଛି ବୋଲି କହିଛନ୍ତି ନୀଳଗିରିର ବ୍ଲକ ଅଧକ୍ଷାଙ୍କ ସହିତ ବିଭିନ୍ନ ପଂଚାୟତର ଜନପ୍ରତିନିଧିମାନେ।

## ଭୋଟର ତାଲିକା ସଂଶୋଧନକୁ ସ୍ୱଚ୍ଛ ଓ ନିରପକ୍ଷ କରିବା ପାଇଁ ପରାମର୍ଶ

**ବ୍ରହ୍ମପୁର:ଏକ୍ସପ୍ରେସ୍ ନ୍ୟୁଜ୍**




ଆଗାମୀ ପଞ୍ଚାୟତ ତଥା ପୌର ନିର୍ବାଚନ ଏବଂ ଭୋଟର ତାଲିକା ସଂଶୋଧନକୁ ସ୍ୱଚ୍ଛ, ନିରପକ୍ଷ ଓ ସଫଳତାର ସହ ସମ୍ପାଦନ କରିବା ପାଇଁ ରାଜ୍ୟ ନିର୍ବାଚନ କମିଶନର ମଧୁସୂଦନ ପାଢ଼ୀଙ୍କ ଅଧ୍ୟକ୍ଷତାରେ ଛତ୍ରପୁରସ୍ଥିତ ଋଷିକୁଲ୍ୟା ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷଠାରେ ଦକ୍ଷିଣାଞ୍ଚଳ ରାଜସ୍ୱ ଆୟୁକ୍ତଙ୍କ ଅଧୀନରେ ଆସୁଥିବା ଜିଲ୍ଲାକୁ ନେଇ ଜିଲ୍ଲାପାଳଙ୍କ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଆଗାମୀ ଏକ ବର୍ଷ ମଧ୍ୟରେ ହେବାକୁ ଥିବା ପଞ୍ଚାୟତ ଓ ପୌର ନିର୍ବାଚନ ପାଇଁ ଘରକୁ ଘର ଯାଇ ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ ସର୍ଭେ, ବାଲଟ ବକ୍ସ, ଇଭିଏମର ସ୍ଥିତି ଓ ଅବସ୍ଥିତି ଯାଞ୍ଚ, ପଞ୍ଚାୟତ ନିର୍ବାଚନ ପାଇଁ ବୁଥ୍ ପୁନଃଗଠନ ତା ସହ ମତଦାତାଙ୍କ ନିକଟତମ ସ୍ଥାନରେ ବୁଥ୍ ବ୍ୟବସ୍ଥା କରିବା ଆଦି ବିଭିନ୍ନ ବିଷୟରେ ରାଜ୍ୟ ନିର୍ବାଚନ କମିଶନର ଶ୍ରୀ ପାଢ଼ୀ ସବିଶେଷ ସୂଚନା ଏହି ସମ୍ମିଳନୀରେ ଉପସ୍ଥାପନା କରିଥିଲେ। ଇଲେକ୍ଟରାଲ ରୋଲ୍ ସଂଶୋଧନ, ନିର୍ବାଚନରେ ବ୍ୟବହୃତ ବିଭିନ୍ନ ଫର୍ମ ଓ ଏହାର ବ୍ୟବହାର ସଂପର୍କରେ ସେ ସୂଚନା ଦେଇଥିଲେ। ସାମୁହିକ ଆଭିମୁଖ୍ୟ ନେଇ ସମସ୍ତ କାମ କରିବା ସହିତ ନିର୍ବାଚନ ସମ୍ପର୍କୀୟ ନୀତିନିୟମକୁ କରାୟତ କରିବା ପାଇଁ ଅଧିକାରୀମାନଙ୍କୁ ପରାମର୍ଶ ଦେଇଛନ୍ତି। ପ୍ରାକ ପ୍ରସ୍ତୁତି ଭଲ ଭାବରେ ହେଲେ ନିର୍ବାଚନ ସମୟରେ କିଛି ଅସୁବିଧା ହେବ ନାହିଁ ବୋଲି ସେ ଆଶାବ୍ୟକ୍ତ କରିଛନ୍ତି। ଏହି ସମ୍ମିଳନୀରେ ଦକ୍ଷିଣାଞ୍ଚଳ ରାଜସ୍ୱ ଆୟୁକ୍ତ ସଂଗ୍ରାମ କେଶରୀ ମହାପାତ୍ର, ରାଜ୍ୟ ନିର୍ବାଚନ କମିଶନରଙ୍କ ସଚିବ ସନ୍ତୋଷ କୁମାର ଦାସ, ଗଞ୍ଜାମ ଜିଲ୍ଲାପାଳ ଭି କୀର୍ତ୍ତି ଭାସନ, କୋରାପୁଟ ଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନ, କନ୍ଧମାଳ ଜିଲ୍ଲାପାଳ ବେଦଭୂଷଣ, କଳାହାଣ୍ଡି ଜିଲ୍ଲାପାଳ ସଚିନ ପାୱାର, ଗଜପତି ଜିଲ୍ଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲ, ମାଲକାନଗିରି ଜିଲ୍ଲାପାଳ ସୋମେଶ କୁମାର ଉପାଧ୍ୟାୟ; ନବରଙ୍ଗପୁର ଜିଲ୍ଲାପାଳ ଡ଼ଃ ମହେଶ୍ୱର ସ୍ୱାଇଁ; ରାୟଗଡ଼ା ଜିଲ୍ଲାପାଳ ଆଶୁତୋଷ କୁଲକର୍ଣ୍ଣି, ବ୍ରହ୍ମପୁର ମହାନଗର ନିଗମ କମିଶନର ପ୍ରଥମେଶ ଅରବିନ୍ଦ ରାଜସିର୍କେ, ସମସ୍ତ ଜିଲ୍ଲାର ଅତିରିକ୍ତ ଜିଲ୍ଲାପାଳ, ଉପଜିଲ୍ଲାପାଳ, ଜିଲ୍ଲା ପଞ୍ଚାୟତ ଅଧିକାରୀମାନେ ଯୋଗଦେଇଥିଲେ।

## ତୁଳସୀପୁର ଗ୍ରାମବାସୀଙ୍କ ରାସ୍ତା ରୋକ



**ବାଙ୍କୀ:ଏକ୍ସପ୍ରେସ୍ ନ୍ୟୁଜ୍**

ଆଜି ସକାଳ ୬ଘଟିକା ଠାରୁ ତୁଳସୀପୁର ଗ୍ରାମବାସୀମାନଙ୍କ ତରଫରୁ ବାଙ୍କୀ-ଖୋର୍ଦ୍ଧା-ଭୁବନେଶ୍ୱର ରାସ୍ତା ରୋକ କରାଯିବା ଫଳରେ ସମସ୍ତ ଯାନବାହାନ ଯାତାୟତ ବନ୍ଦ ରହିଛି। ତୁଳସୀପୁର ଗ୍ରାମପଞ୍ଚାୟତର ବିଭିନ୍ନ ସମସ୍ୟା ଦୀର୍ଘ ଦିନ ହେଲା ରହି ଆସିଛି ଓ ଗ୍ରାମବାସୀଙ୍କ ତରଫରୁ ରାଜ୍ୟ ସରକାର, ଜିଲ୍ଲାପାଳ ଓ ଉପଜିଲ୍ଲାପାଳଙ୍କ ନିକଟରେ ଫେରାଦ୍ ହୋଇଥିଲେ ମଧ୍ୟ ତାହାର କିଛି ସମାଧାନ ହୋଇ ପାରି ନାହିଁ। ବିଶେଷ କରି ତୁଳସୀପୁର ପଞ୍ଚାୟତରୁ ନରଗାଙ୍ଗ ପଞ୍ଚାୟତ ଗଠନ ହେବା ପରେ ତୁଳସୀପୁର ପଞ୍ଚାୟତ ଭାଗରେ ମାତ୍ର ୫୦ଏକର୍ ସ୍ଥାନ ରହିଛି । ଏହି ପଞ୍ଚାୟତରେ ଗାଈଗୋରୁ ଚରାଇବା ପାଇଁ ଗୋଚର୍ ଜମି ନାହିଁ, ସ୍ନାନ କରିବା ପାଇଁ ପୋଖରୀ ଓ ଶବଦାହ କରିବା ପାଇଁ ଶ୍ମଶାନ ନାହିଁ। ତେଣୁ ଏହି ପରିପ୍ରେକ୍ଷୀରେ ଗ୍ରାମବାସୀମାନେ ଅନ୍ୟ ପଞ୍ଚାୟତ କିମ୍ବା ଅନ୍ୟ ଗ୍ରାମ ଉପରେ ନିର୍ଭର କରୁଛନ୍ତି। ଗ୍ରାମବାସୀଙ୍କର ମୁଖ୍ୟ ଦାବୀ ହେଲା ଗୋଚର, ଶ୍ମଶାନ ଓ ପୋଖରୀ କିପରି ଯୋଗାଇ ଦିଆଯିବ ସେ ସଂପର୍କରେ ବାରମ୍ବାର ଦାବୀ ସତ୍ତ୍ୱେ ସରକାର କର୍ଣ୍ଣପାତ କରୁନାହାଁନ୍ତି। ଆଜି ଗ୍ରାମପଞ୍ଚାୟତ ସରପଞ୍ଚ ଶରତ ପ୍ରଧାନ, ସମିତି ସଭ୍ୟ ନାରାୟଣ ଜେନା, ଗଙ୍ଗାଧର ସାହୁ, ସନନ୍ତ ସାହୁ, ଧୋବା ମଲ୍ଲିକ, ରବି ମଲ୍ଲିକ, ରାଜକିଶୋର ପାଲ, ରବିନ୍ଦ୍ର କୁମାର ସାହୁ, ପ୍ରଦ୍ୟୁମ୍ନ ପ୍ରଧାନ, ସସ୍ମିତା ପ୍ରଧାନ, ଭଜକିଶୋର ରାଉତ, ବିଜୟ କୃଷ୍ଣ ସାହୁ, ମନୋଜ ସାହୁ, ଭ୍ରମରବର ରାଉତ ପ୍ରମୁଖଙ୍କ ନେତୃତ୍ୱରେ ରାସ୍ତାରୋକ କରାଯାଇଥିଲା।

## ବେଦର ପ୍ରସାର ଓ ପ୍ରଚାର ପାଇଁ ପ୍ରିୟବ୍ରତଙ୍କ ଅବଦାନ ଅତୁଳନୀୟ




**ଭୁବନେଶ୍ୱର:ଏକ୍ସପ୍ରେସ୍ ନ୍ୟୁଜ୍**

ଇଂଜିନିୟର ପ୍ରିୟବ୍ରତ ଦାସ ବେଦର ପ୍ରଚାର ଓ ପ୍ରସାର ନିମନ୍ତେ ଓଡ଼ିଶାବାସୀଙ୍କ ନିକଟରେ ଚିରସ୍ମରଣୀୟ ହୋଇ ରହିବେ। ତାଙ୍କଦ୍ୱାରା ପ୍ରତିଷ୍ଠିତ 'ଆର୍ଯ୍ୟ ସମାଜ'ରେ ବିବାହ ବ୍ରତ ଆଦି ବହୁ ସମାଜମଙ୍ଗଳ କାର୍ଯ୍ୟ ସଂପାଦନ ହୋଇ ତାଙ୍କୁ ଅମର ରଖିବ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। 'ଓଡ଼ିଶା ଲେଖକ ସମବାୟ ସମିତି'ର ମାସିକ ଆଲୋଚନାଚକ୍ରରେ ସଭାପତି ପୀତବାସ ରାଉତରାୟ ପ୍ରିୟବ୍ରତ ଦାସଙ୍କ ତିରୋଧାନ ଉପଲକ୍ଷେ ସ୍ମୃତିସଭାରେ ତାଙ୍କ ଜୀବନରେ ବେଦ ଓ ଉପନିଷଦକୁ ନେଇ ଅସଂଖ୍ୟ ପୁସ୍ତକର ରଚୟିତା ଭାବେ ବେଦବାଣୀର ପ୍ରଚାର ଓ ପ୍ରସାର ପାଇଁ ତାଙ୍କର ଅବଦାନ ବିଷୟରେ ଆଲୋକପାତ କରିଥିଲେ। ବରିଷ୍ଠ ସଭ୍ୟ ମନୋଜ କୁମାର ଜେନା ପ୍ରିୟବ୍ରତ ଦାସଙ୍କ ସମାଜ ସଂସ୍କାର କାର୍ଯ୍ୟ ଯଥା ପଶୁବଳି ଓ ଜାତିପ୍ରଥା ବିରୋଧ ଓ ବିଧବା ବିବାହ ସପକ୍ଷରେ ସ୍ୱର ଉତ୍ତୋଳନ କରିଥିଲେ ବୋଲି ବକ୍ତବ୍ୟ ରଖିଥିଲେ। ଗବେଷକ ଡ. ସିଦ୍ଧାର୍ଥ କାନୁନ୍‌ଗୋ ବିବାହ ସଂସ୍କାରରେ ପ୍ରିୟବ୍ରତ ଦାସଙ୍କ ଅବଦାନ ସଂପର୍କରେ ଆଲୋକପାତ କରିଥିଲେ। ଅନ୍ୟତମ ସଦସ୍ୟ ସତ୍ୟବାଦୀ ରଥ ପ୍ରିୟବ୍ରତ ଦାସଙ୍କୁ ଜଣେ ପ୍ରବାଦପୁରୁଷ ବୋଲି ବର୍ଣ୍ଣନା କରି ଓଡ଼ିଶାରେ ହୋଇଥିବା ବହୁ ପ୍ରକଳ୍ପର ବିଶ୍ୱକର୍ମା ଭାବେ ବର୍ଣ୍ଣନା କରିଥିଲେ। ଉପସଭାନେତ୍ରୀ ଡ. ପ୍ରେମଲତା ଦେବୀ ପ୍ରିୟବ୍ରତ ଦାସଙ୍କ ପ୍ରକାଶିତ ବେଦ ଓ ଉପନିଷଦ ସହ ବୈଦିକ ସଂସ୍କାର ପଦ୍ଧତି ଉପରେ ପୁସ୍ତକମାନଙ୍କର ବ୍ୟାଖ୍ୟା କରିଥିଲେ। ସଭାପତି ଶ୍ରୀ ରାଉତରାୟ ପ୍ରିୟବ୍ରତ ଦାସଙ୍କ ବେଦର ପ୍ରଚାର ଓ ପ୍ରସାର ଦିଗରେ କେବଳ ଓଡ଼ିଶା ନୁହେଁ, ଭାରତ ତଥା ପୃଥିବୀବ୍ୟାପୀ କାର୍ଯ୍ୟର ବର୍ଣ୍ଣନା କରି ଉଦାହରଣ ଦେଇଥିଲେ। ପ୍ରାରମ୍ଭରୁ ପରିଚାଳକ ରମାକାନ୍ତ ମିଶ୍ର ସ୍ୱାଗତ ଭାଷଣ ଦେଇଥିଲେ ଓ ବରିଷ୍ଠ ସଭ୍ୟ ବିରଜା ପ୍ରସାଦ ଶତପଥୀ ବେଦର ସମାଜରେ ପ୍ରଭାବ ସଂପର୍କରେ ବର୍ଣ୍ଣନା କରି ଧନ୍ୟବାଦ ଦେଇଥିଲେ। ପ୍ରାରମ୍ଭରୁ ପ୍ରିୟବ୍ରତ ଦାସଙ୍କ ଆତ୍ମାର ସଦ୍‌ଗତି ପାଇଁ ଦୁଇମିନିଟ୍ ନିରବ ପ୍ରାର୍ଥନା କରାଯାଇଥିଲା।

## ଦଣ୍ଡାଦେଶରେ 'ବିବେଚନା କରାଯାଇଛି' ବୋଲି ଉଲ୍ଲେଖ କରିବା ଯଥେଷ୍ଟ ନୁହେଁ: ରାଜସ୍ଥାନ ହାଇକୋର୍ଟ

**ଜୟପୁର:ଏକ୍ସପ୍ରେସ୍ ନ୍ୟୁଜ୍**

ରାଜସ୍ଥାନ ଉଚ୍ଚ ନ୍ୟାୟାଳୟ ତା ୯ ଜାନୁଆରୀ ୨୦୨୬ ରେ ଏକ ଗୁରୁତ୍ୱପୂର୍ଣ୍ଣ ରାୟରେ କହିଛନ୍ତି ଯେ, ଶାସ୍ତିମୂଳକ କାର୍ଯ୍ୟାନୁଷ୍ଠାନରେ ଦଣ୍ଡାଦେଶ ଓ ଆପିଲ୍ ଆଦେଶରେ କେବଳ "ରେକର୍ଡ ବିବେଚନା କରାଯାଇଛି" ବୋଲି ଉଲ୍ଲେଖ କରିବା ଆଇନଗତ ଅର୍ଥରେ ବୈଧ ଓ ବସ୍ତୁନିଷ୍ଠ ବିବେଚନା ବୋଲି ଗଣା ହେବ ନାହିଁ; ଏହା କେବଳ ଏକ ଔପଚାରିକତା। ବିଚାରପତି ଆନନ୍ଦ ଶର୍ମାଙ୍କ ଜଣିକିଆ ଖଣ୍ଡପୀଠ ଏସ୍.ବି. ରିଟ୍ ପିଟିସନ୍ ନଂ. ୧୨୧୮୭/୨୦୧୪ ରାଜେଶ କୁମାର ତିୱାରୀ ବନାମ ଜୟପୁର ବିଦ୍ୟୁତ୍ ବିତରଣ ନିଗମ (ଜେଭିଭିଏନ୍‌ଏଲ୍) ମାମଲାରେ ଏହି ରାୟ ପ୍ରଦାନ କରିଛନ୍ତି।

କୋର୍ଟ କହିଛନ୍ତି ଯେ, ଦଣ୍ଡାଦେଶ ଓ ଆପିଲ୍ ଆଦେଶ ଅଭିଯୁକ୍ତ କର୍ମଚାରୀଙ୍କୁ ଗମ୍ଭୀର କ୍ଷତି ପହଞ୍ଚାଇଥିବା ଓ ତାଙ୍କର ଭବିଷ୍ୟତ ପଦୋନ୍ନତିକୁ ପ୍ରଭାବିତ କରୁଥିବାରୁ, ନିର୍ଦ୍ଦିଷ୍ଟ ସିଦ୍ଧାନ୍ତରେ ପହଞ୍ଚିବାର କାରଣସମୂହ ଆଦେଶରେ ଉଲ୍ଲେଖ ହେବା ଅତ୍ୟନ୍ତ ଆବଶ୍ୟକ। କେବଳ ଅଧିକାରୀମାନଙ୍କ ନୋଟ୍-ସିଟରେ ଏହା ଥିବା ଯଥେଷ୍ଟ ନୁହେଁ।

କୋର୍ଟ ଆହୁରି କହିଛନ୍ତି, "ଶାସ୍ତି ପ୍ରଦାନକାରୀ କର୍ତ୍ତୃପକ୍ଷ ଉପରେ ଆଇନଗତ ବାଧ୍ୟବାଧକତା ରହିଛି ଯେ ସେମାନେ ସମଗ୍ର ରେକର୍ଡ ଉପରେ, ଅଭିଯୁକ୍ତଙ୍କ ଦ୍ୱାରା ଉତ୍ଥାପିତ ନିର୍ଦ୍ଦିଷ୍ଟ ପ୍ରତିରକ୍ଷା ବିନ୍ଦୁଗୁଡ଼ିକୁ ସମେତ, ସ୍ୱାଧୀନ ଓ ବିଚାରଶୀଳ ମନ ପ୍ରୟୋଗ କରିବେ। ଏଭଳି ବିବେଚନା ଦଣ୍ଡାଦେଶରେ ନିଜେ ପ୍ରତିଫଳିତ ହେବା ଆବଶ୍ୟକ, ଯେଉଁଥିରେ ଅଭିଯୁକ୍ତ କର୍ମଚାରୀଙ୍କ ଜବାବ କିମ୍ବା ପ୍ରତିରକ୍ଷା କାହିଁକି ଗ୍ରହଣ କରାଗଲା କିମ୍ବା ପ୍ରତ୍ୟାଖ୍ୟାନ କରାଗଲା ତାହାର ସ୍ପଷ୍ଟ ଓ ଯୁକ୍ତିଯୁକ୍ତ କାରଣ ଦର୍ଶାଇବା ଉଚିତ୍।"

ଆବେଦନକାରୀ ଜୟପୁର ବିଦ୍ୟୁତ୍ ବିତରଣ ନିଗମ ଲିମିଟେଡ୍‌ରେ କାର୍ଯ୍ୟରତ ଥିବା ବେଳେ ତାଙ୍କ ବିରୁଦ୍ଧରେ ଚାର୍ଜଶିଟରେ ଜବାବରେ ଦିଆଯାଇଥିବା ପ୍ରତିରକ୍ଷାକୁ ବିବେଚନା ନକରି ଦଣ୍ଡାଦେଶ ଜାରି ଓ ଆପିଲରେ ବଜାୟ ରଖାଯାଇଥିବା ଅଭିଯୋଗ କରିଥିଲେ। ଆଦେଶର ସାଧାରଣ ପର୍ଯ୍ୟବେକ୍ଷଣରୁ ସ୍ପଷ୍ଟ ହୁଏ ଯେ ତାଙ୍କର ପ୍ରତିରକ୍ଷା ଓ ତଥ୍ୟ ଯାଞ୍ଚ ରିପୋର୍ଟକୁ ଅଣଦେଖା କରାଯାଇଥିଲା। ରାଜ୍ୟ ପକ୍ଷରୁ ଯୁକ୍ତି ଦର୍ଶାଯାଇଥିଲା, ଦଣ୍ଡାଦେଶରେ ସ୍ପଷ୍ଟ ଉଲ୍ଲେଖ ରହିଛି ଯେ ପ୍ରାସଙ୍ଗିକ ରେକର୍ଡ ଓ ତଥ୍ୟ ଯାଞ୍ଚ ପରେ ବିବେଚନା କରାଯାଇ ଦଣ୍ଡ ନିର୍ଦ୍ଧାରଣ କରାଯାଇଛି।

କିନ୍ତୁ ଉଭୟ ପକ୍ଷର ଯୁକ୍ତି ଶୁଣିବା ପରେ କୋର୍ଟ ସୁପ୍ରିମ୍‌କୋର୍ଟଙ୍କ ରାୟ ଭାରତୀୟ ଜୀବନ ବୀମା ନିଗମ ଅଧ୍ୟକ୍ଷ ଏବଂ ଅନ୍ୟାନ୍ୟ ବନାମ ଏ. ମାସିଲାମଣିକୁ ଉଦ୍ଧୃତ କରି କହିଛନ୍ତି ଯେ "ବିବେଚନା କରିବା"ର ଅର୍ଥ ହେଉଛି ପ୍ରାସଙ୍ଗିକ ସାମଗ୍ରୀକୁ ମୂଲ୍ୟାଙ୍କନ କରିବା।

ଆଦେଶ ପର୍ଯ୍ୟାଲୋଚନାରୁ ସ୍ପଷ୍ଟ ହୁଏ ଯେ ଆବେଦନକାରୀଙ୍କ ଜବାବ କିମ୍ବା ପ୍ରାସଙ୍ଗିକ ରେକର୍ଡକୁ ଆଲୋଚନା, ମୂଲ୍ୟାଙ୍କନ ଓ ବିଶ୍ଳେଷଣ କରାଯାଇ ନାହିଁ। ତେଣୁ ଏଭଳି କଥିତ ବିବେଚନାକୁ ଆଇନଗତ ଅର୍ଥରେ ବିବେଚନା ବୋଲି କୁହାଯାଇ ପାରିବ ନାହିଁ। କେବଳ 'ରେକର୍ଡ, ଜବାବ ଆଦି ବିବେଚନା କରାଯାଇଛି' ବୋଲି ଶବ୍ଦ ବ୍ୟବହାର କରିବା ଏକ ଖାଲି ଔପଚାରିକତା ଓ ଶାସ୍ତିପ୍ରଦାନକାରୀ ଓ ଆପିଲ୍ କର୍ତ୍ତୃପକ୍ଷଙ୍କ ପକ୍ଷରୁ ଏକ ଚକ୍ଷୁ ଧୋଇବା କାର୍ଯ୍ୟ।"

କୋର୍ଟ କହିଛନ୍ତି ଯେ ପ୍ରତିରକ୍ଷାକୁ ବିଶ୍ଳେଷଣ ନକରି କେବଳ ଦୋଷୀର ନିଷ୍କର୍ଷ ରେକର୍ଡ କରିଥିବା ଆଦେଶ ମୌଳିକ ଭାବେ ଅସ୍ପଷ୍ଟ, ସଂକ୍ଷିପ୍ତ ଓ ମନ ପ୍ରୟୋଗର ଅଭାବକୁ ପ୍ରତିଫଳିତ କରେ। ଅଭିଯୋଗର ଗମ୍ଭୀରତାକୁ କାରଣ ଦର୍ଶାଇ ।ରେକର୍ଡ କରିବାର ଆବଶ୍ୟକତାକୁ ବାତିଲ କରାଯାଇ ପାରିବ ନାହିଁ। ଏହି ପରିପ୍ରେକ୍ଷୀରେ ପିଟିସନ୍‌କୁ ମଞ୍ଜୁର କରାଯାଇଛି ଏବଂ ଶାସ୍ତିମୂଳକ ଆଦେଶ ତଥା ଆପିଲ୍ ଆଦେଶକୁ ରଦ୍ଦ କରାଯାଇଛି।

## ନିଶାମୁକ୍ତ ଭାରତ ଅଭିଯାନ

**ସାକ୍ଷୀଗୋପାଳ:ଏକ୍ସପ୍ରେସ୍ ନ୍ୟୁଜ୍**

ଭାରତ ସରକାରଙ୍କ ନିର୍ଦ୍ଦେଶ ମୁତାବକ ବ୍ରହ୍ମା କୁମାରୀଜ୍‌ର ମିଳିତ ସହଯୋଗରେ ନିଶାମୁକ୍ତ ଭାରତ ଗଠନ ଅଭିଯାନ ସାରା ଦେଶରେ ଚାଲୁ ରହିଛି। ଏହି ଅବସରରେ ସାକ୍ଷୀଗୋପାଳ ସ୍ଥିତ ପ୍ରଜାପିତା ବ୍ରହ୍ମା କୁମାରୀ ଇଶ୍ୱରୀୟ ବିଶ୍ୱବିଦ୍ୟାଳୟ ପକ୍ଷରୁ ସତ୍ୟବାଦୀ ବ୍ଲକ ଅଞ୍ଚଳକୁ ନିଶାମୁକ୍ତ କରିବା ପାଇଁ ଏକ ସୁସଜ୍ଜିତ ଆଧାତ୍ମିକ ଚିତ୍ର ପ୍ରଦର୍ଶନୀ ବସକୁ ସତ୍ୟବାଦୀ ବିଡ଼ିଓ ଦେବାଶିଷ ନାୟକ, ତହସିଲଦାର ସନ୍ତୋଷ କୁମାର ପାଣିଗ୍ରାହୀ, ଖବରଦାତା ଅଶୋକ କୁମାର ବେହେରା ଉଦ୍‌ଘାଟନ କରିଥିଲେ। ବିଭିନ୍ନ ଏନଜିଓ ସଂସ୍ଥା ଦ୍ୱାରା ନିଶା ନିବାରଣ ସମ୍ବନ୍ଧୀୟ ବହୁ କାର୍ଯ୍ୟକ୍ରମ ଗ୍ରହଣ କରାଯାଉଥିଲେ ମଧ୍ୟ ସେମାନଙ୍କ ସଫଳତା ହାର ଶତକଡ଼ା ୨୦ରୁ ୩୦ ପ୍ରତିଶତ ବା ତା'ଠାରୁ କମ୍। କିନ୍ତୁ ଇଶ୍ୱରୀୟ ବିଶ୍ୱ ବିଦ୍ୟାଳୟର ରାଜଯୋଗ ଅଭ୍ୟାସ ଦ୍ୱାରା ନିଶା ନିବାରଣର ସଫଳତା ହାର ୯୭ ଭାଗ। ତେଣୁ ନିଶା ନିବାରଣର ବହୁଳ ସଫଳତା ପାଇଁ ବ୍ରହ୍ମା କୁମାରୀ ସଂସ୍ଥା ଭାରତ ସରକାର ଓ ବିଭିନ୍ନ ପ୍ରାଦେଶିକ ସରକାରଙ୍କ ଚୁକ୍ତିବଦ୍ଧ ହୋଇ ବିଭିନ୍ନ ସେବାକାର୍ଯ୍ୟ ଜାରି ରଖି ଅନେକ ସମୟରେ ପୁରସ୍କୃତ ହୋଇଛି। ଉପସେବା କେନ୍ଦ୍ରର ସଂଯୋଜକା ବ୍ରହ୍ମାକୁମାରୀ ସଂଯୁକ୍ତା ଆଶୀର୍ବଚନ ପ୍ରଦାନ କରି ସମସ୍ତଙ୍କୁ ନିଶା ଦ୍ରବ୍ୟ ସେବନ ନକରିବା ପାଇଁ ଶପଥ ପାଠ କରାଇଥିଲେ। ଏହି ନିଶା ନିବାରଣ ରଥ ସତ୍ୟବାଦୀର ଶ୍ରୀରାମଚନ୍ଦ୍ରପୁର ହାଇସ୍କୁଲ, ସତ୍ୟବାଦୀ ହାଇସ୍କୁଲ, ବିଶ୍ୱନାଥପୁର, ପାଣିଭଣ୍ଡାର, ବାସୁଦେଇପୁର, ଡୁବୁଡୁବା ଗ୍ରାମରେ ଭିଡ଼ିଓ ମାଧ୍ୟମରେ ସଚେତନତା କରାଯାଇଥିଲା। କାର୍ଯ୍ୟକ୍ରମକୁ ବ୍ରାହ୍ମକୁମାର ପିତାମ୍ବର, ସୁକାନ୍ତ, ସନ୍ତୋଷ ପରିଚାଳନା କରିଥିଲେ।

## ବିଜେଡି ମୁଖିଆଙ୍କ ଛାଟରେ ଧରାଶାୟୀ ସନା ଏବେ ବିଜେପି ମୁହାଁ

**କେନ୍ଦୁଝର:ଏକ୍ସପ୍ରେସ୍ ନ୍ୟୁଜ୍**



କ୍ଷମତାଲିପ୍ସୁ ଚମ୍ପୁଆ ବିଧାୟକ ସନାତନ ମହାକୁଡ କଂଗ୍ରେସରୁ ନିଜର ରାଜନୈତିକ କ୍ୟାରିୟର ଆରମ୍ଭ କରି ସ୍ୱାଧୀନ ପ୍ରାର୍ଥୀ ଭାବେ ପ୍ରଥମେ ବିଧାନସଭାକୁ ନିର୍ବାଚିତ ହେବା ଓ ପରେ ଶାସକ ବିଜେଡିରୁ ଟିକେଟ ପାଇ ପୁଣିଥରେ ବିଧାନସଭାକୁ ଯିବା ପରେ ଏବେ ବିଜେପିକୁ ମୁହାଁଇଛନ୍ତି। ଦଳ ବିରୋଧୀ କାର୍ଯ୍ୟ ସାଙ୍ଗକୁ ଦୁର୍ନୀତି ଓ ଭ୍ରଷ୍ଟାଚାର ଅଭିଯୋଗରେ ବିଜେଡି ସଭାପତି ନବୀନ ପଟ୍ଟନାୟକ ସନାତନଙ୍କୁ ଦଳରୁ ନିଲମ୍ବନ କରିବା ପରେ ସନା ଏବେ ଧରାଶାୟୀ ହୋଇ ପଡିଛନ୍ତି। ଗତ ସାଧାରଣ ନିର୍ବାଚନରେ ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମା ବଡବିଲର ଏକ ନିର୍ବାଚନୀ ସଭାରେ ଯୋଗଦେଇ ବିଜେଡି ପ୍ରାର୍ଥୀ ସନାତନଙ୍କ ଦୁର୍ନୀତି ଓ ଭ୍ରଷ୍ଟାଚାରର ଅସଲ ପେଡି ଖୋଲିବା ସହ ରାଜ୍ୟରେ ବିଜେପି କ୍ଷମତାସୀନ ହେଲେ ଚମ୍ପୁଆର ଏହି ବାହୁବଳୀ ବିଧାୟକଙ୍କ ଆଶ୍ରୟସ୍ଥଳ ଜେଲ ବୋଲି ମନ୍ତବ୍ୟ ଦେଇଥିଲେ। ଯାହା ଏବେ ଶତ ପ୍ରତିଶତ ସତ ସାବ୍ୟସ୍ତ ହେବାକୁ ଯାଉଛି।

୨୦୨୪ ନିର୍ବାଚନ ପୂର୍ବରୁ ବିଜେଡିର ନୀତି ନିର୍ଦ୍ଧାରକ ଭି.କେ. ପାଣ୍ଡିଆନଙ୍କ ଦ୍ୱାରା ନବୀନ ନିବାସରେ ମିଶ୍ରଣ ପର୍ବରେ ସନାତନ ଯୋଗଦେଇ ବିଜେପି ବିରୋଧରେ ପ୍ରଚଣ୍ଡ ବିଷୋଦଗାର କରି କହିଥିଲେ ଯେ, ବିଜେପି ଓଡିଶାରେ କ୍ଷମତାକୁ ଆସିବା ଦିବାସ୍ୱପ୍ନ। ବିଜେପି କେନ୍ଦ୍ରରେ ୧୦ବର୍ଷର ଶାସନରେ ଓଡିଶା ପାଇଁ କ'ଣ କରିଛି ବୋଲି ସନାତନ ଚ୍ୟାଲେଞ୍ଜ କରିଥିଲେ। ସନାତନଙ୍କ ସେହି ସମୟର ଭିଡିଓ ଓ ମନ୍ତବ୍ୟ ଚମ୍ପୁଆ ନିର୍ବାଚନମଣ୍ଡଳୀ ସାରା ସାମାଜିକ ଗଣମାଧ୍ୟମରେ ଏବେ ପୁଣିଥରେ ଘୁରି ବୁଲୁଛି।

୨୦୦୯ ନିର୍ବାଚନରେ କଂଗ୍ରେସ ପ୍ରାର୍ଥୀ ଭାବେ ଲଢି ସ୍ୱାଧନପ୍ରାର୍ଥୀ ଜିତୁ ପଟ୍ଟନାୟକଙ୍କ ଠାରୁ ପରାସ୍ତ ହେବା ପରେ ନିଜ ନିର୍ବାଚନ ମଣ୍ଡଳୀରେ ବୃଦ୍ଧ, ବୃଦ୍ଧା ଓ ଅସହାୟଙ୍କୁ ସାହାଯ୍ୟ ନାମରେ ନିଜସ୍ୱ ଭତ୍ତା ରାଜନୀତି ଆରମ୍ଭ କରିଥିଲେ ସନାତନ। ୨୦୧୪ରେ ସନାତନ ସ୍ୱାଧୀନ ପ୍ରାର୍ଥୀ ଭାବେ ଚମ୍ପୁଆରୁ ବିଜୟୀ ହେବାପରେ ନିଜସ୍ୱ ପାଣ୍ଠିରୁ ଆରମ୍ଭ କରିଥିବା ଲୋକଙ୍କୁ ଭତ୍ତା ଦେବା ବନ୍ଦ କରିଦେଲେ। ନିଜର ଖଣି ଓ ପରିବହନ ବ୍ୟବସାୟ ସହ କଳା ସାମ୍ରାଜ୍ୟର ସୁରକ୍ଷା ପାଇଁ ୨୦୧୯ ନିର୍ବାଚନ ପୂର୍ବରୁ ସନାତନ ବିଜେଡି ଦଳରେ ଯୋଗଦେଇ ପୁଣିଥରେ କିଭଳି ବିଧାୟକ ହେବେ ସେ ନେଇ ବହୁ ଉଦ୍ୟମ ସତ୍ତ୍ୱେ ବିଫଳ ହୋଇଥିଲେ। ଫଳସ୍ୱରୂପ ନିଜର ଏକାନ୍ତ ସହଯୋଗୀ ଉକ୍ତବନ୍ଧୁଙ୍କ ଧର୍ମପତ୍ନୀଙ୍କୁ ବିଜେଡିରୁ ପ୍ରାର୍ଥୀ କରି ବିଜୟୀ କରିବାରେ ସକ୍ଷମ ହୋଇଥିଲେ। ତେବେ ସନାତନଙ୍କ ଦୁର୍ନୀତି ଓ କଳା ସାମ୍ରାଜ୍ୟର ତଥ୍ୟ ନବୀନ ନିବାସରେ ପହଞ୍ଚିବା ପରେ ସେହି ସମୟର ଚମ୍ପୁଆ ବିଧାୟିକା ନିଜର ତଥାକଥିତ ରାଜନୈତିକ ଗୁରୁ ସନାତନଙ୍କ ଠାରୁ ଦୂରେଇ ଯାଇଥିଲେ। ପ୍ରତିଶୋଧ ବହ୍ନିରେ ଜର୍ଜରିତ ସନାତନ ୨୦୨୪ ନିର୍ବାଚନ ପୂର୍ବରୁ କଳେବଳେ ଶେଷ ମୁହୂର୍ତ୍ତରେ ବିଜେଡିରେ ଯୋଗଦେଇ ନବୀନଙ୍କ ଆର୍ଶିବାଦ ପାଇ ଚମ୍ପୁଆରୁ ଦଳୀୟ ପ୍ରାର୍ଥୀ ହୋଇ ବିଜୟୀ ମଧ୍ୟ ହେଲେ। ସନାତନ ବିଜୟୀ ହେଲେ ସିନା ଓଡିଶାରେ ବିଜେଡି ସରକାର ହୋଇପାରିଲା ନାହିଁ। ତେଣୁ ନିଜ ଦୁର୍ନୀତି, କଳାକାରନାମା ଏବଂ ଭ୍ରଷ୍ଟ ସାମ୍ରାଜ୍ୟର ସୁରକ୍ଷା ଓ ବୈଧତା ପାଇଁ ସନାତନ କ୍ରମଶଃ ବିଜେପି ଶିବିରକୁ ଢଳିବା ଆରମ୍ଭ କରିଦେଲେ। ଦଳୀୟ କାର୍ଯ୍ୟକ୍ରମରୁ ନିଜକୁ ଦୁରେଇ ରଖି ବିଶେଷକରି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ପ୍ରତ୍ୟେକ କେନ୍ଦୁଝର ଗସ୍ତରେ ସାମିଲ ହୋଇ ସର୍ବସାଧାରଣରେ ମୋହନଙ୍କୁ ପ୍ରଶଂସାରେ ପୋତି ପକାଇବା ଏବଂ ନିଜ ଦଳ ବିଜେଡି ଶାସନ ସମୟରେ କେନ୍ଦୁଝରର ବିକାଶ ହୋଇନଥିବା କହି ପରୋକ୍ଷରେ ନିଜ ଦଳର ସୁପ୍ରିମୋଙ୍କୁ ସମାଲୋଚନା କରିବା ସନାତନଙ୍କ କ୍ଷମତାଲିପ୍ସୁ ମନୋଭାବକୁ ସ୍ପଷ୍ଟ ସୂଚାଉଛି। ରାଜ୍ୟରେ ବିଜେପି କ୍ଷମତାସୀନ ହେବାପରେ ନିଜ ନିର୍ବାଚନ ମଣ୍ଡଳୀର ଖଣି ଓ ଶିକ୍ଷାନୁଷ୍ଠାନରେ ପରିବହନ ବ୍ୟବସାୟ ସାଙ୍ଗକୁ ଖଣି ମାଫିଆଗିରି କିଭଳି ପୁଣିଥରେ ଆରମ୍ଭ ହେବ ଏବଂ ନିଜର କଳା ସାମ୍ରାଜ୍ୟର ସୁରକ୍ଷା ହୋଇପାରିବ ସେ ନେଇ ସନାତନ ମୁଖ୍ୟମନ୍ତ୍ରୀଙ୍କ କେନ୍ଦୁଝର ଗସ୍ତ ସମୟରେ ନିକଟତର ହୋଇ ବିଜେପିକୁ ପ୍ରଶଂସାରେ ପୋତି ପକାଇବା ସରକାରଙ୍କର କୋପଦୃଷ୍ଟିରୁ ବଞ୍ଚିବା ପାଇଁ ପ୍ରୟାସକୁ ସ୍ପଷ୍ଟ ପ୍ରମାଣିତ କରୁଛି। କିନ୍ତୁ ଭ୍ରଷ୍ଟାଚାରୀ ଓ ଦୁର୍ନୀତି ଧ୍ୱଜାଧାରୀ ସନାତନ ଜାଣିବା ଉଚିତ୍ ଯେ, ବିଜେପିର ମୌଳିକ ନୀତି ଦୁର୍ନୀତି ବିରୋଧ ସଂଗ୍ରାମ ଅଟେ। ଏଭଳିସ୍ଥିତିରେ ବିଜେଡିରୁ ନିଲମ୍ବିତ କ୍ଷମତାଲିପ୍ସୁ ସନାତନଙ୍କୁ ବିଜେପି ଆପଣେଇବ ତ ବୋଲି ଜିଲାବ୍ୟାପୀ ରାଜନୈତିକ ମହଲରେ ଚର୍ଚ୍ଚାର ବିଷୟ ପାଲଟିଛି।


**AFFIDAVIT**

I Rabeya Bibi W/o - Belaluddin Khan resident of village - Kalapahad, PO/PS- Aul, district - Kendrapara, PIN-754219, Odisha declare by this affidavit No- 435 dated 19.1. 2026 that now onwards my husband shall be known as BALALUDDIN KHAN for all future purpose.

ଶେଷ ପୃଷ୍ଠା

# ଓଡ଼ିଶା ଏକ୍ସପ୍ରେସ୍

ଭୁବନେଶ୍ୱର | 21st January, 2026 Wednesday | RNI Regd. No. ODIODI/2006/23033 | Postal Regd. No. : BN/169/13-15


## ଗଣେଶଙ୍କ ନଈକୂଳିଆ ନାଚ

ହେଲ୍‌ଥ ଟନିକ୍



ସହର ପାଖ ନଈରେ ଗାଧୋଉଥିବାବେଳେ ଯୁବକର ଗୋଡ଼ ଖସିଯିବାରୁ ସେ ପାଣିରେ ବୁଡ଼ିବାକୁ ଲାଗିଲା। ଏତିକିବେଳେ ସେ ତା'ର ଆରାଧ୍ୟ ଦେବତା ଗଣେଶଙ୍କୁ ପ୍ରାର୍ଥନା କଲା।

– ହେ, ଗଣପତି ମୋତେ ନଈ ପାଣିରୁ ଉଦ୍ଧାର କର। ସେତକ କହି ଯୁବକ ଅନେଇ ଦେଖେ ତ ଗଣେଶ ନଈକୂଳରେ ଖୁବ୍ ଜୋରରେ ଗୋଡ଼ ହାତ ହଲାଇ ନାଚୁଛନ୍ତି।

ଯୁବକ ଗଣେଶଙ୍କର ଏ ଆଚରଣ ଦେଖି ଖୁବ୍ ବ୍ୟସ୍ତ ହୋଇ କହିଲା- ପ୍ରଭୁ, ମୁଁ ପାଣିରେ ବୁଡ଼ିଯାଉଥିବା ବେଳେ ଆପଣ କୂଳରେ ଠିଆ ହୋଇ ନାଚୁଛନ୍ତି ?

ଗଣେଶ ନାଚୁନାଚୁ ଯୁବକକୁ କହିଲେ- ଏଇ ଅଳ୍ପଦିନ କଥା ମନେ ପକା। ମୋତେ ପାଣିରେ ବିସର୍ଜନ କଲାବେଳେ ତମେମାନେ କୂଳରେ ନାଚୁନଥିଲ ?

# ରାଷ୍ଟ୍ରପତିଙ୍କର ମଧ୍ୟ ଶଙ୍କରାଚାର୍ଯ୍ୟଙ୍କୁ ନିଯୁକ୍ତି କରିବାର ଅଧିକାର ନାହିଁ

**ପ୍ରୟାଗରାଜ,୨୦।୧ ଏକ୍ସପ୍ରେସ୍ ନ୍ୟୁଜ୍**

ପ୍ରୟାଗରାଜରେ ଶଙ୍କରାଚାର୍ଯ୍ୟଙ୍କୁ ନେଇ ଚାଲିଥିବା ବିବାଦ ଥମିବାର ନାଁ ନେଉନାହିଁ। ସ୍ୱାମୀ ଅଭିମୁକ୍ତେଶ୍ୱରାନନ୍ଦ ଏବେ ସରକାର ଓ ପ୍ରଶାସନକୁ ଟାର୍ଗେଟ କରିଛନ୍ତି। ସେ କହିଛନ୍ତି, ରାଜ୍ୟର ମୁଖ୍ୟମନ୍ତ୍ରୀ କିମ୍ବା ଦେଶର ରାଷ୍ଟ୍ରପତି କିଏ ଶଙ୍କରାଚାର୍ଯ୍ୟ ହେବେ ତାହା ସ୍ଥିର କରିପାରିବେ ନାହିଁ। ରାଷ୍ଟ୍ରପତିଙ୍କ ପାଖରେ ମଧ୍ୟ ଶଙ୍କରାଚାର୍ଯ୍ୟ ସ୍ଥିର କରିବାର ଅଧିକାର ନାହିଁ। ଉଲ୍ଲେଖନୀୟ, ମାଘ ମେଳା ପ୍ରଶାସନ ପକ୍ଷରୁ ସ୍ୱାମୀ ଅଭିମୁକ୍ତେଶ୍ୱରାନନ୍ଦ ସରସ୍ୱତୀଙ୍କୁ ଏକ ନୋଟିସ୍ ଜାରି କରାଯାଇ ଶଙ୍କରାଚାର୍ଯ୍ୟ ଭାବରେ ତାଙ୍କ ପଦବୀ ଉପରେ ପ୍ରଶ୍ନ ଉଠାଯାଇଛି। ସ୍ୱାମୀ ଅଭିମୁକ୍ତେଶ୍ୱରାନନ୍ଦ ସରସ୍ୱତୀ କହିଛନ୍ତି, ଶଙ୍କରାଚାର୍ଯ୍ୟ ହେଉଛନ୍ତି ଜଣେ ଯିଏ ଅନ୍ୟ ତିନୋଟି ପୀଠର ଶଙ୍କରାଚାର୍ଯ୍ୟଙ୍କ ଦ୍ୱାରା ଗ୍ରହଣୀୟ। ତିନୋଟି ପୀଠ ମଧ୍ୟରୁ ଦୁଇଟିର ଶଙ୍କରାଚାର୍ଯ୍ୟ ମୋତେ ଶଙ୍କରାଚାର୍ଯ୍ୟ ବୋଲି ମାନିଛନ୍ତି। ସେମାନେ ଗତ ମାଘ ମେଳାରେ ମୋ ସହିତ ସ୍ନାନ ମଧ୍ୟ କରିଥିଲେ। ଯେତେବେଳେ ଦ୍ୱାରକା ଓ ଶୃଙ୍ଗେରିର ଶଙ୍କରାଚାର୍ଯ୍ୟ କହିଥିଲେ, ତୁମେ ଶଙ୍କରାଚାର୍ଯ୍ୟ ଆଉ ଆମ ସହିତ ସ୍ନାନ କରୁଛ। ତେବେ ଏହାଠାରୁ ଆଉ କଣ ପ୍ରମାଣ ଆବଶ୍ୟକ ବୋଲି ଅଭିମୁକ୍ତେଶ୍ୱରାନନ୍ଦ ପ୍ରଶ୍ନ କରିଛନ୍ତି।

ସେ କହିଛନ୍ତି, ପ୍ରଶାସନ କ'ଣ ନିଷ୍ପତ୍ତି ନେବେ ଯେ, କିଏ ଶଙ୍କରାଚାର୍ଯ୍ୟ କି ନାହିଁ ? ଉତ୍ତର ପ୍ରଦେଶର ମୁଖ୍ୟମନ୍ତ୍ରୀ ଏହା ନିଷ୍ପତ୍ତି ନେବେ କି ଦେଶର ରାଷ୍ଟ୍ରପତି ? ଭାରତର ରାଷ୍ଟ୍ରପତିଙ୍କର ମଧ୍ୟ ଏହା ନିଷ୍ପତ୍ତି ନେବାର ଅଧିକାର ନାହିଁ ଯେ, କିଏ ଶଙ୍କରାଚାର୍ଯ୍ୟ ଆଉ କିଏ ନୁହେଁ।



ଶଙ୍କରାଚାର୍ଯ୍ୟଙ୍କ ସମ୍ପର୍କରେ ନିର୍ଣ୍ଣୟ ଶଙ୍କରାଚାର୍ଯ୍ୟ ଗ୍ରହଣ କରିଥାନ୍ତି। ପୁରୀର ଶଙ୍କରାଚାର୍ଯ୍ୟ ଏହା ଉପରେ କିଛି କହି ନାହାନ୍ତି। ସେ ନୀରବ ଅଛନ୍ତି। ସୁପ୍ରିମକୋର୍ଟରେ ତାଙ୍କ ସତ୍ୟପାଠ ନେଇ କୁହାଯାଇଥିଲା ଯେ, ସେ ଆପତ୍ତି କରିଥିଲେ। କିନ୍ତୁ ଯେତେବେଳେ ଆମେ ସତ୍ୟପାଠର ଏକ କପି ଦେଖିଲୁ, ସେଥିରେ ସ୍ପଷ୍ଟ ଭାବରେ ଲେଖା ଅଛି ଯେ, ତାଙ୍କଠାରୁ କୌଣସି ସମର୍ଥନ ଲୋଡ଼ାଯାଇ ନଥିଲା, ତେଣୁ ଏଥିରୁ ସ୍ପଷ୍ଟ ସେ କୌଣସି ମତାମତ ଦେଇ ନଥିଲେ।

ସ୍ୱାମୀ ଅଭିମୁକ୍ତେଶ୍ୱରାନନ୍ଦ କହିଛନ୍ତି, ତାଙ୍କ ପାଖରେ ଦୁଇ ଶଙ୍କରାଚାର୍ଯ୍ୟଙ୍କ ସ୍ପଷ୍ଟ ଲିଖିତ ଓ ବ୍ୟବହାରିକ ସମର୍ଥନ ଅଛି। ତୃତୀୟ ଶଙ୍କରାଚାର୍ଯ୍ୟଙ୍କ ମୌନ ସମ୍ମତି ଅଛି। ସେ କହିଛନ୍ତି ଶଙ୍କରାଚାର୍ଯ୍ୟ ଆଉ କିଏ ? ମୁଁ ଜ୍ୟୋତିର୍ମଠର ଶଙ୍କରାଚାର୍ଯ୍ୟ। ତାହା ପୁଣି ନିର୍ବିବାଦ ଭାବରେ।

ପୂର୍ବରୁ ଶଙ୍କରାଚାର୍ଯ୍ୟ ଅଭିମୁକ୍ତେଶ୍ୱରାନନ୍ଦଙ୍କୁ ସଙ୍ଗମକୁ ଯିବାରୁ ବାରଣ କରାଯାଇଥିବା ଅଭିଯୋଗ ସମ୍ପର୍କରେ ପ୍ରଶାସନ ସ୍ପଷ୍ଟୀକରଣ ଦେଇଥିଲେ। ଅଧିକାରୀମାନେ କହିଥିଲେ ଯେ, ତାଙ୍କୁ ସଙ୍ଗମରେ ସ୍ନାନ କରିବାକୁ ବାରଣ କରାଯାଇ ନଥିଲା, ବରଂ କେବଳ ଗାଡ଼ିରେ ଯାତ୍ରା କରିବାକୁ ଅନୁମତି ମନା କରାଯାଇଥିଲା। ପ୍ରଶାସନ ଅନୁଯାୟୀ, ତାଙ୍କୁ ଗାଡ଼ିରୁ ଓହ୍ଲାଇ ଚାଲି ଚାଲି ଯାଇ ସ୍ନାନ କରିବାକୁ ଅନୁରୋଧ କରାଯାଇଥିଲା। ତିନି ଘଣ୍ଟାର ବୁଝାସୁଝା ସତ୍ତ୍ୱେ, ସେ ନିଜ ଜିଦ୍‌ରେ ଅଟଳ ରହିଲେ ଓ ଅନୁମତି ବିନା ମୌନୀ ଅମାବାସ୍ୟାର ଗୁରୁତ୍ୱପୂର୍ଣ୍ଣ ସ୍ନାନ ଉତ୍ସବର ବ୍ୟବସ୍ଥାକୁ ବାଧା ଦେବାକୁ ଚେଷ୍ଟା କରିଥିଲେ।

# କାହା ଚାପ ଆଗରେ ନଇଁବନି ବାଂଲାଦେଶ କ୍ରିକେଟ୍



**ଢାକା,୨୦।୧ : ଏକ୍ସପ୍ରେସ୍ ନ୍ୟୁଜ୍**

ବାଂଲାଦେଶର କ୍ରୀଡା ପରାମର୍ଶଦାତା ଆସିଫ ନଜରୁଲ ଆଜି ସିଧାସଳଖ ଆଇସିସିକୁ କଡା ଚେତାବନୀ ଦେଇଛନ୍ତି। ଟି-୨୦ ବିଶ୍ୱକପ ଭେନ୍ୟୁକୁ ନେଇ ଲାଗି ରହିଥିବା ବିବାଦରେ ବାଂଲାଦେଶ କେବେ ହେଲେ ଅନୁଚିତ ସର୍ତ୍ତ କିମ୍ବା ବାହ୍ୟ ଚାପ ଆଗରେ ମୁଣ୍ଡ ନୁଆଁଇବ ନାହିଁ ବୋଲି ସେ କହିଛନ୍ତି।

ଭାରତ ଓ ଶ୍ରୀଲଙ୍କା ମିଳିତ ଭାବେ ଟି-୨୦ ବିଶ୍ୱକପ ମ୍ୟାଚ୍‌ର ଆୟୋଜନ କରୁଛନ୍ତି। ଏହା ଫେବୃଆରୀ ୭ରୁ ମାର୍ଚ୍ଚ ୮ ଯାଏ ଚାଲିବ। କିନ୍ତୁ ବାଂଲାଦେଶ ତା'ର ଗ୍ରୁପ ମ୍ୟାଚ ଗୁଡ଼ିକ ସୁରକ୍ଷାର ଆଳ ଦେଖାଇ ଭାରତରେ ଖେଳିବ ନାହିଁ ବୋଲି ମନାକରି ଚାଲିଛି। ଆଇସିସି ନଭେମ୍ବର ମାସରେ ଜାରି କରିଥିବା ସୂଚୀ ଅନୁସାରେ ବାଂଲାଦେଶ ତା'ର ମ୍ୟାଚଗୁଡ଼ିକ କୋଲକାତାର ଇଡେନ ଗାର୍ଡେନ୍ସ ଓ ମୁମ୍ବାଇର ୱାଙ୍ଖେଡେ ଷ୍ଟାଡିୟମରେ ଖେଳିବାକୁ ଧାର୍ଯ୍ୟ ହୋଇଛି। ହେଲେ ବିସିସିଆଇ ସହ ବିବାଦ କାରଣରୁ ବାଂଲାଦେଶ କ୍ରିକେଟ ବୋର୍ଡର ଭାରତରେ ମ୍ୟାଚ୍ ଖେଳିବାକୁ ମନା କରୁଛି। ଏ ପ୍ରସଙ୍ଗରେ ଆଇସିସି ବାଂଲାଦେଶକୁ କଡା ଚେତାବାନୀ ଦେବା ସହ ଜାନୁଆରୀ ୨୧ ସୁଦ୍ଧା ଚୂଡ଼ାନ୍ତ ନିଷ୍ପତ୍ତି ନେବାକୁ କହିଛି। ଯଦି ବାଂଲାଦେଶ ଭାରତରେ ଖେଳିବାକୁ ରାଜି ହେବ ନାହିଁ, ତା'ହେଲେ ବିଶ୍ୱକପରେ ଆଉ ଗୋଟିଏ ନୂଆ ଦଳକୁ ସାମିଲ କରାଯିବ ବୋଲି ମଧ୍ୟ ଆଇସିସି କହିଛି।

ଏ ସମ୍ପର୍କରେ ନଜରୁଲ କହିଛନ୍ତି, "ଆମ ବଦଳରେ ସ୍କଟଲ୍ୟାଣ୍ଡ ବିଶ୍ୱକପରେ ସାମିଲ ହେବା କଥା ଆମେ ଶୁଣି ନାହୁଁ। ଯଦି ଆଇସିସି ଚାପ ସୃଷ୍ଟି କରିବ କିମ୍ବା ବିସିସିଆଇ ଆଗରେ ମୁଣ୍ଡ ନୁଆଁ ଅନୁଚିତ ସର୍ତ୍ତ ଲାଗୁ କରିବ, ତା'ହେଲେ ଆମେ କୌଣସି ସର୍ତ୍ତକୁ ମାନିବୁ ନାହିଁ। ଆମେ କେବେ ବି ଚାପ ଆଗରେ ମୁଣ୍ଡ ନୁଆଁଇବୁ ନାହିଁ।" ବାଂଲାଦେଶ କ୍ରିକେଟ ବୋର୍ଡ ବା ବିସିବିର କହିବା କଥା ଯେ କୌଣସି ରାଜନୀତିକ ବିବାଦ କାରଣରୁ ନୁହେଁ, ବରଂ ଖେଳାଳିଙ୍କ ସୁରକ୍ଷାକୁ ଦୃଷ୍ଟିରୁ ଭାରତରେ ନ ଖେଳିବା ନିଷ୍ପତ୍ତି ହୋଇଛି। ବାଂଲାଦେଶ କ୍ରିକେଟ ଟିମ ମ୍ୟାଚ ଖେଳିବାକୁ ଭାରତ ଗସ୍ତ କରୁ ବୋଲି ବିସିବି ଚାହୁଁନାହିଁ। ଏଥିପାଇଁ ବୋର୍ଡ ବାଂଲାଦେଶର ମ୍ୟାଚଗୁଡ଼ିକ ଶ୍ରୀଲଙ୍କାକୁ ସ୍ଥାନାନ୍ତର କରୁ କିମ୍ବା ଦଳକୁ ଏମିତି ଏକ ଗ୍ରୁପରେ ରଖୁ, ଯାହା ଦ୍ୱାରା ମ୍ୟାଚଗୁଡ଼ିକ ଭାରତ ବାହାରେ ହିଁ ଅନୁଷ୍ଠିତ ହେବ। ତେବେ ଆଇସିସି ଶେଷ ମୁହୂର୍ତ୍ତରେ ବିସିବି ମ୍ୟାଚ୍ ସ୍ଥାନାନ୍ତର ପାଇଁ ଦେଇଥିବା ପ୍ରସ୍ତାବ ଗ୍ରହଣୀୟ ନୁହେଁ ବୋଲି କହିଛି। ମ୍ୟାଚ ଆରମ୍ଭକୁ ବହୁତ କମ ଦିନ ଥିବାରୁ ଏପରି ସ୍ଥିତିରେ ନୂଆ ଷ୍ଟାଡିୟମରେ ବାଂଲାଦେଶର ମ୍ୟାଚ୍‌ଗୁଡ଼ିକ ଆୟୋଜନ କରିବା ଅସମ୍ଭବ ବୋଲି ଆଇସିସି ମତ ରଖିଛି। ଏଥିପାଇଁ ଆଇସିସିର ପ୍ରତିନିଧିମାନେ ବାଂଲାଦେଶ ଗସ୍ତ କରି ବିସିବି ଅଧିକାରୀମାନଙ୍କ ସହ ଆଲୋଚନା କରିଥିଲେ। ତଥାପି ବାଂଲାଦେଶ ଏଯାଏ ନିଜ ଜିଦରେ ଅଟଳ ରହିଛି। ଯଦି ବାଂଲାଦେଶ ନିଜ ଜିଦରେ ଅଟଳ ରହିବ, ତା'ହେଲେ ଆଇସିସି ବିକଳ୍ପ ବ୍ୟବସ୍ଥା କରିବ। ବାଂଲାଦେଶ ବଦଳରେ ସ୍କଟଲ୍ୟାଣ୍ଡକୁ ବିଶ୍ୱକପରେ ସାମିଲ କରି ଟୁର୍ଣ୍ଣାମେଣ୍ଟକୁ ଧାର୍ଯ୍ୟ ସୂଚୀ ଅନୁସାରେ ଆୟୋଜନ କରିବାକୁ ଆଇସିସି ଚିନ୍ତା କରୁଥିବା ରିପୋର୍ଟ ପ୍ରକାଶ ପାଇଛି।

# ବାଣ କାରଖାନା ବିସ୍ଫୋରଣ ଘଟଣା: ଅଭିଯୁକ୍ତ ବାପା-ପୁଅ ଗିରଫ

**ଫୁଲନଖରା,୨୦।୧ ଏକ୍ସପ୍ରେସ୍ ନ୍ୟୁଜ୍**

କଟକ ସଦର ଥାନା ଅନ୍ତର୍ଗତ ଖଲର୍ଦ୍ଦା ପଞ୍ଚାୟତ ହାତୀଗଡା ନିକଟସ୍ଥ ସାମଲ ସାହିରେ ଚାଲୁଥିବା ଏକ ବେଆଇନ ବାଣ କାରଖାନାରେ ବିସ୍ଫୋରଣ ଘଟି ଜଣେ ଦିବ୍ୟାଙ୍ଗ ଦିନମଜୁରିଆ ସୁରେଶ ଭୋଇଙ୍କ ମୃତ୍ୟୁ ଘଟଣାକୁ ନେଇ କଟକ ସଦର ପୁଲିସ କଡା କାର୍ଯ୍ୟାନୁଷ୍ଠାନ ନେଇଛି। ଘଟଣା ଘଟିବାର ୧୨ ଘଣ୍ଟା ମଧ୍ୟରେ ବେଆଇନ ଭାବେ ଦୀର୍ଘଦିନ ଧରି ବାଣ କାରଖାନା ଚଳାଉଥିବା ମୁଖ୍ୟ ଅଭିଯୁକ୍ତ ଓ ତାଙ୍କ ପୁଅଙ୍କୁ ପୁଲିସ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ବୈକୁଣ୍ଠ ସାମଲ (ବଇନ) ଏବଂ ତାଙ୍କ ପୁଅ ବାଦଲ ସାମଲ। ବିସ୍ଫୋରଣ ଘଟଣା ପରେ ଉଭୟ ଅଭିଯୁକ୍ତ ଫେରାର ହୋଇଯାଇଥିବା ବେଳେ ପୁଲିସ ତଦନ୍ତ ଜୋରଦାର କରି ସୋମବାର ରାତିରେ ଦୁଇଟି ପୁଲିସ ଟିମ୍ ନିକଟସ୍ଥ ଗୋବିନ୍ଦପୁର ଗାଁ ଓ ବାରଙ୍ଗ ଥାନା ଅନ୍ତର୍ଗତ ତ୍ରିଶୂଳିଆ ଅଞ୍ଚଳରେ ଚଢ଼ାଉ କରିଥିଲେ। ଚଢ଼ାଉ ସମୟରେ ବୈକୁଣ୍ଠ ସାମଲଙ୍କୁ ଗୋବିନ୍ଦପୁର ଅଞ୍ଚଳରେ ଥିବା ତାଙ୍କ ଜଣେ ସମ୍ପର୍କୀୟଙ୍କ ଘରୁ ଓ ପୁଅ ବାଦଲ ସାମଲଙ୍କୁ ତାଙ୍କ ଜଣେ ସାଙ୍ଗଙ୍କ ଘରୁ ଗିରଫ କରାଯାଇଥିଲା। ଏଥିସହ ବୈକୁଣ୍ଠ ସାମଲଙ୍କ ଘରକୁ ପୁଲିସ ସମ୍ପୂର୍ଣ୍ଣ ଭାବେ ସିଲ କରିଛି। ପୁଲିସ ତଦନ୍ତରୁ ପ୍ରକାଶ ପାଇଛି ଯେ ବୈକୁଣ୍ଠ ସାମଲ ଦୀର୍ଘଦିନ ଧରି ସେଠାରେ ବେଆଇନୀ ଭାବେ ଦେଶୀ ବାଣ ତିଆରି କରି ତାହାକୁ ବିକ୍ରି କରି ଲକ୍ଷଲକ୍ଷ ଟଙ୍କା ରୋଜଗାର କରୁଥିଲେ। ଦୀପାବଳି ଓ ନୂଆବର୍ଷ ପାଇଁ ପୂର୍ବରୁ ପ୍ରସ୍ତୁତ ହୋଇଥିବା କିଛି ବାଣ ବଳକା ରହିଥିବା ବେଳେ ବାହାଘର ଋତୁ ପାଇଁ କିଛି ଅର୍ଡର ବାଣ ମଧ୍ୟ ପ୍ରସ୍ତୁତ ହେଉଥିଲା। ରବିବାର ମଧ୍ୟାହ୍ନ ସମୟରେ କୌଣସି କାରଣରୁ ବାଣ ତିଆରି ସମୟରେ ହଠାତ୍ ବିସ୍ଫୋରଣ ଘଟି ଦିବ୍ୟାଙ୍ଗ ଶ୍ରମିକ ସୁରେଶ ଭୋଇ ଘଟଣାସ୍ଥଳରେ ପ୍ରାଣ ହରାଇଥିଲେ। ଘଟଣା ପରେ କାରଖାନା ମାଲିକ ବୈକୁଣ୍ଠ ସାମଲ ଓ ତାଙ୍କ ପୁଅ ବାଦଲ ସାମଲ ଖସି ପଳାଇଥିଲେ। ପୁଲିସ ବୈକୁଣ୍ଠ ସାମଲଙ୍କ ଘରୁ ଅଫୁଟା ବାଣ, ବାଣ ତିଆରି ସାମଗ୍ରୀ ଓ ଅଧଜଳା ବାଣ ଜବତ କରିଛି। ଉଭୟ ଅଭିଯୁକ୍ତଙ୍କୁ ସୋମବାର କୋର୍ଟଚାଲାଣ କରାଯାଇଥିବା କଟକ ସଦର ଥାନା ଅଧିକାରୀ ତୁଷାରକାନ୍ତ ସେଠୀ ସୂଚନା ଦେଇଛନ୍ତି।




# ରଥ କାଠ ପୁରୀ ଗଲା



**ଦଶପଲ୍ଲା,୨୦।୧ : ଏକ୍ସପ୍ରେସ୍ ନ୍ୟୁଜ୍**

ବିଶ୍ୱ ପ୍ରସିଦ୍ଧ ଶ୍ରୀଜଗନ୍ନାଥଙ୍କ ୨୦୨୬ ବର୍ଷର ଘୋଷ ଯାତ୍ରା ନିମନ୍ତେ ଆବଶ୍ୟକ ରଥ କାଠ ଆଜି ପ୍ରଥମ ଦଫାରେ ଦଶପଲ୍ଲା ବନାଞ୍ଚଳରୁ ପୁରୀକୁ ପଠାଯାଇଛି। ଦଶପଲ୍ଲା ବନାଞ୍ଚଳର ଟାକରା ସେକ୍ସନ ଏବଂ ପୋଖରୀଗୋଛା ସେକ୍ସନରୁ ଧଉରା କାଠ ୧୨ଫୁଟ ଲମ୍ବ ୨୩ଖଣ୍ଡ, ୨୦ଫୁଟ ଲମ୍ବ ୨୦ଖଣ୍ଡ, ଅଶନ ୧୨ଫୁଟ ଲମ୍ବ ୧୯ଖଣ୍ଡ ଏବଂ ୨୦ଫୁଟ ଲମ୍ବ ୨୧ଖଣ୍ଡ ମୋଟ ୮୩ ଖଣ୍ଡ ୩ଟି ଟ୍ରକ ମାଧ୍ୟମରେ ପଠା ଯାଇଛି। ଜଙ୍ଗଲରୁ କାଠ ଅଣାଯାଇ ଶ୍ରୀମହାବୀରଙ୍କ ମନ୍ଦିର ସାମ୍ନାରେ ରଖାଯାଇଥିଲା। ପରେ ବିଧି ମୁତାବକ ପୂଜା କରାଯାଇ ଚଳିତ ବର୍ଷର ରଥଯାତ୍ରା ଭଲ ଭାବେ ହେଉ ବୋଲି ଶ୍ରୀ ଜଗନ୍ନାଥଙ୍କୁ ଗୁହାରି କରିବା ସହ ଘଣ୍ଟଘଣ୍ଟା, ହରିବୋଲ ହୁଳହୁଳି ଧ୍ୱନୀ ମଧ୍ୟରେ ମେଲାଣି ଦିଆଯାଇଥିଲା। ଏହି କାର୍ଯ୍ୟରେ ମୁଖ୍ୟତଃ ଦଶପଲ୍ଲା ରେଞ୍ଜ ଅଫିସର ଶ୍ରୀନିବାସ ଦାଶଙ୍କ ସମେତ ୨ଜଣ ଏସିଏଫ, ସଦର ଫରେଷ୍ଟର ଏବଂ ଗାର୍ଡମାନେ ଉପସ୍ଥିତ ଥିଲେ। ମହାବୀର କ୍ଷେତ୍ରରୁ ଶ୍ରୀକ୍ଷେତ୍ର ଯାଉଥିବା କାଠ ଗାଡିକୁ ରାସ୍ତାରେ ବହୁ ଲୋକ ପ୍ରଣାମ କରୁଥିବା ଦେଖା ଯାଇଥିଲା।

# ଭାନୁପ୍ରିୟାଙ୍କୁ ନିର୍ତ୍ୟ ଶିଖର ଶିରୋମଣି ସମ୍ମାନ

**କେନ୍ଦ୍ରାପଡ଼ା,୨୦।୧ : ଏକ୍ସପ୍ରେସ୍ ନ୍ୟୁଜ୍**

କେନ୍ଦ୍ରାପଡ଼ା ଜିଲ୍ଲାର ସର୍ବ ପ୍ରାଚୀନ ନୃତ୍ୟ ସଂଗୀତ ଅନୁଷ୍ଠାନ ଗୋକୁଳ ଚନ୍ଦ୍ର ସଙ୍ଗୀତ ସଦନର ନୃତ୍ୟଗୁରୁ ସୁଶ୍ରୀ ଭାନୁପ୍ରିୟା ଖଟୁଆଙ୍କୁ ନିର୍ତ୍ୟମ କଳାକ୍ଷେତ୍ର ପକ୍ଷରୁ ଆୟୋଜିତ ଚଳିତ ବର୍ଷର ଘୁଂଘୁର ଉତ୍ସବରେ ନିର୍ତ୍ୟ ଶିଖର ଶିରୋମଣି ସମ୍ମାନରେ ସମ୍ମାନିତ କରାଯାଇଛି। ଭୁବନେଶ୍ୱରସ୍ଥିତ ଗୁରୁ କେଳୁ ଚରଣ ଓଡ଼ିଶୀ ରିସର୍ଚ୍ଚ ସେଣ୍ଟରର ଉତ୍କଳ ରଙ୍ଗମଂଚ ଠାରେ ଅନୁଷ୍ଠିତ ଏହି ଉତ୍ସବରେ ବିଶିଷ୍ଟ କଳାକାର କୁନି ମିଶ୍ର ସୁଶ୍ରୀ ଭାନୁପ୍ରିୟାଙ୍କୁ ଏହି ସମ୍ମାନରେ ସମ୍ମାନିତ କରିଥିଲେ। ବିଶିଷ୍ଟ ନୃତ୍ୟ ଗୁରୁ ମୀରା ଦାଶଙ୍କୁ ଚଳିତ ବର୍ଷର ଘୁଘୁର ସମ୍ମାନରେ ସମ୍ମାନିତ କରାଯାଇଥିଲା। ଏହି ଅବସରରେ ବରିଷ୍ଠ ପ୍ରଶାସକ ତଥା ସାହିତ୍ୟିକ ରଂଜନ କୁମାର ଦାସ, ବିଶିଷ୍ଟ ଓଡ଼ିଶୀ ଗୁରୁ ଭରତ ଚରଣ ଗିରୀ,ଓଡ଼ିଶୀ ଗୁରୁ ମଂଜୁଶ୍ରୀ ପଣ୍ଡା, ଓଡ଼ିଶୀ ଗୁରୁ ଅଶୋକ ଘୋଷାଲ ପ୍ରମୁଖ ଅତିଥି ଭାବେ ଯୋଗଦାନ କରିଥିଲେ। ତିନି ଦିନ ଧରି ଅନୁଷ୍ଠିତ ଏହି ଉତ୍ସବରେ ଦେଶର ବିଭିନ୍ନ ପ୍ରାନ୍ତରୁ ୨୫୦ରୁ ଊର୍ଦ୍ଧ୍ୱ ନୃତ୍ୟ ଗୁରୁ ଯୋଗଦାନ କରିଥିଲେ। ଅନୁଷ୍ଠାନର ସମ୍ପାଦକ ଶୁଭେନ୍ଦୁ କୁମାର ଦାଶ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପୂର୍ବରୁ ସୁଶ୍ରୀ ଭାନୁପ୍ରିୟା ରାଜ୍ୟ ଓ ଜାତୀୟ ସ୍ତରରେ ବହୁ ସମ୍ମାନ ଓ ପୁରସ୍କାରର ଅଧିକାରୀଣୀ ହୋଇଛନ୍ତି। ତେବେ ସମ୍ମାନଜନକ ନିର୍ତ୍ୟ ଶିଖର ଶିରୋମଣି ସମ୍ମାନ ଲାଭ କରିବା ସହିତ କେନ୍ଦ୍ରାପଡ଼ା ପାଇଁ ଗୌରବ ଆଣିଥିବା ସୁଶ୍ରୀ ଭାନୁପ୍ରିୟାଙ୍କୁ ଜିଲ୍ଲାର ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟିଛି।



# ଅନଲାଇନ ନିବେଶ ଠକେଇ ମାମଲା: ୨ ଗିରଫ

**କଟକ,୨୦।୧ : ଏକ୍ସପ୍ରେସ୍ ନ୍ୟୁଜ୍**

ଅନଲାଇନ ନିବେଶ ଠକେଇ ମାମଲାରେ ଓଡ଼ିଶା କ୍ରାଇମବ୍ରାଞ୍ଚ ସାଇବର ପୋଲିସ ୨ଟି ପୃଥକ ପୃଥକ ଘଟଣାରେ ୨ସାଇବର ଠକଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତଦ୍ୱୟ ହେଲେ, ଉତ୍ତରାଖଣ୍ଡ ରାଜ୍ୟ ଡେରାଡୁନ ଜିଲ୍ଲା ବିକାଶନଗର ଥାନା ଅନ୍ତର୍ଗତ ଲକ୍ଷ୍ମଣପୁର ଗ୍ରାମର ଅଭିଷେକ ଚାଣ୍ଡେଲ (୩୯) ଓ ମହାରାଷ୍ଟ୍ର ରାଜ୍ୟ ମୁମ୍ବାଇ ଜିଲ୍ଲା ଅନ୍ଧେରୀ ଥାନା ଅନ୍ତର୍ଗତ ପୁରୁଣା ନାଗରଦାସ ରୋଡ଼ ଅଂଚଳର ଜିନାଲି ଜଗଦିଶ ସାହ (୩୨)। ପୋଲିସ ଅଭିଯୁକ୍ତ ଅଭିଷେକ ଠାରୁ ମୋବାଇଲ ଫୋନ, ସିମକାର୍ଡ଼ ସମେତ ବିଭିନ୍ନ ଅପରାଧିକ ସାମଗ୍ରୀ ଜବତ କରିଛି। ଏହାଛଡ଼ା ଓଡ଼ିଶା କ୍ରାଇମବ୍ରାଞ୍ଚ ଜିନାଲି ଠାରୁ ମୋବାଇଲ ଫୋନ, ସିମକାର୍ଡ଼ ଓ ବିଭିନ୍ନ ଅପରାଧମୂଳକ ସାମଗ୍ରୀ ଜବତ କରିଛି। ଗିରଫ ଅଭିଯୁକ୍ତଦ୍ୱୟଙ୍କୁ କୋର୍ଟ ଚାଲାଣ କରାଯାଇଛି। ଓଡ଼ିଶା କ୍ରାଇମବ୍ରାଞ୍ଚ ସୂଚନା ମୁତାବକ ଅଜ୍ଞାତ ସାଇବରଠକମାନେ ପ୍ରଥମେ ସୋସିଆଲ ମିଡ଼ିଆ ମାଧ୍ୟମରେ ପୀଡ଼ିତଙ୍କ ସହିତ ଯୋଗାଯୋଗ କରିଥିଲେ ଏବଂ ପରେ ତାଙ୍କୁ ଏକ ୱାଟସଆପ ଗ୍ରୁପରେ ଯୋଡ଼ିଥିଲେ। ଏକ କାଳ୍ପନିକ ଅନଲାଇନ ଟ୍ରେଡ଼ିଂ ପ୍ଲାଟଫର୍ମରେ ନିବେଶ କରିବାକୁ ପ୍ରବର୍ତ୍ତାଇ ଥିଲେ ଏବଂ ପୀଡ଼ିତଙ୍କୁ ଉଚ୍ଚ ଓ ନିଶ୍ଚିତ ରିର୍ଟନର ପ୍ରତିଶୃତି ଦେଇଥିଲେ। ମିଥ୍ୟା ପ୍ରତିଶୃତିକୁ ବିଶ୍ୱାସ କରି ପୀଡ଼ିତ ଠକମାନଙ୍କ ବିଭିନ୍ନ ବ୍ୟାଙ୍କ ଆକାଉଣ୍ଟରେ ୭୩ ଲକ୍ଷ ଟଙ୍କା ସ୍ଥାନାନ୍ତର କରିଥିଲେ। ପରେ ପୀଡ଼ିତ ଟଙ୍କା ଫେରି ନପାଇବାରୁ ଓଡ଼ିଶା କ୍ରାଇମବ୍ରାଞ୍ଚ ସାଇବର ଥାନାର ଅଭିଯୋଗ ଦାଖଲ କରିଥିଲେ। ଏହି ଏତଲାକୁ ଆଧାର କରି ପୋଲିସ ଏକ ମାମଲା ରୁଜୁ କରି ଏକ ସ୍ୱତନ୍ତ୍ର ଟିମ ଗଠନ କରି ଛାନଭିନ ଆରମ୍ଭ କରିଥିଲା। ଏହା ପରେ କ୍ରାଇମବ୍ରାଞ୍ଚ ସାଇବର ପୋଲିସ ଏହି ଘଟଣାରେ ଉତ୍ତରାଖଣ୍ଡରୁ ଅଭିଯୁକ୍ତ ଅଭିଷେକଙ୍କୁ ଗିରଫ କରିବାରେ ସକ୍ଷମ ହୋଇଥିଲା। ପ୍ରଥମେ ଅଭିଷେକଙ୍କୁ ଗିରଫ କରାଯାଇ ଡେରାଡୁନ ଏସସିଜେଏମ କୋର୍ଟରେ ହାଜର କରାଯାଇଥିଲା ପରେ ତାଙ୍କୁ ଟ୍ରାଜିକ୍ଟ ରିମାଣ୍ଡରେ କଟକ ଅଣା ଯାଇଥିଲା। ଏହାପରେ ତାଙ୍କୁ ଚଣ୍ଡିଖୋଲ କୋର୍ଟରେ ହାଜର କରାଯାଇଥିଲା। ଅଭିଯୁକ୍ତ ଅଭିଷେକ ଚାଣ୍ଡଲାକୁ କୋର୍ଟ ଚାଲାଣ କରାଯାଇଛି। ଦ୍ୱିତୀୟ ଘଟଣାରେ ଅଜ୍ଞାତ ସାଇବରଠକମାନେ ସାମାଜିକ ଗଣମାଧ୍ୟମ ଜରିଆରେ ପୀଡ଼ିତଙ୍କ ସହିତ ଯୋଗାଯୋଗ କରିଥିଲେ। ଏହା ପରେ ପୀଡ଼ିତଙ୍କୁ ଏକ କାଳ୍ପନିକ ଅନଲାଇନ ଟ୍ରେଡ଼ିଂ ପ୍ଲାଟଫର୍ମରେ ନିବେଶ କରିବାକୁ ଅଭିଯୁକ୍ତମାନେ ପ୍ରବର୍ତ୍ତାଇ ଥିଲେ। ଉଚ୍ଚ ଓ ନିଶ୍ଚିନ୍ତ ରିର୍ଟନର ପ୍ରତିଶୃତି ଦେଖାଇବାରୁ ପୀଡ଼ିତ ଠକମାନଙ୍କ ବିଭିନ୍ନ ବ୍ୟାଙ୍କ ଆକାଉଣ୍ଟରେ ୧କୋଟି ୪୦ଲକ୍ଷ ଟଙ୍କା ସ୍ଥାନାନ୍ତର କରିଥିଲେ। ପରେ ଯଙ୍କା ଫେରି ନପାଇବାରୁ ପୀଡ଼ିତ ଓଡ଼ିଶା କ୍ରାଇମବ୍ରାଞ୍ଚସାଇବର ସେଲରେ ଅଭିଯୋଗ ଦାଖଲ କରିଥିଲେ। ଏହି ଅଭିଯୋଗପତ୍ରକୁ ଆଧାର କରି ପୋଲିସ ଏକ ମାମଲା ରୁଜୁ କରିବା ସହିତ ଏକ ସ୍ୱତନ୍ତ୍ର ଟିମ ଗଠନ କରି ଘଟଣାର ଛାନଭିନ ଆରମ୍ଭ କରିଥିଲା। ଏହି ମାମଲାରେ ପୋଲିସ ଅଭିଯୁକ୍ତ ଜିନାଲି ଜଗଦିଶ ସାହଙ୍କୁ ଗିରଫ କିରବାରେ ସକ୍ଷମ ହୋଇଛି। ପ୍ରଥମେ ଅଭିଯୁକ୍ତ ଜିନାଲିକୁ ମୁମ୍ବାଇର ମୀରା ରୋଡ଼ ସ୍ଥିତ ଜେଏମଏଫସିରେ ହାଜର କରାଯାଇଥିଲା। ପରେ ତାଙ୍କୁ ଟ୍ରାଜିକ୍ଟ ରିମାଣ୍ଡରେ କଟକ ଅଣାଯାଇ ଭୁବନେଶ୍ୱର ଏସଡିଏମ କୋର୍ଟରେ ହାଜର କରାଯାଇଥିଲା। ପରେ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଜଣାପଡ଼ିଛି।

# ଭଡ଼ା ଘରେ ଚାଲିଥିଲା ଧଳା ଜହର କାରବାର

**ଅନୁଗୁଳ,୨୦।୧ : ଏକ୍ସପ୍ରେସ୍ ନ୍ୟୁଜ୍**

ଭଡ଼ା ଘରେ ଚାଲିଥିଲା ବ୍ରାଉନ୍‌ସୁଗାର କାରବାର। ଖବର ପାଇ ଚଢ଼ାଉ କଲେ ସ୍ପେଶଲ ସ୍କ୍ୱାଡ। ଆଉ ଚଢ଼ାଉରୁ ୨୮ ଗ୍ରାମ ଓଜନର ଧଳା ଜହର ଜବତ ହୋଇଥିବା ବେଳେ ୨ ଜଣଙ୍କୁ ଅଟକ ରଖିଛି ଅନୁଗୁଳ ପୋଲିସର ସ୍ପେଶାଲ ସ୍କ୍ୱାଡ। ସୂଚନା ଅନୁସାରେ, ମଙ୍ଗଳବାର ହାତୀଶାଳପଡ଼ା ସ୍ଥିତ ଭଡ଼ା ଘରେ ଧଳାଜହର କାରବାର ଚାଲିଥିବା ନେଇ ଖବର ପାଇ ଅନୁଗୁଳ ପୋଲିସର ସ୍ପେଶାଲ ସ୍କ୍ୱାଡ ଚଢ଼ାଉ କରିଥିଲା। ଟିମ୍ ସହ ଏସପି ନିଜେ ପହଞ୍ଚି ରେଡ୍ କରିଥିଲେ। ହେଲେ ଭିତରର ଦୃଶ୍ୟ ଦେଖି ସମସ୍ତେ ତାଜୁବ ହୋଇଯାଇଥିଲେ। କାରଣ ଭିତିରେ ପୁଳା ପୁଳା ଟଙ୍କା ସାଙ୍ଗକୁ ବ୍ରାଉନ ସୁଗାର। ଜବତ ବ୍ରାଉନ ସୁଗାରର ଓଜନ ପ୍ରାୟ ୨୮ ଗ୍ରାମ ହେବ। ସେହିପରି ୨୬ ଲକ୍ଷ ଟଙ୍କାର ନଗଦ ନୋଟ୍ ଜବତ ହୋଇଛି।

## ପ୍ରଥମ ପୃଷ୍ଠାରୁ...

### ଗାନ୍ଧୀମାର୍ଗରେ ପତାକା...

ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ, ସମ୍ବଲପୁରରେ ହସ୍ତଶିଳ୍ପ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ, ବାଲେଶ୍ୱରରେ ମତ୍ସ୍ୟସମ୍ପଦ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ, ବୌଦ୍ଧରେ ଦକ୍ଷତା ବିକାଶ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ପତାକା ଉତ୍ତୋଳନ କାର୍ଯ୍ୟକ୍ରମରେ ଯୋଗ ଦେବେ।

### ନୀତିନ ମୋ...

ମଧ୍ୟ ତାଙ୍କ ଉପରେ ଅଛି, ଏହି ଦାୟିତ୍ୱକୁ ସେ ସ୍ପଷ୍ଟ ଭାବରେ ପୂରଣ କରିପାରିବେ। ମୋଦୀ ଦଳର କର୍ମୀମାନଙ୍କ ଅବଦାନକୁ ମନେ ପକାଇ କହିଛନ୍ତି ଏବଂ କହିଛନ୍ତି ଯେ ସଂଗଠନର ଶକ୍ତି ଏହାର ତୃଣମୂଳ ସ୍ତରର ୟୁନିଟ୍ ଏବଂ କର୍ମୀମାନଙ୍କ ମଧ୍ୟରେ ରହିଛି। ସେ ଏହା ମଧ୍ୟ କହିଛନ୍ତି ଯେ ତାଙ୍କର ସାର୍ବଜନୀନ ଜୀବନରେ ବିଭିନ୍ନ ପଦବୀ ଏବଂ ଦାୟିତ୍ୱ ସାମିଲ ଥିଲେ ମଧ୍ୟ, ବିଜେପି କର୍ମୀ ହେବା ତାଙ୍କର ସବୁଠାରୁ ବଡ଼ ଗର୍ବ। ବିଜେପିର ସାଂଗଠନିକ ଯାତ୍ରା ବିଷୟରେ ଉଲ୍ଲେଖ କରି ପ୍ରଧାନମନ୍ତ୍ରୀ କହିଛନ୍ତି ଯେ ଅଟଳ ବିହାରୀ ବାଜପେୟୀ, ଲାଲକୃଷ୍ଣ ଆଡଭାନୀ ଏବଂ ମୁରଲୀ ମନୋହର ଯୋଶୀଙ୍କ ନେତୃତ୍ୱରେ ଦଳ ସଫଳତାର ସହ ଶୂନ୍ୟରୁ ଶୀର୍ଷରେ ପହଞ୍ଚିଛି। ପରବର୍ତ୍ତୀ ସମୟରେ, ଭେଙ୍କେୟା ନାଇଡୁ, ନୀତିନ ଗଡକରୀ, ରାଜନାଥ ସିଂହ, ଅମିତ ଶାହ ଏବଂ ଜେପି ନଡ୍ଡାଙ୍କ ନେତୃତ୍ୱରେ, ସଂଗଠନ ଦଳକୁ ବିସ୍ତାର ଏବଂ ମଜବୁତ କରିଥିଲା।

### ଅରବିନ୍ଦଙ୍କୁ ଅଦାଲତି...

କରିବାକୁ ୨୦୨୫, ଜୁଲାଇ ୩୦ରେ ହାଇକୋର୍ଟ ନିର୍ଦ୍ଦେଶ ଦେଇଥିଲେ। ଏହି ନିର୍ଦ୍ଦେଶ କାର୍ଯ୍ୟକାରୀ ନ ହେବାରୁ ଆବେଦନକାରୀ ହାଇକୋର୍ଟରେ ଉଚ୍ଚଶିକ୍ଷା ସଚିବ ଶ୍ରୀ ଅଗ୍ରୱାଲଙ୍କ ବିରୋଧରେ ଅଦାଲତ ଅବମାନନା ମାମଲା ରୁଜୁ କରିଥିଲେ। ଡିସେମ୍ବର ୧୨ରେ ଅଦାଲତ ଅବମାନନା ମାମଲାର ଶୁଣାଣି ସମୟରେ ନିର୍ଦ୍ଦେଶ କାର୍ଯ୍ୟକାରୀ ପାଇଁ ସରକାର ସମୟ ନେଇଥିଲେ। ଏହାପରେ ମାମଲାର ଶୁଣାଣି ସମୟରେ ସ୍ପଷ୍ଟ ହୋଇଥିଲା ଯେ ହାଇକୋର୍ଟଙ୍କ ପୂର୍ବ ନିର୍ଦ୍ଦେଶ କାର୍ଯ୍ୟକାରୀ କରାଯାଇ ନାହିଁ। ଏଭଳି ପ୍ରସଂଗକୁ ନେଇ ହାଇକୋର୍ଟ ଅସନ୍ତୋଷ ପ୍ରକାଶ କରିବା ସହିତ ଉଚ୍ଚଶିକ୍ଷା ସଚିବଙ୍କ ବିରୋଧରେ ଜାମିନଯୋଗ୍ୟ ଗିରଫ ପରୱାନା ଜାରି କରିଛନ୍ତି। ଆବେଦନକାରୀଙ୍କ ତରଫରୁ ଆଇନଜୀବୀ ସଂଗ୍ରାମ ଜେନା ମାମଲା ପରିଚାଳନା କରୁଛନ୍ତି।

### ୨୦୨୪-୨୫ ନିର୍ବାଚନ...

ସୂଚିତ କରେ। ଅନ୍ୟପକ୍ଷରେ, କଂଗ୍ରେସର ସ୍ଥିତି ବିଜେପି ତୁଳନାରେ ଦୁର୍ବଳ ଥିଲା। ଦଳର ମୋଟ ଆୟ ୯୧୮.୨୮ କୋଟି ଥିଲା, ଯେତେବେଳେ ଏହାର ଖର୍ଚ୍ଚ ୧,୧୧୧.୯୪ କୋଟି ଥିଲା। ଏହାର ଅର୍ଥ ହେଉଛି କଂଗ୍ରେସ ଏହାର ଆୟ ଅପେକ୍ଷା ଅଧିକ ଖର୍ଚ୍ଚ କରିଥିଲା ଏବଂ ଆର୍ଥିକ ନିଅଣ୍ଟରେ ଥିଲା। ତୁଳନାରେ, ୨୦୨୩-୨୪ ରେ ବିଜେପିର ଆୟ ୪,୩୪୦.୪୭ କୋଟିରୁ ବୃଦ୍ଧି ପାଇ ୬,୭୬୯.୧୪ କୋଟି ହୋଇଥିଲା, ଯେତେବେଳେ ଏହାର ଖର୍ଚ୍ଚ ମଧ୍ୟ ୨,୨୧୧.୬୯ କୋଟିରୁ ବୃଦ୍ଧି ପାଇ ୩,୭୭୪.୫୮ କୋଟି ହୋଇଥିଲା।

ଯଦି ଅନ୍ୟ ଦଳମାନଙ୍କ କଥା କହିବା ତେବେ, ମମତା ବାନାର୍ଜୀଙ୍କ ତୃଣମୂଳ କଂଗ୍ରେସ ବା ଟିଏମସିକୁ ଏକ ବଡ଼ ଝଟକା ଲାଗିଥିଲା। ଦଳର ଆୟ ୬୪୬.୩୯ କୋଟିରୁ ହ୍ରାସ ପାଇ ୧୮୪.୦୮ କୋଟି ହୋଇଥିଲା, ଯେତେବେଳେ ଏହାର ମୋଟ ଖର୍ଚ୍ଚ ୨୨୭.୫୯ କୋଟି ଥିଲା, ଯେଉଁଥିରେ ନିର୍ବାଚନ ପାଇଁ ୧୩୭.୫୮ କୋଟି ଥିଲା। ୱାଇଏସଆର କଂଗ୍ରେସ ପାର୍ଟିର ଆୟ ୧୮୪.୧୧ କୋଟି ଟଙ୍କାରୁ ହ୍ରାସ ପାଇ ୧୪୦.୦୫ କୋଟି ଟଙ୍କା ହୋଇଛି ଏବଂ ନିର୍ବାଚନରେ ୨୯୯.୯୨ କୋଟି ଟଙ୍କା ଖର୍ଚ୍ଚ କରିଛି, ଯେଉଁଥିରେ ଷ୍ଟାର ପ୍ରଚାରକଙ୍କ ପାଇଁ ୨.୧୪ କୋଟି ଟଙ୍କା ଖର୍ଚ୍ଚ ହୋଇଛି।

### ମଞ୍ଚ ଚଢ଼ିବେ...

ସହ ଜୁନ୍ ୨୦୨୬ ପର୍ଯ୍ୟନ୍ତ ଚୁକ୍ତି ଥିବା ସତ୍ତ୍ୱେ ସେ ଅନ୍ୟ ଏକ ପାର୍ଟିରେ ଅଭିନୟ କରିଛନ୍ତି। ଏହାକୁ ଆଧାର କରି କୋର୍ଟ ପରବର୍ତ୍ତୀ ଶୁଣାଣି ପର୍ଯ୍ୟନ୍ତ ପୀୟୂଷଙ୍କୁ ଯାତ୍ରା ମଞ୍ଚରେ ଅଭିନୟ ନକରିବାକୁ ନିର୍ଦ୍ଦେଶ ଦେଇଥିଲେ। ଆଜି ଶୁଣାଣି ପୀୟୂଷଙ୍କ ସପକ୍ଷରେ ଯାଇଥିବାବେଳେ ସେ ପୁଣିଥରେ ଅଭିନୟ ଜାରି ରଖିବେ।

### ଫାଇନ୍ କଟିଥିଲେ...

ପିୟୁସିସି ମନା' ନିୟମ ? ଯଦି ମୋଟରଯାନ ଆଇନ ବଳରେ ହୋଇଥିଲା, ପୁଣି କେଉଁ ଆଧାରରେ ହଟାଗଲା ? ଯଦି ଏଭଳି ନିୟମ ହଟାଇବା ସମ୍ଭବ ଥିଲା, ଏଯାଏଁ ଲୋକଙ୍କୁ ହଇରାଣ କରାଯାଉଥିଲା କାହିଁକି ?

ପିୟୁସିସି ନଥିଲେ ପେଟ୍ରୋଲ ମନା ନିୟମ, ଗ୍ରୀନ୍ ଷ୍ଟିକର୍, ଟୋଲଗେଟରେ ପିୟୁସିସି ପାଇଁ ମୋଟା ଅଙ୍କର ଚାଲାଣ ଆଦି ବାରମ୍ବାର ନିଷ୍ପତ୍ତି ନେବା ଓ ସେଥିରୁ ଓହରିବା, ପରିବହନ ବିଭାଗର ଦୂରଦୃଷ୍ଟିକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି କରିଛି।

### ସେୟାର ବଜାରରେ...

କ୍ୟାପ୍ ଏବଂ ବିଏସଇ ସ୍ମଲ୍ କ୍ୟାପ୍ ଉଭୟ ୨%ରୁ ଅଧିକ ହ୍ରାସ ପାଇଛି। ୭୦୦ରୁ ଅଧିକ ଷ୍ଟକ୍ ସେମାନଙ୍କର ୫୨ ସପ୍ତାହର ସର୍ବନିମ୍ନ ସ୍ତରରେ ପହଞ୍ଚିଛି।

ସେକ୍ଟୋରାଲ୍ ଫ୍ରଣ୍ଟରେ ବି ସ୍ଥିତି ଦୁର୍ବଳ ରହିଛି। ସମସ୍ତ ସେକ୍ଟୋରାଲ ଇଣ୍ଡେକ୍ସ ଲାଲ ସଂକେତରେ ବନ୍ଦ ହୋଇଛି। ରିଅଲ୍ଟି ସେକ୍ଟର ସବୁଠୁ ଅଧିକ ମାଡ଼ ସହିଛି। ଏହା ପ୍ରାୟ ୫% ହ୍ରାସ ପାଇଥିଲା। ଅଟୋ, ଆଇଟି, ମିଡିଆ, ମେଟାଲ୍, ପିଏସୟୁ ବ୍ୟାଙ୍କ, ଫାର୍ମା, ତୈଳ ଏବଂ ଗ୍ୟାସ ଏବଂ କଞ୍ଜ୍ୟୁମର ଡ୍ୟୁରେବଲ୍ସ ସେକ୍ଟର ମଧ୍ୟ ୧.୫%ରୁ ୨.୫% ହ୍ରାସ ପାଇଛି।

ବିଏସ୍‌ଇରେ ତାଲିକାଭୁକ୍ତ କମ୍ପାନିଗୁଡ଼ିକର ମୋଟ ବଜାର ପୁଞ୍ଜି ଆଜି ୪୫୫.୭୮ ଲକ୍ଷ କୋଟିକୁ ହ୍ରାସ ପାଇଛି, ଯାହା ପୂର୍ବ କାରବାର ଦିନରେ ୪୬୫.୬୮ ଲକ୍ଷ କୋଟି ଥିଲା। ଏହିପରି ବିଏସ୍‌ଇରେ ତାଲିକାଭୁକ୍ତ କମ୍ପାନିଗୁଡ଼ିକର ବଜାର ପୁଞ୍ଜି ଆଜି ପ୍ରାୟ ୯.୯୦ ଲକ୍ଷ କୋଟି ହ୍ରାସ ପାଇଛି। ଅନ୍ୟ ଶବ୍ଦରେ କହିବାକୁ ଗଲେ ନିବେଶକଙ୍କ ସମ୍ପତ୍ତି ପ୍ରାୟ ୯.୯୦ ଲକ୍ଷ କୋଟି ହ୍ରାସ ପାଇଛି। ଆଜି ଷ୍ଟକ୍ ବଜାରରେ ହ୍ରାସ ଏତେ ଅଧିକ ଥିଲା ଯେ ବିଏସ୍‌ଇ ସେନ୍‌ସେକ୍ସର ୩୦ ମଧ୍ୟରୁ ୨୯ ସେୟାର ହ୍ରାସ ସହିତ ଲାଲ ସଂକେତରେ ବନ୍ଦ ହୋଇଥିଲା।

### ଅଶ୍ଳୀଳ ଭିଡିଓ ଦେଖାଇ...

ବରିଷ୍ଠ ନାଗରିକ ସାଇବର ଠକଙ୍କ ଦ୍ୱାରା ୮୮ଲକ୍ଷ ଟଙ୍କା ଠକାମୀର ସୀକାର ହୋଇଥିବା କଟକ ସାଇବର ଥାନାରେ ଗତ ଜାନୁୟାରୀ ୧୯ ତାରିଖରେ ଅଭିଯୋଗ କରିଥିଲେ। ପୀଡ଼ିତ ତାଙ୍କ ଅଭିଯୋଗ ପତ୍ରରେ ଦର୍ଶାଇଥିଲେ ଯେ, ଯାଜପୁର ଜିଲ୍ଲାର ସରୋଜ ଜେନା ଓ ତାଙ୍କର ୨ ସହଯୋଗୀଙ୍କ ସହିତ ଜାନୁୟାରୀ ୨୦୨୫ରେ ପ୍ରଥମେ ଫେସବୁକ ମାଧ୍ୟମରେ ବନ୍ଧୁତା ସ୍ଥାପନ ହୋଇଥିଲା। ଏହାପରେ ଅଭିଯୁକ୍ତମାନେ ପୀଡ଼ିତଙ୍କ ସହିତ ଘନିଷ୍ଠ ସଂପର୍କ ରଖି ସ୍ଥାନୀୟ ରକ୍ସି ହୋଟେଲ, ସାଗର ହୋଟେଲ ଏବଂ ଜଗବନ୍ଧୁ ହୋଟେଲରେ ବାରମ୍ବାର ବ୍ୟକ୍ତିଗତ ସାକ୍ଷାତ କରିଥିଲେ। ଏହାପରେ ଅଭିଯୁକ୍ତମାନେ ଧୀରେ ଧୀରେ ପୀଡ଼ିତଙ୍କ ବିଶ୍ୱାସ ହାସଲ କରିଥିଲେ। ୨୦୨୫ ମସିହା ମେ ମାସରେ ପୀଡ଼ିତ ଅନଲାଇନ ମୋଡ଼ ମାଧ୍ୟମରେ ଅଭିଯୁକ୍ତ ସରୋଜର ଚିକିତ୍ସା ନିମନ୍ତେ ୧ଲକ୍ଷ ୪୮ହଜାର ଟଙ୍କା ଧାର ସୂତ୍ରରେ ହସ୍ତାନ୍ତର କରିଥିଲେ। ତୁରନ୍ତ ଏ ଟଙ୍କା ଫେରାଇ ଅଭିଯୁକ୍ତ ବରିଷ୍ଠ ନାଗରିକଙ୍କ ମନରେ ବିଶ୍ୱାସ ଜନ୍ମାଇ ଥିଲା। ଏହାପରେ କ୍ରମଶଃ ସରୋଜ ବରିଷ୍ଠ ନାଗରିକଙ୍କୁ ଏକ ଫେକ୍ ଆଇଡ଼ି ମାଧ୍ୟମରେ ଝିଅ ପରିଚୟ ଦେଇ ଦୀର୍ଘଦିନ ଧରି ଅଶ୍ଳୀଳ ଭିଡ଼ିଓ କଲ କରିଥିଲେ। ଏହି ଭିଡ଼ିଓ କଲବେଳର ରେକର୍ଡ଼ ଓ ସ୍କ୍ରିନ ସର୍ଟକୁ ଭାଇରାଲ କରିଦେବାର ଧମକ ଦେଇ ସାଇବରଠକମାନେ ବରିଷ୍ଠ ନାଗରିକଙ୍କ ଠାରୁ ୮୮ଲକ୍ଷଟଙ୍କା ଲୁଟ କରିଥିଲେ। ଏହାପରେ ବରିଷ୍ଠ ନାଗରିକ ଜଣକ କଟକ ସାଇବର ଥାନାର ଦ୍ୱାରସ୍ଥ ହୋଇଥିଲେ। ଏହି ଏତଲାକୁ ଆଧାର କରି ସାଇବର ଥାନା ପୋଲିସ ଏକ ମାମଲା ରୁଜୁ କରିବା ସହିତ ଏକ ସ୍ୱତନ୍ତ୍ର ଟିମ ଗଠନ କରି ଛାନଭିନ ଆରମ୍ଭ କରିଥିଲା। ଏହି ଘଟଣାର କଟକ ସାଇବର ଥାନା ପୋଲିସ ୫ ଜଣ ଅଭିଯୁକ୍ତକୁ ଗିରଫ କରିବାରେ ସକ୍ଷମ ହୋଇଛି। ତେବେ ମୁଖ୍ୟ ଅଭିଯୁକ୍ତ ସରୋଜ ଜେନା ଫେରାର ହୋଇଯାଇଛି। ଏହି ଘଟଣାରେ ପୋଲିସ ଅନୁସନ୍ଧାନ ଜାରି ରଖିଛି। ଘଟଣାରେ ଆଉ କେଉଁମାନଙ୍କର ସଂପୃକ୍ତି ରହିଛି, ତାହା ଖୁବ ଶିଘ୍ର ଜଣାପଡ଼ିବ ବୋଲି ପୋଲିସ କହିଛି। ଯେଉଁମାନେ ଏଭଳି ଠକାମୀର ଶିକାର ହେଉଛନ୍ତି, ସେମାନେ ସାଇବର ଥାନାକୁ ଜଣାନ୍ତୁ ବୋଲି ସାମ୍ବାଦିକ ସମ୍ମିଳନୀରେ ପୋଲିସ କମିଶନର ଏସ ଦେବଦତ୍ତ ସିଂହ ସୂଚନା ଦେଇଛନ୍ତି।


Printed & Published by Gyanaranjan Behera on behalf of Radhakrushna Publications Pvt. Ltd., Published from Room No.211, 2nd Floor, Block-A, Bharati Tower, Forest Park, Bhubaneswar-751009 & Printed at Ricky Promotors, Plot No.-6709, M.I.E. Rasulgarh, Bhubaneswar-751010, Mob.: 8895483474/9583706460

Editor : Ambika Prasad Das | ସମ୍ପାଦକ : ଅମ୍ବିକା ପ୍ରସାଦ ଦାସ | Chief Editor : Umapada Bose | ମୁଖ୍ୟ ସମ୍ପାଦକ : ଉମାପଦ ବୋଷ